NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
19 SEPTEMBER 2025
ଶୁକ୍ରବାର
୧୯ ସେପ୍ଟେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 126 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୨୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର




**ଉତ୍ତରାଖଣ୍ଡ ଉପରେ ଦାଉ ସାଧୁଛି ପ୍ରକୃତି**

## ଚମୋଲୀରେ ବର୍ଷା ବିପ୍ୟାତ, ଭୂସ୍ଖଳନ



**ଡେରାଡୁନ୍,୧୮।୯/ଏଜେନ୍ସି:**

ବୁଧବାର ବିଳମ୍ବିତ ରାତିରେ ଉତ୍ତରାଖଣ୍ଡର ଚମୋଲୀ ଜିଲ୍ଲାର ଦୁଇଟି ସ୍ଥାନରେ ବାଦଲ ଫଟା ବର୍ଷା ସହ ଭୂସ୍ଖଳନ ହୋଇଥିବା ଏବଂ ଏହାର ପ୍ରଭାବରେ ୨୦ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଯାଇଥିବା ସୂଚନା ମିଳିଛି। ସେହିପରି ୧୪ଜଣ ଗୁରୁତର ଆହତ ହୋଇ ଏବେ ଚିକିତ୍ସିତ ହେଉଛନ୍ତି। ଗୋଟିଏ ସପ୍ତାହରେ ୨ଥର ଉତ୍ତରାଖଣ୍ଡରେ ଏପ୍ରକାର ବାଦଲ ଫଟା ବର୍ଷା ଦେଖିବାକୁ ମିଳିଥିବା ବେଳେ ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଲୋକଙ୍କ ଘରେ ପାଣି ଭର୍ତ୍ତି

**୨୦ରୁ ଊର୍ଦ୍ଧ୍ୱ ନିଖୋଜ, ୧୪ ଗୁରୁତର**

ହେବା ସହ ଅନେକ ସ୍ଥାନରେ ମାଟି ଅତଡ଼ା ତଥା ପାହାଡ଼ରୁ ବଡ଼ବଡ଼ ପଥର ଆଦି ସ୍ଖଳନ ▶▶ ୫

# ଆରମ୍ଭ ହେଲା ମୌସୁମୀ ଅଧିବେଶନ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:**

ଆରମ୍ଭ ହୋଇଛି ମୌସୁମୀ ଅଧିବେଶନ। ଦିବଂଗତ ନେତାଙ୍କ ପାଇଁ ଆସିଥିବା ମୁଲତବୀ ପ୍ରସ୍ତାବ ଆଲୋଚନା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଶୁକ୍ରବାର ସାଢ଼େ ଦଶ ଯାଏ ମୁଲତବୀ କରିଛନ୍ତି।

ଗୁରୁବାର ସପ୍ତଦଶ ବିଧାନସଭା ଚତୁର୍ଥ ଅଧିବେଶନର ପ୍ରଥମ ଦିନ ଧାର୍ଯ୍ୟ ସମୟରେ ଆରମ୍ଭ ହୋଇ ବେଶ୍ ସୁରୁଖୁରୁରେ ଶେଷ ହୋଇଛି। ଅଧିବେଶନର ଆରମ୍ଭରେ ଦିବଂଗତ ନେତାଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଶୋକ ପ୍ରସ୍ତାବ ଆଗତ ଆଣିଛନ୍ତି। ସେମାନେ ଥିଲେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ, ପୂର୍ବତନ ଉପବାଚସ୍ପତି ଓ ରାଷ୍ଟ୍ରମନ୍ତ୍ରୀ ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜ, ପୂର୍ବତନ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକ, ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀ, ପୂର୍ବତନ ବିଧାୟକ ନିରଞ୍ଜନ ହେମ୍ବ୍ରମ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ଭଞ୍ଜ, ପୂର୍ବତନ ବିଧାୟକ ମହମ୍ମଦ ରଫିକ। ମୁଖ୍ୟମନ୍ତ୍ରୀ ଏମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ



କରିବା ପରେ ବିରୋଧୀ ଦଳ ନେତା ଅନୁପସ୍ଥିତରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଶୋକ ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ମା ଓ ସିପିଏମ୍ ସଭ୍ୟ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ଶୋକ ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଦିବଂଗତ ନେତାଙ୍କୁ ନିଜର ଶ୍ରଦ୍ଧାସୁମନ ଅର୍ପଣ ସହ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହାପରେ ସମ୍ମାନାର୍ଥେ ଗୃହକୁ ଶୁକ୍ରବାର ଯାଏ ମୁଲତବୀ ଘୋଷଣା କରିଛନ୍ତି।

ଉଲ୍ଲେଖନୀୟ ଯେ ମୌସୁମୀ ଅଧିବେଶନ

**ଶୋକ ପ୍ରସ୍ତାବ ପରେ ଗୃହ ମୁଲତବୀ**

**ବିରୋଧୀ ଦଳ ନେତା ଅନୁପସ୍ଥିତ**

ସେପ୍ଟେମ୍ବର ୨୫ ତାରିଖ ଯାଏ ତାହା ଚାଲିବ। ଏହି ସ୍ୱଳ୍ପ ଅଧିବେଶନ ସତ୍ତ୍ୱେ ଗୁରୁତ୍ୱ ଢେର ରହିଛି। ଫଳରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ସହ କଡ଼ାକଡ଼ି କରାଯାଇଛି। ଲୋୟର୍ ପିଏମ୍‌ଜିରେ ୧୪୪ ଧାରା ଜାରି କରାଯାଇଛି। ବିଭିନ୍ନ ସ୍ଥାନରେ ସିସିଟିଭି ଖଞ୍ଜାଯାଇଛି। ମୁତୟନ ହୋଇଛନ୍ତି ୩୦ ପ୍ଲାଟୁନ ଫୋର୍ସ। ଷ୍ଟ୍ରାଇକିଂ ଫୋର୍ସ, ଏସ୍‌ଟିୟୁ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍ ଓ ଅଗ୍ନିଶମ ବିଭାଗ ମଧ୍ୟ ଦାୟିତ୍ୱରେ ରହିଛନ୍ତି।

## ବର୍ତ୍ତମାନ ସୁଦ୍ଧା ସ୍କ୍ରାପ୍ ହୋଇଛି ୪୩୫୧ ଗାଡ଼ି

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:**



ରାଜ୍ୟରେ ଯାନବାହାନ ସ୍କ୍ରାପ ନୀତି କାର୍ଯ୍ୟକାରୀ ହେବାଠାରୁ ବର୍ତ୍ତମାନ ସୁଦ୍ଧା ୪୩୫୧ଟି ଗାଡି ସ୍କ୍ରାପ୍ ହୋଇଛି। ରାଜ୍ୟରେ ଥିବା ୨ଟି ଗାଡି ସ୍କ୍ରାପ୍ କେନ୍ଦ୍ରରେ ଏହା ହୋଇଥିବା କହିଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା।

ଗାଡି ସ୍କ୍ରାପ୍ ନୀତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇ ପରିବହନ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ରାଜ୍ୟରେ ଯାନବାହାନ ସ୍କ୍ରାପ୍ ନୀତି ୨୦୨୨ ନଭେମ୍ବର ମାସରୁ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ଗାଡ଼ିଗୁଡିକୁ ସ୍କ୍ରାପ୍ କରିବା ପାଇଁ ୨ଟି କେନ୍ଦ୍ର ରହିଛି। ଏଥିରୁ ଗୋଟିଏ ଖୋର୍ଦ୍ଧାଠାରେ ଥିବାବେଳେ ଅନ୍ୟଟି ଯାଜପୁର ଜିଲ୍ଲାର ଚଢେଇଧରାଠାରେ ରହିଛି। ସେହିଭଳି ▶▶ ୫

## ସାମ୍ବାଦିକଙ୍କୁ ପେନ୍‌ସନ୍, ଚାଲିଛି ଅନୁଧ୍ୟାନ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:**

ସାମ୍ବାଦିକମାନଙ୍କୁ ପେନ୍‌ସନ୍ ପ୍ରଦାନ ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ଅନୁରୋଧପତ୍ର ସରକାରଙ୍କର ହସ୍ତଗତ ହୋଇଛି। ଏହାକୁ ଅନୁଧ୍ୟାନ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦେଶର ଅନ୍ୟ କେଉଁସବୁ ରାଜ୍ୟରେ ସାମ୍ବାଦିକମାନଙ୍କୁ କେତେ ପରିମାଣର ପେନ୍‌ସନ୍ ପ୍ରଦାନ କରାଯାଉଛି ତାହାର ତଥ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଉପଲବ୍ଧ ନାହିଁ। ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପେନ୍‌ସନ୍ ପ୍ରଦାନ ବାବଦରେ ଆବାଶ୍ୟକୀୟ ନିଷ୍ପତ୍ତି ପରେ ଏ ବାବଦରେ କେତେ ଅର୍ଥ ବ୍ୟୟ ହେବ ତାହାର ଆକଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନୀତି**

## ଗ୍ରୀଡ୍ ସ୍ଥିରତା ଓ ନେଟ୍ ଜିରୋ କାର୍ବନ ଲକ୍ଷ୍ୟ ହାସଲରେ ସହାୟକ ହେବ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:**

ପମ୍ପଡ୍ ଷ୍ଟୋରେଜ୍ ହାଇଡ୍ରୋ ପ୍ରୋଜେକ୍ଟ ଭାରତର ଶକ୍ତି ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭାବରେ ବିକଶିତ ହେଉଛି। ଅଧିକ ବିଦ୍ୟୁତ୍ ଚାହିଦା ନ ଥିବା ସମୟରେ ଅତିରିକ୍ତ ଶକ୍ତିକୁ ସଂରକ୍ଷଣ କରି ଏବଂ ଅଧିକ ଚାହିଦା ସମୟରେ ପିଏସ୍‌ପି ପ୍ରଭାବଶାଳୀ, ଦୀର୍ଘ-ଅବଧି ଗ୍ରୀଡ୍-ସ୍କେଲ୍ ଷ୍ଟୋରେଜ୍ ପ୍ରଦାନ କରିଥାଏ ବୋଲି ଉପ-ମୁଖ୍ୟମନ୍ତ୍ରୀ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହା କେବଳ ନବୀକରଣୀୟ ଶକ୍ତିର ଅନ୍ତରାୟକୁ ସମାଧାନ କରେ ନାହିଁ ବରଂ ତୁରନ୍ତ ଲୋଡ୍ ପ୍ରତିକ୍ରିୟା, ଘୂର୍ଣ୍ଣନ ସଂରକ୍ଷଣ, ଫ୍ରିକ୍ୱେନ୍ସି ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସହାୟକ ସେବା ପ୍ରଦାନ କରି ଗ୍ରୀଡ୍ ସ୍ଥିରତାକୁ ମଧ୍ୟ ବୃଦ୍ଧି କରିଥାଏ। ପିଏସ୍‌ପି ଏହିପରି ଏକ ନିର୍ଭରଯୋଗ୍ୟ, ସ୍ଥିର ଓ କମ୍-କାର୍ବନ ଶକ୍ତି ବ୍ୟବସ୍ଥା ପାଇଁ ଏକ ମେରୁଦଣ୍ଡ ସଦୃଶ କାର୍ଯ୍ୟ କରେ। ଶକ୍ତି ସଂରକ୍ଷଣ ଭିତ୍ତିଭୂମିକୁ ଦ୍ରୁତଗତିରେ ବିକଶିତ କରିବା କରିବା ଏବଂ ଗ୍ରୀଡ୍‌ରେ ନବୀକରଣୀୟ ଶକ୍ତିର ସୁଗମ ସମନ୍ୱୟକୁ ସକ୍ଷମ କରିବା ପାଇଁ ଓଡ଼ିଶା ସରକାର ପମ୍ପଡ୍ ଷ୍ଟୋରେଜ୍ ପ୍ରୋଜେକ୍ଟ ନୀତିକୁ ଅଧିସୂଚିତ କରିଛନ୍ତି। ସ୍ୱ-ଚିହ୍ନିତ ଏବଂ ରାଜ୍ୟ-ଚିହ୍ନିତ ପ୍ରକଳ୍ପ ସ୍ଥାନ ଉଭୟ ଆବଣ୍ଟନ ପାଇଁ ଗ୍ରୀଡ୍‌କୋକୁ ନୋଡାଲ୍ ଏଜେନ୍ସି କରାଯାଇଛି। ରାଜ୍ୟ ଦ୍ୱାରା ଚିହ୍ନଟ ହୋଇଥିବା ୪୫ଟି ସମ୍ଭାବ୍ୟ ପିଏସ୍‌ପି ସାଇଟ୍ ଗ୍ରୀଡ୍‌କୋର ସରକାରୀ ୱେବ୍ ପୋର୍ଟାଲ୍‌ରେ ମଧ୍ୟ ପ୍ରକାଶିତ ହୋଇଛି। ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନୀତି କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ୧୭ ଜୁଲାଇ ୨୦୨୫ରେ ଅଧିସୂଚିତ କରାଯାଇଥିଲା। ସମସ୍ତ ପ୍ରକଳ୍ପ ନିର୍ମାଣ-ମାଲିକାନା-ପରିଚାଳନା-ସ୍ଥାନାନ୍ତର ମଡେଲକୁ ଅନୁସରଣ କରିବ ଏବଂ ଏହାର ରିହାତି ଅବଧି ୪୦ ବର୍ଷ ଅଟେ, କିନ୍ତୁ ଏହାକୁ ପୁନଃ ୩୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଉପ-ମୁଖ୍ୟମନ୍ତ୍ରୀ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ନୀତିକୁ ଗ୍ରୀଡ୍ ସ୍ଥିରତା ଏବଂ ନେଟ୍ ଜିରୋ ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି। ସୁଗମ କାର୍ଯ୍ୟକାରିତା ଏବଂ ଦ୍ରୁତ ଅନୁମୋଦନ ସହିତ, ଓଡ଼ିଶା ପିଏସ୍‌ପି କ୍ଷମତାକୁ ଦ୍ରୁତ ଗତିରେ ବୃଦ୍ଧି କରିବାକୁ ପ୍ରସ୍ତୁତ। ଡେଭ୍‌ଲପର୍‌ମାନେ କେନ୍ଦ୍ରୀୟ ବଜେଟ୍ ସହାୟତା, ରାଜ୍ୟରେ ନବୀକରଣୀୟ ଶକ୍ତିରୁ ଶକ୍ତି ଇନପୁଟ୍ ସଂଗ୍ରହ ▶▶ ୫

## ଶିଳ୍ପସଂସ୍ଥାଙ୍କ ଉପରେ ୩୭୯୭ କୋଟିର ଜଳକର ବାକି

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:**

ଜଳବାୟୁ ପରିବର୍ତ୍ତନ ହେତୁ ଜଳ ପ୍ରବାହରେ ଅନିୟମିତତା ପରିଲକ୍ଷିତ ହେଉଛି। ଓଡ଼ିଶାରେ ଅବବାହିକାରେ ମୁଖ୍ୟତଃ ୧୧ଟି ନଦୀ ପ୍ରବାହିତ ହେଉଥିବାବେଳେ ଏଥିରେ ୭୫ ପ୍ରତିଶତ ନିର୍ଭରଯୋଗ୍ୟ ଜଳ ଅମଳ ଅନୁସାରେ ପ୍ରାୟ ୯୩,୪୧୬ ଏମ୍‌ସିଏମ୍ ଆକଳନ କରାଯାଇଛି। ଏହିସବୁ ନଦୀ ଅବବାହିକାରେ ଥିବା ପ୍ରମୁଖ ନଦୀରୁ ଚାଷ ପାଇଁ ୨୪,୧୪୫ ଏମ୍‌ସିଏମ୍ ଜଳ ବ୍ୟବହାର କରାଯାଉଛି। ତେବେ ବିଭିନ୍ନ



**ବ୍ୟବହାର କରୁଛନ୍ତି ୪୪୬ କ୍ୟୁସେକ୍ ଜଳ**

ନଦୀରୁ ଜଳ ନେଇ କାରଖାନା ପାଇଁ ବ୍ୟବହାର କରିଥିବା ଶିଳ୍ପ ସଂସ୍ଥାଗୁଡ଼ିକ ଉପରେ ୩୭୯୭ କୋଟି ଟଙ୍କାର ଜଳକର ବାକି ପଡ଼ିଛି। ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫୦ଗୋଟି ସଂସ୍ଥା ମହାନଦୀରୁ ଜଳ ନେଉଛନ୍ତି। ଏମାନେ ନେଉଥିବା ପ୍ରାୟ ୫୦୦ କ୍ୟୁସେକ୍ ଜଳ ମଧ୍ୟରୁ ୪୪୬ କ୍ୟୁସେକ୍ ଜଳ ବ୍ୟବହାର କରୁଛନ୍ତି। ତେବେ ଜଳ ନେଉଥିବା ସଂସ୍ଥାଗୁଡ଼ିକ ମଧ୍ୟରୁ କେତେକଙ୍କ ଉପରେ ୯୬୨ କୋଟି ୭୮ ଲକ୍ଷ ଟଙ୍କାର ଜଳକର ବାକି ପଡ଼ିଛି। ମହାନଦୀରୁ ଜଳ ନେଇ ବାକିଆ ଗଡୁଥିବା ସଂସ୍ଥା ମଧ୍ୟରେ ସମ୍ବଲପୁରସ୍ଥିତ ଭୂଷଣ ପାୱାର୍ ଓ ଷ୍ଟିଲ୍ ଉପରେ ୨୪୪ କୋଟି ଟଙ୍କା ଥିବାବେଳେ, ପାରାଦୀପଠାରେ ଥିବା ଆର୍ସେଲର୍ ମିତ୍ତଲ ନିପନ୍ ▶▶ ୫

## କଂଗ୍ରେସ ଆଣିଲା ଅନାସ୍ଥା ପ୍ରସ୍ତାବ: ଲୋଡ଼ିଲା ବିଜେଡି ସମର୍ଥନ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:**

ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଦିବଂଗତ ନେତାଙ୍କ ପାଇଁ ଗୃହ ମୁଲତବୀ ହୋଇଥିଲେ ହେଁ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଆଣାଯାଇଛି ଅନାସ୍ଥା ପ୍ରସ୍ତାବ। ସେମାନେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କୁ ଲିଖିତ ଭାବେ ନୋଟିସ ପ୍ରଦାନ କରିଛନ୍ତି। ସେହିପରି ବିଜେଡିର ▶▶ ୫

## ମେଡିକାଲ୍ ଶିକ୍ଷା ଓ ତାଲିମ୍‌ର ବିକାଶ ନିମନ୍ତେ ନୂଆ ନିଯୁକ୍ତି

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:**

ଚଳିତ ବର୍ଷ ଫୁଲବାଣୀଠାରେ ସରକାରୀ ମେଡିକାଲ୍ କଲେଜ ଓ ହସ୍‌ପିଟାଲ୍ ଏବଂ ତାଳଚେରଠାରେ ପବିତ୍ର ମୋହନ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହୋଇଛି। ଏହା ସହିତ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ କରୁଥିବା ସରକାରୀ ମେଡିକାଲ୍ କଲେଜ ଏବଂ ହସ୍‌ପିଟାଲ୍ ସଂଖ୍ୟା ୧୨ରୁ ୧୪କୁ ବୃଦ୍ଧି ପାଇଛି। ୨୦୨୪ ମସିହାରେ ଯାଜପୁରଠାରେ ମହାରାଜା ଯଯାତୀ କେଶରୀ ମେଡିକାଲ୍ କଲେଜ ଓ ହସ୍‌ପିଟାଲ୍ କାର୍ଯ୍ୟକ୍ଷମ କରାଯାଇଥିଲା। ଏହାଛଡ଼ା ରାଜ୍ୟରେ କାର୍ଯ୍ୟ କରୁଥିବା ୨ଟି ▶▶ ୫

**ଭାରତ ପାଇଁ ନିଷ୍ପତ୍ତି ବଦଳାଇପାରେ ଆମେରିକା: ସିଇଏ**

# ନଭେମ୍ବର ପରେ ଅତିରିକ୍ତ ୨୫% ଶୁଳ୍କ ପ୍ରତ୍ୟାହାର !

**ନୂଆଦିଲ୍ଲୀ, ୱାଶିଂଟନ୍,୧୮।୯/ଏଜେନ୍ସି:**

ଆଗାମୀ ଦିନରେ ଭାରତ ପାଇଁ ଏକ ଭଲ ଖବର ଆସିବାକୁ ଯାଉଛି। ଏପରି କିଛି ସୂଚନା ଦେଇଛନ୍ତି ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ। ଶ୍ରୀ ନାଗେଶ୍ୱରନ୍ କହିଛନ୍ତି, ଭାରତ ଉପରେ ଲାଗୁ କରିଥିବା ଅତିରିକ୍ତ ୨୫% ଶୁଳ୍କ ନିଷ୍ପତ୍ତିକୁ ଆମେରିକା ପ୍ରତ୍ୟାହାର କରିପାରେ। ଚଳିତ ମାସ ଅର୍ଥାତ୍ ନଭେମ୍ବର ୩୦ ପରେ ଆମେରିକା ନିଜ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାର ଏକ ଆଶା ସଞ୍ଚାର ହୋଇଛି। ନାଗେଶ୍ୱରନ୍‌ଙ୍କ କହିବାନୁସାରେ ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଦ୍ୱିପାକ୍ଷିକ ଆଲୋଚନା ଆରମ୍ଭ ହୋଇଛି। ନିକଟରେ ଆମେରିକାର ପ୍ରତିନିଧି ଦଳ ଭାରତ ଆସି ଆଲୋଚନା କରି ଫେରିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ବେଶ୍ ସକାରାତ୍ମକ ବାତାବରଣ ମଧ୍ୟରେ ହୋଇଥିବାରୁ ଏବଂ ଆମେରିକା ଏବେ ଏଦିଗରେ ଚିନ୍ତା କରିବାକୁ



ପ୍ରତିଶ୍ରୁତି ଦେଇଛି। ଫଳରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହେବାର ଏକ ବଡ଼ ସମ୍ଭାବନା ସୃଷ୍ଟି ହୋଇଛି। ଏତଦ୍‌ବ୍ୟତୀତ ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଏବଂ ଫୋନ୍ କଲ୍ ମାଧ୍ୟମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ହେବା ଏହି ସମ୍ଭାବନାକୁ ବହୁଗୁଣିତ କରିଛି।

କୋଲକାତାରେ ମର୍ଚ୍ଚାଣ୍ଟସ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ନାଗେଶ୍ୱରନ୍ ଏହି ସୂଚନା ଦେଇଛନ୍ତି। ନାଗେଶ୍ୱରନ୍ କହିଛନ୍ତି, ଆମେରିକା ପକ୍ଷରୁ ଭାରତ ଉପରେ ପ୍ରଥମେ ପାରସ୍ପରିକ ଶୁଳ୍କକୁ ୨୫% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏହାପରେ ରୁଷ୍‌ଠାରୁ ତୈଳ କିଣୁଥିବା ପରିପ୍ରେକ୍ଷୀରେ ଅତିରିକ୍ତ ୨୫% ଶୁଳ୍କ ଭାରତ ଉପରେ ଦଣ୍ଡଶୁଳ୍କ ଭାବେ ଆମେରିକା ଲାଗୁ କରିଥିଲା। ତେବେ ଏସବୁ ଭୂରାଜନୈତିକ ପରିସ୍ଥିତି ଯୋଗୁ ଘଟିଥିଲା। କିନ୍ତୁ ଏବେ ସ୍ଥିତି ପରିବର୍ତ୍ତନ ହୋଇଯାଇଛି। ଆମେରିକା ଏବେ ପ୍ରତିଶୋଧାତ୍ମକ ପଦକ୍ଷେପରୁ ଊର୍ଦ୍ଧ୍ୱକୁ ଉଠି ଭାରତ ସହ ବାଣିଜ୍ୟ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଆଗ୍ରହ ପ୍ରକାଶ କରୁଛି। ଏହା ଉଭୟ ଦେଶ ପାଇଁ ମଙ୍ଗଳକାରୀ ସାବ୍ୟସ୍ତ ହେବ। ନାଗେଶ୍ୱରନ୍ କହିଛନ୍ତି, ଭାରତର ରପ୍ତାନି ଅଭିବୃଦ୍ଧି, ବର୍ତ୍ତମାନ ବାର୍ଷିକ ୮୫୦ ବିଲିଅନ୍ ଡଲାର୍‌ରେ ପହଞ୍ଚିଛି। ଆଗାମୀ ଦିନରେ ଏହା ୧ ଟ୍ରିଲିଅନ୍ ଡଲାର୍ (ମୋଟ୍ ଜିଡିପିର ପ୍ରାୟ ୨୫%)ରେ ପହଞ୍ଚିବା ପାଇଁ ମଧ୍ୟ ମାର୍ଗ ଉନ୍ମୁକ୍ତ କରିଛି।

ଆମେରିକା ପକ୍ଷରୁ ୫୦% ଶୁଳ୍କ ଭାରତୀୟ ଆମଦାନୀ ପାଇଁ ବ୍ୟାପକ ଭାବରେ ପ୍ରଯୁଜ୍ୟ ହୋଇଥିଲେ ମଧ୍ୟ, ଲୁହା, ଇସ୍ପାତ, ଆଲୁମିନିୟମ୍, ଯାନବାହାନ, ଅଂଶ ଏବଂ ତମ୍ବା ଉତ୍ପାଦ ଭଳି ପ୍ରମୁଖ ବର୍ଗଗୁଡ଼ିକୁ ଏବେ ବି ଏସବୁ ପରିସର ବାହାରେ ରଖାଯାଇଛି। ଅନ୍ୟପକ୍ଷେ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ର ଏକ ରିପୋର୍ଟ ଅନୁଯାୟୀ, ଉଚ୍ଚ ଶୁଳ୍କ ଲାଗୁ ହେବା ସତ୍ତ୍ୱେ ଭାରତର ଯୁକ୍ତରାଷ୍ଟ୍ରକୁ ରପ୍ତାନିର ପ୍ରାୟ ୩୦.୨%, ଯାହାର ମୂଲ୍ୟ ୨୭.୬ ବିଲିଅନ ଆମେରିକୀୟ ଡଲାର, ଆମେରିକା ବଜାରରେ ଶୁଳ୍କମୁକ୍ତ ପ୍ରବେଶ ଜାରି ରହିବ।

**୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ**

# ପୋଡ଼ାଯାଇ ପୋତାହେଲା



**ଛତ୍ରପୁର,୧୮।୯/ଏନ୍ଏନ୍ଏସ୍:**

ଆଗକୁ ଦୁର୍ଗାପୂଜା ଓ ଭସାଣି ସହ ଆସୁଛି ଦୀପାବଳି। ଏଥିପାଇଁ ବେଆଇନ ବାଣ ବ୍ୟବସାୟୀମାନେ ଏବେଠୁ ପ୍ରସ୍ତୁତି ପୂର୍ବକ ବିପୁଳ ପରିମାଣରେ ବାଣ ଗଚ୍ଛିତ ରଖି ଧରାପଡ଼ିଛନ୍ତି। ଛତ୍ରପୁର ବ୍ଲକ ସୁନ୍ଦରପୁର ଗ୍ରାମରୁ ବିପୁଳ ପରିମାଣର ଜବତ ବାଣକୁ ପୋଡ଼ିବା ପରେ ପୋତିଦିଆଯାଇଛି। ଏହି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି।

ସୂଚନା ମୁତାବକ ବ୍ୟବସାୟୀମାନେ ବେଆଇନ ଭାବେ ବାଣ ବିକ୍ରି କରିବା ପାଇଁ ଗଚ୍ଛିତ ରଖିଥିବା ନେଇ ଖବର ପାଇବା ପରେ ଛତ୍ରପୁର ଏସ୍‌ଡିପି ଓ ଚନ୍ଦନ ଘଡ଼େଇ ଓ ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ସେଠାରେ ଚଢ଼ଉ କରିଥିଲେ। ପ୍ରଥମେ ଦୁଇଟି ଘରେ ଚଢ଼ଉ କରି ବାଣ ଜବତ କରିଥିଲେ। ଅନ୍ୟ ଏକ ଘରର କବାଟ ବନ୍ଦ ରହିଥିବା ବେଳେ ତାଲା ଭାଙ୍ଗି ଘର ଭିତରୁ ବାଣକୁ ଜବତ କରାଯାଇଥିଲା। ଛତ୍ରପୁର ଥାନା ▶▶ ୫

ନିତିଦିନ NITIDIN

## ନାବାଳକଙ୍କ ଆତ୍ମହତ୍ୟା

**ବୟାଳିଶମୌଜା,୧୮।୯/ଏନ୍‌ଏନ୍‌ଏସ୍:** କଟକ ସଦର ୪୨ ମୌଜା କୁଳସରିଚୁଆଁ ପଞ୍ଚାୟତ ଅନ୍ତର୍ଗତ ଡିଅସରଚୁଆଁ ଗ୍ରାମର କେଶବ ଚନ୍ଦ୍ର ନାୟକଙ୍କ ପୁଅ ଶୁଭ ନାୟକ(୧୨) ଆଜି ସକାଳେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ୪୨ମୌଜା ଥାନା ପୁଲିସ ପହଞ୍ଚି ଶବ ଜବତ କରିବା ସହ ପୋଷ୍ଟମର୍ଟମ ପାଇଁ ବଡ଼ ମେଡିକାଲ ପଠାଇଥିଲେ। ଏକ ମାମଲା ରୁଜୁକରି ଥାନା ସବ୍‌ଇନ୍ସପେକ୍ଟର ବିକାଶ କୁମାର ମଲ୍ଲିକ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ‘ମାନବ ସେବା ହିଁ ମାଧବସେବା’

**ଖୋର୍ଦ୍ଧା,୧୮।୯/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା-ନୟାଗଡ ରୋଡ ଡି.ଇ.ଟି ଟ୍ରେନିଙ୍ଗ ସ୍କୁଲ ସ୍ଥିତ ଖୋର୍ଦ୍ଧା ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଇଲାଃ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଜୀବନ ଜ୍ୟୋତି ଆଶ୍ରମରେ ୫୦ରୁ ଊର୍ଦ୍ଧ୍ୱ ଅସହାୟ ବୃଦ୍ଧ ଓ ପିଲାମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ଚୁଡା, ଚିନି, ବିସ୍କୁଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଇଲ୍ଲାଃର ସଭାନେତ୍ରୀ ସୟଦା ଜୈବୁନ୍ ନିସା ପୌରୋହିତ୍ୟ କରିଥିଲେ। ରେହାନା ପରୱିନ, ରସିଦା ପରୱିନ, ସୟଦା କମରୁନ ନିସା ଏବଂ ତସଲିମା ନାସରିନ ସହଯୋଗ କରିଥିଲେ।

## ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା

**ଫୁଲନଖରା,୧୮।୯/ଏନ୍‌ଏନ୍‌ଏସ୍:** ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ଯଥାବିଧି ପୂର୍ବକ ଶାଶ୍ୱତ ଇଞ୍ଜିନିୟରିଂ କଂପାନୀ ପକ୍ଷରୁ ପଟିଆ ସ୍ଥିତ ଜେଡ୍-୧ ପରିସରରେ ଏବଂ ନିଳାଦ୍ରୀ ବିହାର ଉତ୍କଳ ହସ୍ପିଟାଲଠାରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ପୂଜା କର୍ମ ପଣ୍ଡିତ ସନ୍ଦୀପ ଶୁକ୍ଳ ମହୋଦୟଙ୍କ ଦ୍ୱାରା ସମାପନ ହୋଇଥିଲା। ଶାଶ୍ୱତ ଇଞ୍ଜିନିୟରିଂ ପକ୍ଷରୁ ମ୍ୟାନେଜିଂ ଡାଇରେକ୍ଟର ଇଂ. ବିମଳ ଚନ୍ଦ୍ର ଦାସ, ସୁଶାନ୍ତ ସେଠୀ, ଆଶୋକ ସେଠୀ, ହେମନ୍ତ ଦାସ, ଶ୍ରୀକାନ୍ତ ବେଉରା, ପ୍ରମୋଦ ସାମଲ, ସନ୍ତୋଷ ସାହୁ, ମଣ୍ଟୁ ସାମଲ, ରିକୁ ସାମଲ, ପ୍ରଶାନ୍ତ ସେଠୀ, ସୁରେନ୍ଦ୍ର ସେଠୀ, ପ୍ରଦୀପ ସାହୁ, କୈଳାସ ଦାସ, ଟିଟୁ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ଆତ୍ମା ଅଧ୍ୟକ୍ଷ ପଦ ଚୟନ

**ଟାଙ୍ଗୀ,୧୮।୯/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଶୁକ୍ରବାର ଟାଙ୍ଗୀ ବ୍ଲକ୍ ଆତ୍ମା ଅଧ୍ୟକ୍ଷ ପଦ ଚୟନ କରାଯିବ ବୋଲି ଜଣାପଡ଼ିଛି। ଗତ କିଛିଦିନ ତଳେ ସାଲେପୁର ବ୍ଲକ ଆତ୍ମା ଅଧ୍ୟକ୍ଷ ପଦ ବିଜେପି ଦଳ ହାତେଇବାରେ ସଫଳ ହୋଇଥିବା ବେଳେ ଏବେ ଟାଙ୍ଗୀ ବ୍ଲକରେ ବିଜେପି ଆତ୍ମା ଅଧ୍ୟକ୍ଷ ପଦ ହାତେଇବା ପାଇଁ ନଜର ରଖିଥିବା ସୂଚନା ମିଳିଛି। ତେବେ ସୂଚନା ମୁତାବକ ଆତ୍ମା ଅଧ୍ୟକ୍ଷ କାର୍ଯ୍ୟକାଳ ୩ବର୍ଷ ରହିଥିବା ବେଳେ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଅଧ୍ୟକ୍ଷ ପଦରେ ରହିଥିଲେ ମଧ୍ୟ ୩ବର୍ଷ ପୂରିବା ପୂର୍ବରୁ ପୁଣିଥରେ ଆତ୍ମା ଅଧ୍ୟକ୍ଷ ପଦ ଚୟନ କରାଯିବା ନେଇ ବିଜେପିର ଦବ୍‌ଦବା ଜାହିର୍ କରିଛି। ନିୟମ ଅନୁଯାୟୀ ଟାଙ୍ଗୀ ଚୌଦ୍ୱାର ବ୍ଲକର ୨୪ଟି ପଞ୍ଚାୟତର ସଭ୍ୟ ରହିଥିବା ଚାଷୀମାନେ ଆତ୍ମା ଅଧ୍ୟକ୍ଷ ଚୟନ କରିବେ। ହେଲେ ଅଧ୍ୟକ୍ଷ ପଦ ପାଇଁ ସାଲେପୁର ନିର୍ବାଚନମଣ୍ଡଳୀ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ୧୩ଟି ପଞ୍ଚାୟତ ରହିଥିବା ବେଳେ ପ୍ରତ୍ୟେକ ପଞ୍ଚାୟତରୁ ଦୁଇ ତିନିଟି ସଭ୍ୟମାନଙ୍କୁ ନେଇ ୨୫ଟି କରାଯାଇଛି। ଏହି ପଦବୀ ହାତେଇବା ପାଇଁ ବିଜେପି ଦଳ ଲକ୍ଷ୍ମଣ ସାହୁ, ପ୍ରମୋଦ କୁମାର ଜଟଙ୍କ ନାମ ଆଗରେ ଥିବାବେଳେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳୁଛି ତାହା ଦେଖିବାକୁ ବାକି ରହିଲା।

## ଜିଲ୍ଲା କୃଷକ ମୋର୍ଚ୍ଚା ପକ୍ଷରୁ ବୃକ୍ଷରୋପଣ




**ଓଡ଼ଗାଁ,୧୮।୯/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ଗ୍ରାମର ଇଷ୍ଟଦେବୀ ମା’ ଅନ୍ଧାର ବାଉତୀଙ୍କ ପିଠସ୍ଥଳୀରେ ମା’ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୋକପ୍ରିୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ନୟାଗଡ଼ କୃଷକମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନଙ୍କ ନେତୃତ୍ୱରେ ଆଖପାଖ ଅଞ୍ଚଳର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତରହି ମୋଦୀଙ୍କ ଦୀର୍ଘାୟୁ କାମନାକରି ମା’ ଅନ୍ଧାର ବାଉତୀଙ୍କ ନିକଟରେ ପୂଜାର୍ଚ୍ଚନା ସହିତ ଦିପଦାନ ମଧ୍ୟ କରିଥିଲେ। ପୂର୍ବତନ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ପଣ୍ଡା, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପାଣିଗ୍ରାହୀ, ପଞ୍ଚାୟତ ପ୍ରମୁଖ ବିନାୟକ ପ୍ରଧାନ, ବିଦେଶୀ ମହାକୁଡ଼, ରାମଚନ୍ଦ୍ର ସାହୁ, ନବକିଶୋର ସେନାପତି, ଭାଗବତ ନାଏକ, ଧୋବା ନାଏକ, ଗୌରାଙ୍ଗ ପ୍ରଧାନ,ଗୋବର୍ଦ୍ଧନ ପାତ୍ର ଯୁବନେତା ଜଗନ ଦାସ, ସରୋଜ ମହାପାତ୍ର, ବିଭୂତି ପ୍ରଧାନ ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟରେ ସାମିଲ ହୋଇଥିବା ଜଣାପଡ଼ିଛି।

## ଜନ୍ମବାର୍ଷିକୀରେ ରକ୍ତଦାନ ଶିବିର

**ଅସ୍ତରଙ୍ଗ,୧୮।୯/ଏନ୍‌ଏନ୍‌ଏସ୍:** କାକଟପୁର ମୋତି କଲ୍ୟାଣ ମଣ୍ଡପରେ ଝିଅର ପ୍ରଥମ ଜନ୍ମବାର୍ଷିକୀ ଉତ୍ସବ ଅବସରରେ ପିତା ନିରଞ୍ଜନ ଓ ମାତା ପାୟଲଙ୍କ ଆୟୋଜନରେ ଡ଼ଃ ବି, ଆର ଆମ୍ବେଦକର ଏଜୁକେଶନାଲ ଓ ସୋସିଆଲ ଡେଭେଲପ୍‌ମେଣ୍ଟ ଟ୍ରଷ୍ଟ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆଖପାଖ ଅଞ୍ଚଳର ଯୁବକ ଯୁବତୀ ଓ ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଇ ରକ୍ତଦାନ କରିଥିଲେ। ଦୁଇଜଣ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ତତ୍ତ୍ୱାବଧାନରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଧୁନିକତା ସଭ୍ୟତା ଠାରୁ ଅନେକ ଦୂରରେ ରହି ଦମ୍ପତି ପାଳନ କରିଛନ୍ତି ତାଙ୍କର ଏକମାତ୍ର ଶିଶୁକନ୍ୟା ସାନ୍‌ଭିର ପ୍ରଥମ ଜନ୍ମଦିନ। ଯାହାକୁ ଦେଖି କାକଟପୁର ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

## ‘ମାଆଙ୍କ ନାମରେ ଗଛଟିଏ’ ଅଭିଯାନ

**କଣ୍ଟିଲୋ,୧୮।୯/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦୀଜୀଙ୍କ ୭୫ତମ ଜନ୍ମ ତିଥିରେ ସାରା ଦେଶରେ ‘ମାଆଙ୍କ ନାମରେ ଗଛଟିଏ’ ଅଭିଯାନ ଚାଲିଛି। ସେହି ଅନୁସାରେ କଣ୍ଟିଲୋ ଗ୍ରାମର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ତଥା ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଚାରା ରୋପଣ ହୋଇଯାଇଛି। ପ୍ରକାଶ ଥାଉ କି କଣ୍ଟିଲୋ ଗ୍ରାମ ପଞ୍ଚାୟତକୁ ଆସିଥିବା ୫୦୦ରୁ ଉର୍ଦ୍ଧ ଚାରା ସରପଞ୍ଚ ଶ୍ରୀୟାରାଣୀ ବେହେରା ଓ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପଲ୍ଲାନ ପଡ଼ିଆ, ମହିମା ଆଶ୍ରମ ଟୁଙ୍ଗି ଓ ଶ୍ମଶାନ ଚଣ୍ଡୀ ପୀଠରେ ଚାରା ରୋପଣ ହୋଇଥିବା ବେଳେ, ନୀଳମାଧବ କଲେଜର ଅଧକ୍ଷା ଡ଼. ନନ୍ଦିତା ବାରିକଙ୍କ ଉପସ୍ଥିତି ଓ ଅଧାପକ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ପ୍ରମୁଖ ତତ୍ତ୍ୱାବଧାନରେ ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ୍, ଗାଇଡ୍ ଓ ସ୍କାଉଟ୍ ସଭ୍ୟମାନଙ୍କ ଦ୍ୱାରା ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଆସିଥିବା ୨୫୦ ଚାରା ରୋପଣ କରାଯାଇଥିଲା। ସେହିପରି ନୀଳମାଧବ ନୋଡାଲ ଉଚ୍ଚ ବିଦ୍ୟା ପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ମୁଦୁଲିଙ୍କ ଦାୟିତ୍ୱରେ ବିଦ୍ୟାଳୟ ପରିସର ମଧ୍ୟରେ ୪୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା।

## ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ‘ଏକ ପେଡ୍ ମା’ କେ ନାମ୍’




**ଖୋର୍ଦ୍ଧା,୧୮।୯/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ଗୁରୁଜଙ୍ଗ ଖେଳ ପଡ଼ିଆରେ ହୋଇଯାଇଛି। ବରିଷ୍ଠ ଶାଖା ପ୍ରବନ୍ଧକ ଲକ୍ଷ୍ମୀଧର ମୁର୍ମୁ ଓ ମୁଖ୍ୟ କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ୍‌ର ବରିଷ୍ଠ ସଦସ୍ୟ ସତ୍ୟଶଙ୍କର ରାଉତରାୟ, ସୁମନ୍ତ ମହାନ୍ତି, ରଞ୍ଜନ ନନ୍ଦ, ପ୍ରଭାତ, ଆଦିତ୍ୟ ପ୍ରମୁଖ ଉପସ୍ଥିତ ରହି ପଡ଼ିଆର ଚତୁଃପାର୍ଶ୍ୱରେ ଚାରା ରୋପଣ କରିଥିଲେ। ଏହି ଅବସରରେ କ୍ରିକେଟ ଆସୋସିଏସନ୍‌ର ସମସ୍ତ କ୍ରୀଡାବିତମାନେ ଗଛଗୁଡ଼ିକୁ ବଞ୍ଚାଇ ରଖିବା ପାଇଁ ସଂକଳ୍ପ ନେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବ୍ୟାଙ୍କର କର୍ମଚାରୀ ନିତ୍ୟାନନ୍ଦ ବାରିକ ପରିଚାଳନା କରିଥିଲେ।

### କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ ଦେଲେ ଗଛ ପାଇଁ ସମ୍ମାନ

# ଲଗାଇଲେଣି ୧ଲକ୍ଷ ୨୩ହଜାର ଗଛ




**ପୁରୀ ସଦର,୧୮।୯/ଏନ୍‌ଏନ୍‌ଏସ୍:** ସେ କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥା ଠାରୁ ଆର୍ଥିକ ସହଯୋଗ ନେଇନାହାନ୍ତି। ଏନଜିଓ କରି ନେଇନାହାନ୍ତି କାହାଠାରୁ ଆର୍ଥିକ ସହାୟତା। ନିଜ ସ୍ୱଳ୍ପ ଆୟରୁ, ବିଗତ ପଚାଶ ବର୍ଷ ଭିତରେ କେବଳ ଓଡ଼ିଶାରେ ନୁହେଁ, ଗାନ୍ଧୀଙ୍କ ସାବରମତୀ ଆଶ୍ରମ ଠାରୁ ଅଯୋଧ୍ୟା, ସୁଦୂର ସୋମନାଥ ଠାରୁ ବୃନ୍ଦାବନ -ବନାରସ, ସବୁଠାରେ ସେ ଲଗାଇଛନ୍ତି ୧ଲକ୍ଷ ୨୩ହଜାରରୁ ଊର୍ଦ୍ଧ୍ୱ ଗଛ। ବୃକ୍ଷରୋପଣ ପାଇଁ ରାଜ୍ୟ ସରକାର, ଜଙ୍ଗଲ ବିଭାଗରୁ ଗଛମଣିଷ ଓ ପ୍ରକୃତିବନ୍ଧୁ ସମ୍ମାନ ପାଇଥିବା ବଦ୍ରି ମିଶ୍ର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ୭୫ଟି ଗଛ ଲଗାଇବା ସମୟରେ ସଂସଦ ସମ୍ବିତ ପାତ୍ର ସାଥିରେ ରହିଥିଲେ। ସବୁଜ ପୃଥିବୀ ପାଇଁ ସଂକଳ୍ପବଦ୍ଧ ଶ୍ରୀ ମିଶ୍ରଙ୍କୁ ଏଥିପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ ଭୁବନେଶ୍ୱର ଠାରେ ଦେଇଛନ୍ତି ପରିବେଶ ସମ୍ମାନ।

## ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କୋଣାର୍କ,୧୮।୯/ଏନ୍‌ଏନ୍‌ଏସ୍:** ବୁଧବାର ବିଳମ୍ବିତ ରାତିରେ କୋଣାର୍କ କାକଟପୁର ମୁଖ୍ୟ ରାସ୍ତା ଅବଦାନ ପଞ୍ଚାୟତର ଇନ୍ଦିରା ବଜାର ନିକଟ କୋଣାର୍କ ଥାନା ଅଧିନ ଓସଳଙ୍ଗ ଛକ ଠାରେ ଥିବା ଏକ ପରିତ୍ୟକ୍ତ ପେଟ୍ରୋଲ ପମ୍ପ ନିକଟରୁ ଜଣେ ଅପରିଚିତ ବୃଦ୍ଧ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ଖବରପାଇ ତୁରନ୍ତ କୋଣାର୍କ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଚମ୍ପାହର ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାରକରି ପ୍ରଥମେ ଗୋପ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିବା ପରେ କୋଣାର୍କ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ମେଡ଼ିକାଲକୁ ପଠାଇଥିଲେ। କୋଣାର୍କ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

### କୋଣାର୍କରେ ୟୁରିଆ ସାରର ଘୋର ଅଭାବ

## ଅଭିନବ ଉପାୟରେ ଚାଷୀଙ୍କ ପ୍ରତିବାଦ



**କୋଣାର୍କ,୧୮।୯/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟର ୟୁରିଆ ସାରର ଘୋର ଅଭାବ ଦେଖାଦେଇଥିବା ନେଇ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି ଚାଷୀ। ଏ ନେଇ କୋଣାର୍କ ଅଞ୍ଚଳରେ ଶତାଧିକ ଚାଷୀ ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। କୋଣାର୍କ ଥାନା ଅଧିନ ସିମିଳି ପଞ୍ଚାୟତର ଶତାଧିକ ଚାଷୀ ସାର ଅଭାବୀ କୁ ନେଇ ପ୍ରତିବାଦ ଜଣାଇ ସମୂହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ନିଜର ଦୁଃଖ ଜଣାଇଛନ୍ତି। ଚାଷୀ ବିଜୟ କୁମାର ସେଠଙ୍କ ନେତୃତ୍ୱ ରେ ସିମିଳି ପଞ୍ଚାୟତ ଧନୀତ୍ରୀ ଗ୍ରାମରେ ଥିବା ପୋଷ୍ଟ ଅଫିସକୁ ଯାଇ ସେଠାରେ ମୁଖ୍ୟମନ୍ତ୍ରୀ ଙ୍କ ନିକଟକୁ ପୋଷ୍ଟକାର୍ଡରେ ଚିଠି ଲେଖିଶରତ ବରାଳ, ସୁଶାନ୍ତ ସେଠ, ଧନେଶ୍ୱର ସେଠ,ଲୋକନାଥ ସେଠ, ଉପେନ୍ଦ୍ର ରାଉତ, ସର୍ବେଶ୍ୱର ପତୀ, ନବଘନ ମାଣିଆ, ମଧୁସୁଦନ ସେଠ, ସୁଦର୍ଶନ ସ୍ୱାଇଁ, ଦୁଷ୍ମନ୍ତ ବରାଳ, ବିଜୟ ପାଢିଙ୍କ ସମେତ ଶତାଧିକ ଚାଷୀ ପୋଷ୍ଟ ବକ୍ସ ରେ ପକାଇଥିଲେ। ସୂଚନାଥାଉ କି ରାଜ୍ୟରେ ସାର ସଙ୍କଟ ନଥିବା ସରକାର କହୁଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି। ଚାଷୀଙ୍କ ନିକଟରେ ସାର ପହଞ୍ଚୁ ନଥିବାବେଳେ ଧାନଚାଷ କରି ଚାଷୀ ହରଡ଼ଘଣାରେ ପଡିଛନ୍ତି। ଅନେକ ଚାଷୀ ବାଧ ହୋଇ କଳାବଜାରୀ ସାରା ବେପାରୀଙ୍କଠାରୁ ଦୁଇଗୁଣ ଟଙ୍କା ଦେଇ ସାର କିଣୁଥିବା କ୍ଷୋଭର ସହ କୁହନ୍ତି। ତୁରନ୍ତ ପର୍ଯ୍ୟାପ୍ତ ସାର ଯୋଗାଇଦେବାକୁ ଚାଷୀ ଗୁହାରି କରିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ‘ସୁସ୍ଥ ନାରୀ, ସଶକ୍ତ ପରିବାର’

**ଓଡ଼ଗାଁ,୧୮।୯/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ୍ କୁରାଳ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ଼ାକ୍ତର ରାମପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ନିରାକରଣ ସଂପର୍କରେ ସଚେତନ କରାଯାଇଥିଲା।ଏଥିରେ ରକ୍ତ ଶିଙ୍କୁଳି, ରକ୍ତ ହୀନତା, ରକ୍ତ ଚାପ, ମଧୁମେହ, ପ୍ରସବ କାଳୀନ, ଗର୍ଭବତୀ ପରାମର୍ଶ, କିଶୋରୀ ବାଳିକା ଓ ବାର୍ଦ୍ଧକ୍ୟଙ୍କ ଚିକିତ୍ସା ପରାମର୍ଶ ସହିତ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ଶିଶୁ କନ୍ୟା, କିଶୋରୀ ବାଳିକା, ମହିଳାମାନଙ୍କର ନାମ ପଞ୍ଜିକୃତ କରି ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇଥିଲା। ଓଡ଼ଗାଁ ବ୍ଲକ୍ ଅନ୍ତର୍ନିର୍ବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସୁଚିତ୍ରା ମହାରଣା ଆନୁଷ୍ଠାନିକ ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ଝିଲ୍ଲୀ ପ୍ରଧାନ, ସରପଞ୍ଚ ବିଜନ କୁମାର ପାଇକରାୟ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଗନ୍ନାଥପୁରରେ ‘ମାଆ ପାଇଁ ଗଛଟିଏ’

**ବାଲିଅନ୍ତା,୧୮।୯/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀଜୀ ଜନ୍ମଦିବସରେ ଆୟୋଜିତ ‘ମାଆ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଅବସରରେ ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଅନ୍ତା ୧୬ନଂ ଜୋନ୍ ଜଗନ୍ନାଥପୁର ପଞ୍ଚାୟତର ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଜେପି କୃଷକ ମୋର୍ଚ୍ଚା ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସମେତ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସଂପାଦକ ଅଶୋକ କୁମାର ରଥ, ବରିଷ୍ଠ ନେତା ବସନ୍ତ କୁମାର ନାୟକ, ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପାଲାଗାୟକ ଗାୟକ ସୁଧାକର ଯୁଧିଷ୍ଠିର ପରିଡା, ବରିଷ୍ଠ ସାମ୍ବାଦିକ ତଥା ଟ୍ୱିନ୍ ସିଟି ପ୍ରେସ୍‌କ୍ଲବ୍ ସଭାପତି ସନାତନ ପରିଡା, ଜଗନ୍ନାଥ ମହାପାତ୍ର, ଲକ୍ଷ୍ମଣ ପଣ୍ଡା, ଦେବେନ୍ଦ୍ର ନାଥ ସାହୁ, ଜିତେନ୍ଦ୍ର ବିଶ୍ୱାଳ, ଅଜୟ ସାମନ୍ତରାୟ, କୃଷକ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ସ୍ୱାଇଁ, ଖୋର୍ଦ୍ଧ ଜିଲ୍ଲା ସଭାପତି ପ୍ରଭାତ କୁମାର ସ୍ୱାଇଁ, ଦୀପ୍ତି ରଞ୍ଜନ ଜେନା, ସଂସଦଙ୍କ ପ୍ରତିନିଧି ବିଜୟୀ ମହାରଣାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

## କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ସେବାପକ୍ଷ




**କଣ୍ଟାପଡ଼ା,୧୮।୯/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀଜୀ ସାରା ବିଶ୍ୱରେ ପ୍ରକୃତିର ଓ ପରିବେଶର ସୁରକ୍ଷା ପାଇଁ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ଦୀର୍ଘ ୧୫ ଦିନ ବ୍ୟାପୀ ସେବା ପକ୍ଷ ଅବସରରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ବ୍ୟାପକ କରି ଘରେ ଘରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଆଜି ରାଜ୍ୟ ସଭାପତି ମହେଶ୍ୱର ସାହୁ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଆଜି କଟକ ଜିଲ୍ଲା ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଧିଚି ଶିକ୍ଷାନୁଷ୍ଠାନ ସମୂହ ସୁନ୍ଦର ଗ୍ରାମ ଠାରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଦଧିଚି ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଇଂଜିନିୟର ମନୋଜ କୁମାର ଦାସ, ଙ୍କ ସଂଯୋଜନାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂପାଦକ ଅଶୋକ କୁମାର ରଥ ଓ ପ୍ରଶାନ୍ତ କୁମାର ସ୍ୱାଇଁ, ବିଜେପି ର ବରିଷ୍ଠ ନେତା ବସନ୍ତ କୁମାର ନାୟକ, ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଜଗନ୍ନାଥ ମହାପାତ୍ର, କୈଳାସ ପ୍ରସାଦ ଦାସ, କବିନ୍ଦ୍ର ସେଠୀ, ଜୟନ୍ତ ସାହୁ, ପ୍ରିୟବ୍ରତ ରାଉତରାୟ, କୃଷ୍ଣଚନ୍ଦ୍ର ମହାନ୍ତି, ଶୈଳବାଳା ମହାନ୍ତି, ସମିନା ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ମହିଳା ମହାବିଦ୍ୟାଳୟରେ ବୃକ୍ଷରୋପଣ

**ଖଣ୍ଡପଡ଼ା,୧୮।୯/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟରେ ମା’ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଯୋଗ ଦେଇ ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ସଂର୍ପକରେ ସୂଚନା ପ୍ରଦାନ କରିଥିଲେ। ଯୁକ୍ତ ୨ ଅଧକ୍ଷା ସ୍ମିତାଶେଫାଳି ମହାପାତ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ପରିଶେଷରେ ଅତିଥିମାନଙ୍କ ଗହଣରେ ଅଧାପକ, ଅଧାପିକା, ଛାତ୍ରୀ ଓ ଇକୋ କ୍ଲବର ସଦସ୍ୟାମାନେ ଅନୁଷ୍ଠାନ ପରିସରରେ ବିଭିନ୍ନ କିସମର ବୃକ୍ଷରୋପଣ କରିଥିଲେ। ସେହିପରି ସମସ୍ତଙ୍କ ସହଯୋଗରେ ଅନୁଷ୍ଠାନ ପରିସରରୁ ଅଳିଆ, ଆବର୍ଜନା ସଫା କରାଯାଇଥିଲା। ଅଧାପିକା ବିଶ୍ୱଭାରତୀ ମହାରଣା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## କାଦୁଆ ନଦୀ ସଫେଇ ନାଳରୁ କଟକିଦଳ ସଫା ଦାବି

**ନୟାହାଟ,୧୮।୯/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ପ୍ରାଚୀ ଡିଭିଜନ ଅଭିନରେ ଥିବା ବିଶୁଲି ପଡ଼ା ଠାରୁ ବଣହରା ଓଟାଙ୍ଗ ଦେଇ କାଦୁଆ ନଦୀ ରେ ମିସିଥିବା ସଫେଇ ନାଳଟି ଖନନ ନହେବା ଫଳରେ ବର୍ଷାଜଳ ନିଷ୍କାସନ ହୋଇନପାରି ଚାଷ ଜମିରେ ମାଡୁଛି। ଯାହାଫଳରେ ପନିପରିବା ଧାନ ଚାଷ ନଷ୍ଟ ହେଉଛି। ନାଳଟି ୧୦କିମି ଲମ୍ବ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ କଟିକି ଦଳ ସଫା ନହେବାରୁ ପାଣି କାଦୁଆ ନଦୀକୁ ନିଷ୍କାସନ ହେଇପରୁ ନାହିଁ। କେତେକ ସ୍ଥାନରେ ଲୋକମାନେ ପାଣି ଅଟକାଇ ମାଛ ଧରୁଥିବା ବେଳେ ବନ୍ଧ ଧୀରେ ଧୀରେ କ୍ଷୟ ହେବାରେ ଲାଗିଛି। ଗତ ୧୦ବର୍ଷ ତଳେ ଉକ୍ତ ସଫେଇ ନାଳଟି ସଫା କରାଯାଇଥିବା ବେଳେ ତାର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏ ଦିଗରେ ପ୍ରାଚୀ ଡିଭିଜନକୁ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଜୟନ୍ତୀ

**ଦଶପଲ୍ଲା,୧୮।୯/ଏନ୍‌ଏନ୍‌ଏସ୍:** ଦଶପଲ୍ଲା ବିଜେପି ପକ୍ଷରୁ ଭାରତର ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଜେପି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଦଶପଲ୍ଲା ଏନଏସି ସାଂସଦ ପ୍ରତିନିଧି ଅଞ୍ଜନ ଦାସ, ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଲାବେହେରା, ମନୋଜ କୁମାର ସାହୁଙ୍କ ସମେତ ବିଜେପିର ସ୍ଥାନୀୟ କର୍ମକର୍ତା ଓ କର୍ମୀ ଉପସ୍ଥିତଥିଲେ। ଏହି ଅବସରରେ ବିଜେପି ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ‘ଏକ ପେଡ୍ ମା’ କେ ନାମ୍’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦିବ୍ୟାଙ୍ଗ ଜିତେନ୍ଦ୍ରଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା



**ବୋଲଗଡ଼,୧୮।୯/ଏନ୍‌ଏନ୍‌ଏସ୍:** ବୋଲଗଡ ବ୍ଲକ ପାଟପୁରଶାସନ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖାରଡ଼ପଲ୍ଲୀ ଗ୍ରାମ ପଦ୍ମପୁର ସାହିର ଅସହାୟ ଜିତେନ୍ଦ୍ର କୁମାର ବେହେରା ଜଣେ ଦିବ୍ୟାଙ୍ଗ ଓ ଅତୀବ ଗରିବ ଶେଣୀର। ଜିତେନ୍ଦ୍ର ୯୧ ପ୍ରତିଶତ ଦିବ୍ୟାଙ୍ଗ ଭାବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରମାଣପତ୍ର ପାଇଛନ୍ତି। ତାଙ୍କ ବୟସ ମାତ୍ର ୩୦ବର୍ଷ ହୋଇଥିବା ବେଳେ ସେ ଦିବ୍ୟାଙ୍ଗ ହେତୁ ରାଜ୍ୟ ସରକାରଙ୍କ ପକ୍ଷରୁ ଶାରୀରିକ ଭିନ୍ନକ୍ଷମ ଭତ୍ତା ମାତ୍ର ୧ହଜାର ଟଙ୍କା ପାଉଛନ୍ତି। କିନ୍ତୁ ରାଜ୍ୟ ସରକାର ଭିନ୍ନକ୍ଷମ ଦିବ୍ୟାଙ୍ଗମାନଙ୍କୁ ବର୍ଦ୍ଧିତ ୩୫ଶହ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ତାହା ବୋଲଗଡ଼ ବ୍ଲକ ପାଟପୁର ଶାଶନ ପଦ୍ମପୁର ଗ୍ରାମର ଜିତେନ୍ଦ୍ରଙ୍କ କ୍ଷେତ୍ରରେ ବିଫଳ ହୋଇଛି। ଜିତେନ୍ଦ୍ର ୯୧ ପ୍ରତିଶତ ଭିନ୍ନକ୍ଷମ ଦିବ୍ୟାଙ୍ଗ ହୋଇଥିବାବେଳେ ତାଙ୍କୁ କେଉଁ ଦୃଷ୍ଟିରୁ ବର୍ଦ୍ଧିତ ଭତ୍ତା ମିଳୁନାହିଁ ବୋଲି ତାହା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତେବେ ଏ ନେଇ ଜିତେନ୍ଦ୍ର ବହୁବାର ସରପଞ୍ଚ ଓ ସମିତିସଭ୍ୟଙ୍କୁ ଗୁହାରି କରିଥିଲେ ମଧ୍ୟ ତାଙ୍କ କଥାକୁ କେହି ଶୁଣୁନାହାନ୍ତି। ଚଳିବା ପାଇଁ ସେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଂସାର ବୋଲି କହିଲେ ନିଜେ ଦିବ୍ୟାଙ୍ଗ ଜିତେନ୍ଦ୍ର ଓ ବିଧବା ମା’ ସତ୍ୟଭାମା। ସତ୍ୟଭାମା ବୃଦ୍ଧା ହୋଇଥିବାରୁ ଘର ଚଳିବାକୁ ତାଙ୍କ ପକ୍ଷେ ବହୁତ କଷ୍ଟକର ହେଉଛି। ଏପରିକି ମା’ ଓ ଦିବ୍ୟାଙ୍ଗ ପୁଅ ଓଳିଏ ଖାଇଲେ ଓଳିଏ ଉପାସ ରହୁଛନ୍ତି ବୋଲି ଗଣମାଧ୍ୟମକୁ କହିଛନ୍ତି। ରାଜ୍ୟ ସରକାରଙ୍କ ମଧୁବାବୁ ବର୍ଦ୍ଧିତ ଦିବ୍ୟାଙ୍ଗ ପେନସନ ଯୋଜନାରେ ତାଙ୍କୁ ସାମିଲ ନକରିବା କ୍ଷୋଭର ବିଷୟ ବୋଲି ଚର୍ଚ୍ଚା ହେଉଛି। ଜିତେନ୍ଦ୍ରଙ୍କ ଏହି ଅସହାୟ ଅବସ୍ଥା ଦେଖି ସ୍ଥାନୀୟ ସମାଜସେବୀ ଦିବାକର ବେହେରା ତାଙ୍କୁ କିଛି ଆର୍ଥିକ ସହାୟତା କରନ୍ତି। ତେବେ ଦିବାକର ଜିଲ୍ଲା ବାହାରେ ରହୁଥିବାରୁ ଯେତେବେଳେ ଗ୍ରାମକୁ ଆସନ୍ତି ଜିତେନ୍ଦ୍ରକୁ ଆର୍ଥିକ ସାହାଯ୍ୟ ସହ ଚଳଣି ପାଇଁ କିଛି ରାସନ ସାମଗ୍ରୀ ଦେଇଥାଆନ୍ତି। ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦିବ୍ୟାଙ୍ଗ ଜିତେନ୍ଦ୍ରଙ୍କ ପ୍ରତି ଦୃଷ୍ଟିଦେଇ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ନୋଡାଲ୍ ବିଦ୍ୟାଳୟରେ ବୃକ୍ଷରୋପଣ

**ଚାରିଛକ,୧୮।୯/ଏନ୍‌ଏନ୍‌ଏସ୍:** ପବିତ୍ର ପ୍ରାଚୀନଦୀ ତଟସ୍ଥ ବରାହୀ ମନ୍ଦିର ଓ ଅମରେଶ୍ୱର ମହାଦେବ ମନ୍ଦିର ନିକଟରେ ଅବସ୍ଥିତ ଏହି ଅମରେଶ୍ୱର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ। ଦେଶର ଯଶ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନକୁ ସାରା ରାଜ୍ୟରେ ସେବାପକ୍ଷ ଭାବେ ପାଳନ କରାଯାଉଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ର ମେଲେକାଙ୍କ ତତ୍ତ୍ୱାବଧାନରେ ‘ମାଆ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମଂଜୁଶ୍ରୀ ଭୋଇ, ସିଆରସିସି ରବୀନ୍ଦ୍ର କୁମାର ତ୍ରିପାଠୀ,ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଭାତ କୁମାର ଦାଶ, ରାମଚନ୍ଦ୍ର ଦାସ, ବିଶ୍ୱଜିତ ପରିଡା,ଜୟଦେବ ନନ୍ଦ,ଅଂଶୁମାନ ଚମ୍ପତିରାୟ,ଶିକ୍ଷୟିତ୍ରୀ କଳ୍ପନା ପତି, ନିରୁପମା ରଥ, ଗାୟତ୍ରୀ ଦାସ,ଚିନ୍ମୟୀ ମିଶ୍ର,ସସ୍ମିତା ଗୁରୁ,ସୁନନ୍ଦା ପ୍ରଧାନ, ଚିନ୍ମୟୀ ସ୍ୱାଇଁ, ମିଲିଲତା ବେହେରା, ରୀନାରାଣୀ ସାହୁ, ଯୁବସମାଜସେବୀ ଅରକ୍ଷୀତ ଭୋଇ, ୱାର୍ଡସଭ୍ୟ ଅମରେଶ୍ୱର କାଣ୍ଡିଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଛାତ୍ରଛାତ୍ରିମାନେ ଯୋଗଦେଇ ବିଦ୍ୟାଳୟ ପରିସର ସମେତ ବିଦ୍ୟାଳୟ ଠାରୁ ବରାହୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ବୃକ୍ଷର ଚାରା ରୋପଣ କରିଥିଲେ।



ବିଧାନସଭା ପରିସରରେ 'ଏକ ପେଡ୍ ମା'କେ ନାମ୍ ୨.୦' କାର୍ଯ୍ୟକ୍ରମ ଅଧୀନରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ମଣ୍ଡଳର ସଦସ୍ୟ ଓ ବିଧାୟକ ଚାରା ରୋପଣ କରୁଛନ୍ତି।

### ମିଶନଶକ୍ତି ବିଭାଗ ସହ ୪ ସଂସ୍ଥାର ଏମ୍ଓୟୁ

# ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଆହୁରି ସଶକ୍ତ କରିବ: ଉପ-ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ଗୁରୁବାର ମିଶନ ଶକ୍ତି ବିଭାଗ ସହ ଏଫ୍ଆଇସିଏସ୍ଆଇ, ଟିଏସ୍ଏସ୍ସି, ଜିଜେଏସ୍ସିଆଇ ଓ ଏନ୍ସିଡବ୍ଲ୍ୟୁର ୪ଟି ବୁଝାମଣା ପତ୍ର ସ୍ୱାକ୍ଷର(ଏମଓୟୁ) ହୋଇଛି। ଏହି ଏମଓୟୁ ସ୍ୱୟଂ ସହାୟକ ଗୋଷ୍ଠୀ ଉଦ୍ୟୋଗକୁ ଆହୁରି ପ୍ରୋତ୍ସାହନ ଯୋଗାଇବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ମିଶନ ଶକ୍ତି ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ମତ ପ୍ରକାଶ କରିଛନ୍ତି। ଏହି ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ତୃଣମୂଳସ୍ତରରେ ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ସୃଷ୍ଟି କରିବା ପାଇଁ ମିଶନ ଶକ୍ତି ବିଭାଗ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ଓଡ଼ିଶା ଆଦିବାସୀଙ୍କର ନିଆରା ପାରମ୍ପରିକ କଳା ଓ କୌଶଳ ଉପରେ ଗୁରୁତ୍ୱ ଦେବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଓଡ଼ିଶାରେ ଲକ୍ଷପତି ଦିଦିଙ୍କ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହାଛଡ଼ା ଆଜି ୧ ଲକ୍ଷ ୬୩ ହଜାର ୭୫୭ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆକାଉଣ୍ଟକୁ ବ୍ୟାଙ୍କ ଋଣ ଫେରସ୍ତ ବାବଦକୁ ୧୧୦ କୋଟି ୯୭ ଲକ୍ଷ ୫୮ ହଜାର ୮୬୦ ଟଙ୍କା ଆର୍ଥିକ ଅନୁଦାନ ପ୍ରେରଣ କରାଯାଇଛି।

ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପାଇଁ ମିଶନ ଶକ୍ତି ବିଭାଗ ଏଫ୍ଆଇସିଏସ୍ଆଇ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହା କାର୍ଯ୍ୟକ୍ରମ ମାଧ୍ୟମରେ ୧୦ ହଜାର ସ୍ୱୟଂ-ସହାୟକ ଗୋଷ୍ଠୀଙ୍କୁ ଫଳରସ ପ୍ରକ୍ରିୟାକରଣ, ମସଲା ପ୍ରକ୍ରିୟାକରଣ , ତୈଳ ପ୍ରସ୍ତୁତିକରଣ, ବହୁବିଧ କୌଶଳ କାରିଗରୀ, ଫଳ ଓ ପନିପରିବା ନିର୍ଜଳୀକରଣର ଆବାସିକ ପ୍ରଶିକ୍ଷଣ ପ୍ରଦାନ କରାଯିବ। ପୁନଶ୍ଚ ମିଶନ ଶକ୍ତି ବିଭାଗ ଟିଏସ୍ଏସ୍ସ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ପ୍ରୟୋଗାତ୍ମକ ପ୍ରକଳ୍ପ ମାଧ୍ୟମରେ




ପ୍ରଥମେ କଟକ ଜିଲ୍ଲାର ୩୦ଟି ଗ୍ରାମ ପଞ୍ଚାୟତରେ ୬୦ ଜଣ ମହିଳାଙ୍କୁ ମୋବାଇଲ ହାଣ୍ଡସେଟ ମରାମତି କାର୍ଯ୍ୟ ବିଷୟରେ ପ୍ରଶିକ୍ଷଣ ଦିଆଯିବ। ତୃଣମୂଳସ୍ତରରେ ଗ୍ରାମ ପଞ୍ଚାୟତରେ ମହିଳାମାନଙ୍କ ନେତୃତ୍ୱରେ ଅଣୁ ଉଦ୍ୟୋଗ ସୃଷ୍ଟି କରିବା ଏହାର ଲକ୍ଷ୍ୟ। ମିଶନ ଶକ୍ତି ବିଭାଗ ଜିଜେଏସ୍ସିଆଇ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ୧୪୪୦ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ନିର୍ମାଣ କଳାରେ ପ୍ରଶିକ୍ଷିତ କରାଯିବ ସହ ବଜାରର ସଂଯୋଗ କରାଯିବ। ମିଶନ ଶକ୍ତି ବିଭାଗ ଆଜି ଜାତୀୟ ମହିଳା ଆୟୋଗଙ୍କ ସହିତ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ପ୍ରୟୋଗାତ୍ମକ ଭାବରେ ରାଜ୍ୟର ୫ଟି ଜିଲ୍ଲାରେ ୧୮- ୪୦ ବୟସର ସମସ୍ତ ସ୍ୱୟଂ-ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯିବ। ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ମହିଳା ସୁରକ୍ଷା ପ୍ରତି ସଚେତନତା ଓ ଗୋଷ୍ଠୀ ଏକତାକୁ ପ୍ରୋତ୍ସାହନ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ହିନ୍ଦୁସ୍ଥାନ କୋକାକୋଲା ବେଭେରେଜେସ ପ୍ରାଇଭେଟ ଲିମିଟେଡ(ଏଚସିସିବି) ନିଜର ସିଏସଆର ଜରିଆରେ ସୁଭଦ୍ରା ଶକ୍ତି କାଫେକୁ ଟ୍ରାନ୍ସପାରେଣ୍ଟ ଡୋର ଥିବା ଫ୍ରିଜ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ଜାତୀୟ ମହିଳା ଆୟୋଗଙ୍କ ଉପ-ସଚିବ ଶିବାନୀ ଦେ, ରାଜୀବ ଗର୍ଗ, ଧାନ ଶ୍ରୀଭଟ୍ଟାଚାର୍ଜି, ତରୁଣ ପରିହାର ଓ କୋକା କୋଲା କମ୍ପାନୀର ସୁଶ୍ରୀ ଶ୍ୱେତା ପୁନେଥା ପ୍ରମୁଖ ଉପସ୍ଥିତ ଥିଲେ।

## 'ପରିବର୍ତ୍ତନଶୀଳ ବିଶ୍ୱ ପାଇଁ ଖାଦ୍ୟ ନୀତି' ଆଲୋଚନାଚକ୍ର

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ, ଭାରତୀୟ କୃଷି ଗବେଷଣା ପରିଷଦ ସହିତ ସହଭାଗିତାରେ 'ପରିବର୍ତ୍ତନଶୀଳ ବିଶ୍ୱ ପାଇଁ ଖାଦ୍ୟ ନୀତି: ଦକ୍ଷିଣ ଏସିଆ ପାଇଁ ପ୍ରାଥମିକତା' ଶୀର୍ଷକ ଏକ ଉଚ୍ଚସ୍ତରୀୟ ଆଞ୍ଚଳିକ ନୀତି ଆଲୋଚନା ଅନୁଷ୍ଠିତ ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଖାଦ୍ୟ ନୀତି ରିପୋର୍ଟର ଦକ୍ଷିଣ ଏସିଆ ଶୁଭାରମ୍ଭ ମଧ୍ୟ ହୋଇଥିଲା। ଜଳବାୟୁ ପରିବର୍ତ୍ତନ, କୁପୋଷଣ ଏବଂ ଜନସଂଖ୍ୟାଗତ ପରିବର୍ତ୍ତନର ବର୍ଦ୍ଧିତ ଚାପ ମଧ୍ୟରେ ଦକ୍ଷିଣ ଏସିଆ କିପରି ସ୍ଥିର, ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ସୁରକ୍ଷିତ କରିପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଭାରତର ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ପ୍ରଫେସର ଏସ୍. ମହେନ୍ଦ୍ର ଦେବ, ନିତି ଆୟୋଗର ସଦସ୍ୟ ଡ ବିନୋଦ କେ. ପଲ, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ କୁମାର ପାଢୀ ଓଡ଼ିଶାର ସମନ୍ୱିତ ଆଭିମୁଖ୍ୟ ଉପରେ ଆଲୋକପାତ କରି କହିଥିଲେ। ଓଡ଼ିଶା ହୁଏତ କିଛି ରାଜ୍ୟ ମଧ୍ୟରୁ ଗୋଟିଏ ଯେଉଁଠାରେ ଆମର ଏକ ଜଳବାୟୁ ସ୍ଥିରତା କକ୍ଷ ଅଛି ଏବଂ ଆମେ ଖୁବଶୀଘ୍ର ଏକ ଜେଣ୍ଡର ରେସ୍ପନ୍ସିଭ ସେଲ ଖୋଲିବାକୁ ଯାଉଛୁ ବୋଲି ସେ କହିଥିଲେ।

## ରାଜଭବନରେ ରକ୍ତଦାନ ଶିବିର

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ଗୁରୁବାର ରାଜ ଭାବନର ନ୍ୟୁ ଅଭିଷେକ ହଲରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରକ୍ତଦାତାମାନଙ୍କ ଦ୍ୱାରା ଅନ୍ୟର ଜୀବନ ରକ୍ଷା ପାଇଁ ପ୍ରଦର୍ଶିତ କରୁଣା ଓ ନିଷ୍ଠା ଅତ୍ୟନ୍ତ ପ୍ରେରଣାଦାୟୀ ଏବଂ ଆଶ୍ୱାସଜନକ ବୋଲି ମତ ପ୍ରକାଶ କରିଛନ୍ତି। ଏହି ଶିବିର ରାଜଭବନ ଓ କ୍ୟାପିଟାଲ ହସ୍ପିଟାଲର ବ୍ଲଡ ବ୍ୟାଙ୍କର ମିଳିତ ସହଯୋଗରେ ଆୟୋଜିତ କରାଯାଇଥିଲା। ଶିବିରରେ ମୋଟ ୧୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାମାଜିକ ସଂଗଠନର ସଦସ୍ୟ/ସଦସ୍ୟା ଅଂଶଗ୍ରହଣ ପୂର୍ବକ ସମର୍ପଣଭାବ ପ୍ରଦର୍ଶନ କରିଥିଲେ। ରାଜ୍ୟପାଳ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଏବଂ ଟି-ସାର୍ଟ ବଣ୍ଟନ କରିଥିଲେ। ଶିବିରଟି ରାଜଭବନ ଡ଼ିସପେନସାରୀର ଡା ବି.କେ. ମେହେର ଏବଂ କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କର ଡା ଦେବାଶିଷ ମିଶ୍ରଙ୍କ ସମନ୍ୱୟରେ ପରିଚାଳିତ ହୋଇଥିଲା।

### ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ ୬୦ ଛୁଇଁଥିବା ମହିଳା

## ନିଜ ପ୍ରତିଶ୍ରୁତି ପାଳ, ସବୁ ମହିଳାଙ୍କୁ ସାମିଲ୍ କର: ବିଜେଡି

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କ ମଧ୍ୟରୁ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ବାଦ୍ ପଡ଼ିବେ ବୋଲି ସ୍ପଷ୍ଟ ହୋଇଥିବା ବେଳେ ସେମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନସନ ପାଇଁ ଆବେଦନ କରି ପାରିବେ ବୋଲି ସରକାରଙ୍କ ତରଫରୁ ଦିଆଯାଇଥିବା ମନ୍ତବ୍ୟ ବାସ୍ତବିକ କଟା ଘା'ରେ ଚୂନ ଲଗାଇବା ସଦୃଶ୍ୟ ବୋଲି ବିଜେଡି କହିଛି। ଗୁରୁବାର ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ.ଲେନିନ ମହାନ୍ତି କହିଛନ୍ତି ଯେ ନିର୍ବାଚନ ସମୟରେ ବିଜେପି ତା'ର ଇସ୍ତାହାରରେ ସୁଭଦ୍ରା ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଜେପି କ୍ଷମତାକୁ ଆସିବା ପରେ ପ୍ରତ୍ୟେକ ମହିଳାଙ୍କୁ ନଦେଇ କେବଳ ୨୧ରୁ ୬୦ ବର୍ଷର ଆର୍ଥିକ ଅନଗ୍ରସର ମହିଳାଙ୍କୁ, ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଏହାଛଡ଼ା ୨ ବର୍ଷରେ ୫୦ ହଜାର ଦେବା ପରିବର୍ତ୍ତେ ପାଞ୍ଚବର୍ଷରେ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ନିର୍ବାଚନୀ ଇସ୍ତାହାରରେ କୁହାଯାଇଥିଲା ବେଳେ କେଉଁ କାରଣ ପାଇଁ ଏହା କେବଳ ୨୧ ରୁ ୬୦ବର୍ଷର ମହିଳାଙ୍କୁ ଦିଆଯିବ ବୋଲି ବିଜେଡି ତରଫରୁ ପ୍ରଶ୍ନ କରାଯାଇଥିଲା। ଏବେ ୬୦ ବର୍ଷ ଛୁଇଁଥିବା ପ୍ରାୟ ୯୩, ୭୯୨ ଜଣ ମହିଳା ସୁଭଦ୍ରା ଯୋଜନାରୁ ବାଦ ପଡ଼ିବେ ବୋଲି ସ୍ପଷ୍ଟ ହୋଇଛି। ଏମାନେ ଏବେ ସୁଦ୍ଧା ମାତ୍ର ଦୁଇଟି କିସ୍ତି ପାଇଛନ୍ତି। ପ୍ରଶ୍ନ ଉଠୁଛି ଯେ ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି ବୋଲି ସରକାର ଦାବି କରୁଥିବା



ବେଳେ ବାଦ ପଡ଼ିବାକୁ ଯାଉଥିବା ମହିଳା ମାନେ କ'ଣ ସ୍ୱାବଲମ୍ବୀ ହୋଇ ସାରିଲେଣି କି ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହାଛଡ଼ା ବାଦ ପଡ଼ିଥିବା ମହିଳାମାନେ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ପେନ୍ସନ୍ ପାଇଁ ଆବେଦନ କରି ପାରିବେ ବୋଲି ଯାହା କୁହାଯାଇଛି, ତାହା ଗ୍ରହଣୀୟ ନୁହେଁ। କାରଣ, ସାମାଜିକ ସୁରକ୍ଷା ଯୋଜନାରେ ପୂର୍ବରୁ ପ୍ରାୟ ୬ ଲକ୍ଷ ଲୋକ ବାର୍ଦ୍ଧକ୍ୟ ପେନସନ ପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି। ତେଣୁ, ସୁଭଦ୍ରାରୁ ବାଦ ପଡୁଥିବା ହିତାଧିକାରୀଙ୍କୁ କେବେ ମିଳିବ, ସେନେଇ କିଛି ସ୍ପଷ୍ଟତା ନାହିଁ। କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ସୁଭଦ୍ରା ଯୋଜନାରୁ ବାଦ ପଡ଼ିଥିବା ମହିଳାମାନଙ୍କୁ ବାର୍ଦ୍ଧକ୍ୟ ପେନସନ ପାଇଁ ଆବେଦନ କରିବାକୁ କୁହାଯାଇଛି, ଯାହା ବାସ୍ତବରେ ସେମାନଙ୍କ କଟା ଘା'ରେ ଚୂନ ଲଗାଇବା ସଦୃଶ୍ୟ ହୋଇଛି ବୋଲି ଡ.ମହାନ୍ତି କହିଛନ୍ତି। ଡ. ମହାନ୍ତି ଆହୁରି କହିଛନ୍ତି ଯେ ନିଜର ପ୍ରତିଶ୍ରୁତି ରକ୍ଷାକରି, ରାଜ୍ୟ ସରକାର ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରନ୍ତୁ। ବୟସ ଦେଖାଇ ବାଦ ଦିଆଯିବା ପ୍ରକ୍ରିୟାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରୁଛି।

## ୧.୧୫ କୋଟି ଟଙ୍କାର ବେଆଇନ୍ ସାମଗ୍ରୀ ଜବତ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ବେଆଇନ ନିଶା କାରବାର ବିରୋଧରେ ଚାଲୁଥିବା କଡ଼ା କାର୍ଯ୍ୟାନୁଷ୍ଠାନର ଅଂଶରୂପ, ସ୍ୱତନ୍ତ୍ର ଏନ୍ଫୋର୍ସମେଣ୍ଟ ଡ୍ରାଇଭ୍ର ୧୭ତମ ଦିନରେ ମୋଟ ୧.୧୫ କୋଟି ଟଙ୍କାର ମୂଲ୍ୟର ବେଆଇନ ସାମଗ୍ରୀ ଜବତ ହୋଇଛି। ମିଳିଥିବା ତଥ୍ୟ ଅନୁସାରେ ଏହି ଅଭିଯାନ ୧୭ ତମ ଦିନରେ ୧୫୦ଟି ମାମଲା ରୁଜୁ ସହ ସମ୍ପୃକ୍ତ ୫୩ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ଚଢ଼ାଉକାରୀ ଦଳ ୯,୨୫୯ ଲିଟର୍ ବେଆଇନ ମଦ, ୨୭୭ ଲିଟର ଡ୍ୟୁଟି-ପେଡ୍ ଲିକର ଜବତ କରିବା ସହିତ ୯୪,୫୧୦ ଲିଟର୍ ପୋଚକୁ ନଷ୍ଟ କରିଛନ୍ତି । ଏଥି ସହିତ ବେଆଇନ ପରିବହନ ପାଇଁ ବ୍ୟବହୃତ ୧୪ଟି ଯାନକୁ ଜବତ କରାଯାଇଛି। ସେହିପରି ନିଷିଦ୍ଧ ନିଶା ଚୋରାଚାଲାଣ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଢ଼ାଉକାରୀ ଦଳ ୧୧ଟି କେସ୍ ରୁଜୁ ସହ ୧୪୩ କିଲୋଗ୍ରାମ୍ ଗଞ୍ଜେଇ ଓ ୧୬୭ ଗ୍ରାମ୍ ହେରୋଇନ୍ ଜବତ କରିଛନ୍ତି। ରାଜ୍ୟରେ ବେଆଇନ ମଦ ଏବଂ ନାରକୋଟିକ୍ସ ବ୍ୟବସାୟକୁ ନିୟନ୍ତ୍ରଣ କରିବାର ପ୍ରତିବଦ୍ଧତାକୁ ଦୋହରାଇ ଅବକାରୀ ବିଭାଗ ଏହି ଅବିରତ କାର୍ଯ୍ୟାନୁଷ୍ଠାନ ଜାରିରଖିଛି।

## ବିଏସ୍ଏବିଟିର ୧୧୨ ଦୋକାନ ଗୃହ ଆବଣ୍ଟନ ପାଇଁ ଲଟେରୀ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ଓଡ଼ିଶାର ସବୁଠାରୁ ବଡ଼ ପରିବହନ କେନ୍ଦ୍ର ଭାବେ ପରିଚିତ ବାବାସାହେବ ଭୀମ୍ ରାଓ ଆମ୍ବେଦକର ବସ୍ ଟର୍ମିନାଲ (ବିଏସଏବିଟି) ର ୧୧୨ ଦୋକାନ ଗୃହକୁ ଆବଣ୍ଟନ ପାଇଁ ଗୁରୁବାର ଏକ ଲଟେରି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ କେ-୭ କଳିଙ୍ଗ ବିହାର ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀଙ୍କ ଉପସ୍ଥିତିରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଲଟେରି ଜରିଆରେ ଚୟନ କରାଯାଇଛି। ମାସିକ ଭଡା ଭିତ୍ତିରେ ପ୍ରାୟ ୧୧୨ଟି ଦୋକାନ ଆବଣ୍ଟନ ପାଇଁ ଲଟେରି ପ୍ରକ୍ରିୟା କରାଯାଇଥିଲା। ବିଏସ୍ଏବିଟିର ନିର୍ମାଣ ପୂର୍ବରୁ ପୁରୁଣା ବରମୁଣ୍ଡା ବସ୍ ଟର୍ମିନାଲ ପରିଚାଳନା କରୁଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି) ଦ୍ୱାରା କରାଯାଇଥିବା ଏକ ବିସ୍ତୃତ ସର୍ଭେ ଆଧାରରେ ହିତାଧିକାରୀମାନଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଥିଲା। ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଲଟେରି ବ୍ୟବସ୍ଥା ହୋଇଥିଲା। ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟବେକ୍ଷକ ଭାବେ ସ୍ମାର୍ଟସିଟି ଲିମିଟେଡ଼ର ଜେନେରାଲ୍ ମ୍ୟାନେଜର ପୁରନ୍ଦର ନନ୍ଦ ଉପସ୍ଥିତ ଥିଲେ। ବିଡିଏର ଉପାଧ୍ୟକ୍ଷ ଡ.ଏନ୍ ତିରୁମାଲା ନାଏକ ଦୋକାନ ମାଲିକମାନଙ୍କୁ ସ୍ୱଚ୍ଛତା ଏବଂ ଗ୍ରାହକ ସେବାର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର (ଆଡମିନ୍) ସ୍ନିଗ୍ଧାରାଣୀ ଧଳ, ଡେପୁଟି କମିଶନର (ଟିପି ସ୍କିମ) ଭବତାରଣ ସାହୁ, ମ୍ୟାନେଜର (ବିଏସ୍ଏବିଟି)ଇତିକାନ୍ତ ମହାପାତ୍ର, ଯୁଗ୍ମ କମିଶନର (ଏନଫୋରମେଣ୍ଟ) ତଥା ବିଏସ୍ଏବିଟିର ସ୍ୱତନ୍ତ୍ର ଅଧିକାରୀ ରଞ୍ଜନ କୁମାର ଜେନା,ଅତିରିକ୍ତ କମିଶନର (ଇଷ୍ଟେଟ୍-୨) ମନୋଜ ସ୍ୱାଇଁଙ୍କ ସମେତ ବହୁ ବିଡିଏ ଅଧିକାରୀମାନେ ଉପସ୍ଥିତ ଥିଲେ।

## କିମ୍ସ ମେଡିକାଲ୍ କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ



**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ମେଡିକାଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ଜନଶୀଳତା, ନବସର୍ଜନା ଏବଂ ପ୍ରତିଭାର ପ୍ରଦର୍ଶନ ନିମନ୍ତେ ଆଜି କିମ୍ସ ମେଡିକାଲ୍ କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ 'କାର୍ତେ ବ୍ଲାଞ୍ଚେ'ର ୧୪ ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଭବିଷ୍ୟତର ଡାକ୍ତରମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇ କହିଥିଲେ ଯେ ଡାକ୍ତର ଭାବେ ଜଣେ ଛାତ୍ର ଯେତେ ଲୋକପ୍ରିୟ ହୁଅନ୍ତୁ ନା କାହିଁକି, ଜଣେ ଭଲ ମଣିଷ ହେବାକୁ ସର୍ବଦା ଚେଷ୍ଟା କରିବା ଉଚିତ। କିଟ୍ ହେଉଛି ସର୍ଜନଶୀଳତା ଓ ନବସର୍ଜନା ପ୍ରୋତ୍ସାହନର ସର୍ବୋତ୍ତମ ପ୍ଲାଟଫର୍ମ। ଡାକ୍ତରୀ ଛାତ୍ରଛାତ୍ରୀ ଜଣେ ଜଣେ ଅଲରାଉଣ୍ଡର ହେବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଥିଲେ।

ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ସୁବ୍ରତ ଆଚାର୍ଯ୍ୟ କହିଥିଲେ, 'କାର୍ତେ ବ୍ଲାଞ୍ଚେ' ଭଳି କାର୍ଯ୍ୟକ୍ରମ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ପାରିପାର୍ଶ୍ୱିକ ଚିନ୍ତାଧାରା, ଚାପମୁକ୍ତି ଏବଂ ସର୍ବଦା ସେମାନଙ୍କ ସହିତ ରହିପାରୁଥିବା ଆବେଗର ବିକାଶ ପାଇଁ ସୁଯୋଗ ପ୍ରଦାନ କରିଥାଏ। କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା ଆର.ସି. ଦାସ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଆନୁଷ୍ଠାନିକ ପାଠ୍ୟକ୍ରମ ବ୍ୟତୀରକେ ସେମାନଙ୍କ ମଧ୍ୟରେ ଥିବା ସର୍ଜନଶୀଳତାର ପରିପ୍ରକାଶ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କିମ୍ସ ଉପକୁଳପତି ପ୍ରଫେସର ସି. ବି. କେ. ମହାନ୍ତି କହିଥିଲେ ଯେ ପ୍ରତିଭା ହେଉଛି ଏକ ଜନ୍ମଗତ ଗୁଣ। ସମସ୍ତଙ୍କ ନିକଟରେ କିଛି ନା କିଛି ପ୍ରତିଭା ରହିଛି। ସେହି ପ୍ରତିଭାକୁ ଚିହ୍ନି କାର୍ଯ୍ୟକାରୀ କରିପାରିଲେ ସେ ଜଣେ ଭଲ ମଣିଷ ହୋଇପାରିବ ବୋଲି ସେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରତଜିତ ସିଂହ କହିଥିଲେ ଯେ ଡାକ୍ତରମାନେ ବହୁ ପ୍ରତିଭାର ଅଧିକାରୀ। ଡାକ୍ତରମାନଙ୍କଠାରେ ସେମାନଙ୍କ ବୃତ୍ତି ବ୍ୟତୀତ ଅନ୍ୟାନ୍ୟ ପ୍ରତିଭା ମଧ୍ୟ ରହିଥିବା ଦେଖାଯାଏ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିମ୍ସ ହସ୍ପିଟାଲ୍ ଅଧୀକ୍ଷକ ଡା. ମାନସ ବେହେରା, କିଟ୍ ଡେଣ୍ଟାଲ୍ ? କଲେଜର ଅଧ୍ୟକ୍ଷ ଡା ଅଶ୍ୱିନୀ କରଙ୍କ ସମେତ ମେଡିକାଲ୍ କଲେଜର ବିଭିନ୍ନ ବିଭାଗର ମୁଖ୍ୟ ଓ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକ ସାଂସ୍କୃତିକ ମହୋତ୍ସବରେ କିମ୍ସ ମେଡିକାଲ୍ କଲେଜ, ଡେଣ୍ଟାଲ୍, ଫାର୍ମାସୀ, ଫିଜିଓଥେରାପି ଓ ଅନ୍ୟ ଡାକ୍ତରୀ ଶିକ୍ଷା ବିଭାଗର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### 'ଆଗାମୀ ପିଢ଼ିର ଜିଏସ୍‌ଟି ସୁଧାର' ଆଲୋଚନାଚକ୍ର

# ଜିଏସ୍‌ଟି ସୁଧାର ଦ୍ୱାରା ମିଳିବ ୨ଲକ୍ଷ କୋଟିର ଆର୍ଥିକ ପ୍ରୋତ୍ସାହନ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ନୂତନ ପିଢ଼ିର ଜିଏସ୍‌ଟି ସୁଧାର ଦ୍ୱାରା ପ୍ରାୟ ୨ଲକ୍ଷ କୋଟି ଟଙ୍କାର ଦେଶବାସୀଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିବ ଓ ଏହା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏକ ମଜବୁତ ଶକ୍ତି ଓ ଗତି ପ୍ରଦାନ କରିବ। ମୋଦୀ ସରକାରଙ୍କର ଜିଏସ୍‌ଟି ୨.୦ ସୁଧାର ଦ୍ୱାରା ଓଡ଼ିଶାର ଡବଲ ଇଞ୍ଜିନ ସରକାରକୁ ନୂତନ ଗତି ମିଳିବ। ୧୨ ପ୍ରତିଶତ ହାରରେ ଥିବା ଜିଏସ୍‌ଟି ବର୍ଗର ପ୍ରାୟ ୯୯ପ୍ରତିଶତ ସାମଗ୍ରୀକୁ ୫ପ୍ରତିଶତ ହାରକୁ ଅଣାଯାଇଛି ଏବଂ ୨୮ ପ୍ରତିଶତ ହାରରେ ଥିବା ପ୍ରାୟ ୯୦ ପ୍ରତିଶତ ସାମଗ୍ରୀକୁ ୧୮ ପ୍ରତିଶତ ହାରକୁ କମାଇ ଦିଆଯାଇଛି। ଏଥିରେ ଉପଭୋକ୍ତାଙ୍କ ସଞ୍ଚୟ ବଢ଼ିବ, ଆବଶ୍ୟକ ସାମଗ୍ରୀର ଦାମ କମିବ ଓ ଦେଶୀୟ ଚାହିଦା ମଜବୁତ ହେବ ବୋଲି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ଜିଏସ୍‌ଟି ପ୍ରଚାର କମିଟିର ସହ ସଂଯୋଜକ ତରୁଣ ଚୁଗ କହିଛନ୍ତି। ରାଜ୍ୟ ବିଜେପି ବୁଦ୍ଧିଜୀବୀ ପ୍ରକୋଷ୍ଠ ଆନୁକୂଲ୍ୟରେ ଗୁରୁବାର ପ୍ରଦେଶ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ 'ଆଗାମୀ




ପିଢ଼ିର ଜିଏସ୍‌ଟି ସୁଧାର' ସମ୍ପର୍କିତ ଆଲୋଚନାଚକରେ ସେ ଏହା କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ବହୁତ କମ୍ପାନୀ ପୂର୍ବରୁ ଦାମ କମେଇବାକୁ ଘୋଷଣା କରିଛନ୍ତି, ଯାହାରୁ ସାଧାରଣ ଲୋକମାନେ ତତ୍‌କ୍ଷଣାତ୍ ଲାଭ ଉଠାଇପାରିବେ। ଏହି ସୁଧାର ଦ୍ୱାରା ଗରିବ, କୃଷକ, ମଧ୍ୟବିତ ଓ ଅଣୁ କ୍ଷୁଦ୍ର ତଥା ମଧ୍ୟମ ଶିଳ୍ପଗୁଡ଼ିକୁ ବହୁତ ବଡ଼ ଆଶ୍ୱସ୍ତି ମିଳିବ। କୃଷି ଉପକରଣ, ଜଳସିଞ୍ଚନ ଯନ୍ତ୍ର, ଛୋଟ ଟ୍ରାକ୍ଟର ଭଳି ଅନେକ କୃଷି

**ଓଡ଼ିଶାର ଡବଲ୍ ଇଞ୍ଜିନ୍ ସରକାରକୁ ମିଳିବ ନୂତନ ଗତି**

ଯନ୍ତ୍ରପାତିରେ ହାର ହ୍ରାସ କରାଯାଇ ୫ ପ୍ରତିଶତ ଜିଏସଟି ଲାଗିବାରୁ କୃଷି ଖର୍ଚ୍ଚ କମିବ। ସ୍ୱାସ୍ଥ୍ୟ ଓ ଜୀବନ ବୀମାରେ ଜିଏସ୍‌ଟି ସମ୍ପୂର୍ଣ୍ଣ ହଟାଇ ଦିଆଯାଇଛି। କ୍ୟାନ୍ସର ସହିତ ଗୁରୁତର ଅନ୍ୟ ଦୂରାରୋଗ୍ୟ ଔଷଧ ଓ ମେଡିକାଲ ଉପକରଣ ପାଇଁ ସମ୍ପୂର୍ଣ୍ଣ ଭାବେ ଜିଏସ୍‌ଟି ଛାଡ଼ କରାଯାଇଛି। ଏହା ଦ୍ୱାରା ସାଧାରଣ ଜନତା ଅନେକ ଲାଭାନ୍ୱିତ ହେବେ ବୋଲି ଶ୍ରୀ ଚୁଗ୍ କହିଛନ୍ତି। ଜିଏସ୍‌ଟିର ସୁଧାର ଲାଭ ଓଡିଶାକୁ ସବୁଠାରୁ ପ୍ରଭାବୀ ଢଙ୍ଗରେ ମିଳିବ ଓ ଓଡିଶାର ଯୁବକ ମାନଙ୍କ ପାଇଁ ଏହା ନୂତନ ସୁଯୋଗ ସୃଷ୍ଟି କରିବ। ଓଡ଼ିଶାରେ କେନ୍ଦୁପତ୍ର ଉପରେ ୧୮ପ୍ରତିଶତରୁ ୫ପ୍ରତିଶତ ଜିଏସ୍‌ଟି ହ୍ରାସ ଦ୍ୱାରା ଓଡ଼ିଶାର ଲକ୍ଷଲକ୍ଷ କେନ୍ଦୁପତ୍ର ତୋଳାଳୀ ଉପକୃତ ହେବେ ବୋଲି ବୋଲି ଶ୍ରୀ ଚୁଗ୍ କହିଛନ୍ତି। ଏଥିସହ ଜିଏସଟି ୨.୦ ହେଉଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରିବର୍ତନଶୀଳ ନେତୃତ୍ୱର ସ୍ପଷ୍ଟ ପ୍ରମାଣ ବୋଲି ଶ୍ରୀ ଚୁଗ୍ କହିଛନ୍ତି। ରାଜ୍ୟ ବିଜେପି ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଜେପି ରାଜ୍ୟ ଉପସଭାପତି ତଥା ରାଜ୍ୟ ଜିଏସ୍‌ଟି ପ୍ରଚାର କମିଟିର ସଂଯୋଜକ ବିରଞ୍ଚି ନାରାୟଣ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ଜିଏସ୍‌ଟି ପ୍ରଚାର କମିଟି ସହ ସଂଯୋଜକ ସଞ୍ଜୟ ରଥ ପରିଚୟ ପ୍ରଦାନ କରିଥିଲା ବେଳେ ଯାଜପୁର ସାଂସଦ ଡ. ରବି ନାରାୟଣ ବେହେରା, ରାଜ୍ୟ ବିଜେପିର ମୁଖପାତ୍ର ତଥା ଶିଳ୍ପ ପ୍ରକୋଷ୍ଠର ଆବାହକ ତପନ ଚାନ୍ଦ ଓ ରାଜ୍ୟ ବିଜେପି ଚାଟାର୍ଡ ଆକାଉଣ୍ଟାଣ୍ଟ ପ୍ରକୋଷ୍ଠ ସଂଯୋଜକ ମିହିର ସାହୁ ଜିଏସଟି ସୁଧାର ସମ୍ପର୍କରେ ବିସ୍ତୃତ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

## ଗୋଡିପଡ଼ାରେ ୧୦ବର୍ଷ ହେଲା ପାନୀୟଜଳ ଯୋଗାଣ ବନ୍ଦ

# ପ୍ରକଳ୍ପ ଅଛି, ହେଲେ ପାଣି ଯାଉନି

**ଓଡ଼ଗାଁ,୧୮।୯/ଏନ୍ଏନ୍ଏସ୍:** ଲୋକଙ୍କୁ ମାଳମାଳ ମୌଳିକ ସୁବିଧା ଯୋଗାଇ ଆସୁଛନ୍ତି ରାଜ୍ୟ ସରକାର। କିନ୍ତୁ ସବୁ ଯୋଜନା କେବଳ କାଗଜ କଲମରେ ସିମୀତ ରହିଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପ୍ରକଳ୍ପ ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଗୋଡିପଡ଼ା ପଞ୍ଚାୟତରେ ଏହାର ନିଛକ ଉଦାହରଣ ଦେଖିବାକୁ ମିଳିଛି। ଅଭିଯୋଗ ଅନୁଯାୟୀ, ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ଗୋଡ଼ିପଡ଼ାରେ ୧ଲକ୍ଷ ବିଶିଷ୍ଟ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଲା କିନ୍ତୁ ୧୦ବର୍ଷ ହେବତାହା ଲୋକଙ୍କ କାମରେ ଲାଗୁନି। ଏହି ପାଣି ଟାଙ୍କି ନିର୍ମାଣ ପାଇଁ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ କାର୍ଯ୍ୟ କରାଯାଇଛି। କିନ୍ତୁ ଏବେ କେବଳ ପାଣିଟାଙ୍କି ଠିଆ



ହୋଇରହିଛି। ଟାଙ୍କିରେ ନା ପାଣିଅଛି ନା ଘରକୁଘର ଯୋଗାଣ ହେଉଛି। ସେତିକି ନୁହଁ ମହାନଦୀ ପାଣି ଯୋଗାଇବା ପାଇଁ ଯୋଜନା କାର୍ଯ୍ୟକାରୀ କରି ରାସ୍ତାଘାଟ ବାରମ୍ବାର ତାଡି ଦିଆଗଲା କିନ୍ତୁ ଆଜି ପର୍ଯ୍ୟନ୍ତ ଲୋକେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଖରାଦିନ ଆସିଲେ ନଦୀ, ପୋଖରୀ ଖୋଜାପଡ଼ିଥାଏ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ଗୋଡିପଡା ପଞ୍ଚାୟତର ୧୮ଟି ୱାର୍ଡରେ ୧୦ ହଜାରରୁ ଊର୍ଦ୍ଧ୍ୱଲୋକ ବସବାସ କରନ୍ତି। ତା ମଧ୍ୟରୁ ଚାରୋଟି ୱାର୍ଡ ପାଣି ପାଉଥିବାବେଳେ ବାକି ୧୪ଟି ୱାର୍ଡ ପାଣିପାଇଁ ତହଳ ବିକଳ ହେଉଛନ୍ତି। ଗ୍ରାମବାସୀମାନେ ବାରମ୍ବାର ବିଭାଗୀୟ ଅଧିକାରୀ ଓ ବିଡ଼ିଓଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଗୋଡିପଡ଼ା ଅଞ୍ଚଳର ହଜାର ହଜାର ଲୋକ ପାଣି ପାଇଁ ଛଟପଟ ହେଉଛନ୍ତି। ଘଟଣାର ତଦନ୍ତକରି ଖୁବ୍‌ଶୀଘ୍ର ପିଇବାପାଣି ଯୋଗାଇଦେବାକୁ ପଞ୍ଚାୟତ ପକ୍ଷରୁ ଦାବି ହୋଇଛି।

# ନୟାହାଟ ଫାଣ୍ଡିକୁ ଥାନା ମାନ୍ୟତା ଦାବି

**ନୟାହାଟ,୧୮।୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଗୋପ ଥାନା ଅଧୀନରେ ଥିବା ନୟାହାଟ ଫାଣ୍ଡି ୧୯୮୯ ମସିହାରେ ପ୍ରତିଷ୍ଠା ହୋଇଥିବାବେଳେ ଦୀର୍ଘ ୩୬ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଫାଣ୍ଡିକୁ ଥାନାରେ ପରିଣତ କରିବାରେ ସରକାରଙ୍କ ବୈମାତୃକ ମନୋଭାବ ପ୍ରତି ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଫାଣ୍ଡି ପରେ ନିର୍ମାଣ ହୋଇଥିବା ଚାରିଛକ ଫାଣ୍ଡିକୁ ଥାନା ମାନ୍ୟତା ମିଳିସାରିଥିବା ବେଳେ ନୟାହାଟ ଫାଣ୍ଡିକୁ କାହିଁକି ଥାନା କରିବାରେ ବିଳମ୍ବ କରାଯାଉଛି ବୋଲି ଅଞ୍ଚଳର ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ମଞ୍ଚ ଓ ବ୍ୟବସାୟୀ ସଂଘ ପ୍ରଶ୍ନ ଉଠାଇଛନ୍ତି। ନୟାହାଟ ଫାଣ୍ଡି ଅଧୀନରେ ଧୂମାଲ ଜଙ୍ଗଲବୋରି ଦେସ୍ଥଳୀ ଇସାନପୁର ବାଉଲାଙ୍ଗ ସୋରଭା ଉକ୍ତ ୬ ପଞ୍ଚାୟତର ୭୪ ଗ୍ରାମ ଓ ସୁହାନପୁର ପଞ୍ଚାୟତର ଗୋଟିଏ ଗ୍ରାମ ମୋଟ ୭୫ଗ୍ରାମ ଓ ୫୦ହଜାର ଜନସାଧାରଣ ରହିଥିବା ବେଳେ ଆୟତନ ଓ ଲୋକସଂଖ୍ୟା ତୁଳନାରେ ଏଠାରେ ଥିବା ଫାଣ୍ଡିକୁ ତୁରନ୍ତ ଥାନାର ମାନ୍ୟତା ଦେବା ପାଇଁ ଦାବି ଉଠିଛି। ସରକାରଙ୍କ ଏହି ଅବହେଳା ପ୍ରତିବାଦରେ ଅଞ୍ଚଳର ବିଭିନ୍ନ ଗୋଷ୍ଠୀ ପକ୍ଷରୁ ଆନ୍ଦୋଳନ ଦାନା ବାନ୍ଧୁଥିବା ଜଣାପଡ଼ିଛି। ତେବେ ରହିଥିବା ଫାଣ୍ଡିରେ ଆବଶ୍ୟକୀୟ କର୍ମଚାରୀ ନଥିବା ବେଳେ ପୁଲିସ ଭ୍ୟାନ୍‌ଟିଏ ନଥିବାରୁ ନୟାହାଟଠାରୁ ଗୋପ ଥାନା ୨୦କିମି ଦୂରବର୍ତ୍ତୀ ଗରିବ ଶ୍ରେଣୀର ଲୋକ ଥାନାକୁ ଯାତାୟାତ ପାଇଁ ବହୁ ହଇରାଣ ହରକତ ହେଉଥିବା ଜାଣିବାକୁ ମିଳିଛି। ଲୋକଙ୍କୁ ହାରାହାରି ୧୦୦ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ରାତିରେ ଫେରିବା ପାଇଁ ନୟାହାଟକୁ ଗାଡ଼ି ନଥିବାରୁ ସେଥିପାଇଁ ପାଇଁ ୩୦୦ଟଙ୍କା ଦେଇ ଅଟୋ ଭଡ଼ା କରି ନୟାହାଟ ଆସିବାକୁ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଗରିବ ଲୋକ




ଥାନା କାମରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେଲେ ଗୋପ ଥାନାରୁ ଫାଣ୍ଡିକୁ ଭ୍ୟାନ୍ ଆସିବାକୁ ୧ଘଣ୍ଟା ଲାଗିଥାଏ। ଯାହାଦ୍ୱାରା ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୁଅନ୍ତି। ନୟାହାଟ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାବେଳେ ଏଠାରେ କଲେଜ, ଡାକଘର, ଜଳସେଚନ ବିଭାଗ ଜଙ୍ଗଲବିଭାଗ ରାଜସ୍ୱ ବିଭାଗ, ବିଦ୍ୟାଳୟ, ୪ଗୋଟି ବ୍ୟାଙ୍କ ବିଦ୍ୟୁତ୍‌ବିଭାଗ ରହିଛି। ନୟାହାଟ ଫାଣ୍ଡିକୁ ଥାନା ମାନ୍ୟତା ଦେବା ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଥିବାବେଳେ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଅବହେଳା ଦୃଷ୍ଟିରୁ ହୋଇପାରୁନାହିଁ ବୋଲି ବ୍ୟବସାୟୀ ସଂଘ ସଭାପତି ଫକୀର ଚରଣ ବାରିକ, ସମ୍ପାଦକ ସୁବାସ ପାତ୍ର ଓ ବରିଷ୍ଠ ସଂଘର ଉପସଭାପତି ସୁରେନ୍ଦ୍ର ମୋହନ ବିଟି, ସମ୍ପାଦକ କୃଷ୍ଣଚନ୍ଦ୍ର ବାରିକ ସମାଜସେବୀ ଅନନ୍ତ ସାହୁ, କେଦାର ସାହୁ ପ୍ରମୁଖ ମତ ଦେଇଛନ୍ତି।

# ସାର ସଙ୍କଟ ନେଇ ବିଜୁ କୃଷକ ଜନତା ଦଳ ପକ୍ଷରୁ ବିକ୍ଷୋଭ

**ଆଠଗଡ଼,୧୮।୯/ଏନ୍ଏନ୍ଏସ୍:** ରାସାୟନିକ ସାରର ଅଭାବି ବିକ୍ରି ତଥା ସଙ୍କଟ କୁ ନେଇ ଆଜି ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଶହ ଶହ ଚାଷୀ ବିଜେଡି କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସାର ଉପଲବ୍ଧ କରିବା ନାରେ ନାରାବାଜି ମାନ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବିଜୁ କୃଷକ ସଭାପତି ସୁବାସ ଚନ୍ଦ୍ର ପାଳ ଏବଂ ସେକ୍ ଅବଦୁଲ ତୈଇବଙ୍କ ଅଧ୍ୟକ୍ଷତାରେ ଧାରଣ ଦେଇଥିଲେ। ଧାରଣାରେ ବ୍ଲକ ବିଜେଡି ସଭାପତି ରବିନ୍ଦ୍ର ନାଥ ରାଉତ, ଜିଲ୍ଲାପରିଷଦ ସଭ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା ଏବଂ ଦଳର ବରିଷ୍ଠ ନେତା ପ୍ରଦିପ୍ତ କୁମାର ଦାସ, ଶିଶିର ପ୍ରସାଦ ମାନସିଂହ, ସମବାୟବିତ




ଲଲିତେନ୍ଦୁ ସେନାପତି ଜିଲ୍ଲା କୃଷକ ନେତା ପ୍ରେମାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାଷପାଇଁ ରାଜ୍ୟ ସରକାରଙ୍କ ବିଫଳତା ଉପରେ ବର୍ଷିଥିଲେ। ଏବଂ ଜିଲ୍ଲାରେ ୨୧୩୦୦ ମେଟ୍ରିକ ଟନ୍ ସାରର ଆବଶ୍ୟକ ଥିବାବେଳେ ୨୩୩୮.୯୮ ମେଟ୍ରକ ଟନ୍ ସାର ମିଳିଛି ଯାହାକି ମାତ୍ର ୧୦.୯୮ ଶତକଡା ବୋଲି ଉଲ୍ଲେଖ କରିଥିଲେ। ସାରର କୃତିମ ଅଭାବ ହେଇ ଅଥବା ସଂକଟ ହେଉ ଚାଷୀ ମାନେ ଆବଶ୍ୟକ ପରିମାଣର ସାର ପାଇପାରୁ ନାହାନ୍ତ ଏବଂ ସାରର କଳାବଜାରି ଏତେ ପରିମାଣର ବଢିଯାଇଛିଯେ ଚାଷୀ ଚଡା ଦରରେ ସାର କିଣିବାରେ ଅସମର୍ଥ ହେଉଛି ଯାହାକି ଧାନ ଅମଳ ନେଇ ଚାଷି ମାନଙ୍କର ଚିନ୍ତା ବଢିଯାଇଛି। ଆଠଗଡ ନିର୍ବାଚନ ମଣ୍ଡଳୀରେ ଚାଷୀକୁଳ ଉପେକ୍ଷିତ ହେଉଥିବା ପ୍ରକାଶ କରିଥିଲେ। ସରକାର ଆବଶ୍ୟକ ପରିମାଣରେ ସାର ଚାଷୀ ମାନଙ୍କୁ କିଭଳି ସହଜରେ ଯୋଗାଇବେ ଏହା ଉପରେ ଏକ ପଦକ୍ଷେପ ନିମନ୍ତେ ମହାମହିମ ରାଜ୍ୟପାଳଙ୍କୁ ଏକପତ୍ର ଉପଜିଲ୍ଲାପାଳଙ୍କ ଜିରଆରେ ଚାଷୀନେତା ମାନେ ପ୍ରଦାନ କରି ଧାରଣାରୁ ଓହରିଥିଲେ। ଉପଜିଲ୍ଲାପାଳ ବିଶେଷ କାର୍ଯ୍ୟରେ ବାହାରେ ଥିବାରୁ ପତ୍ରଟିକୁ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଗ୍ରହଣ କରିଥିଲେ।

# ଗାଁକୁ ନାହିଁ ପକ୍କା ସଡ଼କ: ଭାରାରେ ବୁହାହେଲା ଶବ

**ଦଶପଲ୍ଲା,୧୮।୯/ଏନ୍ଏନ୍ଏସ୍:** ଦଶପଲ୍ଲା ବ୍ଲକ୍‌ର ବିଭିନ୍ନ ଗ୍ରାମକୁ ନାହିଁ ପକ୍କା ସଡ଼କ। ଏମ ଜିଏନଆରଜିଏସରେ ଯେଉଁ ରାସ୍ତା ନିର୍ମାଣ ହୋଇଛି ତାହା ପାଣି ଜମି କାଦୁଅ ପଚ ପଚ ରେ ପରିପୂର୍ଣ୍ଣ। ଫଳରେ ଜନ୍ମ ପାଇଁ ଜନନୀ ଖଟିଆରେ ବୁହା ହୋଇ ଯନ୍ତ୍ରଣା ଭୋଗୁଥିବା ବେଳେ ମୃତ୍ୟୁ ପରେ ଶବକୁ ଭାରାରେ ବୋହି ଯନ୍ତ୍ରଣା ଭୋଗୁଛନ୍ତି ସମ୍ପର୍କୀୟ। ଏଭଳି ଏକ ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳିଛି ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀ ପଞ୍ଚାୟତ ଓଡାବିକ୍ରି ଗ୍ରାମର ପ୍ରସନ୍ନ ମଳିକଙ୍କ ପରିବାର କ୍ଷେତ୍ରରେ। ପ୍ରସନ୍ନ ମଳିକଙ୍କ ଦେହ ଖରାପ ଥିବାରୁ ତାଙ୍କୁ ଏହି କାଦୁଅ ପଚ ପଚ ରାସ୍ତାରେ ଆଣି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାତ୍ର ପରିବାର ଲୋକ ଶବ କୁ ଅଟୋରେ ଧରି ଭାତଗଦା ପର୍ଯ୍ୟନ୍ତ ନେବାରେ ସଫଳ ହୋଇଥିବା ବେଳେ ଭାତଗଦା ଠାରୁ ଓଡାବିକ୍ରି ପର୍ଯ୍ୟନ୍ତ କୌଣସି ଭଲ ରାସ୍ତା ନଥିବାରୁ କାଦୁଅ ପଚ ପଚ ରାସ୍ତାରେ ପରିବାର ଲୋକ ଭାରାକରି ପ୍ରସନ୍ନଙ୍କ ଶବ ଗାଁକୁ ନେଇଥିଲେ।



ଯାହାକି ମୃତ୍ୟୁର ଯନ୍ତ୍ରଣା ପରିବାର ଲୋକଙ୍କୁ ଯେତିକି କଷ୍ଟ ଦେଇଥିଲା ରାସ୍ତାର ଯନ୍ତ୍ରଣା ପରିବାର ଲୋକଙ୍କୁ ଅଧିକ କଷ୍ଟ ଦେଇଥିଲା। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।

# ବନ୍ଦର ଦେବୀ ମା' ଚିତ୍ରେଶ୍ୱରୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା

**ଅସ୍ତରଙ୍ଗ,୧୮।୯/ଏନ୍ଏନ୍ଏସ୍:** ମା' ଦୁର୍ଗାଙ୍କ ପୂଜା ପାଇଁ ସବୁ ଶକ୍ତିପୀଠମାନଙ୍କରେ ଆରମ୍ଭ ହୋଇଯାଇଛି ଷୋଳ ପୂଜା। ଧରାପୃଷ୍ଠକୁ ମା'ଙ୍କ ଆଗମନ ଅବସରରେ ଶକ୍ତିପୀଠମାନଙ୍କରେ ଷୋଳପୂଜା ଚାଲୁରହିଥିବାବେଳେ ବିଭିନ୍ନ ବେଶରେ ମା'ଙ୍କୁ ସୁସଜିତ କରାଯାଇ ନୀତିକାନ୍ତିରେ ପୂଜା କରାଯାଉଛି। ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ଅବଦାନ ଗ୍ରାମପଞ୍ଚାୟତର ଯଦୁପୁର ଗ୍ରାମରେ ଅବସ୍ଥିତ ମା' ଚିତ୍ରେଶ୍ୱରୀଙ୍କ ପୀଠ। ଅପୂର୍ବ ପ୍ରାକୃତିକ ସୁଷମା ଭାରା ନୈଶର୍ଗୀକ ଶୋଭାର ଗନ୍ତାଘର ମଧ୍ୟରେ ମା' ଚିତ୍ରେଶ୍ୱରୀଙ୍କ ପୀଠ। ସୂର୍ଯ୍ୟକ୍ଷେତ୍ର ବା ଅର୍କକ୍ଷେତ୍ରର ରକ୍ଷାକର୍ତ୍ତୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ଚିତ୍ରେଶ୍ୱରୀ ହେଉଛନ୍ତି ଅନ୍ୟତମ। ଐତିହାସିକ ବିବରଣୀରୁ ଜଣାପଡେ ଯେ, ପ୍ରଥମ ଶତାବ୍ଦୀରେ ଏ ଅଞ୍ଚଳ ଏକ ପ୍ରମୁଖ ନୌବାଣିଜ୍ୟ କେନ୍ଦ୍ର ରୂପେ ଗଢିଉଠିଥିଲା। ସେ ସମୟରେ ଏହି ନୌବାଣିଜ୍ୟ କେନ୍ଦ୍ରର ନାମ ଥିଲା କୋଇନାପୁରା। ପରବର୍ତ୍ତି ଅବସ୍ଥାରେ ଏହି ସ୍ଥାନର ନାମ କୋଇନାପୁରାରୁ ଅପଭ୍ରଂଶ ହୋଇ କୋଣାର୍କ ନାମରେ ନାମିତ ହୋଇଥିଲା। ଏବେ ବଳିପ୍ରଥାକୁ ବନ୍ଦ କରିଦିଆଯାଇଥିବା ବେଳେ କିଛି ମାନସିକଧାରୀ ଭକ୍ତ ମା'ଙ୍କ ପୀଠର ଅନତି ଦୂରରେ ପଶୁବଳି ଦେଉଥିବାବେଳେ କେତେକ ଶ୍ରଦ୍ଧାଳୁ ମା'ଙ୍କ ନିକଟରେ



ପାଣିକଖାରୁ ବଳିଦେଇଥାନ୍ତି। ପାର୍ବଣ ଅବସରରେ ମା'ଙ୍କ ପୀଠରେ ମାଛ ବେସର ଶ୍ରଦ୍ଧାଳୁଙ୍କ ବେଶ ଆକୃଷ କରିଥାଏ। ମା'ଙ୍କ ସେବା ପାଇଁ ୩୬ ପାଟକେ ନିଯୋଗ ରହିଥିବା ବେଳେ ୬୦ଏକର ଜମି ରହିଛି। ଏହି ପୀଠର ସାଧାଅନ୍ନ ଓ ମାଛ ବେସର ପ୍ରସିଦ୍ଧ ଭୋଗ। କୋଣାର୍କ ଠାରୁ ୧୦କିଲୋମିଟର ଦୂରରେ ମା'ଙ୍କ ପୀଠଟି ଅବସ୍ଥିତି ହୋଇଥିଲେ ମଧ୍ୟ ଏହି ଐତିହାସିକ ପୀଠଟି ଚିର ଅବହେଳିତ ଅବସ୍ଥାରେ ପଡିରହିଛି। ସରକାରଙ୍କ ପ୍ରୋତ୍ସାହନ ମିଳିଲେ ପୀଠଟି ବିକଶିତ ହୋଇ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହେବା ସହ ପ୍ରମୁଖ ଦେବୀ ପୀଠ ଭାବରେ ପ୍ରସିଦ୍ଧି ଲାଭ କରିପାରିବ।

## ସୁଭଦ୍ରା ଯୋଜନାର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ

**କଣାସ,୧୮।୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ ଶିଶୁ ବିଭାଗ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଆଜି ସୁଭଦ୍ରା ଯୋଜନାର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କଣାସ ତହସିଲଦାର ହିମାଂଶୁଶେଖର ଗିରି, କଣାସ ଥାନା ଆଇ.ଆଇ.ସି ପ୍ରସନ୍ନ କୁମାର ନାୟକ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱର୍ଣ୍ଣଲତା ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ଆର୍ଥିକ ମାନଦଣ୍ଡର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଦେଉଥିବାରୁ ମହିଳାମାନେ ସେଗୁଡିକୁ ସଠିକ୍ ଭାବେ ବିନିଯୋଗ କଲେ ଆର୍ଥିକ ବୃଦ୍ଧି ପାଇବ ବୋଲି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କଣାସ ବ୍ଲକ ଶିଶୁ ବିକାଶ ଅଧିକାରିଣୀ ପରିଚାଳନା କରିଥିଲେ।

# ଦ୍ୱିତୀୟଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ଘଟଣାରେ ପ୍ରଧାନଶିକ୍ଷକ ନିଲମ୍ବିତ

**ଦଶପଲ୍ଲା,୧୮।୯/ଏନ୍ଏନ୍ଏସ୍:** ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଦଶପଲ୍ଲା ଗୋଷ୍ଠୀ ଶିକ୍ଷାଧିକାରୀ ଭକ୍ତ ବିନୋଦ ସଲ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ଦାସଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବନ ସମୟ ମଧ୍ୟରେ ସେ ହରିହାରପୁର ସରକାରୀ ୟୁପି ସ୍କୁଲ୍‌ରେ କାର୍ଯ୍ୟ କରିବା ପାଇଁ ନିଲମ୍ବନ ଆଦେଶନାମାରେ ଦର୍ଶାଯାଇଛି। ସୂଚନାଯୋଗ୍ୟ ଯେ, ଦଶପଲ୍ଲା ଗୋଡିବିଡା ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ଗ୍ରାମର ନାଲୁ ବେହେରାଙ୍କ ଝିଅ ପ୍ରିୟଦର୍ଶିନୀ ବେହେରା ପାଠପଢ଼ନ୍ତି। କ୍ଲାସ୍ ଚାଲିଥିବା ବେଳେ ପ୍ରିୟଦର୍ଶିନୀଙ୍କୁ ତାଙ୍କର ଜଣେ ସହପାଠୀ ଏକ ଚପଲ ମାରିଥିଲେ। ପରେ ସେହି ଚପଲକୁ ପ୍ରିୟଦର୍ଶିନୀ ସେହି ସହପାଠୀଙ୍କୁ ମାରିଥିଲା। ଯାହାକୁ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ଦାସ ଏକ ବାଡ଼ିରେ ଅମାନବୀୟ ଭାବେ ଛାତ୍ରୀ ପ୍ରିୟଦର୍ଶିନୀଙ୍କୁ ମାଡ଼ ମାରିଥିଲେ। ପରେ ପ୍ରିୟଦର୍ଶିନୀ ଏହିକଥା ତାଙ୍କ ବାପା ମା'ଙ୍କୁ ଜଣାଇବା ପରେ ତାଙ୍କ ବାପା ପ୍ରିୟଦର୍ଶିନୀଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବା ସହ ଗୋଷ୍ଠି ଶିକ୍ଷାଧିକାରୀ ଓ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ।

# ଇମ୍ଫା କାରଖାନାରେ 'ମାଆ ପାଇଁ ଗଛଟିଏ'




**ଚୌଦ୍ୱାର,୧୮।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ଅବସରରେ ଆରମ୍ଭ ହୋଇଥିବା ଜାତୀୟ ଅଭିଯାନ 'ମାଆ ପାଇଁ ଗଛଟିଏ' ଅବସରରେ ଚୌଦ୍ୱାରସ୍ଥିତ ଇମ୍ଫା କାରଖାନା ଦ୍ୱାରା ୫ହଜାର ଗଛ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି। ପରିବେଶ ସୁରକ୍ଷା ଓ ସାମୁଦାୟିକ ଉନ୍ନତି ପ୍ରତି କାରଖାନାର ଅଙ୍ଗୀକାର ବଦ୍ଧତା ଦେଖିବାକୁ ମିଳିଛି। ମଙ୍ଗଳବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଟକ ଓ ଇମ୍ଫା କାରଖାନା ମିଳିତ ଆନୁକୂଲ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଶଙ୍କରପୁର ଗ୍ରାମସ୍ଥିତ ଗୋଖଲେ ଆଦର୍ଶ ଉଚ୍ଚ ବିଦ୍ୟାଳୟ ପରିସର ଓ ଶାଳଗାଁରେ ୨୫୦୦ଟି ଗଛ ଚାରା ରୋପଣ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କଟକର ଆଞ୍ଚଳିକ ଅଧିକାରୀ ରଶ୍ମିତା ପ୍ରୀୟଦର୍ଶିନୀ, ଗୋଖଲେ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ଇମ୍ଫା କାରଖାନାର ବରିଷ୍ଠ କର୍ମକର୍ତ୍ତା, ଉତ୍ସାହୀ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇ ଗଛ ଚାରା ରୋପଣ କରିଥିଲେ। ଏହି ଅଭିଯାନ ଦ୍ୱାରା ଯୁବପିଢି ଓ ସ୍ଥାନୀୟ ଲୋକଙ୍କ ଭିତରେ ପରିବେଶକୁ ସୁସ୍ଥ ରଖିବା ନିମନ୍ତେ ନିଜର କର୍ତ୍ତବ୍ୟ ବୃଦ୍ଧି କରିବା ଲକ୍ଷ ବୋଲି ଅଧିକାରୀ ରଶ୍ମୀତା ପ୍ରୀୟଦର୍ଶିନୀ ପ୍ରକାଶ କରିଥିଲେ। ପରିବେଶ ରକ୍ଷା ଓ ଭବିଷ୍ୟତ ପିଢୀ ପାଇଁ ଗଛ ଲଗାଯିବାର ଆବଶ୍ୟକ ବୋଲି ଇମ୍ଫା କାରଖାନାର ଶକ୍ତି ବିଭାଗ ମୁଖ୍ୟ ଲଲାଟ କିଶୋର ମହାପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ କାରଖାନାର ବରିଷ୍ଠ ପ୍ରବନ୍ଧକ ଫେରୋଆଲୟେଜ ମୁଖ୍ୟ ସୁଜିତ କୁମାର ମିଶ୍ର, ସପ୍ଲାଇ ଚେନ୍ ବିଭାଗ ସାଧାରଣ ପରିଚାଳକ ବବିତ ନନ୍ଦ, ମାନସ ପଣ୍ଡା, ମାନବ ସମ୍ବଳ ଅଧିକାରୀ ନିରଞ୍ଜନ ସାହୁ, ଲୋକସଂପର୍କ ଅଧିକାରୀ ଅଭିଷେକ ଘୋଷ, ମାନସ ପ୍ରଧାନ, ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ସ୍ଥିତପ୍ରଜ୍ଞ ଦାସ, ବିଶ୍ୱଜିତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାରଖାନାର ବରିଷ୍ଠ ଲୋକସଂପର୍କ ଅଧିକାରୀ ମାନସ ବସନ୍ତିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କଣାସ ରୋଡ୍ ରେଳ ଷ୍ଟେସନ୍‌ର ବିକାଶ, ଟ୍ରେନ୍ ରହଣି ଦାବି

**ଡେଲାଙ୍ଗ,୧୮।୯/ଏନ୍ଏନ୍ଏସ୍:** ଡେଲାଙ୍ଗ ହାଟ ବଜାର ସ୍ଥିତ କଣାସ ରୋଡ ରେଳ ଷ୍ଟେସନକୁ ୫୦ ବର୍ଷ ପୂରଣ ହୋଇଥିବା ବେଳେ ଅଦ୍ୟାବଧି ଆଖିଦୃଶିଆ ବିକାଶ ହୋଇପାରିନାହିଁ। କିପରି ଭାବରେ ଏହି ରେଳ ଷ୍ଟେସନର ଉନ୍ନତି ହେବ ଓ ଏକ୍ସପ୍ରେସ ଟ୍ରେନ ରହିବ ସେ ନେଇ ରେଳ ଉପଭୋକ୍ତା ପରିଷଦ ପକ୍ଷରୁ ସ୍ଥାନୀୟ ବିଧାୟକ ଆଶ୍ରୀତ ପଟ୍ଟନାୟକଙ୍କ ଜରିଆରେ ସାଂସଦ ଡ. ସମ୍ବିତ ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରିଟିଶ ଶାସନ ସମୟରେ୧୮୯୭ ମସିହା ଫେବୃଆରୀ ୧ତାରିଖରେ ଖୋର୍ଦ୍ଧାରୋଡରୁ ପୁରୀକୁ ରେଳପଥ ଯାତାୟତର ଶୁଭଆରମ୍ଭ ହୋଇଥିଲା। ହେଲେ ସେ ସମୟରେ ଖୋର୍ଦ୍ଧାରୋଡ- ପୁରୀ ମଧ୍ୟରେ ଡେଲାଙ୍ଗ, ସାକ୍ଷୀଗୋପାଳ ଓ ମାଳତୀ ପାଟପୁରରେ ରେଳ ରହଣୀ ପାଇଁ ଷ୍ଟେସନର ବ୍ୟବସ୍ଥା ରହିଥିଲା। ଯାହା ଫଳରେ କଣାସ ବ୍ଲକ ଓ ଡେଲାଙ୍ଗ ହାଟ ବଜାର ସନ୍ନିକଟ ବସବାସ କରୁଥିବା ଲୋକେ ଡେଲାଙ୍ଗ ରେଳ ଷ୍ଟେସନ ଉପରେ ନିର୍ଭର କରୁଥିଲେ। ୧୯୭୨ ମସିହାରେ ଡେଲାଙ୍ଗ ହାଟ ବଜାର ଠାରେ ରେଳ ରହଣୀ ପାଇଁ କଣାସ ବ୍ଲକ ସମେତ ଆଖପାଖ ଅଞ୍ଚଳର ଅନେକଲୋକେ ଦାବି କରିବା ପରେ ୧୯୭୪ ମସିହା ମେ ୩୧ ତାରିଖରେ ଡେଲାଙ୍ଗ ହାଟ ବଜାର ଟ୍ରେନ ରହଣୀ ପାଇଁ ବ୍ୟବସ୍ଥା ଆରମ୍ଭ କରାଯାଇ କଣାସ ରୋଡ୍ ରେଳ ଷ୍ଟେସନ ନାମରେ ନାମିତ କରାଯାଇଥିଲା। ଏହି ରେଳ ଷ୍ଟେସନଟି ଏକ ବ୍ୟସ୍ତ ବହୁଳ ରେଳ ଷ୍ଟେସନ ଭାବେ ପରିଚିତ। ଏଠାରେ ପୁରୀ-ତିରୁପତି ଏକ୍ସପ୍ରେସ,ପୁରୀ ଅହମ୍ମଦାବାଦ ଏକ୍ସପ୍ରେସ, ପୁରୀ- ଜଗନ୍ନାଥ ଏକ୍ସପ୍ରେସ, ପୁରୀ-ବଡ଼ବିଲ୍ ଟ୍ରେନ ରହଣି ପାଇଁ ପରିଷଦ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ହେଲେ ରେଳ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଆଗାମୀ ଦିନରେ ଟ୍ରେନ ରହଣି ପାଇଁ ବ୍ୟବସ୍ଥା କରାନଗଲେ ଏକ ବଡ଼ଧରଣର ଆନ୍ଦୋଳନକୁ ଏଡ଼ାଇ ଦିଆଯାଇ ନପାରେ।

# କୋର୍ଟ ପ୍ରତିଷ୍ଠା ଦାବିରେ ସର୍ବଦଳୀୟ ଧାରଣା

**କଣ୍ଟାପଡ଼ା,୧୮।୯/ଏନ୍ଏନ୍ଏସ୍:** କଣ୍ଟାପଡ଼ାଠାରେ କୋର୍ଟ ପ୍ରତିଷ୍ଠା ଦାବିରେ ଆଜି ତହସିଲ ଅଫିସ ସମ୍ମୁଖରେ ସର୍ବଦଳୀୟ ଧାରଣାରେ କଟକ ଜିଲା ବିଜେପି ସାଧାରଣ ସମ୍ପାଦକ ଲଲାଟେନ୍ଦୁ ପ୍ରସାଦ ବଡ୍ଡୁ, ପୂର୍ବତନ ବିଧାୟକ ନିଆଳୀ ପ୍ରଫେସର ଡାକ୍ତର ପ୍ରେମାଦକୁମାର ମଲିକ, ବିଜେଡି ନେତା ଅଭିମନ୍ୟୁ ମଲିକ, ଆଇନଜୀବୀ ବଦ୍ରି ମିଶ୍ର, ଆଇନଜୀବୀ ଅଶ୍ୱିନୀ କୁମାର ମହାନ୍ତି, ବରିଷ୍ଠ ଆଡ଼ଭୋକେଟ ଆର୍ତ୍ତତ୍ରାଣ ରାଏ, ଆଡ଼ଭୋକେଟ ବିଜୟ ମହାନ୍ତ. ଯୁବସଂଗଠକ ନକୁଳ ରାଉତ, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ସୁବ୍ରତ ପାତ୍ର ହିଟୁଆ) ଯୁବନେତା ପ୍ରଶାନ୍ତ ପ୍ରଧାନ, ଚାଷୀନେତା ବିଦ୍ୟାଧର ବେହେରା, ଯୁବନେତା ଧରଣୀଧର ସ୍ୱାଇଁ, ବାବୁଲି ମହାପାତ୍ର, ସଂଗଠକ ଉପେନ୍ଦ୍ରନାଥ ଜେନା ପ୍ରମୁଖ ଶତାଧିକ ଲୋକ ଏହି ସର୍ବଦଳୀୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ଯୁବ ସମାଜସେବୀ ତଥା ଯୁବସଂଗଠକ ତୃପ୍ତି ବେହେରାଙ୍କ ଆବାହକତ୍ୱରେ ଆୟୋଜିତ




ଆନ୍ଦୋଳନରେ ବକ୍ତାମାନେ ଖୁବ ଶୀଘ୍ର କୋର୍ଟ କାର୍ଯ୍ୟକ୍ଷମ କରାନଗଲେ ଆନ୍ଦୋଳନକୁ ଜୋରଦାର କରାଯିବା ସହ ରାସ୍ତାରୋକ ହେବ ଆମରଣ ଅନଶନ ଆରମ୍ଭ କରାଯିବ ଓ ପରିଶେଷରେ ପ୍ରଶାସନ କୁ ସଂପୂର୍ଣ୍ଣ ଅଚଳ କରିଦିଆଯିବାକୁ ମଧ୍ୟ ଚରମବାଣୀ ଶୁଣାଇଛନ୍ତି। ଆନ୍ଦୋଳନକୁ ବରିଷ୍ଠ ଶିକ୍ଷାବିତ ପୂର୍ବତନ ଶିକ୍ଷକ ଶରତ ଚନ୍ଦ୍ର ପାଢ଼ୀ ସଂଚାଳନ କରୁଥିଲେ

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ବୃକ୍ଷରୋପଣ

**ବାଲିପାଟଣା,୧୮।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନରେ ସାରା ଓଡ଼ିଶାରେ ବୃକ୍ଷରୋପଣ ସହିତ ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ସହିତ ସମସ୍ତ ବିଦ୍ୟାଳୟରେ ବୃକ୍ଷରୋପଣ କରାଯାଇଛି। ପୂର୍ବାହ୍ନରେ ଶ୍ରୀବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତ କୁମାର ରଥ ଏହାର ଶୁଭାରମ୍ଭ କରିଥିଲେ। ଏଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ମହାପାତ୍ରଙ୍କ ସହିତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀ ଧାନହରା ଉଚ୍ଚ ବିଦ୍ୟାଳୟଠାରେ ବୃକ୍ଷରୋପଣ ସହିତ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶିକ୍ଷାଧିକାରୀ ଯଶୋଦା ସାହୁ, ବିଜୟ ବେହେରା, ବିପିନ୍ ବିହାରୀ ହାଇସ୍କୁଲ ପ୍ରଧାନଶିକ୍ଷକ ତପନ ରାଉତ, ସିଆରସିସି ଝୁନି ଦେଇ ପ୍ରମୁଖ ଯୋଗଦେଇଥିଲେ।

# ସାଲେପୁରର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ

**ସାଲେପୁର,୧୮।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ ଅବସରରେ ଆୟୋଜିତ 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମ ଅନୁଯାୟୀ ସାଲେପୁରର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଅନୁଷ୍ଠିତ ହୋଇଯାଇଛି। ରାମେଶ୍ୱର ମଣ୍ଡଳ ସଭାପତି ସଙ୍ଗୀତା ଜେନା ଙ୍କ ନେତୃତ୍ୱ ରେ ରାମେଶ୍ୱର ମଣ୍ଡଳ ର ବିଭିନ୍ନ ସ୍ଥାନରେ ଭାରତ ବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ରେ ଉଲ୍ଲାସ ଚନ୍ଦ୍ର ଜେନା, ନବ କିଶୋର ମହାନ୍ତି, ଦୁର୍ଯ୍ୟୋଧନ ବେଜ୍, ହେମନ୍ତ ସ୍ୱାଇଁ , କ୍ଷେତ୍ରବାସୀ ପରିଜା, ଜିତନ୍ ସାହୁ, ରବିନ୍ଦ୍ର ରାଉତ୍ରା, ରଞ୍ଜିତ ଲେଙ୍କା, ଶେଫାଳୀ ଜେନା, ସଞ୍ଜୟ ବେହେରା, ପ୍ରକାଶ ତ୍ରିପାଠୀ, ଡଲି ଘଡ଼େଇ, ବନ୍ଦନା ଘଡ଼େଇ, ଜୟନ୍ତୀ ଜେନା, ପ୍ରକାଶ ନାଥ, ସିଦ୍ଧାର୍ଥ ବାରିକ ଓ ତାପସ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ। ସେହିପରି ମହାନ ନଲେଜ ଚାରିଟେବୁଲ ଫାଉଣ୍ଡେସନ, ସାଲେପୁର ଆନୁକୂଲ୍ୟରେ ଚାରା ରୋପଣ କରାଯାଇଛି। ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତର ରାଘବପୁରଠାରେ ଥିବା ହନୁମାନ ମନ୍ଦିର ପରିସର ରେ ଅନୁଷ୍ଠିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମଣ୍ଡଳ ସଭାପତି ତାପସ ଜେନା ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଅନୁଷ୍ଠାନର



ଫାଉଣ୍ଡରପୁଷ୍ପଲତା କର, ଜ୍ଞାନେନ୍ଦ୍ର ଦାଶ, ପ୍ରଦୀପ୍ତ କୁମାର ଦ୍ୱିବେଦୀ, ଶିବ ନାରାୟଣ ମହାପାତ୍ର, ବିଶ୍ୱଜିତ ନାୟକ ଓ ଭବାନୀ ଶଙ୍କର ଦାଶ ପ୍ରମୁଖ ଯୋଗଦେଇଥିଲେ।ସେହିପରି ସାଲେପୁର ଉପଖଣ୍ଡ ପୋଲିସ ଅଧିକାରୀ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ କଟରପା ପଞ୍ଚାୟତର ରେବା ମହିଳା ମହାବିଦ୍ୟାଳୟ ,କୁଣ୍ଡି ପଡିଆ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଲେପୁର ଥାନା ଆଇଆଇସି ଅନିତା ସାହୁ,ବରିଷ୍ଠ ସଂଗଠକ ସନାତନ ଦାଶ, ସମାଜସେବୀ ନାରାୟଣ ପତି, ଯୁବନେତା ଦେବୀପ୍ରସାଦ ଦାଶ, ଏସ ଆଇ ଶ୍ରଦ୍ଧାଅଞ୍ଜଳୀ ସେନାପତି, ଶୁଭେନ୍ଦୁ ମିଶ୍ର, ଏ ଏସ ଆଇ ନୀଳ ମାଧବ ପଣ୍ଡା, ରାଧାନାଥ ସାହୁ, ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ।

ନିତିଦିନ NITIDIN



# ଆଞ୍ଚଳିକ ମହିଳା ମହାସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



**ବୋଲଗଡ଼,୧୮।୯/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ଅନ୍ତର୍ଗତ ୧୯ଟି ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକା ଓ ସଦସ୍ୟାମାନେ ବୁଧବାର ବୋଲଗଡ଼ ଆଞ୍ଚଳିକ ମହାସଂଘ ସଭାନେତ୍ରୀ ଶୈଳବାଳା ବାହିନୀପତି ଓ ସମ୍ପାଦିକା ଗୀତାଞ୍ଜଳି ମହାନ୍ତିଙ୍କ ନେତୃତ୍ୱରେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ଏସଏଚଜି ଗାଇଡଲାଇନକୁ ସେମାନେ ବିରୋଧ କରୁଥିବାବେଳେ ଏହା ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ କରାଯାଉଥିବାରୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୋଲଗଡ଼ ବିଡ଼ିଓ ସୁମନସୁଧା କୁଣ୍ଡୁଙ୍କୁ ପ୍ରଦାନ କରିଛନ୍ତି। ବ୍ଲକ, ପଞ୍ଚାୟତ ମାନଙ୍କରେ କାର୍ଯ୍ୟରତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପରିଚାଳନା କମିଟି ପୁନର୍ଗଠନ ନେଇ ନୂତନ ସରକାର ଆଣିଥିବା ଗାଇଡଲାଇନ(ମାର୍ଗ ଦର୍ଶିକା) ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ଆବେଦନ ହୋଇଥିବାବେଳେ ଆସନ୍ତା ୧୯ତାରିଖରେ ଏହାର ରାୟ ପ୍ରକାଶ ପାଇବ। ସେ ପଯ୍ୟନ୍ତ ଏହି ଗାଇଡ ଲାଇନ ଅନୁଯାୟୀ ପୁନର୍ଗଠନ କାର୍ଯ୍ୟ ବନ୍ଦ ରଖିବାକୁ ଦାବି ହୋଇଛି। ଏଥିନେଇ ବିଡ଼ିଓ କୁଣ୍ଡୁ କହିଛନ୍ତି ଯେ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟ ହେଉଛି। ତେବେ ଆଞ୍ଚଳିକ ମହାସଂଘର ଦାବୀକୁ ସରକାରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବ।

# ବନାଖଣ୍ଡି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**କୋଣାର୍କ,୧୮।୯/ଏନ୍‌ଏନ୍‌ଏସ୍:** ଗୋପ ବ୍ଲକ କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ସରପଞ୍ଚ ପ୍ରଜ୍ଞା ପରମିତା ନାୟକଙ୍କ ନାମରେ ଗ୍ରାମ ପଞ୍ଚାୟତର ନାୟବ ସରପଞ୍ଚଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ୱାର୍ଡ ସଭ୍ୟ ଗତ ୧୨ ତାରିଖ ରେ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ପୁରୀ ଉପ ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିବା ଜଣାପଡିଛି। ଏନେଇ ଉପଜିଲ୍ଲାପାଳ ରାଜ୍ କିଶୋର ଜେନା ପତ୍ର ସଂଖ୍ୟା ନମ୍ବର ୯୯୪୮ ରେ ଗୋପ ବ୍ଲକ ବିଡ଼ିଓ ଙ୍କୁ ଚିଠି କରିଥିବା ବେଳେ ଅନାସ୍ଥା ଆଣିବା ତାରିଖ ଘୋଷଣା ବିଳମ୍ବିତ ହେଉଥିବା କୁ ନେଇ ଗୋପ ବିଡିଓ



ଏହି ଚିଠିକୁ ଚାପି ଦେଇଥିବା ବନାଖଣ୍ଡି ପଞ୍ଚାୟତ ବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ମାତ୍ର ଏଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ନିବାସ ମହାନ୍ତିଙ୍କ ନିକଟରେ ଖବର ଥିବା ଓ ଏନେଇ ବିଡିଓଙ୍କ ନିକଟରେ ଉପ ଜିଲ୍ଲାପାଳଙ୍କ ଚିଠି ପହଞ୍ଚିଛି ବୋଲି ସେ ପ୍ରକାଶ କରିଛନ୍ତି। ଏ ନେଇ ଗୋପ ବିଡ଼ିଓ ଛବିରାଣୀ ସାହୁଙ୍କୁ ପଚାରିବାରେ ସେ କୁହନ୍ତି ଉପଜିଲ୍ଲାପାଳ ଙ୍କ ଚିଠି ତାଙ୍କର ହସ୍ତଗତ ହୋଇଛି। ଯାଞ୍ଚ ପ୍ରକ୍ରିୟା ଚାଲିଛି। ଉପଜିଲ୍ଲାପାଳଙ୍କୁ ଏ ନେଇ ସମସ୍ତ ରିପୋର୍ଟ ଦିଆଯିବା ସହ ଅନାସ୍ଥା ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଖୁବଶୀଘ୍ର ତାରିଖ ବିଧିବଦ୍ଧ ଭାବେ ଘୋଷଣା କରାଯିବ।

# ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ପାର୍ବଣ ପୂଜା

**ନୟାହାଟ,୧୮।୯/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ସର୍ବ ଧର୍ମ ସମନ୍ୱୟ ପୀଠ, ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ଅଧିଷ୍ଠାତ୍ରୀ ଦେବୀ ମା' ଶ୍ୟାମକାଳୀ ଓ ଦକ୍ଷିଣକାଳୀଙ୍କ ପାର୍ବଣ ପୂଜା ଚଳିତ ମାସ ୧୪ ତାରିଖ ମୂଳା ଅଷ୍ଟମୀଦିନ ଠାରୁ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। ମୂଳାଷ୍ଟମୀ ଦିନ ଉଭୟ ମା'ଙ୍କ ମହାସ୍ନାନ ପର୍ବ ଅନୁଷ୍ଠିତ ହୋଇଥିଲା। ପରେ ସୂର୍ଯ୍ୟ ପୂଜା, କଳସ ପୂଜା ଓ ଦ୍ୱାର ପାଳ ପୂଜା କରା ଯିବା ପରେ ପ୍ରତ୍ୟେକ ଦିନ ମା'ଙ୍କ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଓ ଚଣ୍ଡୀ ପାଠ କରାଯାଉଛି। ୧୯୪୧ ମସିହାରୁ ଏହି ଶକ୍ତି ପୀଠ ସ୍ଥାପନ କରାଯାଇଛି ବୋଲି ସେବକ ପ୍ରୀତି ରଞ୍ଜନ



ଦାସ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଦିନ ଗୁରୁଭାଇ, ଶ୍ରଦ୍ଧାଳୁ ଭକ୍ତମାନଙ୍କ ସହଯୋଗରେ ପ୍ରସାଦ ବ୍ୟବସ୍ଥା କରା ଯାଇଥାଏ। ସନ୍ଧ୍ୟାରେ ମା'ଙ୍କ ନିକଟରେ ଭଜନ କୀର୍ତ୍ତନ ହୋଇଥାଏ। ଚଳିତ ମାସ ୨୯ ତାରିଖରେ ମା'ଙ୍କର ଅଷ୍ଟମୀ ପୂଜା ସମାପନରେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି।

# ସାଂସଦ ଖେଳ ମହୋତ୍ସବ ପାଇଁ ବିଭିନ୍ନ ବିଦ୍ୟାଳୟରେ ନାମ ପଞ୍ଜିକରଣ

**ସାଲେପୁର,୧୮।୯/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା ସାଂସଦ ଖେଳ ମହୋତ୍ସବ ଅବସରରେ କେନ୍ଦ୍ରାପଡ଼ାର ଲୋକପ୍ରିୟ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ–ସାଲେପୁର ନିର୍ବାଚନ ମଣ୍ଡଳୀର ବହୁଗ୍ରାମ ମଣ୍ଡଳର ବିଭିନ୍ନ ସରକାରୀ ବିଦ୍ୟାଳୟରେ ସାଲେପୁର ବିଜେପି ବହୁଗ୍ରାମ ମଣ୍ଡଳ ର ସାଧାରଣ ସମ୍ପାଦକ ଦେବୀ ପ୍ରସାଦ ଦାଶ ପହଞ୍ଚି ଖେଳ ବିଷୟରେ ଅବଗତ କରାଇବା ସହିତ ଏଥିରେ ଭାଗ ନେବାପାଇଁ ଛାତ୍ରଛାତ୍ରୀ ମାନଙ୍କ ନାମ ପଞ୍ଜିକରଣ କରାଇଥିଲେ। ଏହି ଅବସରରେ ବରିଷ୍ଠ ବିଜେପି ନେତା ସନାତନ ଦାଶ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ବହୁଗ୍ରାମ,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବହୁଗ୍ରାମ,ଜୟ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଆତୋଡା,ବହୁଗ୍ରାମ ଯୁକ୍ତ ୨ ମହାବିଦ୍ୟାଳୟ,ମା କାଳୀ ବିଦ୍ୟାପିଠ ତିଲୋଚନପୁର,ଭୈରପୁର, ପଦ୍ମପୁର ରେ ଥିବା ବିଦ୍ୟାଳୟରେ ପହଞ୍ଚି ଯୁବକ ମାନଙ୍କୁ ବିଦ୍ୟାଳୟଗୁଡ଼ିକରୁ ପଞ୍ଚାୟତ ସ୍ତରୀୟ ଓ ବ୍ଲକ ସ୍ତରୀୟ ଖେଳ କାର୍ଯ୍ୟକ୍ରମ ପାଇଁ ପଞ୍ଜିକରଣ କରିବାରେ ଆଗୁଆ ହେବାକୁ ଆହ୍ୱାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ହେମନ୍ତ ସ୍ୱାଇଁ, ବିବେକାନନ୍ଦ ଜେନା, ଗୋବିନ୍ଦ ସାହୁ, ମାନସ କରଣ,ଦେବୀ କର, ଜୋତି ରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବୋଲଗଡ଼ରେ 'ମାଆ ପାଇଁ ଗଛଟିଏ'



**ବୋଲଗଡ଼,୧୮।୯/ଏନ୍‌ଏନ୍‌ଏସ୍:** ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକ୍ରମେ ପ୍ରତି ପଞ୍ଚାୟତ ଓ ପ୍ରତି ଗାଁ ଗାଁ ରେ ଏକ ପେଡ୍ ମା କେ ନାମ ଅର୍ଥାତ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ବୋଲଗଡ ବ୍ଲକ ଅଧୀନ ୧୯ଗୋଟି ଗ୍ରାମ ପଞ୍ଚାୟତରେ ତାହା ପାଳନ କରାଯାଇଛି। ପ୍ରତି ପଞ୍ଚାୟତରେ ୫ଶହଟି ବୃକ୍ଷ ରୋପଣ ପାଇଁ ବ୍ଲକ ପ୍ରଶାସନ ଓ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ବୋଲଗଡ଼ ବିଡ଼ିଓ ସୁମନ ସୁଧା କୁଣ୍ଡୁଙ୍କ ପରାମର୍ଶ ଅନୁଯାୟୀ ପ୍ରତି ଗାଁ ଶ୍ମଶାନରେ ବୃକ୍ଷ ରୋପଣ କରାଯାଇଛି। ବୋଲଗଡ,ଖଙ୍ଗୁରିଆ, ଫାସିଓଦା, ପିଚୁକୁଳି, ଗୋପାଳପୁର, କଡବ, ମାଣିବନ୍ଧ, କଳାଙ୍ଗ, ଡାବରଧୁଆପାଟଣା, ବାଂକୋଇ, ଅସରଳା, ଦଳେଇସାହି, ପାଟପୁର ଶାସନ, ମାଣିବନ୍ଧ, ଗେଡ଼ିଆପଲ୍ଲୀ ଓ ସାଗରଗୁଆଁ ଆଦି ପଞ୍ଚାୟତରେ ବୃକ୍ଷ ରୋପଣ କରାଯାଥିବା ବେଳେ ସାନପଦର ଗ୍ରାମପଞ୍ଚାୟତର ରାସୋଳ, ବାୟାପଲ୍ଲୀ ଓ ସାନପଦର ଗ୍ରାମରେ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସମରେନ୍ଦ୍ର ପଣ୍ଡା, ଏଡିଓ ସୁଶାନ୍ତ ଦାସ, ନାଏବ ସରପଞ୍ଚଙ୍କ ପ୍ରତିନିଧି ତଥା ମେଟ ପ୍ରଦୀପ କୁମାର ପାଲଟାସିଂହ, ୱାର୍ଡ ମେମ୍ବର ବାଳକୃଷ୍ଣ ସାହୁ, ସରକାରଙ୍କ ପୁରସ୍କୃତ ପ୍ରକୃତିବନ୍ଧୁ ସତ୍ୟନାରାୟଣ ବାରିକ, ବଡ଼କୁମାରୀ ଗ୍ରାମପଞ୍ଚାୟତରେ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ପରିଡା, କୃଷକନେତା ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ସଭାପତି ପ୍ରକାଶ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

# ମଙ୍ଗଳା ମହାବିଦ୍ୟାଳୟରେ ସବୁଜିମାର ବାର୍ତ୍ତା ବାଣ୍ଟିଲେ ଉପ ମୁଖ୍ୟମନ୍ତ୍ରୀ




**କାକଟପୁର,୧୮।୯/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ କାକଟପୁର ମଙ୍ଗଳା ମହାବିଦ୍ୟାଳୟ ପରିସରରେ ଏକ ପେଡ ମା କେ ନାମ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ପୁରୀ ବନଖଣ୍ଡ ଅଧିକାରୀ ମଗର ଧନୁଜି ରାସୋ, ମୁଖ୍ୟ ବିକାଶ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ, ପୂର୍ବତନ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ, ବିଜେପି ନେତା ବାଇଧର ମଲ୍ଲିକ, କାକଟପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା ପ୍ରମୁଖ ଯୋଗଦେଇ ବୃକ୍ଷ ହିଁ ଜୀବନ, ବ୍ୟାପକ ବୃକ୍ଷରୋପଣ ଦ୍ୱାରା ପରିବେଶ ସନ୍ତୁଳନ ଠିକ ରହିବା ସହିତ ଜୀବନ ଧାରଣ ପାଇଁ ମୌଳିକ ଆବଶ୍ୟକତା ସବୁଜିମା ରୁ ହିଁ ମିଳିପାରିବ ବୋଲି ବାର୍ତ୍ତା ଜନସାଧାରଣଙ୍କୁ ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଧକ୍ଷ କହର ଆବେଦିନ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଚଣ୍ଡୀ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ



**ନୟାଗଡ଼,୧୮।୯/ଏନ୍‌ଏନ୍‌ଏସ୍:** ନୟାଗଡ଼ ବ୍ଲକ ଅନ୍ତର୍ଗତ ବାଲୁଗାଁ ଚଣ୍ଡୀ ଉଚ୍ଚ ବିଦ୍ୟାଳୟରେ ଆଜି ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପିଲାମାନେ ହିନ୍ଦୀ ଶିକ୍ଷକ ସୁଭାଶିଷ ସାହୁଙ୍କ ନିର୍ଦ୍ଦେଶନାରେ ଭାରତର ପ୍ରଥମ ମହିଳା ଡାକ୍ତର ଆନନ୍ଦୀ ବେନ ଯୋଶୀଙ୍କ ଜୀବନୀ ଆଧାରିତ ଏକ କ୍ଷୁଦ୍ର ହିନ୍ଦୀ ନାଟକ ପରିବେଷଣ କରିଥିଲେ। ସେହିପରି ହିନ୍ଦୀ ଭାଷା ସମ୍ପର୍କିତ ବିଭିନ୍ନ ବିଭାଗରେ ପ୍ରତିଯୋଗିତା କରାଯାଇ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତା ମଧ୍ୟରେ ଡିବେଟରେ ରାକେଶ ଦଳେଇ ପ୍ରଥମ, ନମିତା ପ୍ରଧାନ ଦ୍ୱିତୀୟ ଏବଂ ସମୀରନ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ହିନ୍ଦୀ କବିତା ପଠନରେ ଶିବାନୀ ଦଳବେହେରା ପ୍ରଥମ,ରାକେଶ ଦଳେଇ ଦ୍ୱିତୀୟ ଏବଂ ଶୁଭମ ଦଳେଇ ତୃତୀୟ,ସ୍ଲୋଗାନରେ ବର୍ଷାରାଣୀ ମୁଦୁଲି ପ୍ରଥମ,ରାକେଶ ଦଳେଇ ଦ୍ୱିତୀୟ,ନମିତା ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶ୍ରୀକାନ୍ତ ପ୍ରଧାନ ପ୍ରଥମ,ଜ୍ୟୋତ୍ସ୍ନାରାଣୀ ଜେନା ଦ୍ୱିତୀୟ ଏବଂ ଶୁଭମ ପରିଡ଼ା ତୃତୀୟ ସ୍ଥାନ ହାସଲ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ତମିଶ୍ରା ସେଠିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବିଜୟୀ ପ୍ରତିଯୋଗୀ ମାନେ ପୁରସ୍କାର ଗ୍ରହଣ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# 'ନାରୀ ସୁସ୍ଥ ରହିଲେ ସୁସ୍ଥ ସମାଜ ଗଠନ ସମ୍ଭବ'

**ବୟାଳିଶମୌଜା,୧୮।୯/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ପରିବାରରେ ମା'ଟିଏ ସୁସ୍ଥ ରହିଲେ ପରିବାର ସୁସ୍ଥ ରହିବ। ପରିବାର ସୁସ୍ଥ ରହିଲେ ଏକ ସୁଦୃଢ଼ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ କଟକ ୪୨ମୌଜା ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜନ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ ଯୋଗଦେଇ ସୁସ୍ଥ ନାରୀ ସଶକ୍ତ ପରିବାର ଉପରେ ପରାମର୍ଶ ଦେଇଥିଲେ। ପରେ ମେଡିକାଲ ପରିସରରେ ସାଂସଦ ଓ ବିଧାୟକଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ଡ. ପ୍ରଶାନ୍ତ ସାମଲ, ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, କୃଷକ ମୋର୍ଚ୍ଚା ଉପସଭାପତି ହୃଷିକେଶ ଜେନାଙ୍କ ସମେତ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ୭ନମ୍ବର ୱାର୍ଡ ରାସ୍ତା ମରଣଯନ୍ତା

**ନୟାଗଡ଼,୧୮।୯/ଏନ୍‌ଏନ୍‌ଏସ୍:** ନୟାଗଡ଼ ପୌର ପରିଷଦ ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ସମ୍ମୁଖ ଷ୍ଟ୍ରିଟ୍ ନମ୍ବର ୫୧ଇ ୱାର୍ଡ ନମ୍ବର ୭ର ରାସ୍ତା ଏବେ ବେହାଲ ହୋଇପଡ଼ିଛି। ବର୍ଷା ଜଳରେ ରାସ୍ତାଟି ଚବକାର ଭ୍ରମ ସୃଷ୍ଟି କରୁଥିବା ବେଳେ ଯାତାୟାତରେ ପଥଚାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଯେଉଁ ପରି ଭାବରେ ପାଣି ଜମି ରହିଛି ବହୁ ଛୋଟ ଛୋଟ ପିଲାମାନେ ସେଠାରେ ପଡ଼ି ଯାଉଥିବା ଦେଖିବାକୁ



ମିଳିଛି। ରାସ୍ତାଟି ଖାଲ ହୋଇଥିବାରୁ ଟିକିଏ ବି ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି। କୌଣସି ପାର୍ଶ୍ୱକୁ ରାସ୍ତାରୁ ପାଣି ନିଷ୍କାସନ ହୋଇପାରୁ ନଥିବାରୁ ଏପରି ପାଣି ଜମି ରହୁଥିବା ଦେଖିବାକୁ ମିଳିଛି।ଯାହାକି ଯିବା ଆସିବାରେ ପଥଚାରୀଙ୍କ ପାଇଁ ବହୁ ଅନ୍ତରାୟ ସୃଷ୍ଟି କରୁଛି। ବିଶେଷକରି ଛୋଟ ଛୋଟ ପିଲାମାନେ ସ୍କୁଲକୁ ଯିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟିକିଏ ଅସାବଧାନତାରେ ଗଲେ ଦୁର୍ଘଟଣା ଘଟିବାର ସମ୍ଭାବନା ଦେଖାଯାଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ୱାର୍ଡବାସୀ ଦାବି କରିଛନ୍ତି।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପକ୍ଷରୁ ବୃକ୍ଷରୋପଣ




**ଓଡ଼ଗାଁ,୧୮।୯/ଏନ୍‌ଏନ୍‌ଏସ୍:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଓଡ଼ଗାଁ ନଗର ଶାଖା ତରଫରୁ ଆଜିଠାରୁ ବିଭିନ୍ନ କ୍ୟାମ୍ପସରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଦିବସରେ ପ୍ରକୃତି ସହିତ ଯୋଡ଼ି ହେବା ପାଇଁ ପିଲାମାନଙ୍କୁ ଆହ୍ୱାନ ମଧ୍ୟ କରାଯାଇଛି। ଏହି ପରିପ୍ରକ୍ଷୀରେ କୁରାଳ ଦଧିବାମନ ସଂସ୍କୃତ ମହବିଦ୍ୟାଳୟର ବିଭିନ୍ନ ବିଭାଗର ବିଦ୍ୟାର୍ଥୀମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବୃକ୍ଷର ସୁରକ୍ଷା ନେବାକୁ ସମସ୍ତ କାର୍ଯ୍ୟକର୍ତ୍ତା ଶପଥ ନେଇଥିଲେ। ଏହାସହିତ ଦଧିବାମନ ସଂସ୍କୃତ ମହବିଦ୍ୟାଳୟର କ୍ୟାମ୍ପସ ୟୁନିଟ ମଧ୍ୟ ଘୋଷଣା ହୋଇଛି। ସଭାପତି ଭାବେ ରତ୍ନାକର ନାୟକ, ଉପସଭାପତି ଭାବେ ସୋନାଲି ସାହୁ, ସୁଚିତ୍ରା ନାୟକ, ରଞ୍ଜିତା ମହାନ୍ତି, ପ୍ରଦୀପ ବେହେରା ଓ ସଂଯୋଜକ ଭାବରେ ରାକେଶ ପ୍ରଧାନ, ସହ ସଂଯୋଜକ ଭାବେ କରିସ୍ମା ମହାନ୍ତି, ଅଲେଖ ପ୍ରଧାନ, ଲିଜା ପ୍ରଧାନ, ରୂପାଲି ସାହୁ ଓ ଏସଏଫସି ଚନ୍ଦନ ସାହୁ, ସୁମିତ୍ରା ନାୟକ ଓ ଏନଏସଏସ ଓମ୍ ପ୍ରକାଶ ତ୍ରିପାଠୀ, ବର୍ଷା କଅଁର,ଏସଏଫଡ଼ି ଲକ୍ଷ୍ମୀ ପ୍ରିୟା ଖଟେଇ, କଲ୍ୟାଣୀ ପରିଡ଼ାଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ଓଡ଼ଗାଁ ନଗର ସଂଯୋଜକ ଦେବବ୍ରତ ମହାପାତ୍ର ଓ ସହ ସଂଯୋଜକ ସତ୍ୟ ନାରାୟଣ ଦୋରା ଉପସ୍ଥିତିରହି କ୍ୟାମ୍ପସ ୟୁନିଟ ଘୋଷଣା କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ସୁଶାନ୍ତ କୁମାର ସାହୁ, ଅଚ୍ୟୁତାନନ୍ଦ ପଣ୍ଡା, ଜଗନ୍ନାଥ ପାଣିଗ୍ରାହୀ, ରାଜେଶ ସେଠୀ, ବାଦଲ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ 'ମାଆ ପାଇଁ ଗଛଟିଏ'

**ସାକ୍ଷୀଗୋପାଳ,୧୮।୯/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ବନବିଦ୍ୟାଳୟ ପରିସରରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ, ବିଡ଼ିଓ ଦେବାଶିଷ ନାୟକ ଏବଂ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଜୟପୁର ଗ୍ରାମପଞ୍ଚାୟତ ସମିତି ସଭ୍ୟ ଦୀପକ କୁମାର ଶତପଥୀ, ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଏନସିସିର ଛାତ୍ରଛାତ୍ରୀ ଚାରା ରୋପଣ କରିଥିଲେ। ସେହିପରି ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅତିଥି ଭାବେ ଜୟପୁର ସମିତି ସଭ୍ୟ ଦୀପକ କୁମାର ଶତପଥି ବୃକ୍ଷରୋପଣ କରି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅଳଗୁମର ପ୍ରତିଟି ଅଙ୍ଗନବାଡ଼ିରେ ମୋଦିଙ୍କ ଜନ୍ମ ଦିନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



# କୋଣାର୍କରେ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ



**କୋଣାର୍କ,୧୮।୯/ଏନ୍‌ଏନ୍‌ଏସ୍:** ଶାରଦୀୟ ଦୁର୍ଗାପୂଜା ନିମନ୍ତେ କୋଣାର୍କ ନରସିଂହଦେବ ଦୁର୍ଗା ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥି ନିମନ୍ତେ ବୁଧବାର ମଧ୍ୟାହ୍ନରେକୋଣାର୍କ ଏନଏସି କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ସ୍ଥାନୀୟ ପୋଲିସ ପ୍ରସାଶନ ଓ ଦୁର୍ଗାପୂଜା ଆୟୋଜକ କମିଟିକୁ ନେଇ ଶାନ୍ତିଶୃଙ୍ଖଳାରେ ପୂଜା ଓ ଭଷାଣି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ଙ୍କ ନେତୃତ୍ୱ ରେ ନରସିଂହ ଦେବ ଦୁର୍ଗା ପୂଜା କମିଟି ସଭାପତି ସୁଶାନ୍ତ ମହାନ୍ତି,ସମ୍ପାଦକ ନଟବର ମହାରଣା,ଚମ୍ପାହର ଅଗ୍ନିଶମର ଅଧିକାରୀ ବିଚିତ୍ରା ନନ୍ଦ ଆଚାର୍ଯ୍ୟ, ଦୁର୍ଗାପୂଜା କମିଟି ରବରିଷ୍ଠ ଉପଦେଷ୍ଟା ଗୋପାଳ ଚନ୍ଦ୍ର ବେହେରା,ରାମକୃଷ୍ଣ ମହାନ୍ତି, କୋଷାଧକ୍ଷ ବୀରବର ସ୍ୱାଇଁ, କୋଣାର୍କ ଏନଏସି ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କାଉନସିଲର ସୌମ୍ୟ ସୌରଭ ଦାଶ, ବଜାର କମିଟି ର ସଭାପତି ପଦ୍ମଚରଣ ବେଉରା, ଶତ୍ରୁଜିତ ନାୟକ, ସୁବୋଧ କୁମାର ଖଟୁଆ, ସୁବାଷ ବେଉରା, ସୁଶାନ୍ତ ବେଉରା, ପ୍ରତାପ କାଣ୍ଡିଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ମହାସମାରୋହରେ ପୂଜା ଆୟୋଜନ ସହିତ, ଶାନ୍ତିଶୃଙ୍ଖଳା ରକ୍ଷା, ଭିଡ ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ ଆଦି ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ସରକାରୀ ସମସ୍ତ ନୀତି ନିୟମକୁ ମାନି ମା'ଙ୍କ ପୂଜା ୫ଦିନ ଶୃଙ୍ଖଳାର ସହିତ ତୁଲାଇବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ହୋଇଛି।

# ବିଦ୍ୟାଳୟରେ ବୃକ୍ଷରୋପଣ

**କୁଆଁପାଳ,୧୮।୯/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଝାଡେଶ୍ୱରପୁରଠାରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧକ୍ଷ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ଏବଂ ଏକ ପେଡ୍ ମାଆ କେ ନାମ୍ ଦ୍ୱିତୀୟ ସଂସ୍କରଣ ଅଭିଯାନରେ ଅନ୍ତର୍ଗତ ସାରା ଦେଶରେ ୨.୦ କୋଟି ଚାରା ରୋପଣ କରାଯାଉଥିବା ବେଳେ ଓଡିଶା ସରକାର ରାଜ୍ୟର କୋଣ ଅନୁକୋଣରେ ଏକ କାଳିନ ୭୫ ଲକ୍ଷ ଚାରା ରୋପଣ କରି ଓଡିଶାକୁ ସୁନ୍ଦର, ସବୁଜ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଉତ୍ତମ କୁମାର ନାୟକ, ଜଗବନ୍ଧୁ ମଲିକ, ଗୌତମ ରାଉତ, ଗୁରୁ ପ୍ରସାଦ ପରିଡା, ପ୍ରଣୟିନୀ ସାହୁ, ଶୁଭସ୍ମିତା ମନ୍ତ୍ରୀ, ୪୨ନଂ ଜୋନ୍‌ର ସଭାପତି ଭକ୍ତ ଚରଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିବେକାନନ୍ଦ ପାଣି, ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡା, ପ୍ରକାଶ ନାୟକ, ଭରତ ଚନ୍ଦ୍ର ପ୍ରଧାନ, ଭଦ୍ରେଶ୍ୱର ପଞ୍ଚାୟତ ପି.ଇ.ଓ. ରଜନୀକାନ୍ତ ଦାସ, ଏଡିଇଓ ଅନନ୍ତ କୁମାର ସ୍ୱାଇଁ, ଅଙ୍ଗନବାଡ଼ି କର୍ମୀ କାନ୍ତିଲତା ନାୟକ, ସହାୟିକା ରଞ୍ଜୁଲତା ସାହୁ, ମହିଳା ଗ୍ରୁପ୍‌ର ସଦସ୍ୟାଙ୍କ ସହିତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ୨୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ।

# ୧୯ବର୍ଷରୁ କମ୍ ଜାତୀୟ କ୍ରିକେଟ୍ ଦଳରେ କୁମାର ଆରିୟନ୍

**କଣ୍ଟିଲୋ,୧୮।୯/ଏନ୍‌ଏନ୍‌ଏସ୍:** ଆଗ୍ରହ ଓ ଦୃଢ ଇଚ୍ଛାଶକ୍ତି ହିଁ ସଫଳତାର ଚାବିକାଠି। ଏ କଥାକୁ ପ୍ରମାଣକରି ଦେଖାଇଛନ୍ତି ନୟାଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୀଳମାଧବ କ୍ଷେତ୍ର କଣ୍ଟିଲୋ ଗାଁର ସାମାଜିକ କର୍ମୀ ସ୍ୱର୍ଗତ ଧ୍ରୁବ ମହାରଣାଙ୍କ ପଣନାତୀ କୁମାର ଆରିୟନ। ଜେଜେବାପା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁ, ଜେଜେମାଆ ଜୟନ୍ତି ସାହୁଙ୍କ ପ୍ରେରଣା ତଥା ନିଜର ପ୍ରଚେଷ୍ଟା ବଳରେ ସେ ଆଜି ୧୯ବର୍ଷରୁ କମ୍ ପୂର୍ବ ଭାରତ(ଇଷ୍ଟ ଜୋନ) ନଂ-୧ ଦଳରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି। ଓଡିଶାର ୪ ଜଣଙ୍କ ମଧ୍ୟରୁ ୧୮ ଜଣିଆ (ସିବିଏସଇ ସ୍କୁଲ) ଟିମରେ ଅଧିନାୟକତ୍ୱ କରିବା ସହ କ୍ୟାପଟେନ ହେବାର ଗୌରବ ହାସଲ କରିଥିବା ଆରିୟନ ଗତ ୧୫ ତାରିଖରେ ଦିଲ୍ଲୀସ୍ଥିତ ଆସ୍ଥେ ପବ୍ଲିକ ସ୍କୁଲ ଗ୍ରେଟର ନୋଇଡାରେ ଅନୁଷ୍ଠିତ ହେଉଥିବା ପୂର୍ବ ଭାରତ ଜାତୀୟ କ୍ରିକେଟ ପ୍ରତିଯୋଗିତା-୨୦୨୫-୨୬ରେ ଯୋଗ ଦେଇଥିବା ଜଣାଯାଇଛି। ୧୫ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ୯ଟି କ୍ରିକେଟ ଟିମ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



**ନିତି ଭାରତୀ**
କ'ଣ ହୋଇ ସାରିଛି, ତାକୁ କେବେ ଦେଖାଯିବା ଉଚିତ ନୁହେଁ; କ'ଣ କରାଯିବାକୁ ବାକି ରହିଛି, ତାହା ଦେଖାଯିବା ଉଚିତ। - **ଗୌତମ ବୁଦ୍ଧ**

NITIDIN
ନିତିଦିନ
ଶୁକ୍ରବାର, ୧୯ ସେପ୍ଟେମ୍ବର, ୨୦୨୫

# ରାଜନେତାଙ୍କ ଭାଷା ଓ ବିଭାଷା



**ବାସନ୍ତୀ ମହାନ୍ତ**

ରାଜାରାଜୁଡ଼ା ଶାସନର ଅବସାନ ପରେ ଯେତେବେଳେ ଗଣତନ୍ତ୍ର ଆସିଲା ଓ ସେହି ଗଣତନ୍ତ୍ରକୁ ପ୍ରତିଷ୍ଠା କରିବାକୁ ଯେଉଁମାନେ ଅକ୍ଳାନ୍ତ ପରିଶ୍ରମ କରିଥିଲେ, ଇଂରେଜମାନଙ୍କ ପାଖରୁ କୋରଡ଼ା ମାଡ଼ ଆଉ ଲାଠି ମାଡ଼ ଖାଇଥିଲେ, ଜେଲ୍ ଯାଇଥିଲେ, ଜୋରିମାନା ଭୋଗିଥିଲେ, ସେମାନଙ୍କର ବାକ୍‌ସଂଯମତା ଥିଲା। ଏହି ଆନ୍ଦୋଳନର ଯେଉଁମାନେ ନେତୃତ୍ୱ ନେଉଥିଲେ, ପାଦରେ ଚାଲି ଚାଲି ଭୋକ ଉପାସରେ ଜନଜାଗରଣ ସୃଷ୍ଟି କରିଥିଲେ, ସେମାନେ ସମସ୍ତେ ପ୍ରଥମେ ଚରିତ୍ର ନିର୍ମାଣ କରିଥିଲେ। ତା' ପରେ ସେମାନେ ରାଜନୀତି କ୍ଷେତ୍ରରେ ପଦାର୍ପଣ କରିଥିଲେ। ସେମାନେ ଉଚ୍ଚଶିକ୍ଷିତ ଥିଲେ। ସେମାନଙ୍କ ମଧ୍ୟରୁ ଅନେକ ବିଦେଶରୁ ପାଠ ପଢ଼ି ଆସିଥିଲେ। ଆଉ କେହି କେହି ସ୍କୁଲ କଲେଜ ପାଠ ସମାପ୍ତ କରିଥିଲେ ଓ ଆଉ କେହି ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସ୍କୁଲ କଲେଜ ବର୍ଜନ କରିଥିଲେ। ଆନୁଷ୍ଠାନିକ ଶିକ୍ଷା ସିନା ସଂପୂର୍ଣ୍ଣ କରି ନଥିଲେ, କିନ୍ତୁ ସେମାନଙ୍କ ଭିତରେ ଥିବା ପ୍ରତିଭା ଭିନ୍ନ ରୂପରେ ପ୍ରକାଶ ପାଉଥିଲା। ସମସ୍ତେ ଥିଲେ କଳାମନସ୍କ। କେହି ଗୀତ ଗାଉଥିଲେ ତ କେହି ଲେଖୁଥିଲେ। ସୁନ୍ଦର ଭାବରେ ଭାଷଣ ଦେଉଥିଲେ। ଅଜସ୍ର ପଢୁଥିଲେ। ଦେଶର ଇତିହାସ, ପୁରାଣ ସହ ଦେଶ ବିଦେଶର ଖବର ରଖୁଥିଲେ। ଉଚ୍ଚତର ପ୍ରତିଭାଧାରୀମାନେ କାବ୍ୟ କବିତା ଗଳ୍ପ ଉପନ୍ୟାସ ନାଟକ ଆଦି ଲେଖି ସାମାଜିକ ଓ ରାଜନୈତିକ ସନ୍ଦେଶ ଦେଉଥିଲେ। ଅନେକ ଲେଖକ ସେମାନଙ୍କ ଲେଖା ପାଇଁ ଦଣ୍ଡିତ ମଧ୍ୟ ହେଉଥିଲେ। ସେମାନଙ୍କ ଦ୍ୱାରା ଲିଖିତ ପୁସ୍ତକମାନଙ୍କୁ ନିଷେଧ କରାଯାଉଥିଲା। ତଥାପି କୁଶାସନ ବିରୁଦ୍ଧରେ ସେମାନେ ସ୍ୱର ଉତ୍ତୋଳନ କରୁଥିଲେ। ଓଜସ୍ୱିନୀ ବକ୍ତବ୍ୟ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରୁଥିଲେ। ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଉଥିଲେ, ସେମାନଙ୍କ କଣ୍ଠସ୍ୱର ଥିଲା ଶାଣିତ। ମୁଖ ନିଃସୃତ ଶବ୍ଦଗୁଡ଼ିକ ମଧ୍ୟ ସଂସ୍କାରିତ, ପରିମାର୍ଜିତ, ଭଦ୍ର ଥିଲା। ଅମାର୍ଜିତ, ଅଶିଷ୍ଟ, ଅଭଦ୍ର ଭାଷା ସେମାନେ ଉଚ୍ଚାରଣ କରୁ ନଥିଲେ। କାହାର ଚରିତ୍ର ସଂହାର କରୁ ନଥିଲେ। ଯାହା କିଛି କହୁଥିଲେ, ଶୁଦ୍ଧ ସଂଯମୀ ଭାଷା କହୁଥିଲେ। ଫଳରେ ଜନତା ବେଦବାକ୍ୟ ପରି ତାହା ଗ୍ରହଣ କରୁଥିଲେ। ଇଂରେଜମାନଙ୍କ ବିରୁଦ୍ଧରେ ସେମାନେ ବିଷୋଦ୍‌ଗାର କରୁଥିଲେ, କିନ୍ତୁ ସେ ବିଷୋଦ୍‌ଗାର ଅଳୀକ, ଅମାର୍ଜିତ ନଥିଲା। ସେମାନେ ଯେତେ କ୍ରୋଧିତ ହୁଅନ୍ତି, ସେତେ ଶୁଦ୍ଧ ଶିଷ୍ଟ ଭାଷା ସେମାନଙ୍କ ମୁଖରୁ ନିଃସୃତ ହୁଏ। ସେଥିପାଇଁ ଏବେ ସୁଦ୍ଧା ସ୍ୱାଧୀନତା ସଂଗ୍ରାମୀ ସର୍ବୋଦୟ କର୍ମୀମାନଙ୍କ ଉଚ୍ଚାରିତ ଭାଷା ନିକଟରେ ଆପେ ଆପେ ମସ୍ତକ ଅବନତ ହୋଇଯାଏ।

ନାଟ୍ୟମୁନି ଭରତ ତାଙ୍କ ନାଟ୍ୟଶାସ୍ତ୍ରରେ ନାଟକର ଭାଷା ସଂପର୍କରେ ଉଲ୍ଲେଖ କରିଛନ୍ତି- ସମାଜର ସବୁ ବର୍ଗର କଥିତ ଭାଷା ସମାନ ନୁହେଁ। ନାଟକରେ ଶିକ୍ଷିତ ଉଚ୍ଚ ବର୍ଗର ନାୟକଙ୍କ ସଂଳାପ ସଂସ୍କୃତ ଭାଷାର ହେଲା ବେଳକୁ ନିମ୍ନ ବର୍ଗର ମଣିଷମାନଙ୍କ ମୁଖରେ ଅପେକ୍ଷାକୃତ ନିମ୍ନ ସ୍ତରର ସଂଳାପ ଉଦ୍ର ବିଭାଷାରେ ରହିବା କଥା ଉଲ୍ଲେଖ କରିଛନ୍ତି। ଗୋଟିଏ ପରିବାରର ଶିକ୍ଷା ସଂସ୍କାର ସେମାନଙ୍କ ମୁଖ ନିଃସୃତ ଭାଷାରୁ ଜଣାପଡ଼େ। ଜଣେ କେଉଁ ପରିବେଶରେ ପ୍ରତିପାଳିତ ହୋଇଛି, ତାହା ତା'ର ଆଚରଣ ଉଚ୍ଚାରଣରୁ ଜଣା ପଡ଼ିଯାଏ। ସେଥିପାଇଁ ତ କୁହାଯାଇଛି ଚାଟଘର ପୁଅ ଚାଟ ଭାଟଘର ପୁଅ ଭାଟ।

ଗୁରୁ-ଶିଷ୍ୟ ଦୁଇ ଜଣ ପରିବ୍ରାଜକ ଥିଲେ। ସନ୍ଧ୍ୟା ପୂର୍ବରୁ କୌଣସି ଗୃହସ୍ଥଙ୍କ ଘରେ ରାତ୍ରି ଯାପନ ଉଦ୍ଦେଶ୍ୟରେ ସେମାନେ ଜନପଦ ମଧ୍ୟକୁ ପ୍ରବେଶ କଲେ। ଜଣେ ଗୃହସ୍ଥଙ୍କ ଗୃହ ସମ୍ମୁଖରେ ଅଟକି ସେଠାରେ ରାତ୍ରି ରହଣି ସ୍ଥିର କରିବା ପୂର୍ବରୁ ହଠାତ୍ ଗୃହ ସମ୍ମୁଖରେ ଟଙ୍ଗା ହୋଇଥିବା ଏକ ପଞ୍ଜୁରୀ ଭିତରୁ ଶୁଆଟିଏ ଚିତ୍କାର କରି ଉଠିଲା, ଚୋର ଚୋର, ଧର, ମାର, ଲାଠି ଆଣରେ, ଖଣ୍ଡା ଆଣରେ, ଦଉଡ଼ି ଆଣରେ, ବାନ୍ଧରେ। ଶୁଆଟି ମୁଖରୁ ଏପରି କଥାମାନ ଶୁଣି ଗୁରୁ-ଶିଷ୍ୟ ଖୁବ୍ ଶୀଘ୍ର ସେ ସ୍ଥାନ ପରିତ୍ୟାଗ କରି ଆଗକୁ ବଢ଼ିଲେ। ଗାଁ ଶେଷ ମୁଣ୍ଡରେ ପହଞ୍ଚି ସେମାନେ ଅଟକି ଗଲେ ଗୋଟିଏ ସ୍ଥାନରେ। ସେମାନଙ୍କୁ ଦେଖି ଘର ଆଗରେ ଟଙ୍ଗା ହୋଇଥିବା ଶୁଆଟି ଫଡ଼ ଫଡ଼ ହୋଇ କହିଲା- ଆସନ୍ତୁ ମହାଶୟ, ପାଦ ଧୁଅନ୍ତୁ, ଆସନରେ ବସନ୍ତୁ, କିଏ ଅଛ ? ଅତିଥିଙ୍କୁ ପାଣି ଦିଅ। ଜଳଖିଆ ଦିଅ। ଗୁରୁ-ଶିଷ୍ୟ ଦୁହେଁ ଫାଟକ ଖୋଲି ଭିତରକୁ ପ୍ରବେଶ କରୁ କରୁ ଗୃହସ୍ଥ ଘର ଭିତରୁ ବାହାରି ଆସି ଅତିଥିଙ୍କୁ ନମସ୍କାର କଲେ।

ତା' ପର ଦିନ ଅତିଥିଙ୍କ ଗୃହରୁ ସସମ୍ମାନ ବିଦାୟ ନେବା ପୂର୍ବରୁ ଶିଷ୍ୟଟି ଗୃହସ୍ଥଙ୍କଠାରୁ ପୂର୍ବ କଥିତ ଶୁଆଟି ସଂପର୍କରେ ଜାଣିବାକୁ ଚାହିଁଲା। ଗୃହସ୍ଥ କହିଲେ, ତାହା ଏକ ଅଧର୍ମୀ ଅସାମାଜିକ ଲୋକର ଘର। ସକାଳୁ ସନ୍ଧ୍ୟା ଯାଏଁ ସେ ଘର ଲୋକଙ୍କ ମୁହଁରୁ ଯାହା ଶୁଣେ, ତାହା ଉଚ୍ଚାରଣ କରୁଥାଏ ଶୁଆଟି। ଘରର ଶୁଆର ଆଚରଣ ସଂପର୍କରେ ଶିଷ୍ୟର ଆଉ କିଛି ପଚାରିବାର ନଥିଲା। ସେ ନିଜେ ସବୁ ବୁଝିଗଲା।

ନୀତି ଭିତରେ ରାଜା ବୋଲି ତାକୁ କୁହାଯାଏ ରାଜନୀତି। ରାଜନୀତି କ୍ଷେତ୍ରରେ ଯେଉଁମାନେ କାର୍ଯ୍ୟ କରନ୍ତି, ସେମାନେ ହେଉଛନ୍ତି ରାଜନେତା। ସେହି ଅନୁସାରେ ସେମାନଙ୍କର କୀର୍ତ୍ତିକଳାପ ମଧ୍ୟ ସମ୍ଭ୍ରାନ୍ତ ହେବା ଦରକାର। ସେମାନଙ୍କର ଭାଷା ରାଜକୀୟ ହେବା ଦରକାର। କିନ୍ତୁ ବିଡ଼ମ୍ବନାର କଥା, ଆଜିର ରାଜନେତାମାନେ ଆଉ ନିଜର ବ୍ୟକ୍ତିତ୍ୱ ବିକାଶ କରିବାକୁ ଚାହାନ୍ତି ନାହିଁ। ଯିଏ ଯେତେ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହିଲା, ମୁଖଶ୍ରୀମାନଙ୍କରୁ ଯାହାର ଯେତେ ଅଶ୍ରାବ୍ୟ ଶବ୍ଦ ବାହାରି ପାରିଲା, ସେ ସେତେ ଦକ୍ଷ ରାଜନେତା ବୋଲି ପରିଗଣିତ ହେଲା। ସେମାନଙ୍କ ଭାଷା ରାଜଭାଷା ହୋଇ ଆଉ ରହିନାହିଁ; ସେ ଭାଷା ବସ୍ତି ଭାଷା ହୋଇ ସାରିଲାଣି। ନିଜେ ନିଜକୁ ନ ସଜାଡ଼ି ପାରୁଥିବା ବ୍ୟକ୍ତି ଯେ ସମାଜ ବା ଦେଶକୁ ସଜାଡ଼ି ପାରିବ, ସେ ସମ୍ଭାବନା କମ୍। ଗଣତନ୍ତ୍ର ପରି ରାଜତନ୍ତ୍ରରେ ମଧ୍ୟ ରାଜନୀତି ରହିଛି। ଏଠି ରାଜନୀତିର ଅର୍ଥ କୁଟ କପଟ କଥା କୁହାଯାଉ ନାହିଁ। ସାଧାରଣ ଅର୍ଥରେ କୌଣସି କାର୍ଯ୍ୟ ନ୍ୟସ୍ତସ୍ୱାର୍ଥ ପାଇଁ କେହି ଭଣ୍ଡୁର କରିଦେଲେ କିମ୍ବା ଉଦ୍ଦେଶ୍ୟ ଅସଫଳ ହେଲେ ଆମେ କହୁ ଏଠାରେ ରାଜନୀତି ପଶିଗଲା। କିନ୍ତୁ ଏଠି ସେହି ନକାରାତ୍ମକ ଅର୍ଥରେ ରାଜନୀତିକୁ ନିଆଯାଇ ନାହିଁ। ପରନ୍ତୁ, ରାଜନୀତି କ୍ଷେତ୍ରକୁ ଯେଉଁଭଳି ଚରିତ୍ରମାନେ ଅକ୍ତିଆର କରି ରଖିଛନ୍ତି, ସେହି ରାଜନୀତି ପ୍ରତି ଜନସାଧାରଣ ବୀତସ୍ପୃହ ହୋଇ ଗଲେଣି। ପଲିଟିକ୍ସ ଇଜ୍ ଦି ଲାଷ୍ଟ ରିସର୍ଟ୍ ବୋଲି ଯାହା କଥା ଅଛି, ଆମ ଦେଶର ସଂପ୍ରତିକ ରାଜନୀତି କ୍ଷେତ୍ର ତା'ର ଏକ ଚରମ ନିଦର୍ଶନ। ଯାହାର ନାହିଁ ଅନ୍ୟ ଗତି, ସେ କରଇ ରାଜନୀତି ପରି ବକ୍ତବ୍ୟମାନ ମଧ୍ୟ ରହିଛି। ଆମ ବହୁଦଳୀୟ ରାଜନୀତି ଆମ ସାମାଜିକ ଜୀବନକୁ ଛାରଖାର କରି ରଖି ସାରିଲାଣି। ଗୋଟିଏ ନିର୍ବାଚନରେ ଗୋଟିଏ ପରିବାରରୁ ଅନ୍ତତଃ ୩ ଜଣ ବ୍ୟକ୍ତି ତିନୋଟି ଦଳଭୁକ୍ତ ହୋଇ ଯେଉଁ ପ୍ରକାର ବିଭ୍ରାଟ ବିଶୃଙ୍ଖଳା ହେଉଛି, ତାହା ଧୀରେ ଧୀରେ ଉପଶମ ହୋଇ ସାରିଲା ବେଳକୁ ଆଉ ଗୋଟିଏ ନିର୍ବାଚନ ଆସି ପହଞ୍ଚି ଯାଉଛି। ସବୁଠାରୁ ବିଡ଼ମ୍ବନାର ବିଷୟ, ପଲ୍ଲୀ ଅଞ୍ଚଳରେ ଅଶିକ୍ଷିତ ଅଥବା ଅର୍ଦ୍ଧଶିକ୍ଷିତମାନେ ଯେଉଁ ଗ୍ରାମ୍ୟ ଭାଷାରେ ପରସ୍ପର ପ୍ରତି ଈର୍ଷା ଅସୂୟା, ହିଂସାବାଦ ପ୍ରକଟ କରୁଛନ୍ତି, ଯେଉଁପରି ଆଚରଣ କରୁଛନ୍ତି, ବାତାବରଣକୁ ଯେପରି କଳୁଷିତ କରି ରଖୁଛନ୍ତି, ଦିଲ୍ଲୀର ଶିକ୍ଷିତ ନେତାଙ୍କର ଆଚରଣ ତା'ଠାରୁ ଦୂରବର୍ତ୍ତୀ ନୁହେଁ। ରାଜନୀତି କ୍ଷେତ୍ରରେ ଅବତୀର୍ଣ୍ଣ ହେବା ପାଇଁ ବ୍ୟକ୍ତିର ଯେଉଁ ବିଚାର, ବୌଦ୍ଧିକତା, ଧୈର୍ଯ୍ୟ, ସହିଷ୍ଣୁତା, ବିବେକବୋଧ ଓ କ୍ଷମାଶୀଳତା ରହିବା କଥା, ତାହା ରହୁନାହିଁ। ରାଜନୀତି କହିଲେ ଆମ ଦେଶର ସାଧାରଣ ଜନତା ବୁଝନ୍ତି ପରସ୍ପର ପ୍ରତି ବିଷୋଦ୍‌ଗାର, ଘେରାଉ, ଧର୍ମଘଟ, ବନ୍ଦ, ବିଦ୍ରୋହ ଓ ଶାସକ ଦଳର ଏସବୁକୁ ଦୃଢ଼ ହସ୍ତରେ ଦମନ। ବିଧାନସଭା ଅଥବା ସଂସଦ ଗୃହରେ ନିଜର ସ୍ଥିତି ଜାହିର କରିବା ପାଇଁ, ନିଜର ପତିଆରା ବୃଦ୍ଧି କରିବା ପାଇଁ ଯିଏ ଯେତେ ଜୋର୍‌ରେ ହଟ୍ଟଗୋଳ କରି ପାରିଲା, ସିଏ ସେତେ ବଡ଼ ରାଜନୀତିକ ବ୍ୟକ୍ତି ବୋଲି ସାବ୍ୟସ୍ତ ହେଲା।

ଆମ ଦେଶର ସ୍ୱାଧୀନତା ପୂର୍ବରୁ ଓ ପରେ ପରେ ଯେଉଁ ମହାନ୍ ନେତାମାନେ ରାଜନୀତି କ୍ଷେତ୍ରରେ ଥିଲେ, ସେମାନଙ୍କର ଜ୍ଞାନ ଥିଲା, ବିଦ୍‌ବତ୍ତା ଥିଲା, ପ୍ରତିଭା ଥିଲା, ବହୁଶାସ୍ତ୍ରଦର୍ଶିତା ଥିଲା। ସମସ୍ତେ କିଛି କିଛି ଲେଖୁଥିଲେ। କେହି କେହି ତ ସାହିତ୍ୟରେ ଅସାଧାରଣ ପାଣ୍ଡିତ୍ୟ ଓ ପ୍ରତିଭାଧର ଥିଲେ। ନୀଳକଣ୍ଠ ଦାସ, ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ଆଚାର୍ଯ୍ୟ ହରିହର, ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ ମହାପାତ୍ର, ଗୋପବନ୍ଧୁ ଚୌଧୁରୀ, ରମା ଦେବୀ, ସରଳା ଦେବୀ, ସୁରେନ୍ଦ୍ର ମହାନ୍ତି, ଜାନକୀ ବଲ୍ଲଭ ମହାନ୍ତି, ବାଞ୍ଛାନିଧି ମହାନ୍ତି- ଏମିତି ଅଜସ୍ର ମନୀଷୀ ଓ ମହୀୟସୀମାନେ ଅଛନ୍ତି। ଏମାନେ ନିଜକୁ ଗଢ଼ିବା ସଙ୍ଗେ ସଙ୍ଗେ ସମାଜକୁ ଗଢ଼ନ୍ତି। ସାରସ୍ୱତ ସାଧକର ସଂସ୍କାର ନେଇ ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତି। ଦୁର୍ନୀତି, ଦୁଷ୍କର୍ମ, ଜୁଆ ଚୋରି, ଈର୍ଷା ଅସୂୟା, ବିଶ୍ୱାସଘାତକତାକୁ ଏମାନେ ରାଜନୀତିର ଖେଳ ବୋଲି କହୁ ନଥିଲେ। ବରଂ ନିର୍ମଳ ବ୍ୟକ୍ତିତ୍ୱ ଥିଲା ସେମାନଙ୍କର ପରିଚୟ। ପରଶମଣି ପରି ସେମାନଙ୍କର ବ୍ୟକ୍ତିତ୍ୱର ମହନୀୟତା ଅନ୍ୟମାନଙ୍କ ପାଖକୁ ସଂଚରି ଯାଉଥିଲା। ସେମାନଙ୍କ ସଂସ୍ପର୍ଶରେ ଆସି ପରବର୍ତ୍ତୀ କାଳରେ ଲୋକମାନେ ସ୍ୱଚ୍ଛ ଓ ନିର୍ମଳ ଜୀବନଯାପନ କରୁଥିଲେ। ସେମାନଙ୍କ ଅନୁପ୍ରେରଣାରେ ଯଥା ସମ୍ଭବ ଉଦ୍ବୋଚିତ, ସଂଯମଶୀଳ ଜୀବନ ବଞ୍ଚୁଥିଲେ।



କିନ୍ତୁ ଏବେ ସମୟର ଚିତ୍ର ସଂପୂର୍ଣ୍ଣ ବଦଳି ଯାଇଛି। ରାଜନୀତି କ୍ଷେତ୍ରକୁ ଜ୍ଞାନୀ ବୌଦ୍ଧିକତାସମ୍ପନ୍ନ ମଣିଷ ଆସୁନାହାନ୍ତି। ଯେଉଁମାନେ ଆସୁଛନ୍ତି, ସାରସ୍ୱତ ପ୍ରତିଭାଧାରୀ ନୁହନ୍ତି। କେବଳ ପରସ୍ପରର ଚରିତ୍ର ସଂହାର କରିବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା, ପରସ୍ପରର ଦୋଷ ଖୋଜିବାକୁ ରାଜନୀତି ଦକ୍ଷତା ବୋଲି କୁହାଯାଉଛି। ଏତିକିରେ ମନ ତୁଷ୍ଟ ହେଉ ନାହିଁ ଯେ ଅସଭ୍ୟତାର ଚରମ ସୀମାକୁ ଉଠି ସେମାନେ ମାଆ ଭଉଣୀ ଓ ବଂଶ ପରମ୍ପରାକୁ ମଧ୍ୟ ଗାଳି ଦେବାକୁ ଦ୍ୱିଧାବୋଧ କରୁ ନାହାନ୍ତି। କେବଳ ରାଜନେତା କିମ୍ବା କର୍ମୀ ନୁହନ୍ତି, ଅସାମାଜିକ ଲୋକମାନେ ପରସ୍ପର କଳହରେ ମାତିଲେ ପ୍ରଥମେ ମାଆ, ଭଉଣୀ ବଂଶର ସଦସ୍ୟମାନଙ୍କୁ ନେଇ କୁଭାଷା ପ୍ରୟୋଗ କରନ୍ତି। ଗୋଟିଏ ଗୋଟିଏ ଅଞ୍ଚଳରେ ତ ଏହି କୁଭାଷା ସେମାନଙ୍କ ଜାତୀୟ ଭାଷା ବୋଲି ଗର୍ବ କରି କୁହନ୍ତି। ଆଶ୍ଚର୍ଯ୍ୟ ଲାଗେ, ଆଧୁନିକ (ତଥାକଥିତ ବାମାବାଦୀ) ମହିଳାମାନେ ଗୁଡ଼ାଏ ଛୋଟ ଛୋଟ କଥାକୁ ନେଇ ଧର୍ମଘଟ କରୁଛନ୍ତି, ର୍‌ୟାଲି କରୁଛନ୍ତି, ସ୍ଲୋଗାନ୍ ଦେଇ ବୁଲୁଛନ୍ତି। କିନ୍ତୁ ପାଟି ଖୋଲିଲେ କେତେକ ପୁରୁଷମାନଙ୍କ ମୁଖରୁ ମାତୃଜାତିକୁ ଅପମାନ କରି ଯେଉଁ ଅଶ୍ରାବ୍ୟ ଶବ୍ଦମାନ ବାହାରୁଛି, ସେଥି ପ୍ରତି ଆଦୌ ଗୁରୁତ୍ୱ ଦେଉ ନାହାନ୍ତି। କେବଳ ରାଜନେତା ନୁହନ୍ତି, ସାଧାରଣ ଜନତା ମଧ୍ୟ ଯେତେବେଳେ ଏହି ଭାଷା ପ୍ରୟୋଗ କରନ୍ତି, ସେଥିରେ ମହିଳାମାନେ ପ୍ରତିବାଦ କରୁ ନାହାନ୍ତି। ପ୍ରତିକ୍ରିୟାଶୀଳ ହେଉ ନାହାନ୍ତି। କେତେକ ମାନସିକ ବିକୃତିସମ୍ପନ୍ନମାନେ ତ ମହିଳାମାନଙ୍କୁ ଦେଖିଲେ ଆହୁରି ଉଲ୍ଲସିତ ହୋଇ ଅଶ୍ରାବ୍ୟ ଶବ୍ଦମାନ ଲାଗୁ କରିଥାନ୍ତି। ଏବେ ବେଳ ଆସିଛି, ମାତୃଜାତିକୁ ଅପମାନିତ କରି ଯେଉଁମାନେ କୁଭାଷା ପ୍ରୟୋଗ କରୁଛନ୍ତି, ଯଦି ସରକାରୀ ସ୍ତରରେ ସେମାନଙ୍କୁ ଦଣ୍ଡିତ କରା ନଯାଉଛି, ମହିଳାମାନେ ରାଜରାସ୍ତାକୁ ଓହ୍ଲେଇ ଆସନ୍ତୁ। ମାଆ ଭଉଣୀମାନେ ରାଜନେତାଙ୍କ ଭାଷା ବିଭାଷା ସହ ମାତୃଜାତି ପ୍ରତି ସାଧାରଣ ଜନତାଙ୍କ ମୁହରୁ ବାହାରୁଥିବା ଅଶ୍ରାବ୍ୟ ଶବ୍ଦ ଦେଖିଲେ ସଂଘବଦ୍ଧ ହୋଇ ସେମାନଙ୍କୁ ଉଚିତ୍ ଶାସ୍ତି ଦିଅନ୍ତୁ। ସର୍ବସାଧାରଣରେ ବିଡ଼ି, ସିଗାରେଟ, ମଦ୍ୟପାନ ଆଦି ନିଷେଧ ପରି ଅଶ୍ରାବ୍ୟ ଭାଷା ପ୍ରୟୋଗ ଉପରେ ସରକାରୀ ସ୍ତରରୁ ନିଷେଧାଜ୍ଞା ଜାରି ହେଉ।■

**୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,**
**ଲକ୍ଷ୍ମୀସାଗର, ଭୁବନେଶ୍ୱର**
**ମୋ: ୯୪୩୭୦୩୩୦୭୪**
basantimohanty12@gmail.com

# ଇସ୍ରାଏଲ ଓ ଗଣହତ୍ୟା

ଗାଜାରେ ଇସ୍ରାଏଲର ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସରକାର ଯେଉଁ ସଂହାର ଲୀଳା ଚଳାଇ ଚାଲିଛନ୍ତି, ତାହା ଗଣହତ୍ୟା ବୋଲି ଦୀର୍ଘ ଦିନ ଧରି ସମଗ୍ର ବିଶ୍ୱ ଯାହା ସନ୍ଦେହ ପ୍ରକାଶ କରି ଆସୁଥିଲା, ତା' ଉପରେ କେବଳ ଏକ ଆନୁଷ୍ଠାନିକ ମୋହର ମାରିଛି ଜାତିସଂଘ ମାନବାଧିକାର ପରିଷଦ ଦ୍ୱାରା ସ୍ଥାପିତ ସ୍ୱାଧୀନ ଆନ୍ତର୍ଜାତିକ ତଦନ୍ତ କମିଶନର ଅଧିକୃତ ପାଲେଷ୍ଟିନୀୟ ସୀମା ଉପରେ ସମ୍ପାଦିତ ତଦନ୍ତ ରିପୋର୍ଟ। ୭୨ ପୃଷ୍ଠାର ଏକ ଦସ୍ତାବିଜ ଜରିଆରେ ଏହି କମିଶନ ପ୍ରଦାନ କରିଥିବା ଏହାର ସଦ୍ୟତମ ରିପୋର୍ଟରେ ଏହା ଉଲ୍ଲେଖ କରିଛନ୍ତି ଯେ ଆନ୍ତର୍ଜାତିକ ଆଇନ ଅଧୀନରେ ପରିଭାଷିତ ପାଞ୍ଚ ଗୋଟି ଗଣହତ୍ୟାମୂଳକ କାର୍ଯ୍ୟ ମଧ୍ୟରୁ ଚାରି ଗୋଟିକୁ ଇସ୍ରାଏଲ କବଳିତ ଗାଜାରେ ବାସ୍ତବ ରୂପ ଦିଆଯାଇଛି ବୋଲି ସିଦ୍ଧାନ୍ତରେ ଉପନୀତ ହେବା ନିମନ୍ତେ ଯୁକ୍ତିଯୁକ୍ତ କାରଣମାନ ରହିଛି। ଏସବୁ ମଧ୍ୟରେ ଅନ୍ତର୍ଭୁକ୍ତ- ଏକ ଗୋଷ୍ଠୀର ସଦସ୍ୟମାନଙ୍କୁ ହତ୍ୟା କରିବା; ସେମାନଙ୍କ ଉପରେ ଶାରୀରିକ ଏବଂ ମାନସିକ ସ୍ତରରେ କ୍ଷତି କରିବା ଭଳି ଆଘାତ ଲଦିଦେବା; ଉଦ୍ଦେଶ୍ୟମୂଳକ ଭାବରେ ଗୋଷ୍ଠୀ ସହିତ ସମ୍ପର୍କ ଛିନ୍ନ କରିବା ନିମନ୍ତେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା; ଏବଂ ଶିଶୁମାନଙ୍କ ଜନ୍ମଗ୍ରହଣକୁ ପ୍ରତିରୋଧ କରିବା। ନିଜର ଉପସଂହାରେ ଉପନୀତ ହେବା ପାଇଁ କମିଶନଙ୍କ ଦ୍ୱାରା ଇସ୍ରାଏଲୀ ସୈନିକମାନଙ୍କ ବିବୃତି ଏବଂ ଗାଜାରେ ଇସ୍ରାଏଲ ଆକ୍ରମଣ ଶୈଳୀର ଉଦାହରଣଗୁଡ଼ିକ ପ୍ରଦାନ କରାଯାଇଛି। ଏଥିରେ ବିସ୍ମିତ ହେବାର କିଛି ନାହିଁ ଯେ ଚିରାଚରିତ ଭାବରେ ଇସ୍ରାଏଲର ବିଦେଶ ମନ୍ତ୍ରଣାଳୟ ଏହି ଦାବି ସମ୍ବଳିତ ରିପୋର୍ଟର ଘୋର ପ୍ରତିବାଦ କରିଛି ଏବଂ କମିଶନର ସଦସ୍ୟମାନେ ହମାସ୍‌ର 'ପ୍ରତିନିଧି' (ପ୍ରକ୍ସି) ଥିଲେ ବୋଲି ସେମାନଙ୍କ ଉପରେ ଅଭିଯୋଗ ଆରୋପ କରିଛି। ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରିବା ଆବଶ୍ୟକ ଯେ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସ୍ ଏବଂ ଅନ୍ୟ ପାଲେଷ୍ଟିନୀୟ ଗୋଷ୍ଠୀଗୁଡ଼ିକ ଅଚାନକ ଆକ୍ରମଣ କରିବା ଏବଂ ଇସ୍ରାଏଲର କିଛି ନାଗରିକଙ୍କୁ ପଣବନ୍ଦୀ କରି ନେବା ପାଇଁ ସେମାନଙ୍କୁ ଦୋଷୀ ଭାବରେ ଉଲ୍ଲେଖ କରିଥିଲା, ଯାହା ଗାଜାରେ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଇସ୍ରାଏଲର ଏହି ଅସମାନୁପାତିକ - ଗଣହତ୍ୟାମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ। କମିଶନଙ୍କ ଗୁରୁତର ଅଭିଯୋଗ ଏକ ଭ୍ରାନ୍ତି ନୁହେଁ। ଦକ୍ଷିଣ ଆଫ୍ରିକା ଇସ୍ରାଏଲ ଉପରେ ଗଣହତ୍ୟା କରୁଥିବାର ଅଭିଯୋଗ ଉଠାଇବା ପରେ ନିଜର ହସ୍ତକ୍ଷେପ କାଳରେ ଆନ୍ତର୍ଜାତିକ ନ୍ୟାୟାଳୟ (ଆଇସିଜେ) ଉଲ୍ଲେଖ କରିଥିଲେ ଯେ ଗଣହତ୍ୟା ଅଭିଯୋଗ ସମ୍ଭବପର ମନେ ହେଉଛି ଏବଂ ସେଥିପାଇଁ ଏହା ଇସ୍ରାଏଲକୁ ମାନବିକ ସହାୟତାର ପରିସର ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହା ଅତ୍ୟନ୍ତ ଦୁଃଖଦାୟକ ଭାବରେ ଏକ ବିରୋଧାଭାସ ଯେ ଶୋହାଙ୍କ ଉତ୍ତରସୂରୀମାନଙ୍କ ଦ୍ୱାରା ନିର୍ମିତ ଏକ ରାଷ୍ଟ୍ର ଇସ୍ରାଏଲ ପାଲେଷ୍ଟିନୀୟମାନଙ୍କ ବିରୁଦ୍ଧରେ ଗଣହତ୍ୟା ଚଳାଇଛି। ଯେଉଁଦିନ ଜାତିସଂଘର କମିଶନ ଏହାଙ୍କ ରିପୋର୍ଟ ପ୍ରକାଶ କଲେ, ଠିକ୍ ସେହିଦିନ ମଧ୍ୟ ଇସ୍ରାଏଲ ଦୁର୍ଭିକ୍ଷ-ପ୍ରପୀଡ଼ିତ ଗାଜା ନଗରୀରେ ଆଉ ଏକ ସ୍ଥଳଯୁଦ୍ଧ ଆରମ୍ଭ କଲା। ଏହି ଯୁଦ୍ଧ ଯାହା ୬୫ ହଜାରରୁ ଅଧିକ ଲୋକଙ୍କ ନିଧନର କାରଣ ହୋଇ ସାରିଲାଣି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା ଏବଂ ଶିଶୁ, ଏବଂ ଗାଜାରେ ବିପୁଳ ସଂଖ୍ୟକ ଲୋକ ଓ ବ୍ୟାପକ ପରିମାଣର ସମ୍ପତ୍ତି ହାନିର କାରଣ ହୋଇ ସାରିଲାଣି, ତାହା କୌଣସିମତେ ଉପରୋକ୍ତ ଅଭିଯୋଗରୁ ତଥା ଏକ ସାମୂହିକ ହତ୍ୟା ଆଧାରରେ ଦଣ୍ଡ ପାଇବାରୁ ମୁକୁଳି ଯାଇ ପାରିବ ନାହିଁ। ତେବେ ଯେଉଁସବୁ ପ୍ରଶ୍ନ ଏ ବାବଦରେ ପଚରା ଯିବାର ଆବଶ୍ୟକତା ରହିଛି, ସେଗୁଡ଼ିକ ହେଉଛି : ଏହି ରକ୍ତନଦୀ ବୁହାଇବା ନିମନ୍ତେ କ'ଣ ଏକା ଇସ୍ରାଏଲ ଦାୟୀ ? ଏହାର ଉତ୍ତର ଅବଶ୍ୟ ନକାରାତ୍ମକ ଢଙ୍ଗରେ ମିଳିବ। ପାଲେଷ୍ଟିନୀୟମାନଙ୍କଠାରୁ ଝରିଥିବା ରକ୍ତ କେବଳ ଇସ୍ରାଏଲବାସୀଙ୍କ ହାତରେ ଦାଗ ଲଗାଇ ନାହିଁ, ବରଂ ତା' ସହିତ ଏହାର ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ର ସମୂହ, ମୁଖ୍ୟତଃ ଯୁକ୍ତରାଷ୍ଟ୍ର ଆମେରିକାର ହାତକୁ ରକ୍ତରଞ୍ଜିତ କରିଛି, ଯିଏକି ସିଧାସଳଖ ଯୁଦ୍ଧ କରିବାକୁ ଆସିନାହିଁ ସତ, କିନ୍ତୁ ଆଖି ବୁଜି ଏହି ନରସଂହାରକୁ ପ୍ରୋତ୍ସାହନ ଯୋଗାଇ ଚାଲିଛି। ପାଲେଷ୍ଟାଇନ୍‌କୁ ନେଇ ଇସ୍ରାଏଲର ରହିଥିବା ମସୁଧାକୁ ଆନୁଷ୍ଠାନିକ କଟକଣା ରୋକି ପାରିବ କି ? ଏ ପ୍ରଶ୍ନର ଉତ୍ତର ମଧ୍ୟ ସକାରାତ୍ମକ ଭାବରେ ଦିଆଯାଇ ପାରିବ ନାହିଁ। ଜାତିସଂଘର କମିଶନ ଏହା ଉପରେ ଗଣହତ୍ୟାର ଅଭିଯୋଗ ଉଠାଇ ଥିଲେ ସୁଦ୍ଧା ସେହି ଦିନ ଗାଜା ନଗରୀରେ ଏହା ପୁଣିଥରେ ଭୂଭାଗ ଅପରେସନ୍ ଆରମ୍ଭ କରିବାରୁ ସୂଚନା ମିଳୁଛି ଯେ ଏହା ଅଧିକରୁ ଅଧିକ ହତ୍ୟା ଏବଂ ସ୍ଥାନାନ୍ତରଣର କାରଣ ହେବ, ଯାହା ଅନେକ ସଂଖ୍ୟକ ଆଇନର ଉଲ୍ଲଙ୍ଘନ କରୁଥିବା ଇସ୍ରାଏଲର ଔଦ୍ଧତ୍ୟକୁ ବର୍ଣ୍ଣନା କରୁଛି।

ଗାଜାରେ ନରସଂହାର ଅବିସ୍ମରଣୀୟ ହୋଇ ରହିବା ନିମନ୍ତେ ଅନେକ ସଂଖ୍ୟକ କାରଣ ରହିଛି। ଏହାର ଆଇନ-ଆଧାରିତ ଶୃଙ୍ଖଳା ଏବଂ ଏହାର ସହଯୋଗୀ ନୈତିକ ବାଧ୍ୟବାଧକତା ପ୍ରତି ନିରର୍ଥକ ପ୍ରତିବଦ୍ଧତାକୁ ଏହି ନରସଂହାରର ମୁଖ୍ୟ କାରଣ ଭାବରେ ଗ୍ରହଣ କରାଯିବା ଉଚିତ। ଏକଦା ପାଲେଷ୍ଟାଇନ୍‌ର ମଙ୍ଗଳ ମନାସି କାର୍ଯ୍ୟ କରୁଥିବା ଭାରତ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଇହୁଦୀ ରାଷ୍ଟ୍ରକୁ ସିଧାସଳଖ ସମାଲୋଚନା କରିବାରୁ ନିଜକୁ ଦୂରେଇ ରଖି ଆସିଛି। କିନ୍ତୁ ଏହା ମଧ୍ୟ ସ୍ମରଣ ରଖିବା ଉଚିତ ଯେ ଏକ ଲଗାମ୍‌ଛଡ଼ା, ବିସ୍ତାରବାଦୀ ଇସ୍ରାଏଲ ଯିଏକି ବର୍ତ୍ତମାନ ଆନ୍ତର୍ଜାତିକ ଆଇନକୁ ଧୂଳିରେ ମିଶାଇ ଦେବାକୁ ଆଗେଇ ଆସିଛି, ତାହା କୌଣସି ପ୍ରକାରେ ଭାରତର ଜାତୀୟ ବା ଆଞ୍ଚଳିକ ସ୍ୱାର୍ଥ ପାଇଁ ହିତକାରୀ ନୁହେଁ। ନୂଆଦିଲ୍ଲୀ ଏହି ଗଣହତ୍ୟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ଇସ୍ରାଏଲ ଓ ପାଲେଷ୍ଟାଇନ୍ ମଧ୍ୟରେ ଯୁଦ୍ଧର ପରିସମାପ୍ତି ଘଟାଇବା ପାଇଁ ଉଦ୍ୟମ କରିବା ଉଚିତ। ■

# ମାଟିର ମଣିଷ ବିଷ୍ଣୁ ସେଠୀ



**ପୂର୍ଣ୍ଣଚନ୍ଦ୍ର ବହଳୀ**

ଜୀବନ ହେଉଛି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମୟ କାଳ। ଏହି ସମୟ କାଳ ମଧ୍ୟରେ ମନୁଷ୍ୟର କର୍ମ ହିଁ ଜୀବନ। ନିଜ ଉଦ୍ଦେଶ୍ୟରେ ସଫଳତା ପାଇବା ସହ ମାଟି ପାଇଁ କିଛି କରିଯିବା ହିଁ ଜୀବନ। ବିଷ୍ଣୁବାବୁ ଥିଲେ ସେହିପରି ଜଣେ ମଣିଷ। ମୃତ୍ୟୁର ସମୟ ସମସ୍ତଙ୍କ ପାଇଁ ଅଜଣା। ତେଣୁ କେହି କ'ଣ କଳନା କରିଥିଲେ, ବିଷ୍ଣୁଚରଣ ସେଠୀ ଏମିତି ଅପ୍ରତ୍ୟାଶିତ ଭାବେ ଚାଲିଯିବେ ! ମୃତ୍ୟୁର ଶେଷ ପର୍ଯ୍ୟନ୍ତ ବି ସେ ନିର୍ଭୀକ ଭାବେ ଜୀବନ ସହିତ ସଂଗ୍ରାମ କରୁଥିଲେ। ଦେଖୁ ଦେଖୁ ଏହା ଭିତରେ ଦୁଇ ବର୍ଷ ହୋଇଗଲା। ତଥାପି ତାଙ୍କର କଥାବାର୍ତ୍ତା ମନେ ପଡ଼ିଲେ ଲାଗେ ଯେମିତି ସମ୍ମୁଖରେ ଦଣ୍ଡାୟମାନ।

ବେଳେ ବେଳେ ମଣିଷ ଜିଇଁଥିଲା କାଳରେ ଯେତେ ସ୍ମରଣୀୟ ହୋଇ ନଥାଏ, ତାହାର ଅବର୍ତ୍ତମାନରେ ଅଧିକ ସ୍ମରଣୀୟ ହୋଇଥାଏ। ମୁଦ୍ରାର ଦୁଇ ପାର୍ଶ୍ୱ ଭଳି ମଣିଷ ମଧ୍ୟ ଭଲ ମନ୍ଦ ଉଭୟ ଗୁଣର ଅଧିକାରୀ। କେହି ପୂରା ଭଲ ମଣିଷଟିଏ କିମ୍ବା ପୂରା ଖରାପ ବ୍ୟକ୍ତିଟିଏ ହୋଇ ନ ପାରେ। କିଛି ବି ଭଲ କର୍ମ ତାହାର ଦୁର୍ଗୁଣକୁ ଢାଙ୍କି ପକାଏ। ଏଠାରେ ଛୋଟିଆ କଥାଟିଏ କହିଲେ ଯଥେଷ୍ଟ ହେବ। ତାହା ହେଉଛି, ଦୁଇ କଏଦୀଙ୍କ କଥା। ଦିନେ ଜଣେ ବିଶିଷ୍ଟ ବ୍ୟକ୍ତି ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ କେନ୍ଦ୍ରୀୟ ଜେଲ୍‌କୁ ଯାଇଥିଲେ। ସେଠାରେ ପହଞ୍ଚି ଦେଖିଲେ କଏଦୀମାନେ ଗୋଟିଏ ଜାଗାରେ ଏକତ୍ର ହୋଇଛନ୍ତି। ଜଣେ ସୁନ୍ଦର ହାର୍‌ମୋନିୟମ୍ ବଜାଉ ଅଛି ଓ ଆଉ ଜଣେ ସେହି ତାଳରେ ମଗ୍ନ ହୋଇ ସୁନ୍ଦର ଭଜନଟିଏ ଗାଉଅଛି। ବିଶିଷ୍ଟ ବ୍ୟକ୍ତି ଏତେ ପ୍ରସନ୍ନ ଥିଲେ ଯେ ଜେଲରଙ୍କଠାରୁ ଏ ଦୁଇ କଏଦୀଙ୍କ ବିଷୟରେ ଜାଣିବାକୁ ଚାହିଁଲେ। ଜେଲର କହିଲେ, ଏ ଦୁଇଜଣ ଆଜ୍ଞା ଗୁରୁତର ଅପରାଧୀ। ଯିଏ ହାର୍‌ମୋନିୟମ୍ ବଜାଉଛି, ତାହାର ଜିଭ ସିଏ ନିଜେ କାଟି ଦେଇଛି; ଆଉ ଜଣେ ଯିଏ ଗାଉଛି, ସେ ତା'ର ପଞ୍ଝା ନିଜେ କାଟି ଦେଇଛି। ଏ ଦୁଇଟି ଘଟଣା ପାଟିତୁଣ୍ଡରୁ ହିଁ ଆରମ୍ଭ ହୋଇଥିଲା। ଜଣେ ନିୟନ୍ତ୍ରଣ ହରାଇ ନିଜର ପଡ଼ୋଶୀକୁ ହାଣି ଦେଇଥିଲା ଓ ଆଉ ଜଣେ ନିଜ ସମ୍ପର୍କୀୟ ପୁଅର ତଣ୍ଟି ଚିପି ମାରି ଦେଇଥିଲା। ଏବେ ସେ ଦୁଇ ଜଣ ବର୍ତ୍ତମାନ ନିଜର ଅନୁତାପ, ଆଚାର ବ୍ୟବହାର ଓ କର୍ମ ବଳରେ ସମସ୍ତଙ୍କର ପ୍ରିୟପାତ୍ର। ସେମାନେ ଯେ ଅପରାଧୀ, ସେକଥା ଆଉ କାହାରି ମନରେ ନାହିଁ। ଏ କଥା କହିବାର ଅର୍ଥ ହେଲା, ସାଧାରଣ ଜୀବନରେ କେହି ବି ଜଣେ ମଣିଷ ହୁଏତ ଜୀବନର ଝଡ଼ଝଞ୍ଜା ଭିତରେ ଗତି କରି ପଥଭ୍ରଷ୍ଟ ହୋଇପାରେ, କିନ୍ତୁ ଭଲ କର୍ମ ଦ୍ୱାରା ସେ ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ପାରିବ। ମାନବର ଉତ୍ତମ କର୍ମ ଓ ବ୍ୟକ୍ତିତ୍ୱ ହିଁ ତାକୁ ଖ୍ୟାତି ଦେଇଥାଏ।

ବିଷ୍ଣୁବାବୁ ଥିଲେ ଅମଳିନ ବ୍ୟକ୍ତିତ୍ୱର ଅଧିକାରୀ। ସେ ଥିଲେ ଉଲ୍‌କା। ହୃଦୟ ଥିଲା ତାଙ୍କର କୋମଳ। ନିର୍ଭୀକତା ଓ ସ୍ପଷ୍ଟବାଦିତା ହିଁ ତାଙ୍କର ବିଶେଷ ଗୁଣ କହିଲେ ଅତ୍ୟୁକ୍ତି ହେବନାହିଁ। ଅପ୍ରିୟ ହେବା ଭୟରେ ଯାହା କହିବାକୁ ଚାହୁଁଛନ୍ତି, ତାହା ନ କହିବା ତାଙ୍କର ଆଦତ ନଥିଲା। ଯିଏ ବିଷ୍ଣୁବାବୁଙ୍କୁ ପାଖରୁ ଜାଣି ନଥିବ, ସେ ତାଙ୍କର କେତେକ କଥାକୁ ହୁଏତ ସହଜରେ ଗ୍ରହଣ କରି ନ ପାରେ, କାରଣ ରୋକ୍‌ଠୋକ୍ କହିବାରେ ସେ ଥିଲେ ପକ୍ଷପାତୀ। କିନ୍ତୁ ଅନୁଶୀଳନ କଲେ ଜାଣି ହୁଏ ଯେ ରୋକ୍‌ଠୋକ୍ କଥାରେ ଥାଏ ଆତ୍ମୀୟତା ଓ ଆପଣାର ଭାବ।

ମଙ୍ଗରାଜପୁର ଭଳି ଏକ ପଲ୍ଲୀ ଅଞ୍ଚଳରୁ ଜନ୍ମିତ ଶିଶୁଟି ଯେ ଭାରତୀୟ ଜନତା ପାର୍ଟିର କର୍ଣ୍ଣଧାର ହେବେ, ସେକଥା କ'ଣ କେହି ଜାଣିଥିଲେ ! ତାଙ୍କର ନିଷ୍ଠା, ପାରିଦର୍ଶିତା, ବ୍ୟକ୍ତିତ୍ୱ ଓ ସମସ୍ତଙ୍କୁ ଆପଣାର କରି ପାରିବାର ଗୁଣ ହିଁ ତାଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ଏତଦ୍ ବ୍ୟତୀତ ରାଜନୀତିରେ ତାଙ୍କର ଯେତିକି ରୁଚି ଥିଲା, ସାହିତ୍ୟରେ ମଧ୍ୟ ସେହିଭଳି ରୁଚି ଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀରୁ ବହୁ ସମୟରେ



ଶ୍ରାଦ୍ଧବାର୍ଷିକୀ ଅବସରରେ

ହଜାର ହଜାର ଟଙ୍କାର ପୁସ୍ତକ କ୍ରୟ ସମୟରେ ଯେତେବେଳେ କୁହେ- ସାର୍, ଦିନ ରାତି ତ ରାଜନୀତିରେ ବ୍ୟସ୍ତ, ଏତେ ବହି କାହିଁକି କିଣୁଛନ୍ତି; ସେ କହୁଥିଲେ ରାଜନୀତି ତା' ବାଟରେ, ମୁଁ ପଢ଼ିବା ଆରମ୍ଭ କଲେ ରାଜନୀତି ମୋ ମୁଣ୍ଡରେ ନଥାଏ। ବହୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ପୁସ୍ତକ ପଠନ କରନ୍ତି। ତାଙ୍କ ସହ ନିରୋଳାରେ ସାହିତ୍ୟ ଚର୍ଚ୍ଚା କଲେ ତାଙ୍କର ପ୍ରକୃତ ପ୍ରତିଭାର ପରିଚୟ ଉଦ୍ଭାସିତ ହୁଏ।

ସାମ୍ବାଦିକତା ହେଉ କିମ୍ବା ସମ୍ପାଦନା ହେଉ, ସାହିତ୍ୟ ହେଉ କି ରାଜନୀତି ହେଉ- ସବୁ କ୍ଷେତ୍ରରେ ଥିଲା ତାଙ୍କର ପାରିଦର୍ଶିତା। ରୋକ୍‌ଠୋକ୍ କଥା ମଧ୍ୟରେ ଭରି ରହୁଥିଲା ଆତ୍ମୀୟତା। ବିଧାନସଭାରେ ହେଉ କି ରାଜରାସ୍ତାରେ ହେଉ, ତାଙ୍କର ବକ୍ତବ୍ୟରେ ଥିଲା ପ୍ରଚଣ୍ଡ ବାଗ୍ମୀତାର ସମ୍ମୋହନ ଶକ୍ତି। ବେଳେ ବେଳେ ସୁମଧୁର ସ୍ୱରରେ ଅବିଶ୍ୱସନୀୟ ସଂଗୀତ ଗାନ କରି ସମସ୍ତଙ୍କୁ ଚକିତ କରୁଥିଲେ। ସେ ଥିଲେ ମାନବବାଦର ପ୍ରବକ୍ତା। ମାଟି ପାଇଁ ଲଢୁଥିଲେ, ଆଉ ମାଟିର କଥା କହୁଥିଲେ। ରାଜନୀତିର ଉତ୍‌ଥାନ ପତନରେ ସେ କେବେ ଧୈର୍ଯ୍ୟହରା ହେବା ଅନୁଭବ କରି ହୁଏ ନାହିଁ କି ସାହିତ୍ୟ ପ୍ରତି ଆଗ୍ରହ କମିଯିବା ପରିଲକ୍ଷିତ ହୁଏନା। ପ୍ରତିକୂଳ ପରିସ୍ଥିତିରେ ବି ତାଙ୍କର ମାନସ ସନ୍ତାନ ଓଡ଼ିଆ ପତ୍ରିକା 'ଘାସଫୁଲ'ର ପ୍ରକାଶନରୁ ବିରତ ହୋଇ ନାହାନ୍ତି। ଜଣେ କବି ଭାବରେ 'ନିଃସ୍ୱ ମାଟିର ସ୍ୱର', 'ନିର୍ମାୟା ଆକାଶ', 'ଶିରୋଭାଗ୍ୟ ଶିରୋନାମା' ପୁସ୍ତକ ଉପହାର ଦେଇ ସାରସ୍ୱତ ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ତାଙ୍କର 'ଶିରୋଭାଗ୍ୟ ଶିରୋନାମା' ପୁସ୍ତକଟି ପାଠ କଲେ ଜଣାପଡ଼େ ସେ କିଭଳି ଥିଲେ ଦେଶପ୍ରେମୀ, ପଲ୍ଲୀପ୍ରେମୀ ଓ ମାଟିମନସ୍କର ମଣିଷ। ତାଙ୍କ ଅବର୍ତ୍ତମାନରେ ଆଉ ଏକ କବିତା ପୁସ୍ତକ ମଧ୍ୟ 'ନଈ ପାଣି ନଈକୁ ଯା' ଏବେ ପ୍ରକାଶ ହେବାକୁ ଯାଉଅଛି, ଯାହା ସାରସ୍ୱତ ଜଗତ ପାଇଁ ଖୁସିର କଥା କୁହା ଯାଇପାରେ।

ସମ୍ପାଦନା ଓ କବିତ୍ୱର ଯୁଗଳବନ୍ଦୀର ସ୍ରଷ୍ଟାଙ୍କ ଭଲ ପାଇବାର ଜୀବନ ସଂଗୀତ ଆଉ ଶୁଣି ହେବନି ସତ, କିନ୍ତୁ ତାଙ୍କର ସ୍ମୃତି ଉଜ୍ଜୀବିତ ହୋଇ ରହିଅଛି ଓ ରହିବ ମଧ୍ୟ। ସେ ଥିଲେ ସାହିତ୍ୟ ଓ ରାଜନୀତି ମଧ୍ୟରେ ଏକ ବିରଳ ସେତୁ। ତାଙ୍କର ଅସାଧାରଣ ପ୍ରତିଭା ଓ ବ୍ୟକ୍ତିତ୍ୱ ତାଙ୍କୁ ସବୁଦିନ ପାଇଁ ଚିର ଅମର କରି ରଖିବ।■

**ସମ୍ପାଦକ, 'ଶିବାନୀ'**
**ଗରଦପୁର, ଭଦ୍ରକ**
**ମୋ: ୯୮୧୪୪୨୦୦**

# ମୃତ୍ୟୁ ଯଦି ନଆସେ...

କାହାରି ନା କାହାରି ମୃତ୍ୟୁ ଦେଖିଲେ ଆମ ଭିତରେ କିଛି ସମୟ ପାଇଁ ଭାବାନ୍ତର ସୃଷ୍ଟି ହୋଇଥାଏ। କେହି କେହି ନିଜ ମୃତ୍ୟୁ କଥା ବି ଭାବି ଥାଆନ୍ତି। କିନ୍ତୁ ସେ ଭାବନା ଓ ଭାବାନ୍ତର କିଛି କ୍ଷଣ ପାଇଁ। ଜଣେ ସକାରାତ୍ମକ ଚିନ୍ତାଧାରାର ମଣିଷ ମୃତ୍ୟୁ ଚିନ୍ତା କଲେ ଅନେକ ଭଲ କାମ କରିଯିବା ପାଇଁ ମନ ବଳାଇ ଥାଏ। ସେହିପରି ଜଣେ ନକାରାତ୍ମକ ଚିନ୍ତାଧାରାର ମଣିଷ ମୃତ୍ୟୁ ଚିନ୍ତା କଲେ କେବଳ ଅଳସୁଆ ହୋଇ ବସିରହେ। ମୃତ୍ୟୁ ସୁନିଶ୍ଚିତ ବୋଲି ଅନେକ ପୁରାଣ ଶାସ୍ତ୍ର କହିଛନ୍ତି। ତା'ରି ଛଳରେ ଭଲ କାମଟିଏ କରିଯିବା ପାଇଁ ବାରମ୍ବାର ଚେତନା ମଧ୍ୟ ଦେଇଛନ୍ତି। ଅନେକ ମଣିଷ ନିଜ ମୃତ୍ୟୁ କଥା ଗଭୀର ଭାବରେ ଚିନ୍ତା କରି ନଥାନ୍ତି। ତେଣୁ ଅନ୍ୟାୟ, ଅନୀତି ଆଦିରେ ଲିପ୍ତ ରହି ଥାଆନ୍ତି। ଏ ନେଇ କାହାଣୀଟିଏ।

ଜଣେ ଯୁବକ ଭଗବାନଙ୍କୁ ପ୍ରାର୍ଥନା କଲା। ପ୍ରଭୁ ଦେଖା ଦେଇ କହିଲେ- 'ତୁ କୌଣସି ଗୋଟିଏ ବର ମାଗିପାରୁ।' ଯୁବକ କହିଲା- 'ମୁଁ ଅମର ରହିବି।' ଭଗବାନ କହିଲେ- 'ତଥାସ୍ତୁ। ତୁ ଯଦି ପୁଣି କେବେ ଡାକିବୁ, ମୁଁ ପୁଣି ଆସିବି।' ଯୁବକ ବହୁତ ଖୁସି ହୋଇଗଲା। ଏବେ ଜାଣିଲା ଦୁନିଆରେ ଅନ୍ୟମାନଙ୍କର ମୃତ୍ୟୁ ହେଲେ ମଧ୍ୟ ମୋର ମୃତ୍ୟୁ ନାହିଁ। ଅସରା ଜୀବନରେ ଅନେକ ଧନ, ରତ୍ନ ଯୋଗାଡ଼ କଲା। ପରିଶ୍ରମ କରି ବହୁ ସମ୍ପତ୍ତି ବାଢ଼ି କଲା। ସଂସାରରେ ଯେତେ ପ୍ରକାର ସୁଖ, ସବୁକିଛି ଉପଭୋଗ କରିବାକୁ ଚେଷ୍ଟା ଚଳାଇଲା। ସମୟକ୍ରମେ ବାର୍ଦ୍ଧକ୍ୟ ଆଡ଼କୁ ଗତି କଲା ସେ ଯୁବକ। ବାର୍ଦ୍ଧକ୍ୟରେ ପହଞ୍ଚିଲା ବେଳକୁ ତା' ପରିବାର, ସମ୍ପର୍କୀୟମାନଙ୍କୁ ଜଣ ଜଣ କରି ମୃତ୍ୟୁ କୋଳେଇ ନେଉଥିଲା, ଏ ଲୋକର ଆଖି ଆଗରେ। ବିରହ ଯନ୍ତ୍ରଣା ଖୁବ୍ ପୀଡ଼ାଦାୟକ ଥିଲା। ଅମର ବର ଚାହିଁଥିବାରୁ ତା' ଆଗରେ ନାତି, ନାତୁଣୀ ମଧ୍ୟ ବୟସ୍କ ହୋଇ ଯୁଇକୁ ଯାଉଥିଲେ। କିନ୍ତୁ ଏ ଲୋକ ବଞ୍ଚିଥିଲା। ତା' ଆଗରେ ଅନେକ ପିଲା ଜନ୍ମ ନେଇ ବାର୍ଦ୍ଧକ୍ୟରେ ମୃତ୍ୟୁ ମୁଖକୁ ଯାଉଥିଲେ। କେତେ କୋଠା, ବାଡ଼ି ଭାଙ୍ଗିଯାଇ ପୁଣି ନୂଆ ତିଆରି ହେଉଥିଲା। ଅଙ୍ଗପ୍ରତ୍ୟଙ୍ଗ ଶିଥିଳ ହେଉଥିଲା। ଦୀର୍ଘ ଦିନ ଧରି ବଞ୍ଚିଥିବାରୁ ଲୋକମାନଙ୍କର ଆଦର, ସ୍ନେହ, ଶ୍ରଦ୍ଧା ମଧ୍ୟ ଆଦୌ ରହୁ ନଥିଲା। ସମସ୍ତଙ୍କର ହେୟ ଓ ଘୃଣା ଦୃଷ୍ଟିର ଶିକାର ହେଉଥିଲା। ଦୀର୍ଘଦିନ ବଞ୍ଚିବାର ଲୋଭରେ ବର ମାଗିଥିବା ମଣିଷର ଏବେ ଜୀବନ ପ୍ରତି ବିତୃଷ୍ଣା ଆସିଗଲା। କେବଳ ମୃତ୍ୟୁ ଚିନ୍ତା କଲା। ପୁଣି ଥରେ ଭଗବାନଙ୍କୁ ସ୍ମରଣ କଲା। ପ୍ରଭୁ ଉଭା ହେଲେ। ସମସ୍ତ ଦୁଃଖ ବର୍ଣ୍ଣନା କଲା। ଆଉ ବଞ୍ଚିବାକୁ ଇଚ୍ଛା କଲା ନାହିଁ।

ଭଗବାନ କହିଲେ- 'ତୋ ଭଳି ଅନେକ ମଣିଷ ଅଛନ୍ତି। ସେମାନେ ଦୀର୍ଘ ଦିନ ନ ବଞ୍ଚିଲେ ବି ସଂସାରର ଦୁଃଖ ଯନ୍ତ୍ରଣାକୁ ସହି ନପାରି ସଂସାରରୁ ବିଦାୟ ନେବାକୁ ଚାହିଁ ଥାଆନ୍ତି। ହେଲେ ମନେରଖ। ତୁମେ ଯେ ପର୍ଯ୍ୟନ୍ତ ଶରୀରକୁ ଅତି ପ୍ରିୟ, ନିଜର ଭାବିଛ, ସେତେବେଳ ପର୍ଯ୍ୟନ୍ତ ଦୁଃଖ ତୁମକୁ ଗୋଡ଼ାଉ ଥିବ। ତୁମେ ଯେଉଁ ଶରୀରରେ ଭୋଗ ଚାହୁଁଛ, ସେହି ଶରୀରକୁ ନେଇ ଅନ୍ୟମାନଙ୍କ ଉପକାରରେ ଲଗାଅ। ତାହା ହେବ ତ୍ୟାଗ। ଆଉ ତ୍ୟାଗରେ ହିଁ ଥାଏ ପ୍ରକୃତ ସୁଖ; ଆନନ୍ଦ।■

## ସମ୍ପାଦକଙ୍କୁ ପତ୍ର

### ଡିଜେ ସାଉଣ୍ଡ ଉପରେ ରୋକ୍ ଲଗାଯାଉ

ସାମ୍ପ୍ରତିକ ସମୟରେ ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ଡିଜେ ସାଉଣ୍ଡର ବ୍ୟବହାର ବହୁଳ ଭାବରେ ଦେଖିବାକୁ ମିଳୁଛି। ବର୍ତ୍ତମାନ ପରୀକ୍ଷା ଋତୁ ଚାଲିଥିବାରୁ ଛାତ୍ର ଛାତ୍ରୀଙ୍କ ପାଠପଢ଼ାରେ ଏହି ଶବ୍ଦ ବ୍ୟାଘାତ ସୃଷ୍ଟି କରୁଛି। ଏତଦ୍ ବ୍ୟତୀତ ବୟସ୍କ ବ୍ୟକ୍ତି, ରୋଗୀଙ୍କ ପାଇଁ ଏହି ଶବ୍ଦ ବିପଦପୂର୍ଣ୍ଣ ଅଟେ, ଯାହା ବହୁ ସମୟରେ ହୃଦ୍‌ଘାତର କାରଣ ହୋଇ ବହୁ ଲୋକଙ୍କ ଜୀବନ ନେଉଛି। ମୁଖ୍ୟ ସଡ଼କ ଉପରେ ଶବ୍ଦ ବାଜିବା ଦ୍ୱାରା ବିଦ୍ୟାଳୟରେ ପାଠପଢ଼ାରେ ଅସୁବିଧା ହେଉଛି। ତେଣୁ ସ୍ଥାନୀୟ ପୁଲିସ ଏବଂ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଶବ୍ଦ ପ୍ରଦୂଷଣରୁ ମୁକ୍ତି ଦେଲେ ଛାତ୍ରଛାତ୍ରୀ, ବୟସ୍କ ବ୍ୟକ୍ତି, ରୋଗୀମାନେ ଉପକୃତ ହୋଇ ପାରନ୍ତେ।

**ବୈଷ୍ଣବ ଚରଣ ଦାଶ, ବୀରଧନଞ୍ଜୟପୁର, ବୁଗୁଡ଼ା, ଗଞ୍ଜାମ**

ରାଜପୁର ମହିଳା ସରପଞ୍ଚଙ୍କୁ ଆକ୍ରମଣ ଘଟଣା

# ଥାନା ସମ୍ମୁଖରେ ତିନି ଗୋଷ୍ଠୀଙ୍କ ଧାରଣା



**ରାଜନଗର,୧୮।୯/ଏନ୍ଏନ୍ଏସ୍:** ମହିଳା ଦଳିତ ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଭାବେ ଆକ୍ରମଣ କରାଯିବା ଘଟଣାରେ ପୁଲିସ ମାମଲା ରୁଜୁ କରି ବସିଛି । ଏହି ଘଟଣାକୁ ନେଇ ରାଜନଗର ରାଜନୀତି ସରଗରମ ହୋଇପଡିଛି । ଆଜି ରାଜନଗର ଥାନା ଆଗରେ ତିନି ତିନୋଟି ଧାରଣା ଦେଖିବାକୁ ମିଳିଛି । ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀ ନିଜେ ନ୍ୟାୟ ପାଇଁ ଥାନା ବାରଣ୍ଡାରେ ଧାରଣାରେ ବସିଛନ୍ତି । ସରପଞ୍ଚଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆମ୍ବେଦକର ବିଚାର ଲୋହିଆ ମଞ୍ଚ ଓ ମାମଲା ପ୍ରତ୍ୟାହାର ଦାବିରେ ପୂର୍ବତନ ସରପଞ୍ଚଙ୍କ ସମର୍ଥନରେ ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତର ଦଳିତ ସଂପ୍ରଦାୟର ଲୋକେ ଧାରଣାରେ ବସିଛନ୍ତି । ରାଜନଗର ଥାନାରେ ତିନୋଟି ଧାରଣା ପରିବେଶକୁ ଉଷ୍ମ କରିଦେଇଛି । ରାଜନଗର ବ୍ଲକ ରାଜପୁର ପଞ୍ଚାୟତର ସରପଞ୍ଚ ରାଣୀମଞ୍ଜରି ସେଠୀଙ୍କୁ ତାଙ୍କ ଘରେ ପଶି ଆକ୍ରମଣ ନେଇ ଚଳିତ ମାସ ୬ ତାରିଖ ଦିନ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ସଙ୍ଗିନ ଦଫାରେ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଆଜି ଯାଏଁ ଗିରଫ କରିନି । ଏହି ଘଟଣାରେ ପୂର୍ବରୁ କେନ୍ଦ୍ରାପଡା ଜିଲା ସରପଞ୍ଚ ସଂଘର ସଭାନେତ୍ରୀ ଚାମେଲୀ ଓଝା ନେତୃତ୍ୱରେ , ସରପଞ୍ଚମାନେ ରାଜନଗର ଆଇଆଇସି , କେନ୍ଦ୍ରାପଡା ଜିଲ୍ଲାପାଳ , କେନ୍ଦ୍ରପଡା ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନି । ଗତକାଲି ରାତି ପ୍ରାୟ ୨ଟା୩୦ ରେ ତାଙ୍କ ଘରର କବାଟ ଓ ଝରକାକୁ କେତେକ ଦୁର୍ବୃର୍ତ୍ତ ଗୋଇଠା ମାରି ଭାଙ୍ଗିବାକୁ ଚେଷ୍ଟା କରିଥିଲେ । ଭଲରେ ନିମାଇଁ ନାଁରେ ଏତଲା ଉଠାଇ ଆଣ ନଚେତ ଘର ସହ ପୁରା ପରିବାରକୁ ପେଟ୍ରୋଲ ଢାଳି ଜାଳିଦେବୁ ବୋଲି ଧମକ ଦେଇଥିବା ନେଇ ଆଜି ଆଉ ଏକ ଅଭିଯୋଗ କରିବା ସହ ନ୍ୟାୟ ପାଇଁ ରାଜନଗର ଥାନା ସମୁଖରେ ଧାରଣାରେ ବସି ରହିଛନ୍ତି । ଘରେ ମରିବା ଅପେକ୍ଷା ନ୍ୟାୟ ନପାଇବା ଯାଏଁ ଥାନା ଆଗରେ ବସିରହିବି ବୋଲି ସରପଞ୍ଚ କହିଛନ୍ତି, ସରପଞ୍ଚଙ୍କୁ ନ୍ୟାୟ ଦାବିରେ ମହିଳାମାନେ ମଧ୍ୟ ଥାନା ବାରଣ୍ଡାରେ ବସି ରହିଛନ୍ତି । ମହିଳା ଓ ଦଳିତ ସରପଞ୍ଚଙ୍କୁ ଘରେ ପଶି ଆକ୍ରମଣ ଘଟଣାରେ ଅଭିଯୁକ୍ତ ମାନଙ୍କୁ ଗିରଫ ଦାବିରେ ଆଜି ଆମ୍ବେଦକର ଲୋହିଆ ବିଚାର ମଞ୍ଚ ପକ୍ଷରୁ ଥାନା ଆଗରେ ଧାରଣା ଦିଆଯାଇଛି । ଆମ୍ବେଦକର ଲୋହିଆ ବିଚାର ମଞ୍ଚର ଜିଲ୍ଲା ସଭାପତି ରବୀନ୍ଦ୍ର ସେଠୀ , ଜିଲ୍ଲା ସମ୍ପାଦକ ଦଶରଥ ମଳିକ , ରାଜନଗର ବ୍ଲକ ସମ୍ପାଦକ ବାବନ ଜେନା , କେନ୍ଦ୍ରାପଡା ଜିଲ୍ଲା ଦଳିତ ଜାତି ସଂଘର ସଭାପତି ବାରେଣୀ ସେଠୀ , ପଟାମୁଣ୍ଡାଇ ବ୍ଲକ ଦଳିତ ଜାତିସଂଘ ସଭାପତି କଳ୍ପତରୁ ମଲ୍ଲିକ , ସମ୍ପାଦକ ଦିଲ୍ଲୀପ କୁମାର ମଳିକ ,କେନ୍ଦ୍ରାପଡା ଜିଲ୍ଲା ସମତା ମୌଳିକ ଦଳ ସଭାପତି ଖଗେଶ୍ୱର ମଳିକ ,ବାଇଧର ସେଠୀ , ଆମ୍ବେଦକର ଲୋହିଆ ବିଚାର ମଞ୍ଚର କେନ୍ଦ୍ରାପଡା ଜିଲ୍ଲା ମହିଳା ସଭାନେତ୍ରୀ ପ୍ରମିଳା ସେଠୀ , ସମ୍ପାଦକ ସୀତା ସେଠୀ ପ୍ରମୁଖ ଧାରଣାରେ ବସି ରହିଛନ୍ତି । ଅନ୍ୟ ପକ୍ଷରେ ରାଜନଗର ଦଳିତ ସଂପ୍ରଦାୟ ପକ୍ଷରୁ ରାଜନଗର ଥାନା ଆଗରେ ଧାରଣା ଦିଆଯାଇଛି । ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଆମ ଦଳିତ ସଙ୍ଘକୁ ବ୍ୟବହାର କରି ରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନିମାଇଁ ଚରଣ ରାଉତ ଓ ଅନ୍ୟ ମାନଙ୍କ ନାଁରେ ବର୍ତ୍ତମାନର ସରପଞ୍ଚ ମିଥ୍ୟା ଅଭିଯୋଗ କରିଛନ୍ତି । ଏହି ମାମଲାରେ ପୂର୍ବତନ ସରପଞ୍ଚ ଓ ଅନ୍ୟ ମାନଙ୍କର କୌଣସି ସମ୍ପୃକ୍ତି ନଥାଇ ତାଙ୍କୁ ଫସାଇବାକୁ ଚକ୍ରାନ୍ତ କରିଛନ୍ତି । ପୂର୍ବତନ ସରପଞ୍ଚ ଓ ଅନ୍ୟ ମାନଙ୍କ ନାଁରେ ହୋଇଥିବା ଅଭିଯୋଗ ପ୍ରତ୍ୟାହାର ଦାବିରେ ରାଜନଗର ଥାନା ଆଗରେ ଶ୍ରୀଚରଣ ସେଠୀ , ରବୀନ୍ଦ୍ର କୁମାର ସେଠୀ ,ବ୍ରହ୍ମାନନ୍ଦ ସେଠୀ , ଗୋପାଳ ମଳିକ , ସୂର୍ଯ୍ୟକାନ୍ତ ସେଠୀ ପ୍ରମୁଖ ରାଜନଗର ଥାନା ମୁଖ୍ୟ ଫାଟକରେ ଧାରଣାରେ ବସିଥିଲେ । ଧାରଣାରେ ବସିଥିବା ଗୋଷ୍ଠୀଙ୍କ ସହିତ ଅପରାହ୍ନ ସମୟରେ ଏସଡିପିଓ କ୍ଷମାସାଗର ପଣ୍ଡାଙ୍କ ସହିତ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଛି ।

## ବିଜେପି ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା,୧୮।୯/ଏନ୍ଏନ୍ଏସ୍:** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ଦେଶ ସାରା ଆୟୋଜିତ ସେବାପକ୍ଷ ଅନ୍ତର୍ଗତ ଦ୍ୱିତୀୟ ଦିନରେ ବିଜେପି ତରଫରୁ ସ୍ଥାନୀୟ ଗରାପୁରସ୍ଥିତ ଦକ୍ଷିଣକାଳୀ ମନ୍ଦିର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛ ଭାରତ ମିଶନ ଜିଲ୍ଲା ସଂଯୋଜକ ଧିରେନ୍ଦ୍ରନାଥ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ବରିଷ୍ଠ ନେତ୍ରୀ ଗୀତାଞ୍ଜଳୀ ସେଠୀ, ପୂର୍ବତନ ସଭାପତି କିଶୋର କୁମାର ପଣ୍ଡା, ଉପସଭାପତି ଅଭିମନ୍ୟୁ ଗୋଛାୟତ, ସାଧାରଣ ସମ୍ପାଦକ ଅମିତାଭ ସୁଆର, ଜିଲ୍ଲା ମିଡ଼ିଆ ସେଲ୍ ସଂଯୋଜକ ନେହେରୁ କୁମାର ସାହୁ, କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରଧାନ,ବରିଷ୍ଠ କାର୍ଯ୍ୟକର୍ତ୍ତା ଭକ୍ତବନ୍ଧୁ ମିଶ୍ର, ମିହିର ସାମଲ, ଜୀବନାନନ୍ଦ ସାହୁ, ପ୍ରଶାନ୍ତ ସେଠୀ, ପ୍ରଭାତ ମହାନ୍ତି, ଶଶାଙ୍କ ଶେଖର ଓଝା, ଭାରତ ଭୂଷଣ ଦାସ, ମଣ୍ଡଳ ସଭାପତି ନିହାରିକା ନାୟକ, ତାପସ ରଞ୍ଜନ ନାୟକ, ନିହାର ରଞ୍ଜନ ମହାନ୍ତିଙ୍କ ସମେତ ବିନୋଦ ବେହେରା, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ମାନସୀ ସାହୁ, ମଞ୍ଜୁଲତା ମଳିକ, ମନୀନ୍ଦ୍ର ରାଉତ, ଶିବାନୀ ଶଙ୍କର ଦାସ, ମାନସ ରଞ୍ଜନ ଦାସ, ଜ୍ଞାନ ରଞ୍ଜନ ପ୍ରଧାନ, ଅଭିଷେକ ପଣ୍ଡା, ବରଦା ବିଶ୍ୱାଳ, ରମେଶ ସାହୁ, ହରେକୃଷ୍ଣ ରାୟ, ସୁଶାନ୍ତ ମଳିକ, ଅଭିଷେକ କର ପ୍ରମୁଖ ଯୋଗଦେଇ ମନ୍ଦିର ପରିସରରେ ସଫେଇ କରିବା ସହିତ ବ୍ଲିଚିଙ୍ଗ ପାଉଡର ପକାଇଥିଲେ ।

## ଦୋକାନରୁ ଚୋରି ଅଭିଯୋଗ, ୨ ଗିରଫ

**ଧର୍ମଶାଳା,୧୮।୯/ଏନ୍ଏନ୍ଏସ୍:** ଧର୍ମଶାଳା ଥାନା ଅନ୍ତର୍ଗତ ଓଡଙ୍ଗ ଗ୍ରାମରେ ଏକ ଦୋକାନରୁ ଚୋରି ଅଭିଯୋଗରେ ପୁଲିସ ଦୁଇଜଣ ଚୋରଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଥିବା ଜଣାପଡିଛି । ଗିରଫ ଦୁଇ ଚୋର ସମ୍ପର୍କରେ ଦୁଇଭାଇ ହୋଇଥିବା ଜଣାପଡିଛି । ପ୍ରକାଶ, ଗତ ୧୧ ତାରିଖ ରାତିରେ ଓଡ଼ଙ୍ଗ ଛକରେ ଥିବା ସେହି ଗ୍ରାମର ଦୀପ୍ତିରଞ୍ଜନ ଦାସଙ୍କ ଦୋକାନ ଘରେ ପଶି ଦୁଇଭାଇ ନଗଦ ୫୦ହଜାର ଟଙ୍କା ସମେତ ବହୁ ସାମଗ୍ରୀ ଚୋରି କରିନେଇଥିଲେ । ଏନେଇ ଦୋକାନ ମାଲିକ ଶ୍ରୀ ଦାସ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୫୭୧/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ତେବେ ତଦନ୍ତରେ ଏହି ଥାନା ପଦମପୁର ଅଞ୍ଚଳର ସତ୍ୟାନନ୍ଦ ଖୁଣ୍ଟିଆଙ୍କ ଦୁଇପୁଅ ଦୋକାନରୁ ଚୋରି ଅଭିଯୋଗରେ ରାହୁଲ ଖୁଁଟିଆ ଓ ସୁବ୍ରତ ଖୁଁଟିଆ ସମ୍ପୃକ୍ତ ଥିବା ଜଣାପଡିବା ପରେ ପୁଲିସ ଉଭୟଙ୍କୁ ଗିରଫ କରିଥିଲା । ପଚରା ଉଚରା ପରେ ସେ ଚୋରି କରିଥିବା ମାନିବା ସହ ଚୋରି ହୋଇଥିବା ସାମଗ୍ରୀ ଓ ୨୭ହଜାର ଟଙ୍କା ତାଙ୍କ ନିକଟରୁ ପୁଲିସ ଜବତ କରିଛି । ପୁଲିସ ଆଜି ଉଭୟଙ୍କୁ କୋର୍ଟଚାଲାଣ କରିଥିବା ବେଳେ ଏହି ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଥାନାଧିକାରୀ ରଞ୍ଜନ କୁମାର ମାଝୀ ସୁଚନା ଦେଇଛନ୍ତି ।

## ହେରୋଇନ୍ ଜବତ, ୨ଗିରଫ

**ତାଳଚେର,୧୮।୯/ଏନ୍ଏନ୍ଏସ୍:** ତାଳଚେର ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ ସମଲ ଥାନା ଅନ୍ତର୍ଗତ ପରାବିଲ ନିକଟରେ ଚଢ଼ାଉ କରି ଦେବାନନ୍ଦ ଦେହୁରୀ (୩୪)ଙ୍କ ଠାରୁ ୬୭ଗ୍ରାମ ହେରୋଇନ୍ ୫ହଜାର ୨ଶହ ଟଙ୍କା, ଗୋଟିଏ ବଜାଜ ପଲସର୍ ନଂ- ଓଡ଼ି ୩୫ଇ-୬୬୩୬ ଓ ଗୋଟିଏ ମୋବାଇଲ ଜବତ କରିଛନ୍ତି । ସେହିପରି ତାଳଚେର ଅବକାରୀ ଥାନା ଅଧିକାରୀ ହାତିଆ ବେହେରା ଓ କର୍ମଚାରୀ ତାଳଚେର ଥାନା ଅନ୍ତର୍ଗତ କଣ୍ଠାଳ ରାସ୍ତାରେ ଚଢ଼ାଉକରି ପରାବିଲ ଗ୍ରାମର ତାପସ ପ୍ରଧାନଙ୍କ (୩୫)ଙ୍କ ଠାରୁ ୩୭ଗ୍ରାମ ହେରୋଇନ, ଗୋଟିଏ ହିରୋହଣ୍ଡା ସ୍ପ୍ଲେଣ୍ଡର ନଂ - ଓଆର ୧୯-୨୧୨୧ ଓ ଏକ ଭିଭୋ ମୋବାଇଲ ଜବତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ଏହି ଜବତ ହୋଇଥିବା ହେରୋଇନ ମୂଲ୍ୟ ପ୍ରାୟ ୧୦ଲକ୍ଷ ୪ହଜାର ଟଙ୍କା ହେବ ବୋଲି କୁହାଯାଉଛି । ଏହି ଚଢ଼ାଉରେ ଏସ୍ଆଇ ମାନସ ରଞ୍ଜନ ପ୍ରଧାନ, ସରୋଜ ସାହୁ, ପପୁଲ ପ୍ରଧାନ, ବିଜୁଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା କିଷାନ କଂଗ୍ରେସ୍ ପକ୍ଷରୁ ଦାବିପତ୍ର



**ତାଳଚେର,୧୮।୯/ଏନ୍ଏନ୍ଏସ୍:** ଅନୁଗୁଳ ଜିଲ୍ଲାକୁ ଅନେକ ସମୟରେ ସାର ଯୋଗାଣରେ ବହୁ ସମସ୍ୟା ସୃଷ୍ଟି ହେଉଛି । ଜିଲ୍ଲାର ଗୋଟିଏ ର୍ୟାକ ପଏଣ୍ଟ ସ୍ଥାପନ କରାଯିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଏହା ବ୍ୟତୀତ ଚାଷୀଙ୍କୁ ଠିକଣା ସମୟରେ ସାର ଯୋଗାଇ ଦେବାସହ ଚଢ଼ା ଦରରେ ବିକ୍ରି କରୁଥିବା କଳାବଜାରିମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଜି ଅଖିଳ ଭାରତୀୟ କଂଗ୍ରେସ୍ ରାଷ୍ଟ୍ରିୟ ସଂଯୋଜକ ଅମୀୟ ପଟ୍ଟନାୟକ, ଜିଲ୍ଲା କିଷାନ କଂଗ୍ରେସ୍‌ର ପୂର୍ବତନ ସଭାପତି ଦାସରଥି ସାହୁ ରାଜଭବନକୁ ଯାଇ ସ୍ମାରକପତ୍ରରେ ପ୍ରଦାନ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ପରମାନନ୍ଦ ବେହେରା, ପ୍ରମୋଦ ବେହେରା ଓ ସୁଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଏକ ପ୍ରେସ ବିଜ୍ଞପ୍ତ ମାଧ୍ୟରେ ଏହା ଶ୍ରୀ ସାହୁ ଜଣାଇଛନ୍ତି ।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବୃକ୍ଷରୋପଣ



**ପାରାଦୀପ,୧୮।୯/ଏନ୍ଏନ୍ଏସ୍:** ପରିବେଶ ସୁରକ୍ଷା ପାଇଁ ଗଛର ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଏକ୍ ପେଡ୍ ମା' କି ନାମ ପର ଅଭିଯାନରେ ଧରିତ୍ରୀ ମା'କୁ ସମ୍ମାନ ଜଣାଇ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପ୍ରକଳ୍ପ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡିଶା ସରକାର ଓ ଓଡିଶା ବନ ଉନ୍ନୟନ ନିଗମ ଆନୁକୂଲ୍ୟରେ ଏହି ବୃକ୍ଷରୋପଣ କରାଯାଇଛି । ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପରିସର ଢ଼ିଙ୍କିଆ ପଞ୍ଚାୟତର ବଟପଡା ଠାରେ ଏହି ବୃକ୍ଷରୋପଣ କରାଯାଇଛି । ଏଥିରେ ଜେଏସ୍‌ଡବ୍ଲ୍ୟୁ ପାରାଦ୍ୱୀପ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଗଛ ଲଗାଇଥିଲେ । ଏହି ଅଭିଯାନରେ ଆଜି ପ୍ରକଳ୍ପ ପରିସରରେ ଦଶ ହଜାରର ବିଭିନ୍ନ ଗଛ ଲଗା ଯାଇଥିବା ବେଳେ ଆଗାମୀ ଦିନରେ ପ୍ରକଳ୍ପ ପରିସରରେ ହଜାର ହଜାର ସଂଖ୍ୟାରେ ବିଭିନ୍ନ ପ୍ରକାରର ଗଛ ଲଗାଯିବାର କାର୍ଯ୍ୟକ୍ରମ ରହିଛି ।

## ସରପଞ୍ଚ ସରୋଜ ସେଠୀଙ୍କ ପରଲୋକ



**ରାହାମା,୧୮।୯/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ସାଇଲୋ ପଞ୍ଚାୟତର ସୁଯୋଗ୍ୟ ସନ୍ତାନ ତଥା, ଦକ୍ଷ ସଂଗଠକ, ସମାଜସେବୀ, ଯୁବ ସରପଞ୍ଚ ସରୋଜ କୁମାର ସେଠୀଙ୍କ ଅକାଳ ବିୟୋଗରେ ସ୍ତବ୍ଧ ହୋଇଯାଇଛି ପୁରା ଅଞ୍ଚଳ । ଶବାଧାରରେ ସାମିଲ ଥିଲେ ପଞ୍ଚାୟତର ଆବାଳ ବୃଦ୍ଧ ବନିତା ଓ ଶତାଧିକ ପୁରୁଷ ଓ ମହିଳାଙ୍କ ସମେତ ବିଶିଷ୍ଟ ରାଜନେତା ଓ ବ୍ୟକ୍ତି ବିଶେଷ । ଏଭଳି ଦୁଃଖଦ ଖବର ପାଇବା ପରେ ଦୁଃଖରେ ଭାଙ୍ଗି ପଡ଼ିଥିଲେ ଅନେକ । ଏପରି ଏକ ଅପୂରଣୀୟ କ୍ଷତିକୁ କେହି ସହ୍ୟ କରି ପାରୁନଥିଲେ । କଲେଜ ଜୀବନରୁ ନିଜର ରାଜନୈତିକ କ୍ୟାରିଅର ଆରମ୍ଭ କରି ପଞ୍ଚାୟତର ସରପଞ୍ଚ ହେବା ଭିତରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟକୁ କେହି ଭୁଲି ପାରିବେ ନାହିଁ । ଆଗକୁ ଅନେକ ସ୍ୱପ୍ନ ତାଙ୍କର ଅଧୁରା ରହିଗଲା । ମୃତ୍ୟୁକୁ ବି ସେ ହସି ହସି ଗ୍ରହଣ କରି ନେଇଥିଲେ । ମୃତ୍ୟୁ ପରେ ବି ତାଙ୍କର ମୁଖରେ ହସ ଦେଖିବାକୁ ମିଳିଥିଲା । ଜଣେ ପରୋପକାରୀ, ସହୃଦୟ ବ୍ୟକ୍ତିତ୍ୱ ହେଉଛନ୍ତି, ସାଇଲୋର ଯୁବ ସରପଞ୍ଚ ସରୋଜ କୁମାର ସେଠୀ, ରୋଗ ଶଯ୍ୟାରେ ସେ ନିଜକୁ ଭୁଲି ପଞ୍ଚାୟତବାସୀଙ୍କ ଭଲ ମନ୍ଦ ପଚାରୁଥିଲେ । ଏଭଳି ବ୍ୟକ୍ତିତ୍ୱକୁ ହରାଇ ସମସ୍ତ ଅଞ୍ଚଳବାସୀ ମ୍ରିୟମାଣ ହୋଇ ପଡିଛନ୍ତି । ଶବ ଶୋଭାଯାତ୍ରା ରାହାମା ବଜାର ପରିକ୍ରମା ପରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ପରେ ପଞ୍ଚାୟତର ପ୍ରତି ଗ୍ରାମ ପରିକ୍ରମା କରି ସାଇଲୋ ତେର୍ମାଣପୁର ମଠସାହିର ପୈତୃକ ଗ୍ରାମରେ ଶେଷକୃତ୍ୟ ସମାପନ କରାଯାଇଛି ।

## ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ



**ବଡଚଣା,୧୮।୯/ଏନ୍ଏନ୍ଏସ୍:** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୭୫ତମ ଜନ୍ମ ଦିବସ ଅବସରରେ ସେବା ପକ୍ଷ ଉପଲକ୍ଷେ ବଡଚଣା ବ୍ଲକ୍ ଅନ୍ତର୍ଗତ ନୂଆ ହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ମା' ଲାଗି ଗଛଟିଏ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଉଛି । ଏହି ଉପଲକ୍ଷେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ସଭାରେ ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ର ଅଧକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଯୋଗଦେଇ ପରିବେଶ ସୁରକ୍ଷା ଯୁଦ୍ଧ ରେ ଆମକୁ ଜଣେ ଜଣେ ସିପାହୀ ହେବାକୁ ପଡିବ । ଆମ ଜୀବନଶୈଳୀରେ ପରିବର୍ତ୍ତନ ଆଣି ବାକୁ ହେବ । ବର୍ତ୍ତମାନ ତାପମାତ୍ରାରେ ଅହେତୁକ ବୃଦ୍ଧି, ହିମଖଣ୍ଡ ତରଳୀବା, ଅନିର୍ଦ୍ଦିଷ୍ଟ ବର୍ଷା, ଭୟଙ୍କର ବାତ୍ୟା,ବନ୍ୟା,ମରୁଡ଼ି, ଭୁମିକମ୍ପ, ସୁନାମୀ ଆଦି ପ୍ରାକୃତିକ ବିପର୍ଯ୍ୟୟ ସୂଚାଇ ଦେଉଛି ଯେ ପ୍ରାକୃତିର ଭାରସାମ୍ୟ ଠିକ ନାହିଁ । ଏଥିରୁ ତ୍ରାହି ପାଇବା ପାଇଁ ଆମେ ସମସ୍ତେ ବ୍ୟାପକ ଭାବରେ ବୃକ୍ଷରୋପଣ କରିବା ଆବଶ୍ୟକ । ମାଆ ଯେପରି ତାର ସନ୍ତାନର ଯତ୍ନ ନିଏ ଆମେ ସେହିପରି ବୃକ୍ଷର ଯତ୍ନ ନେବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ଅଧ୍ୟାପକ ନାରାୟନ ଚନ୍ଦ୍ର ମୁଦୁଲି ପରିବେଶ ପ୍ରଦୂଷଣ, ଭୂତଳ ଜଳସ୍ତର ହ୍ରାସ, ପାନୀୟଜଳ ସଙ୍କଟ ନେଇ ଚିନ୍ତା ପ୍ରକଟ କରିବା ସହିତ ଏହାର ସମାଧାନ ପାଇଁ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି କାର୍ଯ୍ୟ କ୍ରମରେ ପଞ୍ଚାୟତ ସରପଞ୍ଚ ପୁଷ୍ପ ଲତା ସିଂହ, ସରପଞ୍ଚଙ୍କ ପ୍ରତିନିଧି ଗୌତମ କୁମାର ସିଂହ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରମାକାନ୍ତ ତ୍ରୀପାଠୀ, ସହକାରୀ ଡାଟା ଏଣ୍ଟ୍ରି ଅପରେଟର ଅନୀଲ କୁମାର ସାହୁ, ସମେତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଛାତ୍ରଛାତ୍ରୀମାନେ ସାହାଯ୍ୟ ସହଯୋଗ କରିଥିଲେ ।

## ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଯାଜପୁର,୧୮।୯/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁର ପରିସରରେ ବିଞ୍ଝାରପୁର ମଣ୍ଡଳ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଞ୍ଝାରପୁର ମଣ୍ଡଳ ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ଦ୍ୱରା ଆୟୋଜନା ହୋଇଥିବା ସଭାରେ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶମ୍ଭୁନାଥ ଦାଶ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ମଧୁସୁଦନ ଧଳ, ରାଜେନ୍ଦ୍ର କୁମାର ଦାସ, ବିଞ୍ଝାରପୁର ମଣ୍ଡଳ ସମ୍ପାଦକ ସେକ୍ ସମିମ ଯୋଗଦେଇ ବିଦାୟୀ ମଣ୍ଡଳ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ଗୁଣଗାନ କରିଥିଲେ । ବିଦାୟୀ ଅଧିକାରୀ ଶ୍ରୀ ବିଶ୍ୱାଳଙ୍କୁ ଉପଢୌକନ, ମାନପତ୍ର ଏବଂ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ଦାସ, ଚନ୍ଦ୍ରମଣୀ କର, ଲିପିକା ଦାସ, କୈବଲ୍ୟ ପ୍ରସାଦ ପଣ୍ଡା, ରଶ୍ମୀ ରଞ୍ଜନ ଓଝା, ଭକ୍ତ ହରି ସାହୁ, ଶତାବ୍ଦୀ ତନୟା ଦାସ, ବିଶ୍ୱମ୍ଭର ମଲ୍ଲିକ, ଇନ୍ଦ୍ରଜିତ ପୂଜାରୀ, ମହେଶ୍ୱର ବେହେରା, ପ୍ରଶାନ୍ତ ମଲ୍ଲିକ, ସୁଧାଂଶୁ ସାମଲ, ହରେଶ ଦାସ, ରାହୁଲ କୁମାର ବେହେରା ପରିଚାଳନା କରିଥିଲେ । ବିଞ୍ଝାରପୁର ବ୍ଲକ କ୍ରୀଡ଼ା ସଂଗଠନର ସମସ୍ତ ସଦସ୍ୟ ଏବଂ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ଶେଷରେ ଚନ୍ଦ୍ରମଣୀ କର ଧନ୍ୟବାଦ ଦେଇଥିଲେ ।

## ଜମୁଛି ବିଶ୍ୱକର୍ମା ପୂଜା: ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ




**ପାରାଦୀପ,୧୮।୯/ଏନ୍ଏନ୍ଏସ୍:** ଅନୁକୂଳ ପାଣିପାଗ ମଧ୍ୟରେ ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ବୁଧବାର ଦିନ ଠାରୁ ଆରମ୍ଭ ହୋଇଛି । ତେବେ ମହୋତ୍ସବର ଦ୍ୱିତୀୟ ଦିନରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । ବିଭିନ୍ନ ମଣ୍ଡପରେ ସୁସଜ୍ଜିତ ତୋରଣ ଓ ବିଶ୍ୱକର୍ମାଙ୍କ ଆକର୍ଷଣୀୟ ମୂର୍ତ୍ତି ଶୋଭା ପାଉଥିବା ବେଳେ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସାଦ ବଣ୍ଟନ କରାଯାଇଥିଲା । ସେହିପରି ପୂଜାର ପ୍ରଥମ ସନ୍ଧ୍ୟାରେ ଭାରତୀୟ ବନ୍ଦର ମଜଦୁର ସଙ୍ଘର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସାଧାରଣରେ ଖେଚୁଡ଼ି, ରସାବଳୀ,ଛେନାଝିଲି ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଦ୍ୱିତୀୟ ସନ୍ଧ୍ୟାରେ ଅସମ୍ଭବ ଭିଡ଼ ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟ୍ରେଲର ମିଳିତ ସମନ୍ୱୟ କମିଟି (ଜେସିସି) ଅଧ୍ୟକ୍ଷ ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନ ଏବଂ କର୍ମକର୍ତ୍ତା ତୁଷାରକାନ୍ତ ଭୋଇ, କର୍ମେଶ୍ୱର ସ୍ୱାଇଁ, ପ୍ରକାଶ ଜେନା, ଶ୍ରୀକାନ୍ତ ସାମଲ, ଅରୁଣ ମଙ୍ଗରାଜ, ଆଲୋକ ଦାସ, ସତ୍ୟଜିତ ପ୍ରଧାନ, ଆଶୁତୋଷ ସ୍ୱାଇଁ, ନଗେନ୍ଦ୍ର ରାଉତ, ମନୋଜ ସ୍ୱାଇଁ, ଅରୀକ୍ଷିତ ମାଝି ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ଭି ପଏଣ୍ଟ କେଜି ସ୍କୁଲ ନିକଟରେ ଏକ ମୃଦୁ ପାନୀୟ କାଉଣ୍ଟର ଖୋଲାଯାଇ ସେଠାରେ ନିଃଶୁଳ୍କ ପାନୀୟ ବଣ୍ଟନ କରାଯାଉଛି । ଯେଉଁଠାରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା । ତେବେ ବିବିଏମଏସ ଏବଂ ଜେସିସିର ଏପରି ଉଦ୍ୟମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି । ସାତଦିନ ବ୍ୟାପି ଏହି ମହୋତ୍ସବରେ ଶାନ୍ତିଶୃଙ୍ଖଳା ଓ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ନେଇ ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି । ସେହିପରି ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୌରପାଳିକା ପକ୍ଷରୁ ପୂଜାଞ୍ଚଳରେ ଦୈନନ୍ଦିନ ସଫେଇ କାର୍ଯ୍ୟ ଜାରି ରହିଥିବା ବେଳେ ସର୍ବତ୍ର ଜଳ ଯୋଗାଣ କରାଯାଉଛି । ସେହିପରି ସୂଚନା କେନ୍ଦ୍ରରେ ସ୍ଥିତି ଉପରେ ନଜର ରଖାଯିବା ସହ ଆବଶ୍ୟକୀୟ ସୂଚନା ପ୍ରଦାନ କରାଯାଉଛି । ଅନ୍ୟପକ୍ଷରେ ଉତ୍ସବର ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଦ୍ୱାରା ଏକ ସାମ୍ବାଦିକ ପ୍ରକୋଷ୍ଠ ଖୋଲାଯାଇଛି ।

ପ୍ରହସନ ପାଲଟିଛି ଭିନ୍ନକ୍ଷମ ଚୟନ ଶିବିର

## ପ୍ରମାଣପତ୍ର ନପାଇ ନିରାଶ ହୋଇ ଫେରିଲେ ହିତାଧିକାରୀ



**କାମାକ୍ଷାନଗର,୧୮।୯/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ ଆଳତୁମା ଠାରେ ହୋଇଥିବା ଭନ୍ନକ୍ଷମ ଚୟନ ଶିବିର ଏବେ ପ୍ରହସନ ପାଲଟିଛି । ଏହି ଚୟନ ଶିବିରକୁ ଆସୁଥିବା ହିତାଧିକାରିମାନେ ଉପଯୁକ୍ତ ପରିକ୍ଷା ନିରିକ୍ଷା ହୋଇ ନପାରିବା ଯୋଗୁ ନିରାଶ ହୋଇ ଫେରିବାକୁ ପଡୁଛି । ଏଥିରୁ ବାଦ ପଡିନାହାଁନ୍ତି ଛୋଟ ଛୋଟ କଅଁଳ ବୟସର ଶିଶୁମାନେ । ଜନ୍ମରୁ ଶିଶୁମାନଙ୍କୁ ଭଲରେ ଶୁଣା ଯାଉ ନଥିବା ବେଳେ କଥା ମଧ୍ୟ କହି ପାରୁ ନାହାଁନ୍ତି । ଦୁଇ ଦୁଇ ଜଣ ଶିଶୁ ଏଠାକୁ ଚୟନ ପାଇଁ ଆସିଥିବା ବେଳେ ନିରାଶ ହୋଇ ଫେରିବାକୁ ପଡିଛି । କାମାକ୍ଷାନଗର ମଢ଼ିସାହିର ତ୍ରିଲୋଚନ ବିଶ୍ୱାଳ ୮ବର୍ଷ ଜନ୍ମରୁ କହି ପାରୁ ନାହାନ୍ତି କି ଶୁଣି ପାରୁନାହାନ୍ତି । ଏହାରି ଭିତରେ ନିଜ ସମ୍ପର୍କୀୟଙ୍କ ସହିତ ଯେଉଁଠି ଭିନ୍ନକ୍ଷମ ଚିହ୍ନଟ ଶିବିର ହେଉ କି ଢେଙ୍କାନାଳ ମେଡ଼ିକାଲକୁ ଧାଇଁ ଧାଇଁ ନୟାନ୍ତ ହେଲାପରେ ବି ତାଙ୍କ କଥା କେହି ଶୁଣିବାକୁ ନାରାଜ । ଅନ୍ୟଜଣେ କଣ୍ଟାପାଳ ଶବର ସାହିର ଅଶ୍ୱିନୀ ଦେହୁରୀ ୯ବର୍ଷ ତାଙ୍କର ମଧ୍ୟ ସମାନ ଅବସ୍ଥା । ଯାହା ଫଳରେ ଶିଶୁମାନଙ୍କ ଅବିଭାବକମାନେ ସେମାନଙ୍କୁ ଏହି ଚୟନ ଶିବିରକୁ ଆଣି ଚିକିତ୍ସା କରାଇ ପ୍ରମାଣପତ୍ର ପାଇଲେ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ମିଳିପାରିବ । କିନ୍ତୁ ଏହି ଚୟନ ଶିବିରକୁ ଆସୁଥିବା ବିଭାଗୀୟ ଡାକ୍ତରମାନେ ପରୀକ୍ଷା କରିବା ପାଇଁ ସରଞ୍ଜାମ ନେଇକି ନଆସିବା ଦ୍ୱାରା ଶିଶୁମାନେ ନିରାଶ ହୋଇ ଫେରିବାକୁ ପଡୁଛି । ଉପସ୍ଥିତ ଥିବା ଡାକ୍ତରମାନେ ପ୍ରତ୍ୟେକ ହିତାଧିକାରୀମାନଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସା ହେବାକୁ ପରାମର୍ଶ ଦେଉଛନ୍ତି । ଢେଙ୍କାନାଳ ମେଡିକାଲକୁ ଗଲେ ମଧ୍ୟ ସମାନ ଅବସ୍ଥା ଥିବା କହିଛନ୍ତି ଶିଶୁମାନଙ୍କ ଅବିଭାବକମାନେ । ଏଭଳି ଘଟଣା ପ୍ରତ୍ୟେକ ଚୟନ ଶିବିରରେ ଦେଖାଯାଉ ଥିବା କହିଛନ୍ତି ଏଠାକୁ ଆସିଥିବା ସ୍ୱେଚ୍ଛାସେବୀ ଦିଲୀପ କୁମାର ସେଣ୍ଠ । ତେବେ ଏଭଳି ସ୍ଥିତିରେ ଏଠାରେ କାହିଁକି ଚୟନ ଶିବିର କରାଯାଉଛି ସେନେଇ ପ୍ରଶ୍ନ ମଧ୍ୟ କରିଛନ୍ତି । ତେବେ ଏଠାକୁ ଆସୁଥିବା ହିତାଧିକାରୀମାନେ କିଭଳି ଉପଯୁକ୍ତ ପ୍ରମାଣପତ୍ର ପାଇ ପାରିବେ ସେନେଇ ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

## ଦେପୁର ହାଇସ୍କୁଲ୍‌ରେ ବୃକ୍ଷରୋପଣ



**କେନ୍ଦ୍ରାପଡ଼ା,୧୮।୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ବ୍ଲକ୍ ଓସ୍ତପୁର ପଞ୍ଚାୟତ ଦେପୁର ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ହିନ୍ଦୀ ଦିବସ ଏବଂ ପ୍ରଧାନମନ୍ତ୍ରୀଙ୍କ ମୋଦୀଙ୍କ ଜନ୍ମଦିନ ଅବସରରେ ମା' କେ ନାମ୍ ଏକ୍ ପେଡ୍ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ନାୟକଙ୍କ ସଭାପତିତ୍ୱର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସିଆର୍‌ସିସି ପ୍ରଦୀପ କୁମାର ଖଟୁଆ ଯୋଗ ଦେଇଥିଲେ । ହିନ୍ଦୀ ଶିକ୍ଷକ ମହେଶ୍ୱର ସାହୁ ସଭା ପରିଚାଳନା କରିଥିଲେ । କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହିତ ବିଦ୍ୟାଳୟ ପରିସରରେ ମା' କେ ନାମ୍ ଏକ୍ ପେଡ୍ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ଜେନା, ମାନସ ତରାଇ, ଶଙ୍କର୍ଷଣ ମେକାପ, ରାଇସନ୍ ମାରାଣ୍ଡି, ଦିବ୍ୟଜ୍ୟୋତି ଦାସ, ମଧୁସ୍ମିତା ଲେଙ୍କା, ସୁଜାତା ସାହୁ, ଲକ୍ଷ୍ମୀ ନାୟକ, ସବିତା ରାଉତରାୟ, ଜୟନ୍ତୀ ମହାନ୍ତି, କଳ୍ପନା ବେହେରା, ଆରତୀ ଖଟୁଆ, ସାବିତ୍ରୀ ସାହୁ ପ୍ରମୁଖଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥଲେ ।

## ନିଶା ସିରପ ବେପାରୀ ଗିରଫ

**କେନ୍ଦ୍ରାପଡ଼ା,୧୮।୯/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ନିକଟ ବାଇପାସ୍‌ରୁ ପୁଲିସ ମୁଖ୍ୟାଳୟର ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍ ଚଢଉ କରି ଜଣେ ନିଶା ସିରପ ବେପାରୀଙ୍କୁ ଗିରଫ କରିଛି । ତାଙ୍କ ଠାରୁ ଦୁଇପେଟି ନିଶା ସିରପ ଜବତ କରାଯାଇଛି । ଏହି ବ୍ୟକ୍ତିଜଣଙ୍କ ସହରର ନୂଆବସଷ୍ଟାଣ୍ଡ ନିକଟସ୍ଥ ବାଇପାସ ରାସ୍ତାରେ ଏକ ପାନ ଦୋକାନ କରିଛନ୍ତି । କିନ୍ତୁ ସେଥିରେ ସେ ବେଆଇନ ଭାବେ ନିଶା ସିରପ ବେପାର କରୁଥିଲେ ।

# ଜଗତସିଂହପୁର ଗସ୍ତରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର



**ଜଗତ୍‌ସିଂହପୁର,୧୮।୯/ଏନ୍‌ଏନ୍‌ଏସ୍:** ଗୁରୁବାର ଅପରାହ୍ଣରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଗୁହା ପୁନମ୍ ତାପସ କୁମାର ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ କାର୍ଯ୍ୟାଳୟର କାର୍ଯ୍ୟଧାରା ତଥା ସମ୍ପୃକ୍ତ ବିଭାଗର ଉନ୍ନୟନ ଯୋଜନା ଓ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା ଓ ନିରୀକ୍ଷଣ କରିଛନ୍ତି। ଏହି ଅବସରରେ କମିଶନର ଶ୍ରୀମତୀ ପୁନମ୍ ଜିଲ୍ଲାପାଳ କାର୍ଯ୍ୟାଳୟର ରାଜସ୍ୱ, ରେଜିଷ୍ଟ୍ରାର, ଜିଲ୍ଲା ଅବକାରୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରମୁଖଙ୍କ କାର୍ଯ୍ୟାଳୟ ସମରତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଉପବିଭାଗ ଗୁଡିକର କାର୍ଯ୍ୟଧାରା ନିରୀକ୍ଷଣ କରିଥିଲେ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିଜ ନିଜ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଜେ ସୋନାଲଙ୍କ ତତ୍ୱାବଧାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ-ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ଓ ପାରାଦୀପ ପୌରପରିଷଦ ନିର୍ବାହୀ ଅଧିକାରୀ, ସମସ୍ତ ତହସିଲଦାର, ବିଡିଓଙ୍କ ସମେତ ବସମସ୍ତ ଡେପୁଟି କଲେକ୍ଟର, ସହକାରୀ କଲେକ୍ଟର, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କମିଶନର ଶ୍ରୀମତୀ ପୁନମ୍ ପ୍ରଥମେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ, ପ୍ରଥମେ ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ଅଧିକ୍ଷକଙ୍କ ସହ ମହାବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସ୍ଥାନୀୟ ନିପୁରରେ ପ୍ରସ୍ତାବିତ ମେଡିକାଲ କଲେଜର ଜାଗା ପରିଦର୍ଶନ କରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥିତ ମିଶନ ଶକ୍ତି କାଫେ ଓ ଆହାର କେନ୍ଦ୍ର ପରିଦର୍ଶନ କରି ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ସହ ଆଲୋଚନା କରିଥିଲେ।

# ନ୍ୟାୟ ପାଇଁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ




**କେନ୍ଦ୍ରାପଡ଼ା,୧୮।୯/ଏନ୍‌ଏନ୍‌ଏସ୍:** ନ୍ୟାୟ ନପାଇ ଜୀବିକା ହରାଇଥିବା ଦୁଇ ଦଳିତ ମହିଳା ଓ ସମାଜସେବୀ ସନ୍ଧ୍ୟାରାଣୀ ପଲାଇଙ୍କ ସମେତ ଶତାଧିକ ମହିଳା ଗୁରୁବାର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ପ୍ରଥମେ ଥାନା ପରେ ଏସ୍‌ପି ଓ ଜିଲ୍ଲାପାଳଙ୍କ ପାଖରେ ଗୁହାରି କରି ସେଠାରୁ ନିରାଶ ହୋଇ ନିଜର ଜୀବିକା ହରାଇବା ପରେ ଶେଷରେ ଦୁଇ ଦଳିତ ମହିଳା ବାଧ୍ୟ ହୋଇ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସି ରହିଛନ୍ତି। ସେମାନଙ୍କୁ ସମର୍ଥନ ଜଣାଇ ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ମହିଳା ଅନଶନ ସ୍ଥଳରେ ବସି ରହିଛନ୍ତି। ପ୍ରକାଶ, ଜଣେ ଦଳିତ ମହିଳା ଏକ କେବିନ ଭଡାଦେଇ ପରିବାର ପ୍ରତିପୋଷଣ କରୁଥିବା ବେଳେ ଅନ୍ୟଜଣେ ଦଳିତ ମହିଳା ସେହି କେବିନରେ ଏକ ପାନ ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ଫଳରେ ଗୋଟିଏ କେବିନ ଦୁଇଟି ପରିବାରକୁ ପ୍ରତିପୋଷଣ କରିବାରେ ସହାୟକ ହୋଇଥିଲା। ହେଲେ ଗତ ଜୁଲାଇ ମାସ ୨୫ରେ ସେହି ଗ୍ରାମର ସୁମନ୍ତ ମଲିକ ଓ ତାଙ୍କ ବାପା ନିରଞ୍ଜନ ମଲିକ ଝରଣା ମଲିକଙ୍କ ଦୋକାନରୁ ସମସ୍ତ ଜିନିଷପତ୍ର ଚୋରିକରି ନେଇଥିଲେ। ଏସମ୍ପର୍କରେ ଖବରପାଇ ଝରଣା ଚୋରି ହେଉଥିବା ଦେଖି ମଲ୍ଲି ମଲିକଙ୍କ ସହ ରାଜକନିକା ଥାନାକୁ ଯାଇ ଅଭିଯୋଗ କରିଥିଲେ। ହେଲେ ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ ଘଟଣାକୁ ହାଲୁକା ଭାବେ ଗ୍ରହଣ କରି ଓଲଟା ମଲ୍ଲି ମଲିକ ଓ ଝରଣା ମଲିକଙ୍କୁ ଗାଳିଗୁଲଜ କରିଥିବାର ଅଭିଯୋଗ ହୋଇଥିଲା। ରାଜକନିକା ଥାନା ଅଧିନ ପେଗରପଡା ଗ୍ରାମର ଦଳିତ ମହିଳା ମଲ୍ଲୀ ମଲିକ ଓ ଝରଣା ମଲିକ ଏହି ଅବିଚାରର ଶିକାର ହୋଇଛନ୍ତି। ଏନେଇ ଉଭୟ ଜିଲ୍ଲା ପ୍ରଶାସନ ଓ ଏସ୍‌ପିଙ୍କୁ ଭେଟି ଗୁହାରି କରିଥିଲେ। ହେଲେ ସେଠାରୁ ନ୍ୟାୟ ପାଇନଥିଲେ। ଅପରପକ୍ଷରେ ଅଭିଯୁକ୍ତମାନେ ଅଭିଯୋଗ ପ୍ରତ୍ୟାହାର କରିବା ପାଇଁ ସେମାନଙ୍କୁ ଧମକ ଦେଇଥିଲେ। ଏହାସହ ଝରଣାଙ୍କ ଦୋକାନ ଚାରିକଡେ କଣ୍ଟାବାଡ ବୁଲାଇ ଦୋକନ ଭିତରକୁ ଯିବାକୁ ବାଟ ବନ୍ଦ କରିଦେଇଥିଲେ। ଫଳରେ ଝରଣା ମଲିକ ଓ ମଲ୍ଲୀ ମଲିକ ଜୀବିକା ହରାଇଲେ। ଏସମ୍ପର୍କରେ ଦୁଇ ଦଳିତ ମହିଳା ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ବାରମ୍ବାର ଭେଟି ଅଭିଯୋଗ କରିବା ପରେ ସେଠାରୁ ମଧ୍ୟ ନ୍ୟାୟ ନପାଇ ନିରାଶ ହେବା ପରେ ଆଜି ବାଧ୍ୟ ହୋଇ କେନ୍ଦ୍ରାପଡା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ମହିଳା ଦୁହେଁ ଦାବି କରିଛନ୍ତି ଯେ ଅଭିଯୁକ୍ତ ସୁମନ୍ତ ମଲିକ ଓ ତାଙ୍କ ବାପା ନିରଞ୍ଜନ ମଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ଦୋକାନର କ୍ଷତିପୁରଣ, ସେମାନଙ୍କ ବିରୋଧରେ ହୋଇଥିବା ମିଥ୍ୟା ମକଦ୍ଦମାକୁ ପ୍ରତ୍ୟାହାର କରାଯିବା ସହ ସେମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହିତ ଚୋରାମଦ ବେପାରୀ, ବାଲି ମାଫିଆ, ଏବଂ କନିକା ଥାନା ଅଞ୍ଚଳରେ ଆତଙ୍କରାଜ ଚଳାଇଥିବା ଗୁଣ୍ଡା ବଦମାସଙ୍କ ପୃଷ୍ଠପୋଷକ ସାଜିଥିବା କନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କୁ ଚାକିରୀରୁ ତୁରନ୍ତ ବହିଷ୍କାର କରାଯାଉ ଓ ଗରିବ ଅନୁସୂଚିତ ଜାତିର ଦୁଇ ମହିଳାଙ୍କୁ ସାହାଯ୍ୟ କରୁଥିବା ନାରୀନେତ୍ରୀ ସନ୍ଧ୍ୟାରାଣୀ ପଲାଇଙ୍କୁ ଥାନାଧିକାରୀ ଶ୍ରୀ ମଲ୍ଲିକ ଥାନା ଭିତରେ ଆଶାଳୀନ ଭାଷା ପ୍ରୟୋଗ କରି ଗାଳିଗୁଲଜ କରୁଥିବା ସିସିଟିଭିର ଫୁଟେଜରୁ ସତ୍ୟାସତ୍ୟ ଯାଞ୍ଚ କରାଯିବାକୁ ସେମାନେ ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ ରାଜ୍ୟ ସରକାର ନାରୀ ନିର୍ଯ୍ୟାତନା ବିଶେଷ କରି ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିର୍ଯାତନା ବିରୋଧରେ ଶୂନ୍ୟ ସହନଶୀଳତା ଆପଣେଇ ଥିବାରୁ ତୁରନ୍ତ ଏହି ଘଟଣାରେ ନିରପେକ୍ଷ ତଦନ୍ତ କରାଯାଇ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ପିଡିତା ଦଳିତ ମହିଳା ମଲ୍ଲି ମଲିକ ଓ ଝରଣା ମଲିକ ଦାବି କରିଛନ୍ତି।

AFFIDAVIT

By virtue of an affidavit before Executive Magistrate, Cuttack on 10/09/2025, I, Laxmipriya Dalai, D/o- Late Bipin Bihari Dalai, W/o- Ashis Ranjan Das, At-Majhisahi Madhyakacha Post-Madhyakacha, Dist-Cuttack, Odisha-754200 declare that I have changed my name from Diptimayee Dalai (old name) to Laxmipriya Dalai (New name). Henceforth, I shall be known as **Laxmipriya Dalai** for all purposes

AFFIDAVIT

By virtue of an affidavit sworn in before The Executive Magistrate, Khordha, I Minaketan Maharathi, S/o Late Mahabal Maharathi of Village/PO Nijigarh, Tapanga, PS-Khordha Sadar, Dist-Khordha, Pin-752018 with Aadhar No. 5736 5858 6569 that my name Basudeb Maharathi in my Aadhar card be changed to new name as Minaketan Maharathi. Henceforth I shall be known as **Minaketan Maharathi** for all documentation and official purposes .

AFFIDAVIT

By virtue of an affidavit sworn before the Notary Public, Khordha, I, SK Umar Alli, aged about 53 years, S/o - SK Khalil Raheman, At/Po- Kaipadar, Ps- Sadar Khordha, Dist- Khordha-752056 hereby declare that my Pan card & Aadhaar car my name is SK Umar Alli but my pass port bearing no. L5751466 my name has been recorded as Sekh Umaralli Mian instead of SK Umar Alli. That **SK Umar Alli** & **Sekh Umaralli Mian** both the name are one and same person i.e. my self **SK Umar Alli** for all purposes.

ହଜିଛି

ମୁଁ, କବିରାଜ ନାୟକ, ପିତା- ମହେଶ୍ୱର ନାୟକ, ଗ୍ରାମ- ବାଉଁଶିଆପଡ଼ା, ଥାନା- ଇଟାମାଟି, ଜିଲ୍ଲା- ନୟାଗଡ଼ର ବାସିନ୍ଦା ଏତଦ୍ୱାରା ଘୋଷଣା କରୁଛି ଯେ ଗତ ୧୮.୦୮.୨୦୨୫ ଦିନ ୨:୩୦ ସମୟରେ ମୋ ଗ୍ରାମରୁ ବାଇକ୍ ଯୋଗେ ନୟାଗଡ଼ ଯାଉଥିବାବେଳେ ଇଟାମାଟି ବାଟରେ ମୋ ପାଖରେ ଥିବା ଦୁଇଟି ଅସଲ ପଞ୍ଜିକୃତ ଦଲିଲ ନଂ. ୧୦୦୮/୧୭.୦୩.୧୯୮୭ ଓ ୧୪୯୩/୧୫.୦୪.୧୯୯୬ ଏବଂ ଅନ୍ୟାନ୍ୟ କାଗଜପତ୍ର ହଜିଯାଇଛି। ମୋର ସର୍ବୋତ୍ତମ ଚେଷ୍ଟା ସତ୍ତ୍ୱେ ମୁଁ ତାହା ଖୋଜି ପାଇଲି ନାହିଁ। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ କବିରାଜ ନାୟକଙ୍କ ମୋବାଇଲ୍ ନଂ- ୭୮୫୪୯୨୪୦୨୯ କିମ୍ବା ଆଡଭୋକେଟ୍ ରାଧାକୃଷ୍ଣ ସାହୁ, ମୋବାଇଲ୍ ନଂ - ୯୯୩୮୩୪୯୨୩୭ରେ ଜଣାଇବାକୁ ଅନୁରୋଧ।

AFFIDAVIT

I Mohammed Sharique S/o Md Iqbal Karim resident Shaikh Bazar,PO-Chandinichowk, PS-Lalbag,Town Cuttack- 753002 declare that by this Affidavit No-8135,Dtd-18.09.2025 my child Education certificiate my name wrongly printed as Haji mohammed Sharique instead of Mohammed Sharique. Hazi Mohammed Sharique and Mohammed Sharique is one and same person.Henceforth I shall be known as **MOHAMMED SHARIQUE** for all future purposes.

AFFIDAVIT

By virtue of this affidavit sworn before Executive Magistrate, Nimapada dated 13.08.2025, I, Prasanta Kumar Samantaray, S/o-Benudhar Samantaray, Address At - PDN HORIZON, Plot No-107, Po/Ps - Khandagiri, Dist - Khurdha, declare that in my daughter namely Jigyansa Samantaray, Educational Certificate my name is denoted as Prasant Kumar Samantaray who is my self that actual my name is Prasanta Kumar Samantaray. That **Prasanta Kumar Samantaray** and **Prasant Kumar Samantaray** is one and same person who is my self S/o- Benudhar Samantaray at above noted address.

**Prasanta Kumar Samantaray**

# ଶ୍ରମିକଙ୍କ ପରିବାରକୁ ମିଳିବ ୨୫ଲକ୍ଷ ସହାୟତା

**ତାଳଚେର,୧୮।୯/ଏନ୍‌ଏନ୍‌ଏସ୍:** କୋଇଲା ଖଣିରେ କାର୍ଯ୍ୟରତ ମୃତାହତ ଠିକାଶ୍ରମିକମାନଙ୍କୁ ୧୫ଲକ୍ଷ ପରିବର୍ତ୍ତେ ଏବେ ୨୫ଲକ୍ଷର ଅନୁକମ୍ପା ମୂଳକ ସହାୟତା ରାଶି ତାଙ୍କର ପରିବାରକୁ ପ୍ରଦାନ କରାଯିବ ବୋଲି କୋଇଲା ମନ୍ତ୍ରାଳୟ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ସେପ୍ଟେମ୍ବର ୧୭ରେ ପ୍ରକାଶ ପାଇଛି ବୋଲି ମିଡ଼ିଆସେଲ ପର୍ଶୁରାମ ବାରିକ ସୂଚନା ପ୍ରଦାନ କରିଛନ୍ତି। ପ୍ରକାଶ ୨୦୧୯ରେ ତାଳଚେର ଭରତପୁର ଖଣିରେ ଏକ ବଡ଼ଧରଣର ଦୁର୍ଘଟଣା ଘଟି ବହୁ ଶ୍ରମିକ ମୃତାହତ ହୋଇଥିଲେ। ସେହି ସମୟରେ କୌଣସି ଶ୍ରମିକ ନେତା ସଂଗଠନ ଶ୍ରମିକଙ୍କ ପାଇଁ ସ୍ୱର ଉତୋଳନ କରିନଥିବା ବେଳେ ବିଜେପି ନେତା କାଳନ୍ଦୀ ସମାଲ ଶ୍ରମିକଙ୍କ ହିତରେ ପାଇଁ ସେ ସମୟରେ ଦୀର୍ଘ ୭ଦିନ ପର୍ଯ୍ୟନ୍ତ ଖଣି ବନ୍ଦ କରିଥିଲେ ବୋଲି ଶ୍ରୀ ବାରିକ ଏହା କହିଛନ୍ତି। ଶେଷରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ତାଳଚେର ଆସି ଠିକାଶ୍ରମିକଙ୍କ ମୃତ୍ୟୁରେ ୧୫ଲକ୍ଷ କ୍ଷତିପୂରଣ ଘୋଷଣା କରିଥିଲେ। ଏହାପରେ କୋଇଣ୍ଡିଆ ଏହାକୁ ୨୫ଲକ୍ଷ ଅନୁକମ୍ପା ରାଶି ଘୋଷଣା କରିଥିବାକୁ ନେଇ ବିଜେପି ତଥା ଶ୍ରମିକ ମାନଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କୋଇଲାମନ୍ତ୍ରୀ ଡ଼ି କିଷାନ ରେଡ୍ଡି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କାଳନ୍ଦି ସାମଲଙ୍କୁ ଧନ୍ୟବାଦ୍ ଦେଇଛନ୍ତି।

# 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ



**ଯାଜପୁର,୧୮।୯/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସକୁ ସ୍ମରଣୀୟ କରିବା ପାଇଁ ଯାଜପୁର ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତସ୍ତରରେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଅଧିନରେ ଏକ ଦିବସୀୟ ସମୂହ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୁକିନ୍ଦା ବ୍ଲକ ଦୁଧୁଯୋରୀ ପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁର ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ, ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶ୍ରୀ ବଳ ସାମନ୍ତ ଯୋଗଦେଇ କହିଥିଲେ ଆମ ସମସ୍ତଙ୍କ ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ଏକତ୍ରିତ ହୋଇ ବୃକ୍ଷରୋପଣ କରିବା, କାରଣ ବୃକ୍ଷ ହି ମାନବ ଜୀବନର ପ୍ରକୃତିର ଆଶୀର୍ବାଦ ବୋଲି କହିଥିଲେ। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାରା ଓଡିଶାରେ ୭୫ ଲକ୍ଷ ବୃକ୍ଷ ରୋପଣ କରାଯିବ। ଏହି ଅବସରରେ ସାରା ଜିଲ୍ଲାରେ ୨୨୫୮ ଟି ଜାଗାରେ ୩ ଲକ୍ଷ ୬୦ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଶ୍ରମ ବିଭାଗ, ଆଞ୍ଚଳିକ ପରିବହନ ବିଭାଗ, ଉଦ୍ୟାନ କୃଷି, ଜାଳଛାୟା ପ୍ରକଳ୍ପ,ଶିଳ୍ପ ସଂସ୍ଥା,ମହିଳା ଓ ଶିଶୁ ବିକାଶ, ଗଣଶିକ୍ଷା,ବିଭିନ୍ନ ବ୍ୟାଙ୍କ ଓ ପରିବେଶ ଓ ଜଙ୍ଗଲ ବିଭାଗ ଅଂଶଗ୍ରହଣ କରିଥିଲେ।

## ଶୁଭମିତ୍ରା ହତ୍ୟାକାଣ୍ଡ ଘଟଣା

# ଅଭିଯୁକ୍ତ ସ୍ୱାମୀ ଦୀପକର ପ୍ରେମ ଇତିହାସର ଗୁମର ଖୋଲୁଛି

**ଢେଙ୍କାନାଳ,୧୮।୯/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଟ୍ରାଫିକ୍ କନେଷ୍ଟବଳ ଶୁଭମିତ୍ରା ହତ୍ୟା ଘଟଣା ପର୍ଦ୍ଦାଫାସ ପରେ ଏବେ ଅଭିଯୁକ୍ତ ସ୍ୱାମୀ ଦୀପକର ପ୍ରେମ ଇତିହାସର ପୃଷ୍ଠା ଗୋଟିଏ ପରେ ଗୋଟିଏ ଖୋଲିବାରେ ଲାଗିଛି। ଅଭିଯୁକ୍ତ ଦୀପକ ପୂର୍ବରୁ ଢେଙ୍କାନାଳ ଜିଲ୍ଲା ତିଳପଦା ଗ୍ରାମରେ ବିବାହ କରିଥିବା ବେଳେ ତାର ପ୍ରଥମ ପତ୍ନୀକୁ ଯୋଜନା ବଦ୍ଧ ଭାବେ ହତ୍ୟା କରି ସଡକ ଦୁର୍ଘଟଣାର ରୂପ ଦେଇଥିବା ଅଭିଯୋଗ ଉଠାଇଛନ୍ତି ପରିବାର। ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିବାରୁ ଅଭିଯୁକ୍ତ ଦୀପକକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ, ବୀମା ଟଙ୍କା ହଡପ ଆଳରେ ଚାକିରିଆ ଝିଅମାନଙ୍କୁ କରୁଥିଲା ଟାର୍ଗେଟ। ପ୍ରଥମେ ମାଟ୍ରିମୋନିଆଲ ମାଧ୍ୟମରେ ନିଜର ସୁନ୍ଦର ଚେହରା । ଆଉ ମିଠା ମିଠା କଥା କହି ନିଜ ପ୍ରେମ ଜାଲରେ ଫସାଇବାରେ ମାହୀର ଥିଲା ଦୀପକ। ପରେ ଝିଅମାନଙ୍କୁ ପ୍ରେମ ବିବାହ କରି କରୁଥିଲା ଇମୋସନାଲ ବ୍ଲାକ୍‌ମେଲିଂ। ତାଙ୍କ ଟଙ୍କା ପଇସା ହଡପ ପରେ ନିଜ ଅସଲ ଚରିତ୍ରର ଖେଳ ଖେଳୁଥିଲା ଏହି ପ୍ରେମିକ ପ୍ରବର। ପରେ ଅତି ଚତୁରତାର ସହିତ ଯୋଜନା ବଦ୍ଧ ଭାବେ ହତ୍ୟା କରି ଦୁର୍ଘଟଣା ବା ନିଖୋଜର ରୂପ ଦେଉଥିଲା। ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଦୀପକ ରାଉତ। ଶାରୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ଏବେ ଅଭିଯୁକ୍ତ ଦୀପକ ପ୍ରେମ ଇତିହାସର ଗୋଟିଏ ପରେ ଗୋଟିଏ ପୃଷ୍ଠା ଖୋଲିବାରେ ଲାଗିଛି। କାରଣ ଏହି ଦୀପକ ରାଉତ ପୂର୍ବରୁ ଜଣେ ରାଜସ୍ୱ ନିରୀକ୍ଷକଙ୍କୁ ପ୍ରେମ ବିବାହ କରିଥିଲା। ତେବେ ପ୍ରଥମ ପତ୍ନୀକୁ ଯୋଜନା ବଦ୍ଧ ହତ୍ୟା କରି ସଡକ ଦୁର୍ଘଟଣାର ରୂପ ଦେଇଥିବା ଘଟଣା ଏବେ ସନ୍ଦେହ ଘେରକୁ ଆସିଛି । ଏପରିକି ଶୁଭମିତ୍ରାଙ୍କ ହତ୍ୟା ଘଟଣା ପର୍ଦ୍ଦାଫାସ ପରେ ପ୍ରଥମ ପତ୍ନୀଙ୍କ ପରିବାର ଏବେ ଦୀପକ ନାମରେ ଉଠାଇଛନ୍ତି ଏପରି ସଙ୍ଗୀନ ଅଭିଯୋଗ। ଅନୁସନ୍ଧାନ ମୁତାବକ, ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ତିଳପଦା ଗ୍ରାମର ବିରଞ୍ଚି ରାଉତ ଓ ମା' ଅହଲ୍ୟା ରାଉତଙ୍କ ବଡ଼ ଝିଅ ଅପର୍ଣ୍ଣା ପ୍ରିୟଦର୍ଶିନୀ ।ଅପର୍ଣ୍ଣାଙ୍କୁ ଗତ ୨୦୧୮ମସିହା ଏପ୍ରିଲ ୨୫ ତାରିଖରେ ଦୀପକ ପ୍ରେମ ବିବାହ କରିଥିଲା। ଅପର୍ଣ୍ଣା ପରଜଙ୍ଗ ତହସିଲ ଅନ୍ତର୍ଗତ କନ୍ଦରସିଂହା ପରେ ଓଡ଼ପଡା ବ୍ଲକ ଗଦାଶିଳା ରାଜସ୍ୱ ନିରୀକ୍ଷକ ଭାବେ ଚାକିରି କରୁଥିଲେ। ହଠାତ ଗତ ୨୦୨୨ମାର୍ଚ୍ଚ ୧୭ତାରିଖ ସନ୍ଧ୍ୟାରେ ୬ମାସର ଗର୍ଭବତୀ ଥିବା ଅପର୍ଣ୍ଣାଙ୍କୁ ସ୍ୱାମୀ ଦୀପକ କାର ଯୋଗେ ଭୁବନେଶ୍ୱର ଘରକୁ ନେଉଥିଲେ । ତେବେ ଖୁଣ୍ଟୁଣୀ ନିକଟରେ ସଡକ ଦୁର୍ଘଟଣାରେ ଅପର୍ଣ୍ଣାଙ୍କର ମୃତ୍ୟୁ ଘଟିଛି ବୋଲି ଦୀପକ ଅପର୍ଣ୍ଣାଙ୍କ ପରିବାରକୁ ଅଚାନକ ଖବର ଦେଇଥିଲେ। ଖବର ଶୁଣି ଅପର୍ଣ୍ଣାଙ୍କ ପରିବାର ପକ୍ଷରୁ କଟକ ଯାଇ ଏକ ଘରୋଇ ଡାକ୍ତରଖାନାରେ ମୃତଦେହ ଠାବ କରିବା ପରେ ତାଙ୍କର ସନ୍ଦେହ ହୋଇଥିଲା। ମାତ୍ର ଦୀପକର ମିଠା ମିଠା କଥା ଓ ବ୍ୟବହାରରେ ଫସି ସେତେବେଳେ ଆଉ କୌଣସି ଅଭିଯୋଗ ଉଠାଇନଥିଲେ ପରିବାର। ଏବେ ଏହି ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରାଙ୍କ ନିଖୋଜ ଓ ହତ୍ୟା ରହସ୍ୟ ପଦାକୁ ଆସିବା ପରେ ଦୀପକର ପୂର୍ବ କାର୍ଯ୍ୟକଳାପକୁ ନେଇ ସନ୍ଦେହ ଦୃଢ଼ୀଭୂତ ହେଉଛି। ଏପରିକି ତାଙ୍କ ବଡ଼ ଭଉଣୀକୁ ଯୋଜନା ବଦ୍ଧ ଭାବେ ହତ୍ୟାକରି ଦୁର୍ଘଟଣାର ରୂପ ଦିଆଯାଇଛି ବୋଲି ମୃତ ଅପର୍ଣ୍ଣାଙ୍କ ପରିବାର ଲୋକେ ଦାବି କରୁଛନ୍ତି । ମୃତ ଅପର୍ଣ୍ଣା ପରିବାର କହିବା ମୁତାବକ ମୃତ ଅପର୍ଣ୍ଣାଙ୍କର ଏକ କୋଟିରୁ ଉର୍ଦ୍ଧ୍ୱବୀମା ଓ ବ୍ୟାଙ୍କ୍‌ଟଙ୍କା ଦୀପକ ପାଇଥିବା ବେଳେ ମାତ୍ର ୨୦ଲକ୍ଷ ଟଙ୍କା ତାଙ୍କ ବାପାଙ୍କୁ ଦେଇଥିଲେ। ଏପରିକି ବିବାହ ପରେ ଉଭୟଙ୍କ ମଧ୍ୟରେ ବିବାଦ ଝଗଡ଼ାରେ ବିତସ୍ପୃହ ହୋଇ ଛାଡପତ୍ର ଦେବାକୁ ମଧ୍ୟ ଅପର୍ଣ୍ଣା ନିଜ ମା' ଙ୍କୁ କହିଥିଲେ। ଗୋଟିଏ ପଟେ ଦୀପକ ଜଣେ ପୁଲିସ ଆଉ ଅପର୍ଣ୍ଣାଙ୍କର କେବଳ ଦୁଇ ଭଉଣୀ ଆଉ ବାପା ମା' ବୃଦ୍ଧ ଯୋଗୁଁ ଚୁପ୍ ରହିବାକୁ ବାଧ୍ୟ ହୋଇଥିଲେ ପରିବାର। ତେବେ ଦୀପକର ଅନ୍ୟଜଣେ ଯୁବତୀ ସହିତ ପ୍ରେମ ସମ୍ପର୍କ ଥିବା କଥା ଜାଣି ନଥିଲା ବେଳେ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ଦିନ ଡାକ୍ତରଖାନାକୁ ଆସିଥିବା ଝିଅ ଖୋଦ ଶୁଭମିତ୍ରା ବୋଲି ଏବେ ଜାଣିଲେ ବୋଲି ପରିବାର ଲୋକେ କହିଛନ୍ତି। ଫଳରେ ଦୀପକ ବିବାହ ସତ୍ୱେ ସେତେବେଳେ ସେ ଶୁଭମିତ୍ରାଙ୍କ ସହିତ ପ୍ରେମ ସମ୍ପର୍କ କେବଳ ଟଙ୍କା ଲୋଭ ପାଇଁ ରଖିଥିବା ଏବେ ଜଣାପଡୁଛି । ଏପରିକି ଅପର୍ଣ୍ଣାଙ୍କ ଦୁର୍ଘଟଣା ଅତ୍ୟନ୍ତ ରହସ୍ୟମୟ ଓ ତାଙ୍କୁ ହତ୍ୟା କରାଯାଇ ଦୁର୍ଘଟଣା ରୂପ ଦିଆଯାଇଥିବାରୁ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ପରିବାର ପକ୍ଷରୁ ଦାବି ହୋଇଛି।

# ନଦୀରୁ ମହିଳା ଉଦ୍ଧାର

**ପରଜଙ୍ଗ,୧୮।୯/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ ଦେଇ ବହି ଯାଇଥିବା ବ୍ରାହ୍ମଣୀ ନଦୀରେ ଗେଙ୍ଗୁଟିଆ ପଞ୍ଚାୟତ କୁଲ୍ହେଇ ଗ୍ରାମ ନଦୀ ତୁଠରେ ଗାଧୋଉ ଥିଲା ବେଳେ ମହିଳାଙ୍କ ଗୋଡ଼ ଖସି ଯାଇ ନଦୀରେ ଭାସିଯାଇ ଥିଲେ। ଲୋକମାନଙ୍କ ଠାରୁ ସୂଚନାପାଇ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ମହିଳା ଜଣକ ପ୍ରାୟ ୨ କିଲୋମିଟର ହେବ ଭାସି ଯାଇଥିଲେ। ଜଟିଆ ଠାରେ ନଦୀକୁ ଡେଇଁ ମହିଳାଙ୍କୁ ଉଦ୍ଧାର କରି ଥିଲେ ସନ୍ଥପଡ଼ା ଗ୍ରାମର ଯୁବକ ଯୋଗିନାଥ ସାମଲ। ମହିଳା ଜଣକ କୁଲେଇ ଗ୍ରାମର ଶରତ ଜେନାଙ୍କ ସହଧର୍ମିଣୀ ପ୍ରତିମା ଜେନା (୫୦)।

# ମେଧାବୀ ଛାତ୍ରୀଙ୍କ ନାମଲେଖା ପାଇଁ ଆର୍ଥିକ ସହାୟତା



**କେନ୍ଦ୍ରାପଡ଼ା,୧୮।୯/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ ମେଧାବୀ ଛାତ୍ରୀ ସୁଶ୍ରୀ ରଶ୍ମିତା ସ୍ୱାଇଁଙ୍କୁ ସମିତି ପକ୍ଷରୁ ସଭାପତି ପ୍ରମୋଦ କୁମାର ସାହୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଂଚାୟତର ଦକ୍ଷିଣଖଣ୍ଡ ଭୋଳ ନିବାସୀ ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁ ଓ ମା ପ୍ରମିଳା ସ୍ୱାଇଁଙ୍କ କନ୍ୟା ରଶ୍ମିତା ବର୍ତ୍ତମାନ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀର ପ୍ରଥମ ବର୍ଷରେ ଉଦ୍ଭିଦ ବିଜ୍ଞାନ ସମ୍ମାନ ଶ୍ରେଣୀରେ ଅଧ୍ୟୟନରତ ଚଳିତ ଓଜେଇ ପରୀକ୍ଷାରେ ସେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ବିଏସସି ନର୍ସିଙ୍ଗ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଚଳିତ ମାସ ୨୫ ତାରିଖ ସୁଦ୍ଧା କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ଥିତ ସରକାରୀ ନର୍ସିଙ୍ଗ କଲେଜରେ ନାମ ଲେଖାଇବେ। ଏ ଖବର କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭର ସୋସାଇଟିର ସଭାପତି ଜାଣିବା ପରେ ଆଜି ସମିତିର ମୁଖ୍ୟ କାର୍ଯ୍ୟାଳୟରେ ସଂପାଦକ ଅରବିନ୍ଦ ସାହୁ, ମୁଖ୍ୟ ସାଧାରଣ ପରିଚାଳକ ମନୋଜ ସାହୁ, ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକଙ୍କ ସମେତ ବହୁ କର୍ମଚାରୀଙ୍କ ଗହଣରେ ଏକ ନିରାଡ଼ମ୍ବର ଉତ୍ସବରେ ସଭାପତି ପ୍ରମୋଦ କୁମାର ସାହୁ ସୁଶ୍ରୀ ରଶ୍ମିତା ସ୍ୱାଇଁଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ ସୁଶ୍ରୀ ରଶ୍ମିତାଙ୍କ ପିଉସୀ ରମା କୁମାରୀ ସ୍ୱାଇଁ ଉପସ୍ଥିତ ଥିଲେ। ସମିତିର ଏହି କାର୍ଯ୍ୟକୁ ସର୍ବତ୍ର ପ୍ରଶଂସା କରାଯାଇଛି। ଏହି ସମିତି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନ ମାନଙ୍କୁ ରିଲିଫ ସହାୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଗରିବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥାଏ। ଏହାଛଡା ଜାତୀୟ, ଅନ୍ତର୍ଜାତୀୟ ଓ ରାଜ୍ୟ ସ୍ତରରେ ସଫଳତା ହାସଲ କରିଥିବା କ୍ରୀଡ଼ା ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ପ୍ରୋତ୍ସାହନ ରାଶି ପ୍ରଦାନ କରିଥାଏ। ସେହିପରି ଚିକିତ୍ସା କ୍ଷେତ୍ରରେ ଗରିବ ଓ ଅସହାୟ ରୋଗୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଥାଏ।

**OFFICE OF THE MUNICIPAL COUNCIL: KHORDHA**
At/P.O./Dist. - Khordha.
Phone No. 06755-220674
E-Mail- khurda_municipality@yahoo.co.in

No.3194 Date : 16.09.2025

1. The Executive Officer, Khordha Municipality Invites sealed **Percentage Rate Bids/Tenders** in sealed cover from the intending registered eligible Civil Contractors of state Govt./ Municipality Registered Contractor/ Railways/ CPWD in equivalent rank for execution of different works mentioned below in prescribed forms in conformity with Detail Tender Call Notice as per the Annexure-A.
2. The Key dates & basic information relating to the Tender are as follows clause: -

| SL. NO. | DETAILS OF ACTIVITIES | REMARKS |
|---|---|---|
| i. | Availability of Bid Document | From 11.00 AM on dt. 19-09-2025 to 5.00 PM On dt. 26-09-2025 in the Account Section of Khordha Municipality, Dist. Khordha, Pin:- 752055 |
| ii. | No. of Works | As provided in DTCN |
| iii. | Last date for submission and receipt of Hard Copy of tender document | Up to 5.00 PM on Dt. 26-09-2025. |
| iv. | Date of Opening of Bid | At 11.30 AM on Dt. 03-10-2025 in the address as O/o the Executive Officer, Khordha Municipality |
| v. | Cost of Tender document | As specified in the Column No 4 of Annexure (Non refundable) |
| vi. | Bid Security | As specified in the Column No 5 of Annexure. |
| vii. | Postal Address for sending Bids & further correspondence | Executive Officer, Khordha Municipality, Dist. Khordha, Pin:- 752055, E mail:- khurda_municipality@yahoo.co.in |
| viii. | Other terms and condition are availability in the office website | Khordhamunicipality.in |

OIPR-13082/11/0043/2526 C-1111

Sd/- Executive Officer,
Khordha Municipality

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
OPTCL Lifeline of Odisha
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

TENDER ALERT CAD-1808

**1)Tender Call Notice No. 06 of 25-26:** Bids are invited from eligible bidders for the works of sl no. 01 to 02 under Civil Works Circle, Bhubaneswar.
**2)Tender Call Notice No. 07 of 25-26:** Bids are invited from eligible bidders for the works improvement of boundary wall around 400/220/33kV Grid S/S New Duburi at Bhitaramanika with provision of heightening of boundary wall, safety fencing with concertina coil,repair and painting under Civil Works Circle, Bhubaneswar.
**3)Tender Call Notice No. 03/2025-26:** Construction of RCC slabs for replacement of damaged slabs at 132/33kV Grid S/S Barbil under EHT (O&M) Division, Joda.
**4)Tender Call Notice No. 10/KHU/2025-26:** Construction of one no. of transformer oil sump Pit at Grid S/S Nayagarh under EHT (O&M) Division, Khurda.
**5)Tender Call Notice No. 11/KHU/2025-26:** Provision of hydrant points to individual earth pits inside the S/Y of 220/33kV Grid S/S Nayagarh under EHT (O&M) Division, Khurda.
**6)Tender Call Notice No. 16/BBS/2025-26:** Hiring of diesel run commercial registered 9 seater Non AC Bolero for use at E&MR S/D Bhubaneswar under EHT (O&M) Circle, Bhubaneswar.
**7)Tender Call Notice No. 17/BBS/2025-26:** Supply of 120W LED flood lights and 120W LED street light for proper illumination of different Grid S/Ss (Puri, Konark, Nimapara & Samangara) under EHT (O&M) Division, Puri under EHT (O&M) Circle, Bhubaneswar.
**8)Tender Call Notice No. 18/BBS/2025-26:** Provision of Pipe type earthing in 132kV Khurda-Balugaon and 132kV Khurda-Mendhasal line under EHT (O&M) Division Khurda under EHT (O&M) Circle, Bhubaneswar.
**9)Tender Call Notice No. 19/BBS/2025-26:** Construction of RCC Revetment wall of 220kV Mendhasal-Bidanasi DC line at Loc No-27 under 400kV Line S/D Mendhasal under EHT (O&M) Circle, Bhubaneswar.
**10)Tender Call Notice No. 02/25-26:** Printing and supply of Bay/Equipment/Bus Identification boards of ACP retro reflection radium Sign Boards at different place inside S/Y of Grid S/Ss and Division Office under EHT (O&M) Division, Barpali.
**11)Tender Call Notice No. BRL-20/2025-26:** Cutting/uprooting of grass, shrubs and wild plants including disposal of the remains from non-metalled barren areas of different Grid S/S and anti-weed treatment in the same area under EHT (O&M) Division, Barpali under EHT (O&M) Circle, Burla.
**12)Tender Call Notice No. 07/2025-26:** Supply and installation of 14 nos. of 2 Ton, 5 star Split Air Conditioner for STAMS control room, Network Panel room, UPS room and Battery room at 220/132/33kV Grid S/S, Balasore under EHT (O&M) Division, Balasore under EHT (O&M) Circle, Jajpur Road.
**13)Tender Call Notice No. 08/2025-26:** Engagement of one no. of diesel run commercial registered light vehicle Non-AC 09 seated Bolero (Neo) or equivalent for 220/132/33kV GSS Bhadrak under EHT (O&M) Division, Bhadrak under EHT (O&M) Circle, Jajpur Road.
**14)Tender Call Notice No. RKL 11/25-26:** Procurement and supply of various consumable materials required for annual Maintenance of Grid S/S under EHT (O&M) Division, Rourkela.
**15)E-Tender Call Notice No. 01/2025-26:** Providing hired light commercial vehicles at various units under EHT (O&M) Circle,Jeypore.
**16)Tender Call Notice No. 03/2025-26:** Hiring of AC diesel/petrol run commercial light vehicle namely Maruti Ertiga/ Tata Sumo/ Mahindra Bolero/ TUV 300 for official use of the Sr. General Manager (El.), Northern (O&M) Zone, Balasore.
For more details please visit OPTCL's website: **www.optcl.co.in.**
OIPR-04011/11/0221/2526 FIPR-43/2025-26
/optcl.odisha /optcl_odisha

ନିତିଦିନ NITIDIN



# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା

**ଓଡ଼ଗାଁ,୧୮।୯/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଏନ୍‌ଏସି ଓ ଗ୍ରାମାଞ୍ଚଳ ମାନଙ୍କରେ ବୁଧବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାଉତ୍ସବ ମହା ଧୁମଧାମରେ ପାଳିତ ହୋଇଯାଇଛି। ଓଡ଼ଗାଁ ଏନ୍‌ଏସି, ବ୍ଲକ, ପୂର୍ତ୍ତବିଭାଗ, ବିଦ୍ୟୁତ୍ କାର୍ଯ୍ୟାଳୟ, ଜୟ ଜଗନ୍ନାଥ ମିଶନଶକ୍ତି ଠାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିବାବେଳେ ସିନେମାହଲ ଛକ ବିଶ୍ୱକର୍ମା ବଣିକସଂଘ, ଟ୍ୟାକ୍ସି ଷ୍ଟାଣ୍ଡ ଓ ବିଭିନ୍ନ ଗ୍ୟାରେଜ ମାନଙ୍କରେ ସୁସଜ୍ଜିତ ତୋରଣ ଲାଗି ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ସେହିପରି କୁରାଳ ମେଡିକାଲ ଛକରେ ନିର୍ମାଣ ମିସ୍ତ୍ରୀ ଓ ଶ୍ରମିକ ସଂଘ ପକ୍ଷରୁ ଏହିପୂଜା ଅନୁଷ୍ଠିତ ହୋଇଥିବାବେଳେ ପଣ୍ଡିଖାରି ପଞ୍ଚାୟତ ମାସାବାରି ଗ୍ରାମରେ ବିରାଜିତ ପ୍ରଭୁ ବିଶ୍ୱକର୍ମାଙ୍କ ମନ୍ଦିରରେ ବିଧିମୁତାବକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ କୋମଣ୍ଡ ମକରପଦା ସ୍ଥିତ ଆଇଟିଆଇ କେନ୍ଦ୍ରଠାରେ ବିଶ୍ୱକର୍ମାଙ୍କ ମୃଣ୍ମୟୀମୂର୍ତ୍ତି ସ୍ଥାପନକରି ପୂଜାର୍ଚ୍ଚନା କରାଯାଇଥିବା ବେଳେ ପ୍ରତ୍ୟେକ ପୂଜାମଣ୍ଡପରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ, ମହିଳାପାଲା, ସଙ୍କୀର୍ତ୍ତନ, ଭଜନ ଓ ରାମନାଟକ ପରିବେଷଣ ହେଉଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ

## ଚମୋଲୀରେ ବର୍ଷା ବିପ୍ଳାତ ...

ହୋଇଛି। ବୁଧବାର ରାତିରେ ଆସିଥିବା ଏପ୍ରକାର ବର୍ଷା ପ୍ରଳୟ ଫଳରେ ୨୫ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇପଡ଼ିଥିବା ବେଳେ ୨୦୦ରୁ ଉର୍ଦ୍ଧ୍ୱ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ପୁଲିସ, ଉଦ୍ଧାରକାରୀ ଦଳ, ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ନନ୍ଦନଗରର କୁନ୍ତରୀ ଓ ଲଙ୍ଗଫଲୀରେ ସବୁଠାରୁ ଅଧିକ କ୍ଷୟକ୍ଷତି ଘଟିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବଦ୍ରିନାଥ ରାଜପଥକୁ ବନ୍ଦ କରାଯାଇଛି।

ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଚମୋଲି ଜିଲ୍ଲାର ନନ୍ଦନଗର ଘାଟ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ କୁନ୍ତରୀ ଲାଗାଫାଲି, କୁନ୍ତରୀ ଲାଗାସରପାଣି, ସେରା ଏବଂ ଧୁମା ନାମକ ୪ଟି ଗାଁରେ ବ୍ୟାପକ ବିପର୍ଯ୍ୟୟ ଘଟିଥିବା ଜଣାପଡ଼ିଛି। ଘରଦ୍ୱାର ସହ ଦୋକାନବଜାର ଏବଂ ଗୃହପାଳିତ ପଶୁଙ୍କ ବାସସ୍ଥାନଗୁଡ଼ିକ ନଷ୍ଟ ହୋଇଯାଇଛି। ସେ ସ୍ଥାନୀୟ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ସହ କଥା ହୋଇ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର, ଆହତଙ୍କ ଚିକିତ୍ସା ଏବଂ ରିଲିଫ୍ ସାମଗ୍ରୀ ଯୋଗାଣକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ତୁରନ୍ତ ପ୍ରଭାବିତ ଅଞ୍ଚଳ ଯାଞ୍ଚ କରିବାକୁ କୁହାଯାଇଛି।

## ବର୍ତ୍ତମାନ ସୁଦ୍ଧା ସ୍କ୍ରାପ୍ ...

ରାଜ୍ୟରେ ସ୍କ୍ରାପ୍ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଅଦ୍ୟାବଧି ୪୩୫୧ଟି ଗାଡି ସ୍କ୍ରାପ୍ କରାଯାଇଛି। ସରକାରୀ ଅନୁମୋଦିତ ସଂସ୍ଥା ବଦଳରେ କବାଡ଼ିଆମାନେ ପୁରୁଣା ଗାଡି ସ୍କ୍ରାପ୍ କରୁଥିବା ବିଷୟ ସରକାରଙ୍କ ନଜରକୁ ଆସିନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ଗ୍ରୀଡ୍ ସ୍ଥିରତା ଓ ନେଟ୍ ଜିରୋ ...

କରାଗଲେ ପୂର୍ଣ୍ଣ ନବୀକରଣୀୟ ଶକ୍ତି ପ୍ରୋତ୍ସାହନ ପାଇଁ ଯୋଗ୍ୟ ଅଟନ୍ତି ଏବଂ ଓଡ଼ିଶା ବାହାରୁ ସୋର୍ସିଂ ପାଇଁ ସେମାନଙ୍କୁ କୌଣସି ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନୀତି ସହିତ, ଓଡ଼ିଶା ଏକ ସ୍ଥିର, ନବୀକରଣ-ଚାଳିତ-ଶକ୍ତିସମ୍ପନ୍ନ ଭବିଷ୍ୟତ ପାଇଁ ଭିତ୍ତିଭୂମି ସ୍ଥାପନ କରୁଛି। ଏହା ସ୍ଥାୟୀ ଅଭିବୃଦ୍ଧି ଏବଂ ଜଳବାୟୁ-ସଚେତନ ବିକାଶ ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

## ଶିଳ୍ପସଂସ୍ଥାଙ୍କ ଉପରେ ୩୭୯୭ ...

ଉପରେ ୧୦୮କୋଟି, ଝାରସୁଗୁଡ଼ାରେ ଥିବା ଓପିଜିସି ଉପରେ ୨୫ କୋଟି, ପିପିଏଲ୍ ଉପରେ ୪୫ କୋଟି, ସମ୍ବଲପୁରଠାରେ ଥିବା ଭିରାଜ ଷ୍ଟିଲ୍ ଉପରେ ୯୮ କୋଟି, ଝାରସୁଗୁଡାର ବି ଆର୍ ଷ୍ଟିଲ୍ ଆଣ୍ଡ୍ ପାୱାର୍ ଉପରେ ୨୨ କୋଟି ଟଙ୍କାର ଜଳକର ବାକି ରଖିଛି। ସେହିଭଳି ବୈତରଣୀରୁ ଜଳ ନେଇଥିବା ୧୭ଟି କମ୍ପାନୀ ମଧ୍ୟରୁ ୩ଟି କମ୍ପାନୀ ଉପରେ ୧ କୋଟିରୁ ସାମାନ୍ୟ ଅଧିକ ଜଳକର ଥିବାବେଳେ ବ୍ରାହ୍ମଣୀରୁ ପାଣି ନେଇଥିବା ୪୯ଟି ମଧ୍ୟରୁ ଅଧିକାଂଶ ଜଳକର ବାକି ରଖିଛନ୍ତି। ସେମାନଙ୍କ ଉପରେ ୮୨୨ କୋଟି ଟଙ୍କାରୁ ଅଧିକ ଜଳକର ବାକି ପଡିଛି। ଇନ୍ଦ୍ରାବତୀରୁ ଜଳ ନେଇଥିବା ଦୁଇଟି କମ୍ପାନୀ ଉପରେ ୯ କୋଟି ଟଙ୍କାର ଜଳକର ବାକିଆ ଥିବାବେଳେ କୋଲାବରୁ ଜଳ ନେଇଥିବା କମ୍ପାନୀ ଉପରେ ୧୫୦୯ କୋଟି, ନାଗାବଳୀରୁ ଜଳ ନେଇଥିବା କମ୍ପାନୀ ଉପରେ ୪୯୦ କୋଟି, ଋଷିକୂଲ୍ୟାରୁ ଜଳ ନେଇଥିବା କମ୍ପାନୀ ଉପରେ ୨କୋଟିରୁ ଅଧିକ ବାକିଆ ଗଡୁଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

## କଂଗ୍ରେସ ଆଣିଲା ଅନାସ୍ଥା ...

ସମର୍ଥନ ବି ଲୋଡ଼ିଛି କଂଗ୍ରେସ। ଗୁରୁବାର ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ କଂଗ୍ରେସ ସଭ୍ୟମାନେ ବିରୋଧୀ ଦଳ ନେତା ତଥା କଂଗ୍ରେସ ବିଧାୟକ ଦଳ ନେତା ନବୀନ ପଟ୍ଟନାୟକଙ୍କ ପ୍ରକୋଷ୍ଠକୁ ଯାଇ ବିଜେଡିର ସମର୍ଥନ ଲୋଡ଼ିଥିଲେ। ଏନେଇ ସେମାନେ ବିଜେଡି ସଭ୍ୟ ବିଧାୟକ ପ୍ରତାପ ଦେବଙ୍କ ସହ ବିସ୍ତୃତ ଆଲୋଚନା ବି କରିଥିଲେ। ହେଲେ ବିଜେଡି କିଛି ସ୍ପଷ୍ଟ ନକରି ଝୁଲାଇ ରଖିଥିଲା।

କଂଗ୍ରେସର ଅନାସ୍ଥା ପ୍ରସଙ୍ଗ ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ବିଜେଡି ସହ କଂଗ୍ରେସ ନେତା ଏନେଇ ଆଲୋଚନା କରି ନାହାନ୍ତି। ଆମେ ଆମ ପ୍ରସଙ୍ଗ ଉଠାଇବୁ। ଅନ୍ୟପକ୍ଷରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗରେ ବିଜେପି ବିଧାୟକ ବାବୁ ସିଂ କହିଥିଲେ, 'ଜଗତେ କେବଳ ଜନେ ହସିବେ'। ଅନାସ୍ଥା ଆଣି କଂଗ୍ରେସ ଲୋକହସା ହେବ। ବିଧାନସଭାରେ ଆବଶ୍ୟକ ସଂଖ୍ୟା ନଥାଇ ଅନାସ୍ଥା ଆଣିବା କେବଳ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ କଂଗ୍ରେସର ଏକ ଷ୍ଟଣ୍ଟ୍। ଅନାସ୍ଥା ପ୍ରସ୍ତାବ ସରକାରଙ୍କ ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି ବାବୁ ସିଂ କହିଛନ୍ତି।

## ମେଡିକାଲ୍ ଶିକ୍ଷା ଓ ...

ସ୍ନାତକୋତ୍ତର ମେଡିକାଲ୍ ପ୍ରତିଷ୍ଠାନ ଯଥା ପିଜିଆଇଏମ୍‌ଇଆର୍ ଭୁବନେଶ୍ୱର ଏବଂ ଏଏଚ୍‌ପିଜିଆଇସି, କଟକରେ ମଧ୍ୟ ନୂଆ ପ୍ରଫେସର ନିଯୁକ୍ତି ଦିଆଯାଇଛି। ସମ୍ପ୍ରତି ସରକାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ମେଡିକାଲଗୁଡ଼ିକରେ ୯୧ ଜଣ ଆସୋସିଏଟ୍ ପ୍ରଫେସର୍ (୨୩ ଟି ବିଶେଷଜ୍ଞ ବିଭାଗରେ) ଏବଂ ୭ ଜଣ ଆସୋସିଏଟ୍ ପ୍ରଫେସର୍ (୬ ଟି ସୁପର୍‌ସ୍ପେସାଲିଟି ବିଭାଗରେ)ଙ୍କୁ ନିଯୁକ୍ତି ଦେଇଛନ୍ତି। ଏସ୍‌ସିବି ମେଡିକାଲ୍ କଲେଜରେ ୧୫ ଜଣ ସ୍ପେସିଆଲିଷ୍ଟ ଓ ୪ ଜଣ ସୁପର୍ ସ୍ପେସିଆଲିଷ୍ଟ, ଏମ୍‌କେସିଜିରେ ୧୯ ସ୍ପେସିଆଲିଷ୍ଟ ଓ ୩ ସୁପର୍ ସ୍ପେସିଆଲିଷ୍ଟ, ପିଆର୍‌ଏମ୍‌ରେ ୬ , ଏସଏଲ୍‌ଏନ୍ ମେଡିକାଲ କଲେଜ୍‌ରେ ୧୦, ଏଫ୍‌ଏମ୍ ମେଡିକାଲ କଲେଜରେ ୬, ବିବି ମେଡିକାଲ କଲେଜରେ ଜଣେ, ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ପୁରୀରେ ୨, ସରକାରୀ ମେଡିକାଲ୍ କଲେଜ ସୁନ୍ଦରଗଡ଼ରେ ୬, ଡିଡି ମେଡିକାଲ କଲେଜ୍ କେନ୍ଦୁଝରରେ ୫, ଏସ୍‌ଆର୍‌ଏମ୍ ମେଡିକାଲ କଲେଜ୍ ଭବାନୀପାଟଣାରେ ୭, ଏମ୍‌ଜିକେ ମେଡିକାଲ କଲେଜ୍‌ରେ ୨, ପିଏମ୍‌ପି ମେଡିକାଲ କଲେଜ୍ ତାଳଚେରରେ ୮, ସରକାରୀ ମେଡିକାଲ କଲେଜ ଫୁଲବାଣୀରେ ୫, ପିଜିଆଇଏମ୍‌ଇଆର କ୍ୟାପିଟାଲ୍ ହସ୍ପିଟାଲ୍‌ରେ ୮ ଆସୋସିଏଟ୍ ପ୍ରଫେସର୍‌ଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି। ଏହାଛଡ଼ା ବିଭିନ୍ନ ମେଡିକାଲ୍ କଲେଜରେ ୩୮ପ୍ରଫେସର୍ ଏବଂ ୨୭ ଆସୋସିଏଟ୍ ପ୍ରଫେସର୍ ପଦବୀକୁ ବିଭାଗୀୟ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇଛି।

## ପୋଡ଼ାଯାଇ ପୋତାହେଲା ...

ପୁଲିସ୍ ପକ୍ଷରୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ୩ଟି ଘରେ ଚଢ଼ଉ କରାଯାଇଥିଲା। ଜବତ ବାଣର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ସୁନ୍ଦରପୁର ଗ୍ରାମର ଟାୱାର୍ ସାହିର ପପୁନ ପାତ୍ରଙ୍କ ଘରୁ ସମସ୍ତ ବାଣ ଠାବ ହୋଇଥିବା ଜଣାପଡ଼ିଛି। ମାଜିଷ୍ଟ୍ରେଟ୍ ଭାବେ ଛତ୍ରପୁର ଅତିରିକ୍ତ ତହସିଲଦାର ରବି ପ୍ରଧାନ ଉପସ୍ଥିତ ଥିଲେ। ଜବତ ବାଣକୁ ଛତ୍ରପୁର ଏସ୍‌ଡିପିଓ, ଛତ୍ରପୁର ଥାନା ଅଧିକାରୀ, ଅତିରିକ୍ତ ତହସିଲଦାର, ଅଗ୍ନିଶମ ବିଭାଗ, ବୋମ ସ୍କ୍ୱାର୍ଡ, ମେଡ଼ିକାଲ ଅଧକ୍ଷ ଡ. ସୌମ୍ୟକାନ୍ତ ମହାପାତ୍ର ଉପସ୍ଥିତ ରହି ପାଲୁରଗଡ଼ ପାହାଡ଼ ଫାୟାରିଂ ସେଣ୍ଟର୍ ଉପରେ ଜେସିବି ସାହାର୍ଯ୍ୟରେ ମାଟି ଖୋଳାଯାଇ ବାଣ ଗୁଡ଼ିକୁ ନିଆଁଲଗାଇ ପୋଡ଼ି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅଗ୍ନିଶମ ବିଭାଗ ଦ୍ୱାରା ପାଣି ପକେଇ ଲିଭାଯିବା ସହ ପୋତି ଦିଆଯାଇଥିଲା। ଏହି ମାମଲାରେ ପୁଲିସ ଜଣକୁ ଗିରଫ କରିଥିବା ଜଣାଯାଇଛି।

# ପ୍ରଧାନମନ୍ତ୍ରୀ ମୋଦୀ: ପ୍ରଯୁକ୍ତିର ଚାମ୍ପିଅନ୍



**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ବିଦ୍ୟା, ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ

ସେଦିନ କଥା ମନେ ପକାନ୍ତୁ ଯେତେବେଳେ ସରକାରୀ କାଗଜ ଖଣ୍ଡେ ପାଇବା ଏକ ପ୍ରକାର ସ୍ୱପ୍ନ ଥିଲା। ବାରମ୍ବାର ଯାତ୍ରା, ଲମ୍ବାଧାଡ଼ି, ମନ ଇଚ୍ଛା ଶୁଳ୍କ ବର୍ତ୍ତମାନ ଏହା ଆପଣଙ୍କ ଫୋନ୍‌ରେ ଉପଲବ୍ଧ ହୋଇଯାଉଛି। ଏହି ରୂପାନ୍ତରଣ ଅକସ୍ମାତ ଘଟିନଥିଲା। ପ୍ରଧାନମନ୍ତ୍ରୀ ମୋଦୀ ପ୍ରଯୁକ୍ତିବିଦ୍ୟାକୁ ଭାରତର ସବୁଠୁ ବଡ଼ ସମାନତା ଉପକରଣ ରୂପେ ବ୍ୟବହାର କରିଥିଲେ। ଜଣେ କର୍ପୋରେଟ୍ ଅଧିକାରୀ ଯେଉଁ ୟୁପିଆଇ ପେମେଣ୍ଟ ସିଷ୍ଟମ୍ ବ୍ୟବହାର କରୁଛନ୍ତି, ମୁମ୍ବାଇର ଜଣେ ରାସ୍ତାକଡ଼ ଉଠାଦୋକାନୀ ମଧ୍ୟ ସେହି ବ୍ୟବସ୍ଥାକୁ ଉପଯୋଗ କରୁଛନ୍ତି। ତାଙ୍କ ଦୃଷ୍ଟିରେ ପ୍ରଯୁକ୍ତିବିଦ୍ୟାରେ କୌଣସି ଉଚ୍ଚନୀଚ ଭେଦଭାବ ନାହିଁ। ଏହି ପରିବର୍ତ୍ତନ ତାଙ୍କର ଅନ୍ତ୍ୟୋଦୟର ମୂଳ ଦର୍ଶନ, ଅର୍ଥାତ୍ ଧାଡ଼ିର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚିବାର ଦର୍ଶନକୁ ପ୍ରତିଫଳିତ କରେ। ପ୍ରତ୍ୟେକ ଡିଜିଟାଲ୍ ପଦକ୍ଷେପର ଲକ୍ଷ୍ୟ ହେଉଛି ସମସ୍ତଙ୍କ ପାଇଁ ପ୍ରଯୁକ୍ତିବିଦ୍ୟାକୁ ସାର୍ବଜନୀନ କରିବା। ଗୁଜରାଟରେ ଯାହା ପରୀକ୍ଷଣ ଭାବରେ ଆରମ୍ଭ ହୋଇଥିଲା ତାହା ଭାରତରେ ଡିଜିଟାଲ୍ ବିପ୍ଳବର ମୂଳଦୁଆ ପାଲଟିଛି।

- **ଗୁଜରାଟ: ଏଠାରୁ ହୋଇଥିଲା ଆରମ୍ଭ**

ମୁଖ୍ୟମନ୍ତ୍ରୀ ଭାବରେ ଶ୍ରୀ ମୋଦୀ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ବ୍ୟବହାର ଜରିଆରେ ଗୁଜରାଟକୁ ପରିବର୍ତ୍ତନ କରିଥିଲେ। ୨୦୦୩ ମସିହାରେ ଆରମ୍ଭ ହୋଇଥିବା ଜ୍ୟୋତିଗ୍ରାମ ଯୋଜନାରେ ଫିଡର୍ ପୃଥକୀକରଣ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଥିଲା। ଗ୍ରାମୀଣ ଶିଳ୍ପଗୁଡ଼ିକ ୨୪ ଘଣ୍ଟିଆ ବିଦ୍ୟୁତ୍ ସହିତ ପୁନର୍ଜୀବିତ ହୋଇଥିଲା। ଅନ୍ୟପକ୍ଷରେ ନିର୍ଦ୍ଧାରିତ କୃଷି ବିଦ୍ୟୁତ୍ ମାଧ୍ୟମରେ ଭୂତଳ ଜଳ ହ୍ରାସ ପାଇଥିଲା। ମହିଳାମାନେ ରାତିରେ ପାଠ ପଢ଼ିପାରିଲେ ଏବଂ ଛୋଟ ବ୍ୟବସାୟଗୁଡ଼ିକ ସମୃଦ୍ଧ ହେଲା, ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସ୍ଥାନାନ୍ତର ହ୍ରାସ ପାଇଲା। ଏକ ଅଧ୍ୟୟନ ଅନୁଯାୟୀ, ମାତ୍ର ଅଢ଼େଇ ବର୍ଷ ମଧ୍ୟରେ ୧,୧୧୫ କୋଟି ଟଙ୍କା ନିବେଶ ପୁନରୁଦ୍ଧାର ହୋଇଥିଲା। ସେ ୨୦୧୨ରେ ନର୍ମଦା କେନାଲ୍‌ରେ ସୌର ପ୍ୟାନେଲ୍ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ପ୍ରକଳ୍ପ ବାର୍ଷିକ ୧୬ ନିୟୁତ ୟୁନିଟ୍ ଉତ୍ପାଦନ କରିଥିଲା, ଯାହା ୧୬,୦୦୦ ପରିବାର ପାଇଁ ଯଥେଷ୍ଟ ଥିଲା। ଏହା ବାଷ୍ପୀଭବନ ହାରକୁ ମଧ୍ୟ ଧୀର କରିଥିଲା ଯାହା ଶେଷରେ ଜଳର ଉପଲବ୍ଧତାକୁ ବୃଦ୍ଧି କରିଥିଲା। ଏହି ଦ୍ୱୈତ-ଲାଭ ପଦ୍ଧତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଯୁକ୍ତିବିଦ୍ୟା ପ୍ରତି ଦୃଷ୍ଟିକୋଣକୁ ପ୍ରଦର୍ଶନ କରେ। ଗୋଟିଏ ହସ୍ତକ୍ଷେପ ମାଧ୍ୟମରେ ଏହା ବହୁବିଧ ସମସ୍ୟାର ସମାଧାନ କରିଥିଲା। ଜଳ ସଂରକ୍ଷଣ ସହିତ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିଥିଲା। ଏହା ଦକ୍ଷତା ଏବଂ ପ୍ରଭାବକୁ ଏକାକୀ ସମାଧାନଠାରୁ ବହୁ ଦୂରରେ ପ୍ରଦର୍ଶନ କରିଥିଲା। ଆମେରିକା ଏବଂ ସ୍ପେନ୍ ଦ୍ୱାରା ଏହାର ଜାଗତିକ ଗ୍ରହଣ ଏହି ନବସୃଜନର ପ୍ରଭାବକୁ ଅଧିକ ବିଶ୍ୱସନୀୟ କରିଥିଲା। ଇ-ଧାରା ସିଷ୍ଟମ୍ ଜମି ରେକର୍ଡକୁ ଡିଜିଟାଲ୍ କରିଥିଲା। ସେହିପରି 'ସ୍ୱାଗତ' ନାଗରିକମାନଙ୍କୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ଦେଇଥିଲା। ଅନ୍‌ଲାଇନ୍ ଟେଣ୍ଡର୍ ବ୍ୟବସ୍ଥା ଦୁର୍ନୀତିକୁ ଦୂର କରିଥିଲା। ଏହି ପଦକ୍ଷେପଗୁଡ଼ିକ ଦୁର୍ନୀତି ହ୍ରାସ କରିଥିଲା ଏବଂ ସରକାରୀ ସେବା ପାଇବାକୁ ଅଧିକ ସହଜ କରିଥିଲା। ସେ ଶାସନ ପ୍ରତି ଲୋକଙ୍କ ବିଶ୍ୱାସକୁ ପୁନଃପ୍ରତିଷ୍ଠା କରିଥିଲେ ଯାହା ଗୁଜରାଟରେ ହାସଲ ହୋଇଥିବା ଗୋଟିଏ ପରେ ଗୋଟିଏ ନିର୍ବାଚନୀ ସଫଳତାରେ ପ୍ରତିଫଳିତ ହୁଏ।

- **ଜାତୀୟ ଚିତ୍ରପଟ୍ଟ**

୨୦୧୪ ମସିହାରେ, ସେ ଗୁଜରାଟର ଅଭିଜ୍ଞତା ଏବଂ ଶିକ୍ଷାକୁ ଦିଲ୍ଲୀ ଆଣିଥିଲେ। କିନ୍ତୁ ଏଠାରେ ସ୍ଥିତି ଭିନ୍ନ ଥିଲା। ତାଙ୍କ ନେତୃତ୍ୱରେ, ବିଶ୍ୱର ସବୁଠାରୁ ସମାବେଶୀ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, ଇଣ୍ଡିଆ ଷ୍ଟାକ୍ ପ୍ରତିଷ୍ଠା କରାଯାଇଥିଲା। ଜାମ ତ୍ରୟ ଏହାର ମୂଳଦୁଆ ଗଢ଼ିଥିଲା। ଜନ ଧନ ଆକାଉଣ୍ଟଗୁଡ଼ିକ ୫୩ କୋଟିରୁ ଅଧିକ ଲୋକଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସାମିଲ କରିଥିଲା। ବର୍ତ୍ତମାନସୁଦ୍ଧା ଆର୍ଥିକ ଭାବରେ ବଞ୍ଚିତ ଲୋକମାନଙ୍କୁ ପ୍ରଥମ ଥର ପାଇଁ ଆନୁଷ୍ଠାନିକ ଅର୍ଥବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ରାସ୍ତାକଡ଼ ବିକ୍ରେତା, ଦୈନିକ ମଜୁରିଆ ଏବଂ ଗ୍ରାମୀଣ ପରିବାର ଯେଉଁମାନେ ପୂର୍ବରୁ ସମ୍ପୂର୍ଣ୍ଣ ନଗଦରେ କାରବାର କରୁଥିଲେ ସେମାନଙ୍କର ଏବେ ବ୍ୟାଙ୍କ ଆକାଉଣ୍ଟ ଅଛି। ଏହା ସେମାନଙ୍କୁ ସୁରକ୍ଷିତ ଭାବରେ ସଞ୍ଚୟ କରିବାକୁ, ସିଧାସଳଖ ସରକାରୀ ସୁବିଧା ପାଇବାକୁ ଏବଂ ଋଣ ପାଇବାକୁ ସକ୍ଷମ କରିଥିଲା। ଆଧାର ଏବେ ସୁଦ୍ଧା ୧୪୨ କୋଟି ପଞ୍ଜୀକରଣ ସହିତ ନାଗରିକମାନଙ୍କୁ ଏକ ଡିଜିଟାଲ୍ ପରିଚୟ ଦେଇଛି। ଏକାଧିକ ଡକ୍ୟୁମେଣ୍ଟ ଯାଞ୍ଚ ଆବଶ୍ୟକ କରିବା ପରିବର୍ତ୍ତେ ସରକାରୀ ସେବାଗୁଡ଼ିକ ପାଇବା ସହଜ ହୋଇଛି। ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର ଦଲାଲମାନଙ୍କୁ ହଟାଇ ଦେଇଛି ଏବଂ ବାଟମାରଣା ହ୍ରାସ କରିଛି। ଡିବିଟି ବ୍ୟବହାରରୁ ଏପର୍ଯ୍ୟନ୍ତ ୪.୩ ଲକ୍ଷ କୋଟି ଟଙ୍କାରୁ ଅଧିକ ସଞ୍ଚୟ ହୋଇଛି। ଏହି ସଞ୍ଚୟ ଅଧିକ ସ୍କୁଲ, ହସ୍ପିଟାଲ ଏବଂ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ପାଇଁ ବ୍ୟବହୃତ ହେଉଛି। ପୂର୍ବରୁ, ଗ୍ରାହକଙ୍କ ପରିଚୟ ଯାଞ୍ଚ ଏକ ଜଟିଳ ପ୍ରକ୍ରିୟା ଥିଲା। ଏଥିପାଇଁ କାଗଜପତ୍ର ଯାଞ୍ଚ, ମାନୁଆଲ୍ ପ୍ରକ୍ରିୟା ଏବଂ ଏକାଧିକ ସ୍ଥାନକୁ ଯିବା ଆବଶ୍ୟକ ହେଉଥିଲା। ଏହାଦ୍ୱାରା ପ୍ରତ୍ୟେକ ଯାଞ୍ଚ ପାଇଁ ସେବା ପ୍ରଦାନକାରୀମାନଙ୍କୁ ଶହ ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା। ଆଧାର-ଆଧାରିତ ଇ-କେୱାଇସି ଏହାକୁ ପ୍ରତ୍ୟେକ ଥର ପରିଚୟ ପ୍ରମାଣୀକରଣ ପାଇଁ ମାତ୍ର ୫ ଟଙ୍କାକୁ ହ୍ରାସ କରିଛି। ବର୍ତ୍ତମାନ ସବୁଠାରୁ ଛୋଟ କାରବାର ମଧ୍ୟ ଆର୍ଥିକ ଭାବରେ ସମ୍ଭବ ହୋଇଛି। ୟୁପିଆଇ ଭାରତର ଅର୍ଥ ନେଣଦେଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଛି। ଏହାର ଶୁଭାରମ୍ଭ ହେବା ପରଠାରୁ ଏବେ ସୁଦ୍ଧା ୫୫ କୋଟିରୁ ଅଧିକ ବ୍ୟବହାରକାରୀ ୟୁପିଆଇରେ ଅର୍ଥ କାରବାର କରିଛନ୍ତି। କେବଳ ଅଗଷ୍ଟ ୨୦୨୫ରେ ୨୪.୮୫ ଲକ୍ଷ କୋଟି ଟଙ୍କାର ୨୦ ବିଲିୟନରୁ ଅଧିକ କାରବାର ହୋଇଥିଲା। ଟଙ୍କା ସ୍ଥାନାନ୍ତର ପ୍ରକ୍ରିୟା ଏକ ସମୟ ସାପେକ୍ଷ ବ୍ୟାଙ୍କ କାରବାର ପରିବର୍ତ୍ତେ ୨ ସେକେଣ୍ଡରୁ କମ୍ ସମୟର ଫୋନ୍ ସ୍କାନ୍‌ରେ ପରିଣତ ହୋଇଛି। ବ୍ୟାଙ୍କ ଯିବା, ଧାଡ଼ିରେ ଠିଆ ହେବା ଏବଂ କାଗଜପତ୍ର ପ୍ରାୟ ପୁରୁଣା ହୋଇଗଲାଣି। ଏବେ, ତୁରନ୍ତ କ୍ୟୁଆର କୋଡ୍ ଦ୍ୱାରା ଅର୍ଥପୈଠ କରାଯାଇପାରୁଛି । ଆଜି, ଭାରତରେ ବିଶ୍ୱର ଅଧା ରିଅଲ୍-ଟାଇମ୍ ଡିଜିଟାଲ୍ ଅର୍ଥ ନେଣଦେଣ ହେଉଛି। ଗୋଟିଏ ଦଶନ୍ଧି ପୂର୍ବେ, ଭାରତ ମୁଖ୍ୟତଃ ନଗଦ ଟଙ୍କା ଉପରେ ନିର୍ଭରଶୀଳ ଥିଲା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଜାମ୍ ତ୍ରୟ ଏବଂ ୟୁପିଆଇ ଭିତ୍ତିଭୂମିକୁ ଚୂଡ଼ାନ୍ତ ରୂପ ଦେଇଥିଲା। କୋଭିଡ୍ ମହାମାରୀ ଆସିବା ସମୟରେ ସେ ଡିଜିଟାଲ୍ ଅର୍ଥ କାରବାରକୁ ପ୍ରୋତ୍ସାହିତ କରିଥିଲେ, ଏହା ଏକ ଇକୋସିଷ୍ଟମ୍ ପ୍ରଦାନ କରିଥିଲା। ଫଳସ୍ୱରୂପ, ୟୁପିଆଇ ବର୍ତ୍ତମାନ ବିଶ୍ୱବ୍ୟାପୀ ଭିସା ଅପେକ୍ଷା ଅଧିକ କାରବାର ପ୍ରକ୍ରିୟାକରଣ କରୁଛି। ଗୋଟିଏ ସାଧାରଣ ମୋବାଇଲ୍ ଫୋନ୍ ଏବେ ଏକ ବ୍ୟାଙ୍କ, ଏକ ଅର୍ଥ କାରବାର ମାର୍ଗ ଏବଂ ଏକ ସେବା କେନ୍ଦ୍ର ପାଲଟିଛି। ପ୍ରଗତି ଶାସନ ଦାୟିତ୍ୱକୁ ପରିବର୍ତ୍ତନ କରିଛି। ଏହି ପ୍ଲାଟଫର୍ମ ଜରିଆରେ ପ୍ରଧାନମନ୍ତ୍ରୀ ମାସିକ ଭିଡିଓ କନଫରେନ୍ସ ମାଧ୍ୟମରେ ସିଧାସଳଖ ପ୍ରକଳ୍ପ ଅନୁଧ୍ୟାନ ଓ ସମୀକ୍ଷା କରୁଛନ୍ତି। ପ୍ରଧାନମନ୍ତ୍ରୀ ଲାଇଭ୍ ଭିଡିଓରେ ସେମାନଙ୍କ କାର୍ଯ୍ୟ ସମୀକ୍ଷା କରିବେ ବୋଲି ଅଧିକାରୀମାନେ ଜାଣିବା ପରେ ଦାୟିତ୍ୱ ସ୍ୱୟଂଚାଳିତ ହୋଇଯାଉଛି। ଉଦାହରଣ ସ୍ୱରୂପ, ପ୍ରଗତି ସମୀକ୍ଷା ସମୟରେ ଗୋଟିଏ ବିଳମ୍ବିତ ରାଜମାର୍ଗ ପ୍ରକଳ୍ପ ତୁରନ୍ତ ଦୃଷ୍ଟିକୁ ଆସୁଛି। ଅଧିକାରୀମାନଙ୍କୁ ବିଳମ୍ବ ବିଷୟରେ ବ୍ୟାଖ୍ୟା କରିବାକୁ ପଡୁଛି। ଏହାର ତ୍ୱରିତ ସମାଧାନ ସୁନିଶ୍ଚିତ ହେଉଛି, ଶେଷରେ ନାଗରିକମାନଙ୍କୁ ଲାଭ ମିଳୁଛି।

- **ସମସ୍ତଙ୍କ ପାଇଁ ପ୍ରଯୁକ୍ତିବିଦ୍ୟା**

ପ୍ରଯୁକ୍ତିବିଦ୍ୟା କୃଷି ଏବଂ ସ୍ୱାସ୍ଥ୍ୟସେବାକୁ ମୌଳିକ ଭାବରେ ପରିବର୍ତ୍ତନ କରିଛି। ହରିୟାଣାର ଜଣେ ଚାଷୀ ଜଗଦେବ ସିଂହଙ୍କ ଉଦାହରଣ ନିଅନ୍ତୁ, ସେ ଏବେ ଫସଲ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ଏଆଇ ଆପ୍ ବ୍ୟବହାର କରୁଛନ୍ତି। ସେ ତାଙ୍କ ଫୋନରେ ବାସ୍ତବ ସମୟ ପାଣିପାଗ ସୂଚନା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ତଥ୍ୟ ପାଇପାରୁଛନ୍ତି। ପ୍ରଧାନମନ୍ତ୍ରୀ-କିଷାନ ଯୋଜନା ୧୧କୋଟିରୁ ଅଧିକ ଚାଷୀଙ୍କୁ ଡିଜିଟାଲ ଭାବରେ ସିଧାସଳଖ ଆୟ ସହାୟତା ପ୍ରଦାନ କରୁଛି। ଡିଜିଲକର୍‌ରେ ବର୍ତ୍ତମାନ ୫୭ କୋଟିରୁ ଅଧିକ ଉପଭୋକ୍ତା ଅଛନ୍ତି ଏବଂ ୯୬୭ କୋଟି ଦସ୍ତାବିଜ ଡିଜିଟାଲ୍ ଭାବରେ ସଂରକ୍ଷିତ ରହିଛି। ଆପଣଙ୍କର ଡ୍ରାଇଭିଂ ଲାଇସେନ୍ସ, ଡିଗ୍ରୀ ସାର୍ଟିଫିକେଟ୍, ଆଧାର ଏବଂ ଅନ୍ୟାନ୍ୟ ସରକାରୀ ଡକ୍ୟୁମେଣ୍ଟ ଆପଣଙ୍କ ଫୋନରେ ସୁରକ୍ଷିତ ଭାବରେ ରହିଥାଏ। ରାସ୍ତାରେ ଯାଉଥିବା ସମୟରେ ପୁଲିସ ଯାଞ୍ଚ ପାଇଁ ଆଉ କାଗଜପତ୍ର ପାଇଁ କସରତ କରିବାକୁ ପଡ଼ିବ ନାହିଁ। ଡିଜିଲକରରୁ କେବଳ ଆପଣଙ୍କର ଡିଜିଟାଲ ଲାଇସେନ୍ସ ଦେଖାନ୍ତୁ। ତୁରନ୍ତ ଆଧାର ପ୍ରମାଣୀକରଣ ସହିତ ଆୟକର ରିଟର୍ଣ୍ଣ ଦାଖଲ କରିବା ସହଜ ହୋଇଗଲାଣି। ପୂର୍ବେ କାଗଜପତ୍ର ଫୋଲ୍ଡର ବହନ କରିବାର ସମସ୍ୟା ଆଉ ନାହିଁ। ଏହା ଏବେ ଆପଣଙ୍କ ପକେଟରେ ଫିଟ୍ ହେଉଛି।

- **ମହାକାଶ ଏବଂ ନବସୃଜନ**

ଭାରତ ଅସମ୍ଭବ ମନେ ହେଉଥିବା ଲକ୍ଷ୍ୟ ହାସଲ କରିଛି। ପ୍ରଥମ ପ୍ରୟାସରେ ମଙ୍ଗଳ ଗ୍ରହରେ ପହଞ୍ଚିବା ଏବଂ ତାହା ପୁଣି ଏକ ହଲିଉଡ୍ ଚଳଚ୍ଚିତ୍ର ତୁଳନାରେ କମ୍ ବଜେଟ୍ ସହିତ, ଏହା ଅବିଶ୍ୱସନୀୟ। ମଙ୍ଗଳ ଅର୍ବିଟର୍ ମିଶନ୍ ପାଇଁ ମାତ୍ର ୪୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଭାରତୀୟ ଇଞ୍ଜିନିୟରିଂ ବିଶ୍ୱସ୍ତରୀୟ ଫଳାଫଳ ପ୍ରଦାନ କରେ ବୋଲି ଏହା ପ୍ରମାଣିତ କରିଛି । ଚନ୍ଦ୍ରଯାନ-୩ ଭାରତକୁ ଚନ୍ଦ୍ରପୃଷ୍ଠରେ ଏକ ସଫ୍ଟ ଲ୍ୟାଣ୍ଡିଂ ବା କୋମଳ ଅବତରଣ ହାସଲ କରିବାରେ ବିଶ୍ୱର ଚତୁର୍ଥ ଦେଶ ଏବଂ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବାରେ ପ୍ରଥମ ଦେଶ କରିଥିଲା। ଇସ୍ରୋ ଗୋଟିଏ ମିଶନରେ ୧୦୪ଟି ଉପଗ୍ରହ ଉତକ୍ଷେପଣ କରି ଏକ ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଭାରତୀୟ ରକେଟ୍ ବର୍ତ୍ତମାନ ୩୪ଟି ଦେଶ ପାଇଁ ଉପଗ୍ରହ ପଠାଉଛି। ଗଗନଯାନ ମିଶନ ଭାରତକୁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ମହାକାଶକୁ ମଣିଷ ପଠାଇବାରେ ଚତୁର୍ଥ ଦେଶ କରିବ। ପ୍ରଧାନମନ୍ତ୍ରୀ ମୋଦୀ ଆମର ବୈଜ୍ଞାନିକମାନଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ଠିଆ ହୋଇଛନ୍ତି ଏବଂ ସେମାନଙ୍କ କ୍ଷମତା ଉପରେ ୧୦୦% ବିଶ୍ୱାସ ରଖିଛନ୍ତି।

- **ବିଶ୍ୱସ୍ତରୀୟ ନେତୃତ୍ୱ**

କୋଭିଡ୍ ମହାମାରୀ ଆସିବା ସମୟରେ ସାରା ବିଶ୍ୱ ଟିକା ବିତରଣକୁ ନେଇ ବିବ୍ରତ ସ୍ଥିତିରେ ଥିଲା। ଭାରତ ଏହି ସମୟରେ ନିଜର ସାମର୍ଥ୍ୟ ପ୍ରଦର୍ଶନ କଲା। କୋୱିନ ପ୍ଲାଟ୍‌ଫର୍ମ ରେକର୍ଡ ସମୟରେ ନିର୍ମିତ ହୋଇଥିଲା। ଏହା ଥିଲା ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ ପାଇଁ ଏକ ବ୍ୟାପକ ଡିଜିଟାଲ୍ ସମାଧାନ। ଏହି ପ୍ଲାଟଫର୍ମ ଡିଜିଟାଲ୍ ସଠିକତା ସହିତ ୨୦୦ କୋଟିରୁ ଅଧିକ ଟିକା ଡୋଜ୍ ଦେବାର ବ୍ୟବସ୍ଥାକୁ ପରିଚାଳନା କରିଥିଲା। କୌଣସି କଳାବଜାର ନଥିଲା, କୌଣସି ପକ୍ଷପାତିତା ନଥିଲା, କେବଳ ସ୍ୱଚ୍ଛ ଆବଣ୍ଟନ କରାଯାଇଥିଲା। ଗତିଶୀଳ ଆବଣ୍ଟନ ଦ୍ୱାରା ଟିକା ଅପଚୟକୁ ରୋକାଯାଇ ପାରିଥିଲା। ଅବ୍ୟବହୃତ ଟିକାଗୁଡ଼ିକୁ ଅଧିକ ଚାହିଦା ଥିବା ଅଞ୍ଚଳଗୁଡ଼ିକୁ ତୁରନ୍ତ ପଠାଯାଇଥିଲା। ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ପରିଚାଳିତ ହେଲେ ପ୍ରଯୁକ୍ତିବିଦ୍ୟା କିପରି ଏକ ବିଶାଳ ସ୍ତରରେ ଏବଂ ନିରପେକ୍ଷ ଭାବରେ ସେବା ଯୋଗାଇ ଦେଇ ପାରିବ ତାହା ଏହି ସଫଳତା ଦର୍ଶାଇଥିଲା।

- **ଉତ୍ପାଦନ ବିପ୍ଳବ**

ଏଠାରେ ସାମଗ୍ରୀ ନିର୍ମାଣ କଥା କୁହାଯାଉଛି । ମୌଳିକ ବିଷୟଗୁଡ଼ିକୁ ଆୟତ୍ତ ନକରି ଆପଣ ହଠାତ୍ ଚିପ୍ସ ତିଆରି କରିବାକୁ ଡେଇଁପାରିବେ ନାହିଁ। ଏହା କୋଡ୍ ଶିଖିବା ପରି; ଆପଣ ଆପ୍ସ ନିର୍ମାଣ କରିବା ପୂର୍ବରୁ "ହେଲୋ ୱାର୍ଲ୍ଡ" ସହିତ ଆରମ୍ଭ କରନ୍ତି। ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ସମାନ ଦିଗକୁ ଅନୁସରଣ କରେ। ଦେଶଗୁଡ଼ିକ ପ୍ରଥମେ ଆସେମ୍ବ୍ଲି ବା ବିଭିନ୍ନ ପ୍ରକାର ଉପକରଣକୁ ନେଇ କୌଣସି ଉତ୍ପାଦ ପ୍ରସ୍ତୁତ କରିବାରେ ଦକ୍ଷତା ହାସଲ କରନ୍ତି, ତା'ପରେ ସବ୍-ମଡ୍ୟୁଲ୍, କମ୍ପୋନେଣ୍ଟ ଏବଂ ଉପକରଣ ନିର୍ମାଣ ଆଡ଼କୁ ଯାଆନ୍ତି। ଭାରତର ଯାତ୍ରା ଏହି ପ୍ରଗତିକୁ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଅନୁଯାୟୀ, ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଆମର ଦୃଢ଼ ଆଧାର ବର୍ତ୍ତମାନ ଉନ୍ନତ ସେମିକଣ୍ଡକ୍ଟର୍ ଉତ୍ପାଦନ ଦିଗରେ ଆଗକୁ ବଢ଼ିବା ଲାଗି ମାର୍ଗ ପ୍ରଶସ୍ତ କରୁଛି। ଭାରତ ଦୀର୍ଘଦିନ ଧରି ଡିଜାଇନ୍ ପ୍ରତିଭାର ଏକ କେନ୍ଦ୍ର ହୋଇଛି, ବିଶ୍ୱ ଚିପ୍ ଡିଜାଇନରଙ୍କ ୨୦% ରୁ ଅଧିକ ଏଠାରେ ରହିଛନ୍ତି। ଭାରତରେ ବର୍ତ୍ତମାନ ଉନ୍ନତ ୨ଏନ୍‌ଏମ୍, ୩ ଏନ୍‌ଏମ୍, ଏବଂ ୭ ଏନ୍‌ଏମ୍ ଚିପ୍ସ ପାଇଁ ଡିଜାଇନ୍ କ୍ଷମତା ଅଛି। ଏଗୁଡ଼ିକ ବିଶ୍ୱ ପାଇଁ ଭାରତରେ ଡିଜାଇନ୍ କରାଯାଉଛି। ଫ୍ୟାବ୍ ଏବଂ ପ୍ୟାକେଜିଂ ସୁବିଧା ନିର୍ମାଣ ଉପରେ ବର୍ତ୍ତମାନର ଧ୍ୟାନ ଏକ ସ୍ୱାଭାବିକ ବିବର୍ତ୍ତନକୁ ଦର୍ଶାଉଛି। କିନ୍ତୁ ଏହି ପଦ୍ଧତି ଉତ୍ପାଦନ ବାହାରେ ବିସ୍ତାରିତ। ସେମିକଣ୍ଡକ୍ଟର୍ ଉତ୍ପାଦନକୁ ପ୍ରୋତ୍ସାହନ ଦେଉଥିବା ରାସାୟନିକ ପଦାର୍ଥ, ଗ୍ୟାସ୍ ଏବଂ ବିଶେଷ ସାମଗ୍ରୀକୁ ମଧ୍ୟ ସମର୍ଥନ କରାଯାଉଛି। ଏହା କେବଳ ପୃଥକ କାରଖାନା ନୁହେଁ, ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ ସୃଷ୍ଟି କରିଛି। ମୂଲ୍ୟ ଶୃଙ୍ଖଳ ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ପଷ୍ଟ ବୁଝାମଣା ଯୋଗୁଁ ଏହି କ୍ଷେତ୍ରଗୁଡ଼ିକରେ ଅଭିବୃଦ୍ଧି ସମ୍ଭବ ହୋଇପାରିଛି। ପର୍ଯ୍ୟାୟକ୍ରମେ କ୍ଷମତା ନିର୍ମାଣ କରିବା ଏବଂ ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ପୂର୍ବରୁ ମୂଲ୍ୟ ଶୃଙ୍ଖଳର ପ୍ରତ୍ୟେକ ପର୍ଯ୍ୟାୟକୁ ସୁଦୃଢ଼ କରାଯିବା ନିଶ୍ଚିତ କରାଯାଇଛି।

- **ବୁଦ୍ଧିମତା ସହିତ ଭିତ୍ତିଭୂମି**

ପ୍ରଧାନମନ୍ତ୍ରୀ ଗତି ଶକ୍ତି ପୋର୍ଟାଲ୍ ଅଭୂତପୂର୍ବ ସ୍ତରରେ ଜିଆଇଏସ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛି। ପ୍ରତ୍ୟେକ ଭିତ୍ତିଭୂମି ପ୍ରକଳ୍ପକୁ ଡିଜିଟାଲ୍ ଭାବରେ ମୂଲ୍ୟାଙ୍କନ କରାଯାଉଛି। ରାସ୍ତା, ରେଳବାଇ, ବିମାନବନ୍ଦର ଏବଂ ବନ୍ଦରଗୁଡ଼ିକ ପାଇଁ ଏକାଠି ଯୋଜନା ହେଉଛି । ଆଉ ସଂକୀର୍ଣ୍ଣତା ମଧ୍ୟରେ କାମ କରିବାକୁ ପଡୁ ନାହିଁ। ଦୁର୍ବଳ ସମନ୍ୱୟ ଯୋଗୁଁ ଆଉ ବିଳମ୍ବ ମଧ୍ୟ ହେଉ ନାହିଁ। ଇଣ୍ଡିଆ ଏଆଇ ମିଶନ ମାଧ୍ୟମରେ, ୩୮,୦୦୦ ରୁ ଅଧିକ ଜିପିୟୁ ବିଶ୍ୱର ଏକ ତୃତୀୟାଂଶ ମୂଲ୍ୟରେ ଉପଲବ୍ଧ। ଏହା ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଘଣ୍ଟା ପ୍ରତି ୬୭ ଟଙ୍କା ହାରରେ ସିଲିକନ୍ ଭ୍ୟାଲି-ସ୍ତରୀୟ କମ୍ପ୍ୟୁଟିଂ ସୁବିଧା ଦେଇଛି। ଏଆଇ କୋଷ ପ୍ଲାଟ୍‌ଫର୍ମ ପାଣିପାଗଠାରୁ ଆରମ୍ଭ କରି ମୃତ୍ତିକା ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ୨,୦୦୦ରୁ ଅଧିକ ଡାଟାସେଟ୍ ହୋଷ୍ଟ କରେ। ଏଗୁଡ଼ିକ ଭାରତର ଭାଷା, ଆଇନ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଅର୍ଥ ପାଇଁ ବିକଶିତ ସ୍ୱଦେଶୀ ଏଲଏଲଏମଗୁଡ଼ିକୁ ଶକ୍ତି ପ୍ରଦାନ କରିପାରିବ। ପ୍ରଯୁକ୍ତିବିଦ୍ୟା ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୁଝାମଣା ଭାରତର ଅନନ୍ୟ ଏଆଇ ନିୟନ୍ତ୍ରଣ ପଦ୍ଧତିରେ ମଧ୍ୟ ପ୍ରତିଫଳିତ ହୁଏ। ବଜାର-ମୁଖୀ ମଡେଲ୍ କିମ୍ବା ସରକାରୀ-ନିୟନ୍ତ୍ରିତ ପଦ୍ଧତି ପରି ନୁହେଁ, ସେ ଏକ ଅନନ୍ୟ ପ୍ରଯୁକ୍ତିବିଦ୍ୟା-ଆଇନଗତ ଢାଞ୍ଚା କଳ୍ପନା କରିଥା'ନ୍ତି। ନବସୃଜନରେ ବାଧା ସୃଷ୍ଟି କରୁଥିବା କଠୋର ନିୟମ ବଦଳରେ, ସରକାର ପ୍ରଯୁକ୍ତିବିଦ୍ୟା ଆଧାରିତ ସୁରକ୍ଷାରେ ନିବେଶ କରୁଛନ୍ତି। ଡିପ୍ ଫେକ୍, ଗୋପନୀୟତା ଚିନ୍ତା ଏବଂ ସାଇବର ସୁରକ୍ଷା ବିପଦର ମୁକାବିଲା ପାଇଁ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟିଗୁଡ଼ିକ ଏଆଇ-ଚାଳିତ ଉପକରଣ ବିକଶିତ କରୁଛନ୍ତି। ଏହି ପଦ୍ଧତି ଦାୟିତ୍ୱପୂର୍ଣ୍ଣ ନିୟୋଜନ ସୁନିଶ୍ଚିତ କରିବା ସହିତ ନବସୃଜନକୁ ପ୍ରୋତ୍ସାହିତ କରୁଛି।

- **ଭିତ୍ତିଭୂମି ପାଇଁ ପ୍ରଯୁକ୍ତିବିଦ୍ୟା**

କେୱଡିଆରେ ଥିବା ଷ୍ଟାଚ୍ୟୁ ଅଫ୍ ୟୁନିଟିର ଉଚ୍ଚତା ୧୮୨ ମିଟର ଏବଂ ଏହା ବିଶ୍ୱର ସବୁଠାରୁ ଉଚ୍ଚ ପ୍ରତିମୂର୍ତ୍ତି। ଥ୍ରୀଡି ମଡେଲିଂ ଏବଂ ବ୍ରୋଞ୍ଜ କ୍ଲାଡିଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନିର୍ମିତ, ଏହି ପ୍ରତିମୂର୍ତ୍ତି ବାର୍ଷିକ ୫୮ ଲକ୍ଷ ପରିଦର୍ଶକଙ୍କୁ ଆକର୍ଷିତ କରେ। ଏହି ପ୍ରକଳ୍ପ ହଜାର ହଜାର ନିଯୁକ୍ତି ସୃଷ୍ଟି କରିଛି ଏବଂ କେୱଡିଆକୁ ଏକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିଛି। ୩୫୯ ମିଟର ଉଚ୍ଚ ଚେନାବ ସେତୁ, କାଶ୍ମୀରକୁ ଭାରତର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରେ। ଆଇଜଲ ରେଳ ଲାଇନ ଅଭିନବ ହିମାଳୟ ଟନେଲିଂ ପଦ୍ଧତି ବ୍ୟବହାର କରି ଏକ ଅତ୍ୟନ୍ତ କଠିନ ଭୂମିରେ ସୁଡ଼ଙ୍ଗ ଏବଂ ସେତୁ ଦେଇ ଗତି କରିଛି। ନୂତନ ପମ୍ବନ ସେତୁ ଗୋଟିଏ ଶତାବ୍ଦୀ ପୁରୁଣା ଢାଞ୍ଚାକୁ ଆଧୁନିକ ଇଞ୍ଜିନିୟରିଂ ଜରିଆରେ ଆକାର ଦେଇଛି। ଏଗୁଡ଼ିକ କେବଳ ଇଞ୍ଜିନିୟରିଂ ଚମତ୍କାର ନୁହେଁ। ଏଗୁଡ଼ିକ ପ୍ରଯୁକ୍ତିବିଦ୍ୟା ଏବଂ ଦୃଢ଼ତା ମାଧ୍ୟମରେ ଭାରତକୁ ସଂଯୋଗ କରିବାର ମୋଦୀ ଜୀଙ୍କ ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରନ୍ତି।

- **ଲୋକ ସମ୍ପର୍କ**

ପ୍ରଧାନମନ୍ତ୍ରୀ ମୋଦୀ ପ୍ରଯୁକ୍ତିବିଦ୍ୟାକୁ ଯେତିକି ବୁଝନ୍ତି, ସେ ଲୋକମାନଙ୍କୁ ଆହୁରି ଭଲ ଭାବରେ ବୁଝନ୍ତି। ତାଙ୍କର ଅନ୍ତ୍ୟୋଦୟ ଦୃଷ୍ଟିକୋଣ ପ୍ରତ୍ୟେକ ଡିଜିଟାଲ୍ ପଦକ୍ଷେପକୁ ଆଗେଇ ନେଇଥାଏ। ୟୁପିଆଇ ଅନେକ ଭାଷାରେ କାମ କରେ। ସବୁଠାରୁ ଧନୀ ଶିଳ୍ପପତିଙ୍କ ପରି ସମାନ ଡିଜିଟାଲ୍ ପରିଚୟ ସବୁଠାରୁ ଗରିବ ଚାଷୀର ମଧ୍ୟ ଅଛି। ସିଙ୍ଗାପୁରରୁ ଫ୍ରାନ୍ସ ପର୍ଯ୍ୟନ୍ତ ଦେଶଗୁଡ଼ିକ ୟୁପିଆଇରେ ଯୋଡ଼ି ହୋଇଛନ୍ତି। ଜି୨୦ ରାଷ୍ଟ୍ର ଗୋଷ୍ଠୀ ସମାବେଶୀ ଅଭିବୃଦ୍ଧି ପାଇଁ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମିକୁ ଅତ୍ୟାବଶ୍ୟକ ବୋଲି ସମର୍ଥନ କରିଛି। ଜାପାନ ଏଥିପାଇଁ ଏକ ପେଟେଣ୍ଟ ପ୍ରଦାନ କରିଛି। ଭାରତର ସମାଧାନ ଭାବରେ ଯାହା ଆରମ୍ଭ ହୋଇଥିଲା ତାହା ବିଶ୍ୱ ପାଇଁ ଡିଜିଟାଲ୍ ଗଣତନ୍ତ୍ରର ଉଦାହରଣ ପାଲଟିଛି। ଗୁଜରାଟରେ ତାଙ୍କର ପ୍ରାରମ୍ଭିକ ପ୍ରୟୋଗଠାରୁ ଆରମ୍ଭ କରି ଡିଜିଟାଲ୍ ଇଣ୍ଡିଆର ଶୁଭାରମ୍ଭ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ସାଧାରଣ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ଶକ୍ତି ଉପଯୋଗ କରିବା ଉପରେ ଆଧାରିତ। ସେ ପ୍ରଯୁକ୍ତିବିଦ୍ୟାକୁ ପ୍ରଶାସନର ବ୍ୟାକରଣ କରିଛନ୍ତି। ରାଜନେତାମାନେ ମାନବତା ସହିତ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କଲେ ସମଗ୍ର ରାଷ୍ଟ୍ର ଭବିଷ୍ୟତ ଦିଗରେ ସଫଳତାର ସହିତ ଆଗକୁ ବଢ଼ିପାରିବ ବୋଲି ସେ ପ୍ରମାଣ କରିଛନ୍ତି।

# ନଡ଼ିଆ ଗଛ ସଫା କରିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଜଳିଗଲେ ଯୁବକ



**ବୋଲଗଡ଼,୧୮।୯/ଏନ୍‌ଏନ୍‌ଏସ୍:** ବୋଲଗଡ଼ ଥାନା ଖଙ୍ଗୁରିଆ ଗ୍ରାମର ଜୈନେକ ଯୁବକ ନଡ଼ିଆ ଗଛ ସଫା କରିବାକୁ ଯାଇ ବିଦ୍ୟୁତ ସଂସ୍ପର୍ଶରେ ଆସି ଗଛ ଉପରେ ଜଳିଯାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଏହିକି ଯେ ଖଙ୍ଗୁରିଆ ଗ୍ରାମର ମୃତକ ବିକ୍ରମ ପରିଡାଙ୍କ ସାନ ପୁଅ ଆଲୋକ କୁମାର ପରିଡା (୩୨) ଗୁରୁବାର ସକାଳ ୮ଘଣ୍ଟିକା ସମୟରେ ବୋଲଗଡ଼ସ୍ଥିତ ନେଳିଆ ପୋଖରୀ ନିକଟ ତୃତୀୟପଡା ଆମ ଅଙ୍ଗନବାଡ଼ି କେନ୍ଦ୍ର-୧ ପରିସରରେ ଥିବା ନଡ଼ିଆ ଗଛ ସଫା କରିବାକୁ ଗଛରେ ଚଢିଥିଲେ। ନଡ଼ିଆ ଗଛ ଶୀର୍ଷ ଭାଗର ଅତି ନିକଟରେ ୧୧କେଭି ବିଦ୍ୟୁତ୍ ତାର ଯାଇଛି। ଗଛ ସଫାକାରି ଆକାଶ ଗଛର ଏକ ବାହୁଙ୍ଗାକୁ ହାଣି ସଫା କରିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ନଡ଼ିଆ ଗଛଟି ସମ୍ପୂର୍ଣ୍ଣ କରେଣ୍ଟ ହୋଇଯାଇଥିଲା। ଫଳରେ ଆକାଶ ବିଦ୍ୟୁତ ଆଘାତରେ ଆସି ଗଛରୁ ନପଡ଼ି ଗଛରେ ଲାଖି ରହିଥିଲେ। ତୁରନ୍ତ ଖବର ପାଇ ବୋଲଗଡ଼ ଅଗ୍ନିଶମ ସେବାର ଅଗ୍ନିକମାନେ ପହଞ୍ଚି ଗଛରୁ ଆକାଶକୁ ତଳକୁ ଆଣିବା ପାଇଁ ଅକ୍ଲାନ୍ତ ଉଦ୍ୟମ କରିଥିଲେ ମଧ୍ୟ ତଳକୁ ଆଣିବାରେ କୌଣସି ବ୍ୟତିକ୍ରମ ହେତୁ ଗଛରେ ଲାଖି ରହିଥିବା ଗଛ ସଫାକାରୀ ପ୍ରାୟତଃ ୪୦ଫୁଟ ତଳକୁ କଚାଡି ହୋଇ ପଡ଼ିଥିଲା। ପରେ ଆକାଶକୁ ବୋଲଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତହସିଲ ଛକ ଠାରେ ପରିବାର ପକ୍ଷରୁ ୫୭ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ତହସିଲଦାର ବିଜୟ କୁମାର ସେଠୀ, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା, ଖୋର୍ଦ୍ଧା ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଅନାଦି ସେଠୀ, ଥାନା ଆଇଆଇସି ସ୍ନିଗ୍ଧାମୟୀ ବରାଳ ରାସ୍ତା ଅବରୋଧ ଘଟଣା ସ୍ଥଳକୁ ଆସି ବୁଝାସୁଝା କରିବା ସହ ରେଡ଼କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ନଗଦ ୨୦ହଜାର ଅର୍ଥ ରାଶି ମିଳିବା ପରେ ରାସ୍ତା ଅବରୋଧରୁ ମୃତକ ପରିବାର ଓ ଉତ୍ତ୍ୟକ୍ତ ଗ୍ରାମବାସୀ ହଟିଥିଲେ।

'ନିତିଦିନ'ର ପ୍ରଭାବ

# ବେଣ୍ଟକାର ହାଇସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ ସସ୍‌ପେଣ୍ଡ




**ବୟାଳିଶମୌଜା,୧୮।୯/ଏନ୍‌ଏନ୍‌ଏସ୍:** ୪୨ ମୌଜାର ବେଣ୍ଟକାର ସ୍ଥିତ ବେଣ୍ଟକାର ହାଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ଖଣ୍ଡେଇ ଛାତ୍ରଛାତ୍ରୀମାନଙ୍କୁ କାନ ଧରାଇ ଆଣ୍ଠେଇବା ଭଳି ଦଣ୍ଡିତ କରିବା, ଶିକ୍ଷାଦାନ ଆଳରେ କୋମଳମତି ଛାତ୍ରୀମାନଙ୍କୁ ଦଣ୍ଡ ଦେଇ ସବୁ ସରକାରୀ ନିୟମର ଉଲଂଘନ କରିବା ତଥା ପରିଚାଳନା କମିଟି, ପୁରାତନ ଛାତ୍ର ଓ ଅଭିଭାବକଙ୍କୁ ଅଣଦେଖା କରିବା ସହିତ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିବା ସମ୍ବନ୍ଧୀୟ ଅଭିଯୋଗ ଦୈନିକ 'ନିତିଦିନ'ରେ ପ୍ରକାଶିତ ହୋଇଥିଲା। ଏହି ଅଭିଯୋଗ ପରେ ଜିଲ୍ଲା ଶିକ୍ଷାଧିକାରୀ ବିଧିବଦ୍ଧ ତଦନ୍ତ କରି ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ପକ୍ଷରୁ ଆଦେଶ ଅନୁଯାୟୀ ତଦନ୍ତ ଆଧାରରେ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସସ୍‌ପେଣ୍ଡ କରାଯାଇଥିବା ଜଣାପଡ଼ିଛି। ବିଦ୍ୟାଳୟର ଶୃଙ୍ଖଳା ଓ ପ୍ରତିଷ୍ଠା ବଜାୟ ରଖିବା ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଏହି ନିର୍ଦ୍ଦେଶକୁ ଚିନ୍ମୟ ମହାପାତ୍ର, ବସନ୍ତ କୁମାର ପଣ୍ଡା, ଦୀପକ ଆଚାର୍ଯ୍ୟ, ଭଗବତି ପ୍ରସାଦ ପତି, ଚନ୍ଦନ ମହାନ୍ତି, ଅନିଲ ଦାସ, ସଞ୍ଜୟ ବେହେରା, ଅଶୋକ ପତି, ମିଟୁ ବେହେରା, ନିରଞ୍ଜନ ଆଚାର୍ଯ୍ୟ ପ୍ରଭୃତି ୪୨ ମୌଜାବାସୀ ଓ ଅଭିଭାବକମାନେ ସ୍ୱାଗତ କରିଛନ୍ତି।

# ନମସ୍କାର

ଶୁକ୍ରବାର, ୧୯ ସେପ୍ଟେମ୍ବର, ୨୦୨୫

## ଆଜିର ଇତିହାସ

- ୧୫୮୧-ଶିଖ ଗୁରୁ ରାମ ଦାସଙ୍କ ନିଧନ।
- ୧୮୯୩-ସ୍ୱାମୀ ବିବେକାନନ୍ଦ ଚିକାଗୋ ଠାରେ ବିଶ୍ୱ ଧର୍ମସଂସଦରେ ଐତିହାସିକ ଭାଷଣ ଦେଇଥିଲେ।
- ୧୯୬୨-ଭାରତର ଉତ୍ତର ସୀମାରେ ଚୀନ୍ ଆକ୍ରମଣ କରିଥିଲା।
- ୨୦୦୦-କର୍ଣ୍ଣଲ୍ ମଲ୍ଲେଶ୍ୱରୀ ଅଲିମ୍ପିକରେ ଭାରୋତ୍ତୋଳନ ସ୍ପର୍ଦ୍ଧାରେ କାଂସ୍ୟ ପଦକ ଜିତିଥିଲେ।
- ୧୯୫୮- ଭାରତୀୟ ସଙ୍ଗୀତକାର ଲକି ଅଲୀଙ୍କ ଜନ୍ମଦିନ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଶ୍ରୀଭଗବାନ ଉବାଚ :
ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଯନ୍ମମ।
ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନକାଙ୍‌କ୍ଷିଣଃ। (୧୧/୫୨)
ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା।
ଶକ୍ୟ ଏବଂବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା। (୧୧/୫୩)

ଶ୍ରୀ ଭଗବାନ କହିଲେ -
ତୁମେ ମୋର ଯେଉଁ ରୂପ ଦେଖିଲ, ତାହା ଦେଖିବା ଅତ୍ୟନ୍ତ କଠିନ। ଦେବତାମାନେ ସର୍ବଦା ଏମନ୍ତ ରୂପ ଦେଖିବାକୁ ଚାହିଁ ବସିଥାନ୍ତି। ମୋତେ ତୁମେ ଯେଉଁ ରୂପରେ ଦେଖିଲ, ଏହି ରୂପ ବେଦପାଠ ଦ୍ୱାରା, ତପସ୍ୟା ଦ୍ୱାରା, ଦାନ ଦ୍ୱାରା ବା ଯଜ୍ଞ ଦ୍ୱାରା ଦର୍ଶନ କରାଯାଏ ନାହିଁ। ବର୍ତ୍ତମାନ ପ୍ରଶ୍ନଉଠେ ଯେ ଉପରୋକ୍ତ ମାର୍ଗ ଦ୍ୱାରା ଯଦି ଏହି ବିଶ୍ୱରୂପ ଦେଖାଯାଇ ପାରିବନି, ତେବେ କିପରି ଜଣେ ଦେଖିପାରିବ ? ଏକମାତ୍ର ଭକ୍ତି ଦ୍ୱାରା ଏହା ଦେଖା ଯାଇପାରିବ ବୋଲି ଭଗବାନ ୫୪ତମ ଶ୍ଳୋକରେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** – ବାହାରକୁ ଯାତ୍ରା ଯୋଗ ଅଛି। ମନ୍ଦିର ଦର୍ଶନ କରିପାରନ୍ତି। ନୂଆ ବ୍ୟବସାୟ ଆରମ୍ଭ କରିବା ପାଇଁ ଉପଯୁକ୍ତ ସମୟ। ଆପଣଙ୍କ କାମ ଓ ବ୍ୟବହାରର ସକାରାତ୍ମକ ପ୍ରଭାବ ପଡ଼ିବ।

**ବୃଷ** – ଆଜି ଚାକିରି ଅନ୍ୱେଷଣ ପୂରା ହେବ। ମନରେ ନୂଆ ଜିନିଷ ଜାଣିବା ପାଇଁ ଉତ୍ସୁକତା ରହିବ। ଭାଇ-ଭଉଣୀମାନେ କାମରେ ସାହାଯ୍ୟ କରିବେ। ସମ୍ପର୍କରେ ମଧୁରତା ରହିବ।

**ମିଥୁନ** – ବ୍ୟବସାୟରେ ନୂଆ ଆହ୍ୱାନର ସମ୍ମୁଖୀନ ହେବେ। ଅଟକିଥିବା କାମ ପୂରା ହେବ। ଅଫିସ୍ କାମରେ ପରାମର୍ଶ ମିଳିବ। ନିଜ ନିଷ୍ପତ୍ତିରେ କାମ କରିପାରନ୍ତି। କାମରେ ନିରନ୍ତରତା ବଜାୟ ରହିବ।

**କର୍କଟ** – ପ୍ରତି କାମରେ ସାବଧାନ ରହିବେ। କାମରେ ଅନ୍ୟ ବ୍ୟକ୍ତି ତୁଳନାରେ ଅଧିକ ସମୟ ଲଗାଇବେ। କିଛି ଅଭ୍ୟାସରେ ସୁଧାର ଆଣିପାରନ୍ତି। ସମ୍ପର୍କରେ ମଧୁରତା ବଢ଼ିବ। ଆର୍ଥିକ ସ୍ଥିତି ଉପରେ ଧ୍ୟାନ ରଖିବେ।

**ସିଂହ** – ଅନ୍ୟ ସହରକୁ ଯାତ୍ରା କରିପାରନ୍ତି। ଆପଣଙ୍କ ବିଚାରକୁ ଚାପିବା ପାଇଁ ଚେଷ୍ଟା କରାଯିବ। ଆୟ ବୃଦ୍ଧି ଯୋଗ ଅଛି। ପରିଶ୍ରମର ଫଳ ପାଇବେ। ନିଜ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦିଅନ୍ତୁ।

**କନ୍ୟା** – ଗ୍ରହ ଦୃଷ୍ଟିରୁ ଦିନଟି ଉତ୍ତମ। ଅଚାନକ ଧନଲାଭ ହେବ। ସନ୍ତାନକୁ ସାହାଯ୍ୟ ମିଳିବ। ଅଫିସ୍ ମିଟିଂରେ ପ୍ରଶଂସିତ ହେବେ। ପାରିବାରିକ କାମରେ ସାଙ୍ଗସାଥିଙ୍କ ସାହାଯ୍ୟ ପାଇବେ। ଭଲ ବ୍ରାଣ୍ଡରେ କାମ ପାଇବେ।

**ତୁଳା** – ଦିନଟି ଅନୁକୂଳ। ବ୍ୟବସାୟିକ କାମରେ ପ୍ରଗତି ହେବା ନିଶ୍ଚିତ। ଘର ପରିସ୍ଥିତିରେ ସୁଧାର କରିପାରନ୍ତି। କିଛି ଜରୁରୀ ଜିନିଷ କିଣିବେ। ଦୂର ସମ୍ପର୍କୀୟ ଘରକୁ ଆସିବେ। କାମର ପ୍ରଶଂସା କରିବେ।

**ବିଛା** – ପରିବର୍ତ୍ତନ ପାଇଁ ଚିନ୍ତା କରିବେ। ଆଜି ସମସ୍ତଙ୍କ ଠାରୁ ସାହାଯ୍ୟ ମିଳିବ। ଖାଦ୍ୟପଦାର୍ଥ ପ୍ରତି ରୁଚି ବଢ଼ିବ। ସନ୍ତାନ ପକ୍ଷରୁ ସମ୍ପର୍କ ଖୁବ୍ ଭଲ ରହିବ। କଳା କ୍ଷେତ୍ର ସହିତ ଜଡ଼ିତ ଲୋକମାନଙ୍କ ପାଇଁ ଦିନଟି ଉତ୍ତମ।

**ଧନୁ** – ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ଭଲ ରହିବ। କେସ୍‌ରେ ସଫଳତା ମିଳିବ। ନୂଆ ମୁଭି ଦେଖିବାକୁ ଯାଇପାରନ୍ତି। ନେଣଦେଣରେ ଲାଭ ମିଳିବ। କ୍ୟାରିୟର୍ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ।

**ମକର** – ଅନ୍‌ଲାଇନ୍ କାମ କରିବାକୁ ମନ ବଳେଇବେ। ପରିବାରର ସଦସ୍ୟଙ୍କ ସହଯୋଗ ପାଇବେ। ରୁଚି ଆଧ୍ୟାତ୍ମ ଆଡ଼କୁ ରହିବ। ବିବାଦର ଅନ୍ତ ହେବ। ନୂଆ ଲୋକଙ୍କ ସହିତ ଦୋସ୍ତି ହୋଇପାରେ।

**କୁମ୍ଭ** – ଆପଣଙ୍କ ବ୍ୟକ୍ତିତ୍ୱକୁ ପରିଚୟ ମିଳିବ। ପ୍ରସିଦ୍ଧି ପାଇବେ। କାମ ପୂରା ହୋଇଥିବା କାରଣରୁ ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ପ୍ରସ୍ତାବ ଆସିପାରେ। ବ୍ୟାୟାମ କରନ୍ତୁ। ଲାଭ ପାଇବେ।

**ମୀନ** – ଦିନଟି ଶୁଭଫଳ ନେଇ ଆସିବ। ଇଞ୍ଜିନିୟରିଂ କ୍ଷେତ୍ରରେ ପଦୋନ୍ନତି ମିଳିବ। ଆର୍ଥିକ ସ୍ଥିତି ମଜଭୁତ ରହିବ। ପୁରୁଣା ମିତ୍ରଙ୍କ ସହିତ ଭ୍ରମଣ ଯୋଜନା କରିପାରନ୍ତି। ସକାରାତ୍ମକ ରହିବେ।

## ଲୁଚି ରହିଛି ମହାମାରୀ

ଲୁଣ ଆମ ଖାଦ୍ୟର ଏକ ଜରୁରୀ ଅଂଶବିଶେଷ। ଲୁଣ ସ୍ୱାଦ ବୃଦ୍ଧି କରେଇବା ସହିତ ଶରୀର ପାଇଁ କେତେ କ୍ଷେତ୍ରରେ ଲାଭକାରୀ ପ୍ରମାଣିତ ହୋଇଛି। ଶରୀରରେ ପାଣିର ସନ୍ତୁଳନକୁ ବଜାୟ ରଖିବା ଓ ମାଂସପେଶୀଗୁଡ଼ିକୁ ସଠିକ୍ ଭାବରେ କାମ କରିବାକୁ ସାହାଯ୍ୟ କରେ ଲୁଣ। ତେବେ ଯେପରି ସବୁ ଜିନିଷର ଏକ ସୀମା ଥାଏ ସେହିପରି ଲୁଣ ସେବନର ମଧ୍ୟ ଏକ ସୀମା ରହିଛି। କାରଣ ଅଧିକ ଲୁଣର ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାବ୍ୟସ୍ତ ହୁଏ। ଅନେକ ମାମଲାରେ ଲୁଣର ଅଧିକ ସେବନ ଜୀବନ ମଧ୍ୟ ନେଇଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ପ୍ରତି ବ୍ୟକ୍ତି ଦିନକୁ ୫ ଗ୍ରାମ ଲୁଣର ସେବନ କରିବା ଉଚିତ ଯାହା ପାଖାପାଖି ଏକ ଚାମଚ ହେବ।



କିନ୍ତୁ ଆମ ଦେଶର ଲୋକମାନେ ଏହାଠାରୁ ଅଧିକ ଲୁଣର ସେବନ କରିଥାନ୍ତି। ଏହାର ଅଧିକ ମାତ୍ରାରେ ଲୁଚି ରହିଛି ଏକ ମହାମାରୀ। ଅଧିକ ଲୁଣ ଉଚ୍ଚ ରକ୍ତଚାପ, ଷ୍ଟ୍ରୋକ୍, ହୃଦୟ ରୋଗ ଓ କିଡ୍‌ନୀ ସହିତ ସମସ୍ୟାଗୁଡ଼ିକୁ ଜନ୍ମ ଦେଇଥାଏ। ସହରୀ କ୍ଷେତ୍ରରେ ରହୁଥିବା ଭାରତୀୟମାନେ ୯.୨ ଗ୍ରାମ୍ ଲୁଣ ପ୍ରତିଦିନ ଖାଇଥାନ୍ତି ଓ ଏହାର ବିପରୀତରେ ଗ୍ରାମୀଣ ଲୋକମାନଙ୍କର ମାତ୍ରା ହେଉଚି ୫.୬ ପ୍ରତିଶତ। ବିଶେଷଜ୍ଞଙ୍କ ଅନୁସାରେ ଉଚ୍ଚ ରକ୍ତଚାପ ବା ହାଇପରଟେନ୍‌ସନ୍ ଏକ ମଲ୍ଟିସିଷ୍ଟମିକ୍ ରୋଗ ଅର୍ଥାତ ଏହା ଶରୀରର ଅନେକଗୁଡ଼ିଏ ଅଙ୍ଗକୁ ପ୍ରଭାବିତ କରିଥାଏ। ଏହାର ସବୁଠାରୁ ଅଧିକ ପ୍ରଭାବ ପଡ଼େ ହାର୍ଟ ଓ କିଡ୍‌ନୀ ଉପରେ। ଶରୀରରେ ଯେତେବେଳେ କେତେ ପ୍ରକାରର ରୋଗ ଥାଏ ସେଥିରେ ସୋଡିୟମ୍‌ର ରିଟେନ୍‌ସନ ଅର୍ଥାତ ଶରୀରରେ ଲୁଣର ଜମାଟ ବୃଦ୍ଧି ପାଇବାକୁ ଲାଗେ। ଲୁଣ ଓ ପାଣିର ସନ୍ତୁଳନକୁ ବଜାୟ ରଖିବାର କାମ କରେ କିଡ୍‌ନୀ। ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରିତ କରିବା ପାଇଁ କେତେ ପ୍ରକାରର ଔଷଧ ଦିଆଯାଏ ଯାହାକୁ କୁହାଯାଏ ଡାଇୟୁରେଟିକ୍ସ। ଏହି ଔଷଧଗୁଡ଼ିକ କିଡ୍‌ନୀ ଜରିଆରେ ଶରୀରରେ ଲୁଣକୁ ବାହାରକୁ ବାହାର କରେ ଯେଉଁ କାରଣରୁ ରକ୍ତଚାପ ନିୟନ୍ତ୍ରଣରେ ରହେ। ତେଣୁ କାର୍ଡିଆକ୍ ଫେଲିଓର୍, କିଡ୍‌ନୀ ରୋଗ ଓ ଲିଭର୍ ସିରୋସିସ୍ ପରି ମାମଲାଗୁଡ଼ିକର ଚିକିତ୍ସାରେ ଲୁଣର ମାତ୍ରାକୁ ସୀମିତ କରାଯାଇଥାଏ। ତେଣୁ କେବଳ ବେମାରୀ ସ୍ଥିତିରେ ନୁହେଁ ସାମାନ୍ୟ ସ୍ଥିତିରେ ମଧ୍ୟ ରକ୍ତଚାପକୁ ନିୟନ୍ତ୍ରିତ ରଖିବା, ହୃଦୟ ଓ କିଡ୍‌ନୀକୁ ସୁରକ୍ଷିତ ରଖିବା ପାଇଁ ହେଲେ ସୀମିତ ମାତ୍ରାରେ ଲୁଣର ସେବନ କରିବା ବହୁତ ଜରୁରୀ ହୋଇଥାଏ।

## ଏକ ନୋଟ୍‌ର କାହାଣୀ



ଏହା କେବଳ ଏକ ନୋଟ୍‌ର କାହାଣୀ ନୁହେଁ, ଏହା ଏକ ଐତିହାସିକ କାହାଣୀ। ସମୟ ସହିତ ହୋଇଥିବା ଯୁଦ୍ଧ, ଟ୍ରାଜେଡି ଓ ନାଗରିକମାନଙ୍କର ଦୈନନ୍ଦିନ ଜୀବନର ସମ୍ପତ୍ତିର ଅଂଶବିଶେଷ ହୋଇ ରହିଥିଲା ଏହି ନୋଟ୍। ପ୍ରଥମ ବିଶ୍ୱଯୁଦ୍ଧ ସମୟର ଏହି ନୋଟ୍‌ଟି କେବଳ ସଂଯୋଗ ନଥିଲା ପାଖାପାଖି ଶହେ ବର୍ଷ ପାଣିରେ ରହିବା ପରେ ବି ଏହାର ଆକାର ଓ ଛାପ ସେହିପରି ଅବସ୍ଥାରେ ଥିଲା ଯାହାକୁ ଆଶ୍ଚର୍ଯ୍ୟ ଘଟଣା ବୋଲି କହିପାରିବା। ଏହା ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ଯାହା କାରଣରୁ ଏହାର ଅସଲ ଦାମ୍‌ରୁ ବି ବହୁତ ଅଧିକ ଟଙ୍କାରେ ଏହି ନୋଟ୍‌କୁ ନିଲାମୀ କରାଯାଇଥିଲା। ଏହି ନୋଟ୍‌ର ନିଲାମୀ ହିଁ ଏହାର ଇତିହାସ। ୨୫ ମେ’, ୧୯୧୮ରେ ଏହି ନୋଟ୍‌କୁ ଜାରି କରାଯାଇଥିଲା। ଏସ୍‌ଏସ୍ ଶ୍ରୀରାଲା ବ୍ରିଟିଶ ଇଣ୍ଡିଆ ଷ୍ଟିମ୍ ନାଭିଗେସନ୍ କମ୍ପାନୀର ଏକ ଜାହାଜ ଥିଲା ଯାହା ଲଣ୍ଡନରୁ ବମ୍ବେ ଆଡ଼କୁ ଜିନିଷପତ୍ର ନେଇ ଯାଉଥିଲା। ୨ ଜୁଲାଇ, ୧୯୧୮ରେ ଟର୍‌ପେଡ଼ୋ ଆକ୍ରମଣ ହୋଇଥିଲା ଓ ଏଥିରେ ଜାହାଜଟି ବୁଡ଼ି ଯାଇଥିଲା କିନ୍ତୁ ଜାହାଜରେ ଥିବା କିଛି ସାମଗ୍ରୀ ଭାସି ଭାସି ସମୁଦ୍ରକୂଳରେ ପହଞ୍ଚିଥିଲେ। ଏହି ସାମଗ୍ରୀଗୁଡ଼ିକ ମଧ୍ୟରୁ ଅନ୍ୟତମ ଥିଲା ଏହି ନୋଟ୍। ଏହି ନୋଟ୍‌ରେ ନା ଥିଲା କାହାରି ହସ୍ତାକ୍ଷର ଓ ଏହାର କାଗଜର କ୍ୱାଲିଟି ମଧ୍ୟ ଖୁବ୍ ଭଲ ଥିଲା। ଏକା ସହିତ ବନ୍ଧାଯାଇଥିବା ବିଡ଼ା ମଧ୍ୟରେ ଥିବାରୁ ନୋଟ୍‌ଟି ପାଣି ସଂସ୍ପର୍ଶରେ ଆସିପାରି ନଥିଲା। ବିଡ଼ାରେ ଥିବା ନୋଟ୍‌ଗୁଡ଼ିକ ନମ୍ବର ଅନୁସାରେ ଥିଲେ। ଏହି ଦୁର୍ଲଭ ନୋଟ୍‌ଗୁଡ଼ିକୁ ନୁନାନ୍ସ ମେଫେୟାର ଅକ୍ସନ୍ ହାଉସ୍ ୨୯ ମେ’, ୨୦୨୪ରେ ୱାର୍ଲଡ୍ ବ୍ୟାଙ୍କନୋଟ୍ସ ସେଲ୍‌ରେ ପେଶ୍ କରାଯାଇଥିଲା। ତେବେ ନିର୍ଦ୍ଦିଷ୍ଟ ଦୁଇଟି ୧୦ ଟଙ୍କିଆ ନୋଟ୍‌କୁ ୧୨ ଲକ୍ଷ ଡଲାର୍‌ରୁ ଅଧିକ ଦାମ୍‌ରେ ବିକ୍ରି କରାଯାଇଥିଲା।



## ବରଫ ତଳେ ଘାଟି

ବୈଜ୍ଞାନିକମାନେ ଆଣ୍ଟାର୍କଟିକାର ସମୁଦ୍ର ତଳର ଏକ ନକ୍ସା ପ୍ରସ୍ତୁତ କରିଛନ୍ତି ଯେଉଁ ନକ୍ସାରେ ରହିଛି ୩୨୨ଟି ଘାଟି। ଏହି ଘାଟିଗୁଡ଼ିକ ମଧ୍ୟରୁ କେତେକଙ୍କ ଗଭୀରତା ୪୦୦୦ ମିଟରରୁ ଅଧିକ ହେବ। ପାଣି, ଗରମ ଓ ମାଟିକୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ନେବା ପାଇଁ ଏହି ଘାଟିଗୁଡ଼ିକର ଥାଏ ମହତ୍ତ୍ୱପୂର୍ଣ୍ଣ ଭୂମିକା। ପାଣି ତଳେ ଥିବା ଏହି ଘାଟିଗୁଡ଼ିକରୁ ଜଣାପଡୁଛି ଯେ ଆଣ୍ଟାର୍କଟିକା ଦୁନିଆର ମହାସାଗରଗୁଡ଼ିକ ସହିତ କିପରି ଯୋଡ଼ିହୋଇ ରହିଛି। ଏହା ଜାଣିବା ପାଇଁ ବୈଜ୍ଞାନିକମାନେ ୪୦ରୁ ଅଧିକ ଅନ୍ତଃରାଷ୍ଟ୍ରୀୟ ଅନ୍ୱେଷଣରୁ ମିଳିଥିବା ତଥ୍ୟର ବ୍ୟବହାର କରିଥିଲେ। ବୈଜ୍ଞାନିକଙ୍କ ଅନୁସାରେ ଏଥିମଧ୍ୟରୁ କିଛି ଘାଟି ଦୁନିଆର ସବୁଠାରୁ ବଡ଼ କାନ୍ୟନ୍ସ ସହିତ ସମାନ। ଆଶ୍ଚର୍ଯ୍ୟ କଥା ହେଲା ପୂର୍ବ ଓ ପଶ୍ଚିମ ପାର୍ଶ୍ୱରେ ଥିବା ଘାଟିଗୁଡ଼ିକ ପରସ୍ପର ଠାରୁ ବହୁତ ଅଲଗା। ପୂର୍ବର ଘାଟିଗୁଡ଼ିକ ବଡ଼ ଓ ଅଙ୍କାବଙ୍କା ହୋଇଥିବା ବେଳେ ସେଠାରେ ଦୀର୍ଘ ସମୟ ହେଲା ବରଫର ହଲଚଲ୍ ହେଉଛି। ସେହିପରି ପଶ୍ଚିମ ଆଣ୍ଟାର୍କଟିକାର ଘାଟିଗୁଡ଼ିକ ସିଧା ଓ ଛୋଟ ଯେଉଁଠାରେ ବରଫର ଗତି ନିକଟରେ ହୋଇଥିବା ଜଳବାୟୁ ପରିବର୍ତ୍ତନ କାରଣରୁ ହୋଇଥିଲା। ଏଥିରୁ ଜଣାପଡୁଛି ଯେ ଆଣ୍ଟାର୍କଟିକାର ବରଫ ଦ୍ରୁତ ଗତିରେ ତରଳୁଛି। ପାଣି ତଳେ ଥିବା ଏହି ଘାଟିଗୁଡ଼ିକ ସ୍ଥିର ହୋଇ ରହିନାହାନ୍ତି। ଏହି ଘାଟିଗୁଡ଼ିକ ଆଣ୍ଟାର୍କଟିକାର ଥଣ୍ଡା ଓ ଭାରି ପାଣିକୁ ଗଭୀର ସମୁଦ୍ର ପର୍ଯ୍ୟନ୍ତ ପହଞ୍ଚାଉଛନ୍ତି। ଏଗୁଡ଼ିକ ଥଣ୍ଡା ପାଣିର ଏକ ବଡ଼ ଧାରା ସୃଷ୍ଟି କରାଇ ପୂରା ମହାସାଗରରେ ବୁଲୁଥାନ୍ତି ଯାହାକୁ ମହାସାଗରୀୟ କନ୍‌ଭେୟର ବେଲ୍ଟ ବୋଲି କୁହାଯାଏ। ଏହି ଘାଟିଗୁଡ଼ିକ ସମୁଦ୍ର ପାଣିକୁ ପୁଣି ଥରେ ଆଣ୍ଟାର୍କଟିକା କୂଳ ପର୍ଯ୍ୟନ୍ତ ପହଞ୍ଚାଇଥାନ୍ତି।

## ହିମାଚଳର ଖଞ୍ଜର ବିବାହ

ଭାରତରେ ଅନେକଗୁଡ଼ିଏ ସଂସ୍କୃତି ଦେଖିବାକୁ ମିଳେ। ଏଠିକାର ଭିନ୍ନ ଭିନ୍ନ ସ୍ଥାନରେ ରହିଛି ଅଲଗା ଅଲଗା ପରମ୍ପରା। ପ୍ରତି ରାଜ୍ୟରେ ଅଲଗା ଅଲଗା ରୀତିନୀତିଗୁଡ଼ିକୁ ପାଳନ କରାଯାଏ। ଆଧୁନିକ ଦୁନିଆରେ ଏହା ଅସାମାନ୍ୟ ପରି ମନେହେଲେ ବି ପ୍ରତି ରାଜ୍ୟରେ କିଛି ଅନୋଖା ପରମ୍ପରା ଆଜି ବି ଜୀବିତ ହୋଇ ରହିଛି। ଏହି ପରମ୍ପରାଗୁଡ଼ିକ ମଧ୍ୟରୁ ହିମାଚଳ ପ୍ରଦେଶର ଛୁରିବାଲା ବିବାହ ବା ଖଞ୍ଜର ବିବାହ ଅନ୍ୟତମ। କୁଲ୍ଲୁ, କିନ୍ନୌର ଓ ସିମ୍‌ଲା ପରି କ୍ଷେତ୍ରଗୁଡ଼ିକରେ ଆଜି ବି ପ୍ରଚଳିତ ରହିଛି ଏହି ଅନୋଖା ସାଂସ୍କୃତିକ ପରମ୍ପରା। ଏହି ବିବାହରେ ବର ବିବାହ କରିବା ପାଇଁ ଝିଅ ଘରକୁ ଯାଏ ନାହିଁ। ବର ପରିବର୍ତ୍ତେ ଏକ ଖଞ୍ଜର ବା ଛୁରି ବରଯାତ୍ରୀଙ୍କୁ ନେଇ ଝିଅ ଘରକୁ ଯାଏ। ଏହି ବିବାହରେ ବର ନିଜ ଘର ବାହାରେ ପାଦ ମଧ୍ୟ ରଖେ ନାହିଁ। ଭାରତର ପାରମ୍ପରିକ ବିବାହ ପରିବର୍ତ୍ତେ ଏହି ସମାରୋହରେ ଅନେକ ଭବ୍ୟ ପ୍ରୋସେସନ୍, ସଙ୍ଗୀତ, ନୃତ୍ୟ ବା ବରଯାତ୍ରୀଙ୍କ ଭିଡ଼ ରହେନାହିଁ। ପରିବାରର ୫, ୭ ବା ୧୧ ଜଣ ସଦସ୍ୟଙ୍କ ଏକ ଛୋଟ ଦଳ ଝିଅ ଘରକୁ ଯାଆନ୍ତି। ଏହାର ନେତୃତ୍ୱ ବରର ବଡ଼ ଭାଇ କିମ୍ବା ନିକଟ ସମ୍ପର୍କୀୟମାନେ ନେଇଥାନ୍ତି। ଏଠାରେ ଖଞ୍ଜର କେବଳ ପ୍ରତୀକାତ୍ମକ ଭାବରେ ନୁହେଁ ବରର ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ। ବିବାହରେ ହଳଦୀ, ମେହେନ୍ଦୀ ଓ ଏପରିକି ବର-ବୋହୂଙ୍କ ବିବାହ ସହିତ ଅନ୍ୟ ପରମ୍ପରା ଏହି ଛୁରି ସହିତ ସମ୍ପନ୍ନ ହୁଏ। ଏହି ଛୁରିର ଉପସ୍ଥିତି ବରର ପ୍ରତିନିଧିତ୍ୱ କରେ। ବିବାହ ପରେ ଛୁରି ସହିତ ଝିଅକୁ ଶାଶୂ ଘରକୁ ପଠାଇ ଦିଆଯାଏ। ସେଠାରେ ବର ସହିତ ବିବାହର ଅନ୍ତିମ ପରମ୍ପରାକୁ ଶେଷ କରାଯାଏ। ତେବେ ଐତିହାସିକ ଭାବରେ ଏହି ପ୍ରଥା ଆର୍ଥିକ ଆବଶ୍ୟକତା କାରଣରୁ ଆରମ୍ଭ ହୋଇଥିଲା।





## ଅସରପା ଡିସ୍

ଦୁନିଆରେ ତିଆରି ହେଉଛି ବିଭିନ୍ନ ପ୍ରକାରର ଡିସ୍। ଏପରିକି ମାଂସ, ମାଛ, ଅଣ୍ଡା, ସି-ଫୁଡ୍ ପରି କେତେ ପ୍ରକାରର ଆମିଷ ଭୋଜନ କରୁଛନ୍ତି ଲୋକମାନେ। ଏହାପରେ ବି ଏପରି ଅନ୍ୟ କେତେକ ପଶୁ-ପକ୍ଷୀଙ୍କୁ ବି ଲୋକମାନେ ଖାଉଛନ୍ତି ଯାହା ବିଷୟରେ ଚିନ୍ତା କରିଲେ ମନରେ ଘୃଣାଭାବ ଆସିଯିବ। ସାପ ପରି ଜୀବକୁ ମଧ୍ୟ ଲୋକମାନେ ଖାଉଛନ୍ତି ଯାହା ଶୁଣିଲେ ଅଜବ ପରି ମନେହୁଏ। ଏହିଭଳି ଦୁନିଆରେ ଅଛି କିଛି ସ୍ଥାନ ଯେଉଁଠାରେ ତିଆରି ହୁଏ ପିମ୍ପୁଡ଼ି ଡିସ୍ ଓ ପିମ୍ପୁଡ଼ି ଚଟଣି ତ କିଛି ସ୍ଥାନରେ ଅସରପାକୁ ନେଇ ତିଆରି ହୁଏ ବିଭିନ୍ନ ପ୍ରକାରର ଡିସ୍। ତେବେ ଏକ ଭାଇରାଲ୍ ଭିଡିଓରେ ଜଣେ ବ୍ୟକ୍ତି ଅସରପାଗୁଡ଼ିକୁ ଛାଣୁଥିବାର ନଜର ଆସୁଛନ୍ତି। ଆମେମାନେ ଯେପରି ପନିପରିବାକୁ ଛାଣନ୍ତି ସେହିପରି ଅସରପାକୁ ମଧ୍ୟ ଏଥିରେ ଛଣାଯାଉଛି। ତେବେ ଅସରପାକୁ ନେଇ ତିଆରି ଡିସ୍ ବିଷୟରେ ଆମେମାନେ ଶୁଣିଥିବା ଓ ହୁଏତ ଘୃଣା ମଧ୍ୟ କରିଥିବା କିନ୍ତୁ କିଛି ଲୋକ ଅସରପାରୁ ତିଆରି ଡିସ୍‌କୁ ସ୍ୱାଦିଷ୍ଟ, ପୌଷ୍ଟିକ ଓ ଚିକିତ୍ସୀୟ ମହତ୍ତ୍ୱ ଥିବା ଡିସ୍ ବୋଲି ମାନନ୍ତି। ସାଧାରଣତଃ ଅସରପାର ଉପସ୍ଥିତି ମନରେ ଘୃଣା ସୃଷ୍ଟି କରାଏ। ଘରେ ଅସରପା ଦେଖିଲେ ପ୍ରଥମେ ଏହାକୁ ପରିଷ୍କାର କରିବାକୁ ଇଚ୍ଛା ହୁଏ, ଅସ୍ତବ୍ୟସ୍ତ ଲାଗିଯାଏ। ଅସରପାକୁ ମାରିବା ପାଇଁ ବିଭିନ୍ନ ଉପାୟକୁ ମଧ୍ୟ ଫଲୋ କରାଯାଏ। କିନ୍ତୁ ଏହି ଅସରପା ଡିସ୍‌କୁ ଲୋକମାନେ ଖୁବ୍ ମଜାର ସହିତ ଖାଇଥାନ୍ତି। ବିଶେଷ ଭାବରେ ଏଥିପାଇଁ ଅସରପାଙ୍କୁ ପାଳନ ମଧ୍ୟ କରାଯାଏ। ଅସରପାକୁ ତେଲରେ ଛାଣି, ପାଣିରେ ସିଝେଇ ଓ ଅନ୍ୟ କେତେ ପ୍ରକାର ଉପାୟରେ ମଧ୍ୟ ତିଆରି କରାଯାଏ।

## ସଲିଡ୍ ହିଟ୍ ଅପେକ୍ଷାରେ ରଣବୀର



ଅଭିନେତା ରଣବୀର ସିଂହ ଅଭିନୀତ ଗତ ଫିଲ୍ମଗୁଡ଼ିକ ବିଶେଷ କିଛି ଖାସ୍ କମାଲ୍ କରିପାରି ନାହିଁ। ଏହି କାରଣରୁ ଆଗାମୀ ଫିଲ୍ମଗୁଡ଼ିକ ପାଇଁ ବିପଦ ରହିଛି। ତେବେ ଫିଲ୍ମ ‘ଧୁରନ୍ଧର’ର ପ୍ରଥମ ଝଲକ ଯେତେବେଳେ ଦେଖିବାକୁ ମିଳିଥିଲା ସେ ସମୟରୁ ଦର୍ଶକମାନେ ରଣବୀରଙ୍କୁ ଦେଖିବା ପାଇଁ ଅପେକ୍ଷା କରି ରହିଛନ୍ତି। ଫିଲ୍ମରେ ତାଙ୍କର ଅନ୍ଦାଜ ଲୋକମାନଙ୍କୁ ଖୁବ୍ ପସନ୍ଦ ଆସିଛି। ଫିଲ୍ମଟି ଏ ବର୍ଷ ୫ ଡିସେମ୍ବରରେ ରିଲିଜ ହେବ। ଖବର ଅନୁସାରେ ଏହା ମଧ୍ୟରେ ରଣବୀର ଲଦ୍ଦାଖରେ ସୁଟିଂ ଶେଷ କରିଛନ୍ତି। ବାକି ଷ୍ଟାର୍ କାଷ୍ଟ ଆଗାମୀ ୧୦ ଦିନ ପର୍ଯ୍ୟନ୍ତ ସୁଟିଂ କରିବେ। କାରଣ ୧୫ ଅକ୍ଟୋବର ପର୍ଯ୍ୟନ୍ତ ଫିଲ୍ମର ସୁଟିଂ ଶେଷ କରାଯିବାର ଯୋଜନା ରହିଛି। ଫିଲ୍ମଟି ପ୍ରଡକ୍ସନ୍‌ର ଶେଷ ଷ୍ଟେଜ୍‌ରେ ଅଛି। ଜିଓ ଷ୍ଟୁଡିଓ ଅନ୍ତର୍ଗତ ନିର୍ମିତ ହେଉଥିବା ଏହି ଫିଲ୍ମର କାମ ବହୁତ ଶୀଘ୍ର ଶେଷ ହେବ ବୋଲି କୁହାଯାଉଛି। ଏହାପରେ ନିର୍ମାତାମାନେ ଦୀପାବଳି ଆଖପାଖରେ ଫିଲ୍ମର ପ୍ରମୋଶନ କ୍ୟାମ୍ପେନ ଆରମ୍ଭ କରିବେ। ଏହା ସହିତ ୬୫ ପ୍ରତିଶତ ଏଡିଟିଂ କାମ ସରିଯାଇଛି ଓ ଅକ୍ଟୋବର ଶେଷ ବେଳକୁ ଏହାର ପ୍ରଥମ କପିକୁ ପ୍ରସ୍ତୁତ କରିଦିଆଯିବ। ଏହାପରେ ରଣବୀର ତାଙ୍କର ଆଗାମୀ ତିନୋଟି ଫିଲ୍ମ ଉପରେ କାମ କରିବେ ଯେଉଁଗୁଡ଼ିକର ସୁଟିଂ ସିଡ୍ୟୁଲ୍ ଫିକ୍ସ କରିଦିଆ ଯାଇଛି। ଏହାପରେ ତାଙ୍କର ଆଗାମୀ ଫିଲ୍ମ ‘ଡନ୍-୩’ର ପ୍ରସ୍ତୁତିରେ ରହିବେ ରଣବୀର। ଆସନ୍ତା ବର୍ଷ ଜାନୁଆରୀରେ ଫିଲ୍ମଟି ରିଲିଜ ହେବାର ଅଛି। ଏହାପରେ ତାଙ୍କ ହାତରେ ଅଛି ଜୟ ମେହେତାଙ୍କ ‘ଜମ୍ବି’ ଯେଉଁଟି ଆସନ୍ତା ବର୍ଷ ଦ୍ୱିତୀୟ ଭାଗରେ ଫ୍ଲୋର୍‌କୁ ଆସିବ। ଏହାପରେ ମ୍ୟାଡକ୍ ସହିତ ଏକ ଟାଇମ୍ ଟ୍ରାଭେଲ୍ ଫିଲ୍ମ ରହିଛି ଯାହାର ନିର୍ଦ୍ଦେଶନା ଦେବେ ଅମିତ୍ ରବିନ୍ଦ୍ରନାଥ ଶର୍ମା।



ନିତିଦିନ NITIDIN





କଟକଚଣ୍ଡୀଙ୍କ ଜୟଦୁର୍ଗାବେଶ



ଗଡ଼ଚଣ୍ଡୀଙ୍କ ତାରାବେଶ

ସାଆନ୍ତସାହି-ବଜ୍ରକବାଟୀ ପୂଜା କମିଟି

# ମା' ଆସୁଛନ୍ତି

## ମା'ମାନେ ସିନ୍ଦୂର ଖେଳି ମା'ଙ୍କୁ ଦେବେ ମେଲାଣି

## ୫ ହଜାର ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ ଦହିପଖାଳ ଭୋଗ

**କଟକ,୧୮।୯/ଏନ୍ଏନ୍ଏସ୍:** କଟକ ସହରର ଅନ୍ୟତମ ସମ୍ଭ୍ରାନ୍ତ ପୂଜା କମିଟି ହିସାବରେ ସାମନ୍ତସାହି-ବଜ୍ରକବାଟୀ ପୂଜା କମିଟି ବିଚାର କରାଯାଏବ ବାଦାମବାଡି ଛକରୁ ରାଣୀହାଟ ବା ଏସ୍‌ସିବି ମେଡିକାଲକୁ ଯିବା ରାସ୍ତାରେ ବାମପଟେ ଅବସ୍ଥିତ ଏହି ପୂଜାକମିଟିର ମଣ୍ଡପ। ଚଳିତ ବର୍ଷ ପୂଜାକୁ ଧୁମ୍‌ଧାମରେ ପାଳନ କରିବା ଲାଗି କମିଟି ପକ୍ଷରୁ ଯୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବଙ୍ଗୀୟ ପରମ୍ପରାରେ ଏଠାରେ ପୂଜାର୍ଚ୍ଚନା କରାଯାଏ । ସାଜସଜ୍ଜାକୁ ବିଚାର କଲେ ଏଥର ଚଳିତବର୍ଷ ୨ଟି ଡିଜାଇନ ଏଲଇଡି ଲାଇଟ ଗେଟ ନିର୍ମାଣ କରାଯିବ। ଏହି ଲାଇଟ ଗେଟର ଉଚ୍ଚତା ୨୨ଫୁଟ ଓ ଚଉଡା ୪୦ ଫୁଟ ରହିବ। ଚଳିତ ବର୍ଷ ପୂଜା ବଜେଟ ରଖିଛି ୧୮ ଲକ୍ଷ ଟଙ୍କା । ୮ ଫୁଟ ଉଚ୍ଚତା ବିଶିଷ୍ଟ ମା'ଙ୍କ ପ୍ରତିମୂର୍ତ୍ତି ନିର୍ମାଣରେ କଟକ କାଠଗଡା ସାହିର ବିଜୟ କୁମାର ମୁଦୁଲି ଓ ସାଥିମାନେ ଲାଗିଛନ୍ତି । ମା'ଙ୍କର ଜରି ମେଢ଼ ନିର୍ମାଣ ଚାଲିଛି। ମହାଅଷ୍ଟମୀରେ ମହିଳାଙ୍କ ବ୍ରତ ପୂଜା କରାଯାଇଥାଏ । ଦଶମୀରେ ମା'ଙ୍କ ନିକଟରେ ମହିଳାମାନେ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ। ୫ଶହ ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ଦହି ପଖାଳ ଭୋଗ କରାଯାଇ ବଣ୍ଟାଯିବ। ଭସାଣୀରେ ସାଲେପୁରର ବ୍ୟାଣ୍ଡ ପାର୍ଟି, ପୁରୀର ଘଣ୍ଟବାଦ୍ୟ, ଢେଙ୍କାନାଳ ସିଂହ ବାଜା ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ ବୋଲି ସଭାପତି ସବୟ କୁମାର ବୋଷ ଏବଂ ସମ୍ପାଦକ ଦୟାନିଧି ରାଉତ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ୧୯୬୦ ମସିହାରେ ସାଆନ୍ତସାହିରେ ଏକ ଚାଳ ଘରେ ହରପାର୍ବତୀଙ୍କ ପୂଜା କରାଯାଉଥିଲା ବେଳେ ୧୯୯୫ ମସିହାରୁ ସାଆନ୍ତସାହି ବଜ୍ରକବାଟୀ ମୁଖ୍ୟରାସ୍ତାରେ ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗାପୂଜା କରାଯାଇ ଆସୁଅଛି। ମା'ଦୁର୍ଗାଙ୍କର ସୁନାର ଟିଗ ଓ ନୋଥ ରହିଛି। ମା' ଦୁର୍ଗାଙ୍କ ସମେତ ପାର୍ଶ୍ୱ ଦେବା ଦେବୀଙ୍କର ୫୦ କେଜି ଓଜନର ଚାନ୍ଦି ଅଳଙ୍କାର ରହିଛି ।ଏଥର ପୂଜାରେ କମିଟି ପକ୍ଷରୁ ମା'ଙ୍କ ପାଖରେ ପୂଜା ପାଇଁ ବ୍ୟବହାର କରୁଥିବା ପଲିଥିନକୁ ବାରଣ କରାଯିବ ସହ ଭସାଣୀରେ କେବଳ ହାତ ବାଜାକୁ ଗୁରୁତ୍ୱ ପ୍ରଦାନ କରାଯିବ। ମା'ଙ୍କ ବିସର୍ଜନ ଦଶମୀ ଦିନ କରାଯାଏ । ଏକଦଶୀ ବା ଭସାଣୀ ଦିନ ମେଲାଣି ଦିଆଯାଇଥାଏ। ବିସର୍ଜନ ପରେ ଶହ ଶହ ମହିଳା ଏକାଠି ହୋଇ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେଇଥାନ୍ତି।



# ହେଲ୍‌ଥଭିଲେ ପକ୍ଷରୁ ବୃକ୍ଷରୋପଣ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଭୁବନେଶ୍ୱର ବାରଙ୍ଗରେ ଭାଲୁଙ୍କାସ୍ଥିତ ପୂର୍ବଭାରତର ସର୍ବୋତ୍ତମ ଯୋଗ ଓ ପ୍ରାକୃତିକ ଚିକିତ୍ସାଳୟ ହେଲ୍‌ଥଭିଲେ ପକ୍ଷରୁ ବୁଧବାର ପ୍ରାକୃତିକ ଚିକିତ୍ସା ସେମିନାର୍ ଓ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବହୁ ପ୍ରକୃତିପ୍ରେମୀ ଓ ପ୍ରାକୃତିକ ଚିକିତ୍ସା ଉତ୍ସାହୀ ଏଥିରେ ଭାଗ ନେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ 'ମା'ଙ୍କ ନାମରେ ଏକ ଗଛ' ଅଭିଯାନରେ ପ୍ରତ୍ୟେକ ମା'ଙ୍କ ସ୍ମୃତି ଓ ସମ୍ମାନରେ ଚାରାରୋପଣ କରାଯାଇଥିଲା। ଇଣ୍ଟରନ୍ୟାସ୍‌ନାଲ୍ ନେଚରପାଥି ଅର୍ଗାନାଇଜେସନ୍ (ଆଇଏନ୍‌ଓ), ଓଡିଶା ଚାପ୍ଟରର ମୁଖ୍ୟ ପୃଷ୍ଠପୋଷକ ତଥା ମିଶନ ଡାଇବେଟିସ-ଫ୍ରି ଓଡ଼ିଶା-୨୦୩୦ର ସ୍ଥାପକ ଡ. ସତ୍ୟବ୍ରତ ମୀନକେତନ ଏହି ଜନହିତୈଷୀ କାର୍ଯ୍ୟକ୍ରମକୁ ପ୍ରାକୃତିକ ଚିକିତ୍ସାର ପ୍ରଚାରକମାନଙ୍କୁ ସମର୍ପିତ କରିଛନ୍ତି । ସେ କହିଛନ୍ତି ଯେ ମିଶନ ଡାଇବେଟିସ-ଫ୍ରି ଓଡ଼ିଶା-୨୦୩୦ ହେଉଛି ଏକ ସାହସିକ ସାମାଜିକ ଅଭିଯାନ, ଯାହାର ଲକ୍ଷ୍ୟ ହେଲା ପ୍ରାକୃତିକ ଚିକିତ୍ସା ପଦ୍ଧତି, ପ୍ରାକୃତିକ ଓ ସାତ୍ତ୍ୱିକ ଖାଦ୍ୟ, ଯୋଗ, ପ୍ରାଣାୟାମ ଓ ସୁସ୍ଥକର ସକାରାତ୍ମକ ଜୀବନଶୈଳୀ ମାଧ୍ୟମରେ ଡାଇବେଟିସ୍‌କୁ ଦୂର କରି, ଓଡ଼ିଶାକୁ ୨୦୩୦ ସୁଦ୍ଧା ସମଗ୍ର ଓଡିଶାକୁ ମଧୁମେହ ମୁକ୍ତ ପ୍ରଦେଶ କରିବ।




କ୍ୟୁସିଏଫ୍‌ଆଇ ସପ୍ତମ ଚାପ୍ଟର୍ କନ୍‌ଭେନ୍‌ସନ

# ଟିପିସିଓଡିଏଲ୍ ଜିତିଲା ୧୫ ପୁରସ୍କାର

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) କ୍ୟୁସିଏଫ୍‌ଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଆୟୋଜିତ କ୍ୱାଲିଟି କନ୍‌ସେପ୍ଟ-୨୦୨୫ରେ ୧୫ଟି ପୁରସ୍କାର ଜିତିଛି। କ୍ୱାଲିଟି ସର୍କଲ୍ ଓ କାଇଜେନ୍‌ର ୧୫ ପ୍ରକଳ୍ପ ମଧ୍ୟରୁ ୧୪ଟି ଟିମ୍ ସ୍ୱର୍ଣ୍ଣ ଏବଂ ଗୋଟିଏ ଟିମ୍ ରୌପ୍ୟ ପଦକ ହାସଲ କରିଛି। ଏନଟିପିସି, ଓଡ଼ିଶା ଖଣି ନିଗମ, ଜିନ୍ଦଲ ଷ୍ଟେନଲେସ୍, ନାଲ୍‌କୋ, ବାଲ୍‌କୋ, ଟାଟା ପାୱାର, ବେଦାନ୍ତ ଭଳି ଅଗ୍ରଣୀ କମ୍ପାନୀର ୨୧୦ରୁ ଅଧିକ ଟିମ୍ ସହ ଟିପିସିଓଡିଏଲ୍‌ର ଟିମ୍ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଏହି ସଫଳତା ଗୁଣାତ୍ମକ ମାନ, ନବସୃଜନ ଓ ନିରନ୍ତର ଉନ୍ନତି ପ୍ରତି ଟିପିସିଓଡିଏଲ୍‌ର ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସ୍ୱର୍ଣ୍ଣ ବିଜୟୀ ଟିମ୍ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଲିଟି କନ୍‌ସେପ୍ଟର ଜାତୀୟ କନ୍‌ଭେନ୍‌ସନ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।



# ଜୀବନ ବଦଳାଇଛି 'ପ୍ରୋଜେକ୍ଟ ବିଦ୍ୟା'

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ଝାରସୁଗୁଡ଼ା ଜିଲ୍ଲାର କୁରାଲୋଇ ଅଞ୍ଚଳର ୧୦ଟି ସରକାରୀ ସ୍କୁଲର ୧୦ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତ କରି 'ପ୍ରୋଜେକ୍ଟ ବିଦ୍ୟା' ମାଧ୍ୟମରେ ଗୁଣାତ୍ମକ ଶିକ୍ଷାକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ପଦକ୍ଷେପ ଛାତ୍ର-ଶିକ୍ଷକ ଅନୁପାତକୁ ଉନ୍ନତ କରିବା ସହ ଗଣିତ, ବିଜ୍ଞାନ ଏବଂ ଇଂରାଜୀ ଭଳି ପ୍ରମୁଖ ବିଷୟଗୁଡ଼ିକରେ ଶିକ୍ଷଣ ଫଳାଫଳକୁ ସୁଦୃଢ଼ କରିବ, ଯାହା ୧୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଲାଭ ପହଞ୍ଚାଇବ। ଖୈରକୁନି ହାଇସ୍କୁଲରେ ଅନୁଷ୍ଠିତ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ନୂତନ ଭାବରେ ନିଯୁକ୍ତ ଶିକ୍ଷକମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସନାତନ ନାଏକ , ହିତାଧିକାରୀ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ଏପ୍ରିଲ୍ ୨୦୨୫ରେ ଘୋଘରପାଲି ଏବଂ ଯାମକାନିର ୨୦ଟି ସ୍କୁଲରେ ୨୨ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପରେ ଏହି କାର୍ଯ୍ୟକ୍ରମ ଏବେ କୁରାଲୋଇ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ସୁଯୋଗକୁ ଆହୁରି ବୃଦ୍ଧି କରିବା ପାଇଁ ବିସ୍ତାରିତ ହେଉଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଶିକ୍ଷା ହେଉଛି ସାମାଜିକ ପ୍ରଗତି ପାଇଁ ମୂଳଦୁଆ, ଏବଂ ବେଦାନ୍ତରେ, ଆମେ ଏହାକୁ ଯଥାସମ୍ଭବ ସମର୍ଥନ କରିବାକୁ ପ୍ରତିବଦ୍ଧ। 'ପ୍ରୋଜେକ୍ଟ ବିଦ୍ୟା' ମାଧ୍ୟମରେ, ଆମେ ଓଡ଼ିଶାର ଗ୍ରାମୀଣ ସ୍କୁଲଗୁଡ଼ିକରେ ଶିକ୍ଷାଦାନ କ୍ଷମତା ବୃଦ୍ଧି କରୁଛୁ ଯାହାଦ୍ୱାରା ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ସୁଯୋଗ ପାଇପାରିବେ। ସରପଞ୍ଚ ସନାତନ ନାଏକ କହିଛନ୍ତି 'ପ୍ରୋଜେକ୍ଟ ବିଦ୍ୟା' ଆମ ସ୍କୁଲଗୁଡ଼ିକ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

# 'ଓଡ଼ିଶା ରେଳବାଇ ବିକାଶର କିମ୍ବଦନ୍ତୀ ପୁରୁଷ ସାତକଡ଼ି ହୋତା'



**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ସାତକଡ଼ି ହୋତା ସ୍ୱାଧୀନ ଭାରତରେ ଓଡ଼ିଶାର ରେଳବାଇ ବିକାଶର କିମ୍ବଦନ୍ତୀ ପୁରୁଷ ବୋଲି ସାତକଡ଼ି ହୋତା ସ୍ମୃତି ପରିଷଦ ଓ ଡାକ୍ତର କବିପ୍ରସାଦ ସ୍ମୃତିପରିଷଦ ପକ୍ଷରୁ ଅନୁଷ୍ଠିତ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଛି। ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଓବକ୍ତା ଭାବେ ଯୋଗଦେଇ ଡାକ୍ତର ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଏହା କହିଛନ୍ତି। ସାତକଡ଼ି ହୋତା ରେଳ ବାଇର ବିକାଶ ସହ ଭାଷା ସାହିତ୍ୟ ସଂସ୍କୃତିର ବିକାଶ ପାଇଁ ବହୁତ କାର୍ଯ୍ୟ କରିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ସେ ଏକାଧାରରେ ଦକ୍ଷିଣ ପୂର୍ବ ରେଳବାଇର ପ୍ରଥମ ମହାପ୍ରବନ୍ଧକ, ସୁଲେଖକ ସୁବକ୍ତା, ବହୁ ସାରସ୍ୱତ ଅନୁଷ୍ଠାନର ପ୍ରତିଷ୍ଠାତା ଥିଲେ। ସେହିପରି ଡାକ୍ତର କବି ପ୍ରସାଦ ମିଶ୍ରଙ୍କ ସମ୍ପର୍କରେ ଆଲୋଚନା କରି ସଭାପତି ରମାକାନ୍ତ ମିଶ୍ର କହିଥିଲେ ଯେ ଆତ୍ମ ବିଶ୍ୱାସ, ଈଶ୍ୱର ବିଶ୍ୱାସ, ଓ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ଯାହା କବି ପ୍ରସାଦ ମିଶ୍ରଙ୍କ ଜୀବନରେ ଘଟିଥିଲା। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ କହିଥିଲେ ଯେ ଭାବ, ଭକ୍ତି, ସମର୍ପଣର ଠାକୁର ମହାପ୍ରଭୁ ଶ୍ରୀ ଜଗନ୍ନାଥ। ପ୍ରଥମେ ପରିବାରରୁ ଆଧ୍ୟାତ୍ମିକତା ଆରମ୍ଭ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଲୋକନାଥ ଆଚାର୍ଯ୍ୟ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଡାକ୍ତର ଅମ୍ବିକା ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଞ୍ଜୁଲତା ଆଚାର୍ଯ୍ୟ, ଭବାନୀ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ 'ଅନନ୍ୟ କବିପ୍ରସାଦ', 'ମୈତ୍ରୀ ସାତ କଡ଼ିହୋତା' ବିଶେଷାଙ୍କ ଉନ୍ମୋଚନ କରାଯାଇଥିଲା।

ଡ୍ରିମ୍‌ସରେ 'ହାକାଥନ୍-୨୦୨୫'

# ଭାଗନେଲେ ଆନ୍ତଃବିଭାଗୀୟ ୨୦୦ ଛାତ୍ରଛାତ୍ରୀ




**କଟକ,୧୮।୯/ଏନ୍ଏନ୍ଏସ୍ :** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଅନ୍ତଃ ବିଭାଗୀୟ 'ହାକାଥନ୍-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଇନୋଭେସନ୍ କାଉନ୍‌ସିଲ୍ (ଆଇଆଇସି) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ସ୍କୁଲ୍ ଅଫ୍ ଇଂଜିନିୟରିଂ ଓ ଟେକ୍‌ନୋଲୋଜି, ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଏବଂ ସ୍କୁଲ୍ ଅଫ୍ ପ୍ରଫେସନାଲ୍ ଷ୍ଟଡିଜ୍‌ର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ହାର୍ଡୱେୟାର୍ ଓ ସଫ୍ଟୱେୟାର୍ ବିଭାଗରେ ଆୟୋଜିତ ହାକାଥନ୍‌ରେ ରାଜ୍ୟର ପ୍ରମୁଖ ଶିଳ୍ପାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନର ବରିଷ୍ଠ ପଦାଧିକାରୀ ଓ ଶିକ୍ଷାବିତ୍ ନିମନ୍ତ୍ରିତ ଜୁରୀ ଭାବରେ ଯୋଗଦେଇଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଡ. ପ୍ରକାଶ କୁମାର ହୋତା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। 'ଡିନ୍' ଡ. ନୟନ ରଂଜନ ସାମଲ ଛାତ୍ରଛାତ୍ରୀଙ୍କ ଆଗ୍ରହପୂର୍ଣ୍ଣ ଯୋଗଦାନ ପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଇଆଇସିର ସଂଯୋଜକ ପ୍ରାଧ୍ୟାପକ ଡ.ଦୀପକ ରଞ୍ଜନ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ଡ. ବଜ୍ର ପଞ୍ଜର ମିଶ୍ର ହାକାଥନ୍ ଆୟୋଜନ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେବ ବୋଲି ପ୍ରକାଶ କରିଥିଲେ। ନିମନ୍ତ୍ରିତ ଜୁରୀ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ସହ ଉଭୟ ବିଭାଗରେ ବିଜୟୀ ଦଳଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସଫଳ ପ୍ରତିଯୋଗୀଙ୍କୁ ଜାତୀୟସ୍ତରୀୟ 'ସ୍ମାର୍ଟ ଇଣ୍ଡିଆ ହାକାଥନ୍'ରେ ଭାଗନେବା ପାଇଁ ମନୋନୀତ କରାଯାଇଥିଲା।

# ପର୍ଯ୍ୟଟକଙ୍କ ସୁବିଧା ଲାଗି ଚୁକ୍ତିନାମା ସ୍ୱାକ୍ଷର

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ପର୍ଯ୍ୟଟନ କ୍ଷେତ୍ରର ବିକାଶ ଏବଂ ପର୍ଯ୍ୟଟକଙ୍କ ସୁବିଧା ଲାଗି ସବୁ ସ୍ତରରେ ଉଦ୍ୟମ କରାଯିବା ଉଚିତ ବୋଲି 'ମେକ୍ ମାଇଁ ଟ୍ରିପ୍'ର ମାର୍କେଟିଂ ଅଧିକାରୀ ରାଜ ରିଷି ସିଂହ କହିଛନ୍ତି। ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଥିଲେ ଯେ 'ମେକ୍ ମାଇଁ ଟ୍ରିପ୍' ଖାଦ୍ୟ ଅର୍ଡର ଏବଂ ଡେଲିଭରି ପ୍ଲାଟଫର୍ମ ଜୋମାଟୋ ସହିତ ହାତ ମିଳାଇଛି। ଏହା ଦ୍ୱାରା ଟ୍ରେନ ଯାତ୍ରୀମାନଙ୍କୁ ସିଧାସଳଖ ସେମାନଙ୍କ ସିଟ୍‌ରେ ଖାଦ୍ୟ ପହଞ୍ଚାଇବାର ସୁବିଧା ପ୍ରଦାନ କରାଯାଇପାରିବ। ପର୍ଯ୍ୟଟକଙ୍କୁ ଓଡ଼ିଶା ସମେତ ବିଭିନ୍ନ ସହରର ୧୩୦ରୁ ଅଧିକ ଷ୍ଟେସନ୍‌ରେ ତାଲିକାଭୁକ୍ତ ୪୦,୦୦୦ଖାଦ୍ୟ ଅର୍ଡର କରିପାରିବେ। ଗତବର୍ଷ ପ୍ରତିଦିନ ୯୦,୦୦୦ ରୁ ଅଧିକ ରେଳ ଯାତ୍ରୀ ଇ-କେଟରିଂ ସେବା ବ୍ୟବହାର କରିଥିଲେ। ତେବେ ପର୍ଯ୍ୟଟକଙ୍କ ପସନ୍ଦ ଅନୁସାରେ ଜଳଖିଆ, ମଧ୍ୟାହ୍ନ ଭୋଜନ, ରାତ୍ରୀଭୋଜନ ଏବଂ ଶୀଘ୍ର ଖାଦ୍ୟ ପ୍ରଦାନ କରିଥାଏ। ବିଶେଷକରି ଯାତ୍ରୀଙ୍କୁ ଅଧିକ ପସନ୍ଦ ଏବଂ ସୁବିଧା ଯୋଗାଇବା ମୁଖ୍ୟ ଲକ୍ଷ୍ୟ ବୋଲି ସେ ସୂଚନା ଦେଇଛନ୍ତି।

# ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ପାଇଁ ସ୍ୱତନ୍ତ୍ର ଅଭିଯାନ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ସ୍ୱଚ୍ଛତା ପାଇଁ ସ୍ୱତନ୍ତ୍ର ଅଭିଯାନ ୫.୦ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛି ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଏବଂ ବିଚାରାଧୀନ ତଥ୍ୟର ନିଷ୍କାସନ। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆୟୋଜିତ ଏହି ଅଭିଯାନ ଦୁଇଟି ପର୍ଯ୍ୟାୟରେ ସ୍ଥିର କରାଯାଇଛି। ସେପ୍ଟେମ୍ବର ୧୫ ରୁ ୩୦ପର୍ଯ୍ୟନ୍ତ ପ୍ରସ୍ତୁତି ପର୍ଯ୍ୟାୟ ଏବଂ ଅକ୍ଟୋବର ୨ ରୁ ୩୧ ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟାନ୍ୱୟନ ପର୍ଯ୍ୟାୟ ଅନ୍ତର୍ଭୁକ୍ତ। ଏହି ଅଭିଯାନର ଅଂଶ ସ୍ୱରୂପ, ସ୍ୱଚ୍ଛତାର ବାର୍ତ୍ତା ପ୍ରସାର ଏବଂ ସାମୂହିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ସମଗ୍ର ରେଳମଣ୍ଡଳରେ ଜନସଚେତନତା ଅଭିଯାନ ଏବଂ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା । ରେଳବାଇ ଅଧିକାରୀ, କର୍ମଚାରୀ ଏବଂ ଆଗଧାଡ଼ିର କର୍ମୀମାନେ ବିଭିନ୍ନ ରେଳ ଷ୍ଟେସନ ଏବଂ କଲୋନୀ ଅଞ୍ଚଳରେ ଶ୍ରମଦାନ ଏବଂ ସ୍ୱଚ୍ଛତା ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଯାହା ଷ୍ଟେସନ ପରିସର ଏବଂ ଆଖପାଖ ରେଳ ପ୍ରତିଷ୍ଠାନଗୁଡ଼ିକୁ ସଫା ଏବଂ ପରିଷ୍କାର କରାଯିବାକୁ ସୁନିଶ୍ଚିତ କରାଯାଇଥିଲା। ସ୍ୱଚ୍ଛତା ହିଁ ସେବା ପୂର୍ବଦିନ, ୧୭ ସେପ୍ଟେମ୍ବରରେ ସମଗ୍ର ରେଳମଣ୍ଡଳରେ ଏକ ସ୍ୱଚ୍ଛତା ପ୍ରତିଜ୍ଞା କରାଯାଇଥିଲା । ଏହା ବ୍ୟତୀତ ୧୮ ତାରିଖରେ ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ରେଳମଣ୍ଡଳ ହସ୍ପିଟାଲରେ ସ୍ୱଚ୍ଛତା କର୍ମଚାରୀମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସଚେତନତା ଶିବିର ଆୟୋଜନ କରାଯାଇଥିଲା ଯାହା ଉଭୟ ବିଭାଗୀୟ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀ ମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦିଆଯାଇଥିଲା। ଅଭିଯାନର ସୁଗମ ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳବାଇର ସମସ୍ତ ନୋଡାଲ ଅଧିକାରୀଙ୍କ ସହିତ ସର୍ବୋଚ୍ଚ ସ୍ତରୀୟ ସମନ୍ୱୟ କରାଯାଉଛି।



# ଆୟୁର୍ବେଦର ଉପକାରିତା ସମ୍ପର୍କରେ ସଚେତନତା

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ଜୀବନର ପ୍ରାଚୀନ ବିଜ୍ଞାନକୁ ସ୍ୱୀକୃତି ଦେବା ଓ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର୨୩ରେ ଜାତୀୟ ଆୟୁର୍ବେଦ ଦିବସ ପାଳନ କରାଯାଇଥାଏ। ଏଥିପାଇଁ ଆୟୁର୍ବେଦରେ ଶୀଘ୍ର ଉଠିବା, ଯୋଗ ଓ ଧ୍ୟାନ କରିବା, ସାତ୍ତ୍ୱିକ ଖାଦ୍ୟ ଖାଇବା ଓ ଆଲମଣ୍ଡ ଭଳି ପୋଷଣଯୁକ୍ତ ଖାଦ୍ୟ ବିକଳ୍ପକୁ ଚୟନ କରିବାକୁ ଆୟୁର୍ବେଦ ବିଶେଷଜ୍ଞ ଡା. ମଧୁମିତା କ୍ରିଷ୍ଣନ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ କହିଛନ୍ତି। ସେ କହିଛନ୍ତି ଯେ, ବ୍ରହ୍ମ ମୁହୂର୍ତ୍ତ ସମୟରେ ନିଦ୍ରା ତ୍ୟାଗ କରିବା ଜଣେ ବ୍ୟକ୍ତିଙ୍କ ଆୟୁଷ ବୃଦ୍ଧି କରିବା ସହ ରୋଗରୁ ଦୂରେଇ ରଖିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଆୟୁର୍ବେଦରେ ଖାଦ୍ୟକୁ ଔଷଧ ଭାବେ ବିବେଚନା କରାଯାଇଛି। ଆୟୁର୍ବେଦ ସତେଜ ଫଳ, ପନିପରିବା, ଖାଦ୍ୟଶସ୍ୟ, ଡାଲି ଓ ଆଲମଣ୍ଡ ଭଳି ବାଦାମଗୁଡ଼ିକର ସେବନକୁ ମହତ୍ୱ ଦେଇଥାଏ ଯାହା ପ୍ରାଣ (ଜୀବନ ଶକ୍ତି)ରେ ସମୃଦ୍ଧ ଅଟେ। ନିରନ୍ତର ଶୋଇବା ଓ ଉଠିବା ସୂଚୀ, ଉଷ୍ମ ଓ ସରଳ ଖାଦ୍ୟ ଖାଇବା, ଶୋଇବା ପୂର୍ବରୁ ମସଲା କ୍ଷୀର ପିଇବା, ରାତି ସମୟରେ ଧ୍ୟାନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ରେଭେନ୍ସାକୁ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମର ମାନ୍ୟତା

**କଟକ,୧୮।୯/ଏନ୍ଏନ୍ଏସ୍ :** ନୂତନ ଶିକ୍ଷାନୀତି ୨୦୨୦ ଅନୁଯାୟୀ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ୪ ବର୍ଷିଆ ଇଣ୍ଟିଗ୍ରେଟେଡ଼ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ଆଇଟିଇପି) ପାଇଁ ଏନସିଟିଇରୁ ମାନ୍ୟତା ମିଳିଛି। ଗତବର୍ଷ ରେଭେନ୍ସା ଶିକ୍ଷା ବିଭାଗ ପକ୍ଷରୁ ଏହି ପାଠ୍ୟକ୍ରମ ପାଇଁ ଆବେଦନ କରାଯାଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟ ନାକ୍ ଗ୍ରେଡ଼ ଏ++ ଥିବାରୁ ସର୍ବୋଚ୍ଚ ପଏଣ୍ଟ ପାଇଥିଲା। ଏହାପରେ ଏନସିଟିଇ ପକ୍ଷରୁ ଆଭାଷୀ ମାଧ୍ୟମରେ ବିଶ୍ୱ ବିଦ୍ୟାଳୟର ଭିତ୍ତିଭୂମି ଓ ଶୈକ୍ଷିକ ସୁବିଧାଗୁଡ଼ିକର ନିରୀକ୍ଷଣ କରାଯାଇଥିଲା। ଶିକ୍ଷା ବିଭାଗ ପକ୍ଷରୁ ସଂପୂର୍ଣ୍ଣ ଷ୍ଟାପ ତାଲିକା ପ୍ରଦାନ କରାଯିବା ପରେ ଏନସିଟିଇ ଏହାକୁ ଅନୁମୋଦନ କରି ମାନ୍ୟତା ପ୍ରଦାନ କରିଛି । ଏହି ମାନ୍ୟତା ମିଳିବା ପରେ ପୂର୍ବରୁ ଚାଲିଥିବା ପାରମ୍ପରିକ ୪ ବର୍ଷିଆ ଇଣ୍ଟିଗ୍ରେଟେଡ଼ ବିଏବିଏଡ଼/ବିଏସିବିଏଡ଼ ସ୍ଥାନରେ ଆଗାମୀ ଶିକ୍ଷାବର୍ଷ ୨୦୨୬-୨୭ରେ ନୂତନ ୪ ବର୍ଷିଆ ଇଣ୍ଟିଗ୍ରେଟେଡ଼ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ବିଏବିଏଡ଼/ବିଏସିବିଏଡ଼) ଆରମ୍ଭ ହେବ। ଦ୍ୱାଦଶ ଶ୍ରେଣୀ ପାସ କରିଥିବା ଛାତ୍ରଛାତ୍ରୀମାନେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ କରାଯାଉଥିବା ନ୍ୟାସନାଲ କମନ ଏଣ୍ଟ୍ରାନ୍ସ ଟେଷ୍ଟ ଏନସିଇଟିରେ ଯୋଗ୍ୟ ବିବେଚିତ ହେଲେ ଏହି ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ। ୪ ବର୍ଷର ପାଠ୍ୟକ୍ରମ ସରିବା ପରେ ଛାତ୍ରଛାତ୍ରୀମାନେ ୨ଟି ଡିଗ୍ରୀ ହାସଲ କରି କେନ୍ଦ୍ରୀୟ ତଥା ରାଜ୍ୟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଭାବେ ନିଯୁକ୍ତି ପାଇପାରିବେ।

# ପେନ୍‌ସନ୍ ଅଭିବୃଦ୍ଧିକୁ ବନ୍ଦ ଚକ୍ରାନ୍ତ ବିରୋଧରେ ଧାରଣା




**କଟକ,୧୮।୯/ଏନ୍ଏନ୍ଏସ୍ :** ପେନ୍‌ସନ୍ ଅଭିବୃଦ୍ଧି ବନ୍ଦ ପାଇଁ କେନ୍ଦ୍ର ସରକାରଙ୍କ ଚକ୍ରାନ୍ତ ବିରୁଦ୍ଧରେ ସାରାଦେଶର ରାଜ୍ୟ ପେନ୍‌ସନର୍‌ମାନଙ୍କ ପକ୍ଷରୁ ଦିଲ୍ଲୀ ଯନ୍ତରମନ୍ତରଠାରେ ରେ ଧାରଣା ସହ ଉକ୍ତ ସଂଶୋଧିତ ଆଇନ ପ୍ରତ୍ୟାହାର ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଚଳିତ ପେନ୍‌ସନ୍ ଅଭିବୃଦ୍ଧିକୁ ବନ୍ଦ କରିବା ଚକ୍ରାନ୍ତ ବିରୁଦ୍ଧରେ ସାରା ଦେଶର ରାଜ୍ୟ ପେନ୍‌ସନର୍‌ମାନଙ୍କ ପକ୍ଷରୁ ଦିଲ୍ଲୀରେ ଧାରଣା ଓ ଉକ୍ତ ସଂଶୋଧିତ ଆଇନ ପ୍ରତ୍ୟାହାର ଦାବି କରାଯାଇଛି ବୋଲି ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ ଅଧକ୍ଷ ନିର୍ମଳ ଚନ୍ଦ୍ର ଦାସ ଓ ମହାସଚିବ ଗୋକୁଳାନନ୍ଦ ବେହେରା ଏକ ପ୍ରେସ୍ ନୋଟ୍‌ରେ ପ୍ରକାଶ କରିଛନ୍ତି। ଦେଶର କେନ୍ଦ୍ର ଓ ରାଜ୍ୟ ପେନସନର୍‌ମାନଙ୍କ ନିମନ୍ତେ ଚଳି ଆସୁଥିବା ପେନ୍‌ସନ୍ ଅଭିବୃଦ୍ଧିକୁ ବନ୍ଦ କରିବାକୁ ଅଭିପ୍ରାୟ ରଖି ଗତ ମାର୍ଚ୍ଚ ୨୫ ତାରିଖରେ ଅର୍ଥ ଆଇନ-୨୦୨୫ସହ ଯୁକ୍ତ କରି 'ପେନ୍‌ସନ୍ ବୈଧ ଆଇନ' ସଂସଦରେ ପାରିତ ହୋଇଛି। ଏହି ସଂଶୋଧିତ ଆଇନ ଦେଶର ପେନ୍‌ସନର୍‌ମାନଙ୍କ ସ୍ୱାର୍ଥ ବିରୋଧୀ ହୋଇଥିବାରୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଅଖିଳ ଭାରତ ରାଜ୍ୟ ସରକାରୀ ପେନସନର୍ ମହାସଂଘ ଆହ୍ୱାନ କ୍ରମେ ଦିଲ୍ଲୀ ଯନ୍ତର ମନ୍ତର ଠାରେ ଗତକାଲି ଦିନ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଧାରଣା କାର୍ଯ୍ୟକ୍ରମରେ ଓଡ଼ିଶାରୁ ୪୩ ଜଣ ପ୍ରତିନିଧିଙ୍କ ସମେତ ସାରା ଭାରତ ବର୍ଷରୁ ଏକ ହଜାରରୁ ଅଧିକ ବରିଷ୍ଠ ନାଗରିକ ପେନ୍‌ସନର୍ ଯୋଗଦେଇଥିଲେ। ମହାସଂଘର କାର୍ଯ୍ୟକାରୀ ଅଧକ୍ଷ ସୁରେନ୍ଦ୍ର ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ମହାସଚିବ ଗୋକୁଳାନନ୍ଦ ବେହେରାଙ୍କ ସମେତ ବିଭିନ୍ନ ରାଜ୍ୟରୁ ଆସିଥିବା ନେତୃତ୍ୱମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସର୍ବଭାରତୀୟ କର୍ମଚାରୀ ମହାସଂଘ ପକ୍ଷରୁ ସୁଭାଷ ଲାମ୍ବା ଓ ଏ.ଶ୍ରୀକୁମାର ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନବିରୋଧୀ ଏବଂ ପେନ୍‌ସନର୍ ବିରୋଧୀ ନୀତିଗୁଡ଼ିକ ବିରୁଦ୍ଧରେ ଐକ୍ୟବଦ୍ଧ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ।

# ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ଚୌଦ୍ୱାର,୧୮।୯/ଏନ୍ଏନ୍ଏସ୍:** ପାରିବାରିକ କଳହେର ଅତିଷ୍ଠ ହୋଇ ଜେନିକ ଯୁବକ ବୁଧବାର ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲ ଶରତ ଜେନା(୪୮)। ଚୌଦ୍ୱାର ପୌରପାଳିକା ୮ନଂ. ୱାର୍ଡ଼ ଅନ୍ତର୍ଗତ ଦୁର୍ଗାବଜାରର ବାସୀନ୍ଦା ଶରତ ଅଞ୍ଚଳରେ ଜେଣ ମେଳାପି ସ୍ୱଭାବର ଯୁବକ ଭାବେ ପରିଚିତ ଥିଲେ। ବହୁବର୍ଷ ଧରି ଚୌଦ୍ୱାରର ବିଭିନ୍ନ ହୋଟେଲେର କାର୍ଯ୍ୟ କରି ପରିବାର ଚଳାଉଥିଲେ। ପଡ଼ୋଶୀଙ୍କ କହିବା ଅନୁଯାୟୀ ବହୁଦିନ ହେବ ପାରିବାରିକ କଳହ ଯୋଗୁଁ ସେ ମାନସିକ ଦୁଶ୍ଚିନ୍ତାରେ ରହି ଏଭଳି ଚରମ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ପ୍ରକାଶ କରିଛନ୍ତି । ପ୍ରକାଶେଯ ହରିଅନ୍ତା ପଞ୍ଚାୟତ ଦେଉଳଚୁଆ ଗ୍ରାମସ୍ଥିତ ଚାଉଳିଆ ପୋଲ ନିକଟେର ଥିବା ଏକ ଚାକୁଣ୍ଡା ଗଛରେ ଶରତ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରୁଥିବାର କିଛି ସ୍ଥାନୀୟ ଯୁବକ ଦେଖିଥିଲେ। ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବାକୁ ଯାଇ ରଶିକୁ କାଟି ଦେଇଥିଲେ। ହେଲ ସେତବେଳକୁ ବହୁ ଡେରି ହୋଇଯାଇଥିଲା। ଖବର ପାଇ ଚୌଦ୍ୱାର ଥାନା ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଶବ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।



**ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍: ନିରାଶ କଲେ ନୀରଜ**

# ସଚିନ୍ ଅଳ୍ପକେ ପଦକରୁ ବଞ୍ଚିତ

### ସର୍ବଶ୍ରେଷ୍ଠ ଥ୍ରୋ ୮୬.୨୭ ମିଟର ସହ ଚତୁର୍ଥ



**ଟୋକିଓ,୧୮।୯/ଏଜେନ୍ସି:** ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କ ପ୍ରଦର୍ଶନ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ର ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲ୍‌ରେ ନୈରାଶ୍ୟଜନକ ହୋଇଛି। ଚାମ୍ପିଅନ୍‌ଶିପ୍‌ରେ ଟାଇଟଲ୍ ଡିଫେଣ୍ଡ କରିବାକୁ ଓହ୍ଲାଇଥିବା ନୀରଜ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲେ ଏବଂ ୮୪.୦୩ ମିଟରର ସର୍ବଶ୍ରେଷ୍ଠ ଥ୍ରୋ ସହିତ ଅଷ୍ଟମ ସ୍ଥାନରେ ରହିଥିଲେ। ଭାରତର ଅନ୍ୟତମ ଥ୍ରୋୟର୍ ସଚିନ୍ ଯାଦବ ଫାଇନାଲ୍‌ରେ କ୍ୟାରିୟର୍ ସର୍ବଶ୍ରେଷ୍ଠ (୮୬.୨୭ ମିଟର) ଥ୍ରୋ କରିଥିଲେ ମଧ୍ୟ ୪୦ ସେଣ୍ଟିମିଟର ବ୍ୟବଧାନରେ ବ୍ରୋଞ୍ଜ୍ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ତ୍ରିନିଦାଦ୍ ଆଣ୍ଡ ଟୋବାଗୋର କେଶୋର୍ନ ୱାଲ୍‌କୋଟ୍ ୮୮.୧୬ ମିଟରର ସର୍ବଶ୍ରେଷ୍ଠ ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗ୍ରେନେଡାର ଆଣ୍ଡରସନ୍ ପିଟର୍ସ (୮୭.୩୮ ମିଟର) ରୌପ୍ୟ ଏବଂ ଆମେରିକାର କାର୍ଟିସ୍ ଥମ୍ପସନ୍ (୮୬.୬୭ ମିଟର) ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ ଚାମ୍ପିଅନ୍ ପାକିସ୍ତାନର ଅରଶଦ୍ ନଦୀମ୍ ମଧ୍ୟ ଉନ୍ନତ ପ୍ରଦର୍ଶନ କରିପାରି ନାହାନ୍ତି ଏବଂ ଚାରିଟି ପ୍ରୟାସରେ ୮୨.୭୫ ମିଟରର ସର୍ବଶ୍ରେଷ୍ଠ ଥ୍ରୋ ସହିତ ଦଶମ ସ୍ଥାନରେ ରହିଥିଲେ। ନୀରଜ ପ୍ରଥମ ପ୍ରୟାସରେ ୮୩.୬୫ ମିଟର ଥ୍ରୋ କରିଥିଲେ। ଦ୍ୱିତୀୟ ପ୍ରୟାସରେ ସେ ୮୪.୦୩ ମିଟର ଥ୍ରୋ କରିଥିବା ବେଳେ ତାଙ୍କ ତୃତୀୟ ଥ୍ରୋ ଫାଉଲ୍ ହୋଇଥିଲା। ଚତୁର୍ଥ ପ୍ରୟାସରେ ସେ ୮୨.୮୬ ମିଟର ଥ୍ରୋ କରିଥିଲେ। ପଞ୍ଚମ ଥ୍ରୋ ତାଙ୍କର ଫାଉଲ୍ ହୋଇଥିଲା ଏବଂ ଅଷ୍ଟମ ସ୍ଥାନରେ ରହି ପଦକ ଦୌଡ଼ରୁ ବାଦ୍ ପଡ଼ିଥିଲେ। ଅନ୍ୟପକ୍ଷରେ ସଚିନ୍ ୮୬.୨୭ ମିଟରର ପ୍ରଥମ ଥ୍ରୋ କରିଥିଲେ। ଦ୍ୱିତୀୟ ପ୍ରୟାସ ଫାଉଲ୍ ହୋଇଥିବା ବେଳେ ତୃତୀୟ ପ୍ରୟାସରେ ୮୫.୭୧ ମିଟର ଥ୍ରୋ କରିଥିଲେ। ଏହାପରେ ପରବର୍ତ୍ତୀ ତିନିଟି ପ୍ରୟାସରେ ସେ ଯଥାକ୍ରମେ ୮୪.୯୦, ୮୫.୯୬ ଏବଂ ୮୦.୮୫ ଥ୍ରୋ କରିଥିଲେ। ଫଳରେ ୮୬.୨୭ ମିଟରର ସର୍ବଶ୍ରେଷ୍ଠ ଥ୍ରୋ ସହିତ ସେ ଚତୁର୍ଥ ସ୍ଥାନରେ ରହିଥିଲେ।

# ଏସିଆ କପ୍ ସୁପର୍-୪ରେ ଶ୍ରୀଲଙ୍କା

**ନୁଓ୍ୱାନ୍ ତୁଷାରାଙ୍କୁ ୪ ୱିକେଟ, କୁସଲ ମେଣ୍ଡିସ୍‌ଙ୍କ ଅର୍ଦ୍ଧଶତକ: ଆଫଗାନିସ୍ତାନ ୬ ୱିକେଟ୍‌ରେ ପରାଜିତ**

**ଆବୁଧାବି,୧୮।୯/ଏଜେନ୍ସି:** ନୁଓ୍ୱାନ୍ ତୁଷାରାଙ୍କ ୪ ୱିକେଟ୍ ଏବଂ ଅନୁଭବୀ କୁସଲ ମେଣ୍ଡିସ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ଶ୍ରୀଲଙ୍କା ୬ ୱିକେଟ୍‌ରେ ଆଫଗାନିସ୍ତାନକୁ ହରାଇ ଚଳିତ ଏସିଆ କପ୍‌ର ସୁପର୍-୪ରେ ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ପରାଜୟ ସହ ଆଫଗାନିସ୍ତାନ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଶେଷ କରିଛି। ସ୍ଥାନୀୟ ଶେଖ୍ ଜାୟେଦ୍ ଷ୍ଟାଡିୟମ୍‌ରେ ଗୁରୁବାର ଖେଳାଯାଇଥିବା ଗ୍ରୁପ୍-ବି'ର ଏହି ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ଓଭର୍‌ରେ ୮ ୱିକେଟ୍ ହରାଇ ୧୬୯ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ୧୮.୪ ଓଭର୍‌ରେ ୪ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଥିଲା। ଆଫଗାନିସ୍ତାନର ବିଦାୟ ପରେ ବାଂଲାଦେଶ ଗ୍ରୁପ୍-ବି'ରୁ ଦ୍ୱିତୀୟ ଟିମ୍ ଭାବେ ସୁପର୍-୪ ଖେଳିବ। ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ୪୭ ରନ୍‌ରେ ଦୁଇଟି ୱିକେଟ୍ ହରାଇଥିଲା। ଓପ୍ନର୍ ପାଥୁମ୍ ନିସାଙ୍କା ୬ ଏବଂ କାମିଲ୍ ମିଶାରା ୪ ରନ୍‌ରେ ଯଥାକ୍ରମେ ଅଜମତୁଲ୍ଲାହ ଉମରଜଇ ଓ ମହମ୍ମଦ ନବୀଙ୍କ ଶିକାର ହୋଇଥିଲେ। ତେବେ ଗୋଟିଏ ପଟେ ତିଷ୍ଠି ରହି କୁସଲ ମେଣ୍ଡିସ୍ ଜୋରଦାର ବ୍ୟାଟିଂ କରିଥିଲେ। ତାଙ୍କୁ କୁସଲ ପରେରାଙ୍କ ସାଥ୍ ମିଳିଥିଲା ଓ ଦୁହେଁ ତୃତୀୟ ୱିକେଟ୍ ପାଇଁ ୪୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ପରେରା ୨୦ ବଲ୍‌ରେ ୩ ଚୌକା ସହାୟତାରେ ୨୮ ରନ୍ କରି ମୁଜିବ୍ ଉର୍ ରହମାନ୍‌ଙ୍କ ଶିକାର ହୋଇଥିଲେ। କ୍ୟାପ୍‌ଟେନ୍ ଚରିଥ୍ ଅସଲଙ୍କା ୧୭ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ କାମିନ୍ଦୁ ମେଣ୍ଡିସ୍ ସହିତ ମିଶି କୁସଲ ମେଣ୍ଡିସ୍ ୫ମ ୱିକେଟ୍ ପାଇଁ ୫୨ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ବିଜୟ ଦେଇଥିଲେ। କୁସଲ ମେଣ୍ଡିସ୍ ୫୨ ବଲ୍‌ରେ ୧୦ ଚୌକା ସହାୟତାରେ ୭୨ ଏବଂ କାମିନ୍ଦୁ ୧୩ ବଲ୍‌ରେ ୨ ଛକା ବଳରେ ୨୬ ରନ୍ କରି ଅପରାଜିତ ରହିଥିଲେ।

ଟସ୍ ଜିତି ବ୍ୟାଟିଂ ନେଇଥିବା ଆଫଗାନିସ୍ତାନକୁ ନୁଓ୍ୱାନ୍ ତୁଷାରା ତୃତୀୟ ଓଭର୍‌ରେ ଡବଲ୍ ଝଟ୍‌କା ଦେଇଥିଲେ। ଓଭର୍‌ର ପ୍ରଥମ ବଲ୍‌ରେ ସେ ଓପ୍ନର୍ ରହମନୁଲ୍ଲାହ ଗୁରବାଜ୍ (୧୪) ଏବଂ ଶେଷ ବଲ୍‌ରେ କରିମ୍ ଜନତ୍ (୧)ଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। ମହମ୍ମଦ ନବୀ ଶେଷ ଓଭର୍‌ରେ ୫ ଛକା ସହିତ ୨୨ ବଲ୍‌ରେ ସର୍ବାଧିକ ୬୦ ରନ୍ କରିଥିଲେ। ଏହା ବ୍ୟତୀତ ଇବ୍ରାହିମ୍ ଜାଦରାନ୍ ୨୪ ଓ କ୍ୟାପ୍‌ଟେନ୍ ରଶିଦ୍ ଖାନ୍ ୨୪ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ନୁଓ୍ୱାନ୍ ତୁଷାରା ୪ଟି ୱିକେଟ୍ ନେଇଥିବା ବେଳେ ଦୁଷ୍ମନ୍ତ ଚମିରା, ଦାସୁନ୍ ଶନାକା ଏବଂ ଦୁନିଥ୍ ୱାଲାଲାଗେଙ୍କୁ ୧-୧ ସଫଳତା ମିଳିଥିଲା।

**ଆଜି ଭାରତ-ଓମାନ୍ ମ୍ୟାଚ୍**

**ସମୟ: ରାତି ୮ଟା, ସ୍ଥାନ: ଆବୁଧାବି**

**ପ୍ରସାରଣ: ଟେନ୍ ସ୍ପୋର୍ଟ୍ସ ନେଟ୍‌ୱର୍କ**

## ଫିଫା ର୍‍ୟାଙ୍କିଙ୍ଗ୍: ୧୩୪ତମ ସ୍ଥାନରେ ଭାରତ



**ନୂଆଦିଲ୍ଲୀ,୧୮।୯/ଏଜେନ୍ସି:** ତାଜିକିସ୍ତାନରେ କାଫା ନେସନ୍ସ କପ୍‌ରେ ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ପୁରୁଷ ଫୁଟ୍‌ବଲ୍ ଟିମ୍ ଗୁରୁବାର ଜାରୀ ଫିଫା ର୍‍ୟାଙ୍କିଙ୍ଗ୍‌ରେ ଗୋଟିଏ ସ୍ଥାନ ତଳକୁ ଖସି ୧୩୪ ନମ୍ବରରେ ପହଞ୍ଚିଛି। ଚଳିତ ମାସ ଆରମ୍ଭରେ ନେସନ୍ସ କପ୍ ପ୍ଲେ-ଅଫ୍‌ରେ ଓମାନ୍‌କୁ ହରାଇ ଖଲିଦ୍ ଜମାଲ୍‌ଙ୍କ ବ୍ଲୁ ଟାଇଗର୍ସ ଆଠରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟର ତୃତୀୟ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ଗତ କିଛିମାସ ଧରି ପ୍ରଭାବଶାଳୀ ପ୍ରଦର୍ଶନ ଜାରି ରଖିଥିବା ୟୁରୋପୀୟ ଚାମ୍ପିଅନ୍ ସ୍ପେନ୍ ୧୧ ବର୍ଷ ପରେ ଶୀର୍ଷ ସ୍ଥାନକୁ ଫେରିଛି। ସ୍ପେନ୍ ଦ୍ୱାରା ବିତାଡ଼ିତ ଆର୍ଜେଣ୍ଟିନା ଫ୍ରାନ୍ସ ପଛରେ ତୃତୀୟ ସ୍ଥାନକୁ ଖସିଆସିଛି।

## ଭାରତୀୟ ଟିମ୍‌କୁ ଐତିହାସିକ ବ୍ରୋଞ୍ଜ୍



**ପାରା-ଫେନ୍‌ସିଂ ବିଶ୍ୱକପ୍**

**ନୂଆଦିଲ୍ଲୀ,୧୮।୯/ଏଜେନ୍ସି:** ଇଣ୍ଡୋନେସିଆର ସୋଲୋରେ ଚଳିତ ମାସ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ପାରା-ଫେନ୍‌ସିଂ ବିଶ୍ୱକପ୍‌ରେ ଭାରତୀୟ ଫଏଲ୍ ପୁରୁଷ ଟିମ୍ ଐତିହାସିକ ବ୍ରୋଞ୍ଜ୍ ପଦକ ଜିତିଛି। ରାଖାଲ୍ କୁମାର ସେଠୀ, ଭେଙ୍କଟେଶ୍ୱର ରମେଶ ରାଓ ଏବଂ ଓମ୍ ପ୍ରକାଶ ବେହେରାଙ୍କ ଭାରତୀୟ ଟିମ୍ ତୃତୀୟ ସ୍ଥାନର ମ୍ୟାଚ୍‌ରେ ଜର୍ମାନୀକୁ ୨୦-୧୮ରେ ହରାଇ ଏହି ଉପଲବ୍ଧି ହାସଲ କରିଛି। ପାରା-ଫେନ୍‌ସିଂ ବିଶ୍ୱକପ୍‌ରେ ଏହା ଭାରତର ପ୍ରଥମ ଟିମ୍ ପଦକ। ଏହା ପୂର୍ବରୁ ଭାରତ କ୍ୱାର୍ଟର୍ ଫାଇନାଲ୍‌ରେ ଇରାକ୍‌କୁ ୨୦-୧୬ରେ ହରାଇଥିଲା। ତେବେ ସେମିଫାଇନାଲ୍‌ରେ ଥାଇଲାଣ୍ଡଠାରୁ ୨୦-୬ରେ ହାରି ବ୍ରୋଞ୍ଜ୍ ପଦକ ମ୍ୟାଚ୍ ଖେଳିଥିଲା।

## ଚାଇନା ମାଷ୍ଟର୍ସ କ୍ୱାର୍ଟର୍‌ରେ ସିନ୍ଧୁ

**ଅନ୍ତିମ-୮ରେ ସାତ୍ତ୍ୱିକ୍-ଚିରାଗ ଯୋଡ଼ି**



**ନୂଆଦିଲ୍ଲୀ,୧୮।୯/ଏଜେନ୍ସି:** ଭାରତୀୟ ଷ୍ଟାର୍ ଶଟଲର୍ ପିଭି ସିନ୍ଧୁ ଗୁରୁବାର ଚାଇନା ମାଷ୍ଟର୍ସ ସୁପର୍ ୭୫୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ଷଷ୍ଠ ସିଡ୍ ଥାଇଲାଣ୍ଡର୍ ପୋର୍ନପାଭୀ ଚୋଚୁୱୋଙ୍ଗଙ୍କୁ ୨୧-୧୫, ୨୧-୧୫ ସିଧା ଗେମ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ୍ ମାତ୍ର ୪୧ ମିନିଟ୍ ଚାଲିଥିଲା। ଏହି ବିଜୟ ସହିତ ବିଶ୍ୱ ର୍‍ୟାଙ୍କିଙ୍ଗ୍ ୧୪ଶ ସ୍ଥାନରେ ଥିବା ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ଭାରତୀୟ ଖେଳାଳି ଚୋଚୁୱୋଙ୍ଗଙ୍କ ବିପକ୍ଷରେ ନିଜ ହେଡ୍-ଟୁ-ହେଡ୍ ରେକର୍ଡ ୬-୫ କରିଛନ୍ତି। ପରବର୍ତ୍ତୀ ମ୍ୟାଚ୍‌ରେ ସେ କୋରିଆର ଶୀର୍ଷ ସିଡ୍ ଏନ୍ ସେ ୟଙ୍ଗ୍ ଏବଂ ଡେନ୍‌ମାର୍କର ମିୟା ବ୍ଲିଚ୍‌ଫେଲ୍ଟଙ୍କ ମ୍ୟାଚ୍‌ର ବିଜେତାଙ୍କୁ ଭେଟିବେ।

ସେହିପରି ଭାରତର ଶୀର୍ଷ ପୁରୁଷ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଏବଂ ଚିରାଗ ସେଟ୍ଟୀ ମଧ୍ୟ ଗୁରୁବାର ପୁରୁଷ ଡବଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି। ଭାରତୀୟ ଯୋଡ଼ି ଚୀନା ତାଇପେଇର ସିୟାଙ୍ଗ୍ ଚିଏହ ଚିୟୁ ଏବଂ ୱାଙ୍ଗ୍ ଚି-ଲିନ୍‌ଙ୍କୁ ୩୨ ମିନିଟ୍ ମଧ୍ୟରେ ୨୧-୧୩, ୨୧-୧୨ ସିଧା ଗେମ୍‌ରେ ହରାଇ ଦେଇଛନ୍ତି। ସାତ୍ତ୍ୱିକ୍-ଚିରାଗଙ୍କ ଅଷ୍ଟମ ସିଡ୍ ଯୋଡ଼ି ଚଳିତ ବର୍ଷ ଦ୍ୱିତୀୟ ଥର ଚୀନା ତାଇପେଇ ଯୋଡ଼ିକୁ ହରାଇଛି। ସାତ୍ତ୍ୱିକ ଓ ଚିରାଗ ଚଳିତ ବର୍ଷ ପ୍ରାରମ୍ଭରେ ହଂକଂ ଓପନ୍ ସୁପର୍ ୫୦୦ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ଚିୟୁ ଓ ୱାଙ୍ଗଙ୍କୁ ତିନି ଗେମ୍‌ରେ ହରାଇଥିଲେ।

# ଦେଶ ବିଦେଶ

## ରାହୁଲଙ୍କ ଭୋଟ୍ ଚୋରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ: ସିଇସି

**ନୂଆଦିଲ୍ଲୀ,୧୮।୯/ଏଜେନ୍ସି:** କଂଗ୍ରେସ ଏବେ ଭୋଟ୍ ଚୋରି ଅଭିଯୋଗ ଆଣିବା ପୂର୍ବକ ନିର୍ବାଚନ ଆୟୋଗ ଏବଂ ମୋଦୀ ସରକାରଙ୍କୁ ବରାବର ଟାର୍ଗେଟ୍ କରିବା ଦେଖିବାକୁ ମିଳୁଛି। ନିକଟରେ ବିହାରରେ ଏପ୍ରକାର ଅଭିଯୋଗ କରିସାରିବା ପରେ ଏବେ କର୍ଣ୍ଣାଟକରେ ମଧ୍ୟ କଂଗ୍ରେସର ଭୋଟ୍‌ଗୁଡ଼ିକୁ ଉଦ୍ଦେଶ୍ୟମୂଳକ ଭାବେ ଅନ୍‌ଲାଇନ୍ ଦ୍ୱାରା ହିଁ ଡିଲିଟ୍ କରାଯାଇଥିବା ଏବଂ ତାଙ୍କ ପାଖରେ ଏସବୁ ଅଭିଯୋଗର ପ୍ରମାଣ ମଧ୍ୟ ଥିବା ଦାବି କରିଛନ୍ତି ରାହୁଲ ଗାନ୍ଧୀ। କଂଗ୍ରେସକୁ ମିଳୁଥିବା ଭୋଟ୍‌ଗୁଡ଼ିକୁ ଅନ୍‌ଲାଇନ୍ ପ୍ରକ୍ରିୟା ମାଧ୍ୟମରେ (ମୋବାଇଲ୍ ନମ୍ବର ବ୍ୟବହାର ପୂର୍ବକ) ହିଁ ଡିଲିଟ୍ ବା ନଷ୍ଟ କରିଦିଆଯାଉଛି। କର୍ଣ୍ଣାଟକର ଅଳନ୍ଦ ଅଞ୍ଚଳରେ ୬୦୧୮ ଜଣଙ୍କ ଭୋଟ୍ ଡିଲିଟ୍ କରାଯାଇଥିବାର ପ୍ରମାଣ ତାଙ୍କୁ ମିଳିଛି। ଅନ୍ୟପକ୍ଷେ ଭାରତୀୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି, ଏସବୁ ସମ୍ପୂର୍ଣ୍ଣ ମିଥ୍ୟା ତଥା ଭିତ୍ତିହୀନ ଅଭିଯୋଗ। କେବେ ବି କୌଣସି ପରିସ୍ଥିତିରେ ମଧ୍ୟ ଅନ୍‌ଲାଇନ୍ ଦ୍ୱାରା ଭୋଟ୍ ଡିଲିଟ୍ କରାଯାଇପାରିବ ନାହିଁ।

**● ପ୍ରଧାନମନ୍ତ୍ରୀଙ୍କୁ ୭୫ତମ ଜନ୍ମଦିନର ସୁମଧୁର ଉପହାର**

# 'ଏଇ ଜଗନ୍ନାଥ ମାଟିରୁ ଜଣାଉଛୁ ଅଭିନନ୍ଦନ'




**ଟି-ସିରିଜ୍ ଏବଂ ସାରେଗାମା ଦ୍ୱାରା ପ୍ରସ୍ତୁତ**

**ଖ୍ୟାତିସମ୍ପନ୍ନ କଳାକାରଙ୍କ ପରିଶ୍ରମ ସନ୍ନିତ**

**କୋଟି କୋଟି ଲୋକଙ୍କ ଦ୍ୱାରା ଆଦୃତ**

**ଭୁବନେଶ୍ୱର, ୧୮।୯/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଏପରି ସମୟରେ ଭାରତୀୟ କଳାଜଗତର ବିଶିଷ୍ଟ ବ୍ୟକ୍ତିତ୍ୱମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସେମାନଙ୍କ କଳାଶୈଳୀରେ ସ୍ୱତନ୍ତ୍ର ଭାବେ ଅଭିନନ୍ଦନ ଜଣାଇଛନ୍ତି। ଭାରତର ବିଭିନ୍ନ ଭାଷାରେ ସ୍ୱତନ୍ତ୍ର ସଙ୍ଗୀତ ପ୍ରସ୍ତୁତ କରାଯାଇ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଟି-ସିରିଜ୍ ଏବଂ ସାରେଗାମା ପକ୍ଷରୁ ଏହିସବୁ ଗୀତ ପ୍ରସ୍ତୁତ କରାଯାଇଛି।

ଓଡ଼ିଶାର କଳାକାର ବୃନ୍ଦ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ପାଇଁ ସଂଗୀତକୁ ମାଧ୍ୟମ କରିଛନ୍ତି। ଓଡ଼ିଶାର ବିଶିଷ୍ଟ ତଥା ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ସ୍ୱର ସଂଯୋଜନାରେ ପ୍ରସ୍ତୁତ ସଂଗୀତ 'ଏଇ ଜଗନ୍ନାଥ ମାଟିରୁ ଜଣାଉଛୁ ଅଭିନନ୍ଦନ' ବେଶ୍ ଜନଆଦୃତି ଲାଭ କରିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଜଣାଇବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଏହି ଗୀତକୁ ୟୁଟ୍ୟୁବ୍ ଏବଂ ଅନ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ଭାବେ ଦେଖାଯାଉଛି ଏବଂ ଶେୟାର ମଧ୍ୟ କରାଯାଉଛି। ଟି-ସିରିଜ ଦ୍ୱାରା ପ୍ରସ୍ତୁତ ଏହି ଗୀତକୁ ଲୋକପ୍ରିୟ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ ଏବଂ ଦୀପ୍ତିରେଖା ପାଢ଼ୀ ଗାଇଛନ୍ତି। ସେହିପରି ବହୁ ଲୋକପ୍ରିୟ ଅଭିନେତା ଏହି ଭିଡିଓ ଗୀତରେ ଅଭିନୟ କରିଛନ୍ତି । ଏଥିରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ଓ ଦେଶର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ସମେତ ଓଡ଼ିଶାର କଳା ସଂସ୍କୃତିର ଝଲକ ଦେଖିବାକୁ ମିଳିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବିଭୂତିଭୂଷଣ ଜେନା, ମୁକେଶ ମହାଲିଙ୍ଗ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଏହି ଗୀତକୁ ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି। ସେହିପରି ଲୋକପ୍ରିୟ ଚଳଚ୍ଚିତ୍ର ତାରକା ଅନୁ ଚୌଧୁରୀ, ଶ୍ରୀତମ ଦାସ, ହରିହର ମହାପାତ୍ର, ଅନୁଭବ ମହାନ୍ତି, ପିଙ୍କୀ ପ୍ରଧାନ, ସବ୍ୟସାଚୀ ମିଶ୍ର ପ୍ରମୁଖ ମଧ୍ୟ ଗୀତଟିକୁ ବହୁଳମାତ୍ରାରେ ଶେୟାର କରିଛନ୍ତି।

ଅନୁରୂପ ଭାବେ ପ୍ରସୂନ ଯୋଶୀଙ୍କ ରଚନା ଏବଂ ବିଶିଷ୍ଟ ଗାୟକ ଶଙ୍କର ମହାଦେବନଙ୍କ ସ୍ୱର ସଂଯୋଜନାରେ ପ୍ରସ୍ତୁତ ହିନ୍ଦୀ ଭାଷାରେ ଆଉ ଏକ ଗୀତ - 'ବନ୍ଦନୀୟ ହେ ଦେଶ ମେରା' ମଧ୍ୟ ଟି-ସିରିଜ୍ ପକ୍ଷରୁ ରିଲିଜ୍ କରାଯାଇଛି। ସେହିପରି ମରାଠୀ, ତେଲୁଗୁ, ଅହମୀୟା ଭାଷାରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମ ଦିନର ଅଭିନନ୍ଦନ ଜଣାଇ ସ୍ୱତନ୍ତ୍ର ଗୀତ ପ୍ରସ୍ତୁତ କରାଯାଇଛି । ସାରେଗାମା ପକ୍ଷରୁ ମଧ୍ୟ ତାମିଲ ଏବଂ ମାଲୟାଲମ ଭାଷାରେ ଗୀତ ପ୍ରସ୍ତୁତ କରାଯାଇ ଶ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏସବୁ ଗୀତକୁ ସାମାଜିକ ଗଣମାଧ୍ୟମରେ ଲକ୍ଷ ଲକ୍ଷ ଲୋକ ଦେଖୁଛନ୍ତି ଏବଂ ଶେୟାର କରୁଛନ୍ତି।

# ଏମ୍‌ସିଏଲ୍ ପକ୍ଷରୁ ପରିବେଶ ଏବଂ ଜଙ୍ଗଲ କ୍ଲିୟରାନ୍ସ ସମ୍ପର୍କିତ କର୍ମଶାଳା




**ସମ୍ବଲପୁର, ୧୮।୯/ଏଜେନ୍ସି:** ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ଗୁରୁବାର ଦିନ 'ପରିବେଶ ଏବଂ ଜଙ୍ଗଲ କ୍ଲିୟରାନ୍ସ, ଅନୁପାଳନ ଏବଂ ସର୍ବୋତ୍ତମ ଅଭ୍ୟାସ' ଉପରେ ଏକ ଦିନିକିଆ କର୍ମଶାଳା ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍‌ସିସି) ଏବଂ କୋଇଲା ଓ ତାପଜ ବିଭାଗର ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି (ଇଏସି)ର ଅଧ୍ୟକ୍ଷ ଇନ୍ଦର ପାଲ ସିଂହ ମାଥାରୁ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। କର୍ମଶାଳାରେ ଏମ୍‌ଓଇଏଫ୍‌ସିସିର ଇଏସି ସଦସ୍ୟଙ୍କ ସହ, ଓଡ଼ିଶା ରାଜ୍ୟ ବନ ବିଭାଗ, କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ବନ ବିକାଶ ନିଗମ, ଛତିଶଗଡ଼ ରାଜ୍ୟ ବନ ବିକାଶ ନିଗମ ଲିମିଟେଡ୍, ଏବଂ କୋଲ୍ ଇଣ୍ଡିଆ ଏବଂ ଏହାର ସହାୟକ ସଂସ୍ଥାର ନିର୍ଦ୍ଦେଶକମାନେ ଅତିଥିଭାବେ ଉପସ୍ଥିତ ରହିଥିଲେ। ନିଜ ଭାଷଣରେ, ଶ୍ରୀ ମାଥାରୁ ଜୈବ ବିବିଧତା ସଂରକ୍ଷଣରେ ଅବଦାନକୁ ଜାତୀୟ ସେବାର ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, 'ଆମେ ଦେଶର ଆର୍ଥିକ ପ୍ରଗତି ଚାହୁଁ, କିନ୍ତୁ ପରିବେଶର ମୂଲ୍ୟରେ ନୁହେଁ।' ଏହି ବାର୍ତ୍ତା ସହିତ, ସେ କୋଇଲା ଖଣି ଏବଂ ତାପଜ ଶିଳ୍ପର ଅଧିକାରୀମାନଙ୍କୁ ପରିବେଶ ସଚେତନତା ସହିତ ଦେଶ ସେବା କରିବାକୁ ପ୍ରେରଣା ଦେଇଥିଲେ। ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। କମ୍ପାନୀର ନିର୍ଦ୍ଦେଶକ ଏବଂ ମୁଖ୍ୟ ସତର୍କତା ଅଧିକାରୀ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। କର୍ମଶାଳାରେ କୋଲ୍ ଇଣ୍ଡିଆ ଏବଂ ଏହାର ସହାୟକ କମ୍ପାନୀର ଅଧିକାରୀଙ୍କ ସହ ଅନ୍ୟ ପିଏସ୍‌ୟୁ ଏବଂ ଉଦ୍ୟୋଗଗୁଡ଼ିକ ଯେପରିକି ଏନ୍‌ଟିପିସି, ଏନ୍‌ଏଲ୍‌ସିଆଇଏଲ୍, ଏସ୍‌ସିସିଏଲ୍, ବେଦାନ୍ତ, ହିଣ୍ଡାଲ୍‌କୋ, ଜେଏସ୍‌ଡବ୍ଲ୍ୟୁ ଭଳି ସାର୍ବଜନୀନ କ୍ଷେତ୍ରର ଉପକ୍ରମ ଏବଂ ଶିଳ୍ପର ବରିଷ୍ଠ ଅଧିକାରୀମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ବ୍ୟତୀତ ଏନ୍‌ଆଇଟି-ରାଉରକେଲା, ଆଇଆଇଟି-ଭୁବନେଶ୍ୱର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସରମାନେ ମଧ୍ୟ କର୍ମଶାଳାରେ ଯୋଗ ଦେଇଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra